# ଧରିତ୍ରୀ
DHARITRI

ବ୍ରହ୍ମପୁର, ଗୁରୁବାର, ଫେବୃୟାରୀ ୧୧/୨୦୨୧ (୧୬ ପୃଷ୍ଠା) | Berhampur, Thursday, February 11/2021 | ★★★

୧୬ଶ ଭାଗ ୨୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-





**ଶାନ୍ତନୁ ଓଡ଼ିଶା ଦଳ ଅଧିନାୟକ**

ବିଜୟ ହଜାରେ ଟ୍ରଫି ଘରୋଇ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଶାନ୍ତନୁ ମିଶ୍ର ଓଡ଼ିଶା ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ୧୬

୧୫ **ରୋଷେଇରେ ବ୍ୟସ୍ତ ଜାହ୍ନବୀ**

ଅଭିନୟ କରିବାକୁ ଥିବା ଫିଲ୍ମର ଶୁଟିଂ କିଛି ଦିନ ଘୁଞ୍ଚି ଯାଇଥିବାରୁ ଏବେ ରୋଷେଇ କରି ପରିବାର ଲୋକଙ୍କୁ ଖୁଆଉଛନ୍ତି ଜାହ୍ନବୀ କପୁର।









# ଏମ୍ଏସ୍ପି, ମଣ୍ଡି ରହିବ

## ନୂତନ କୃଷି ଆଇନ ପ୍ରଶ୍ନବାଚୀରେ

**ନୂଆଦିଲ୍ଲୀ,୧୦।୨ (ଆଇଏଏନ୍ଏସ୍)**

କେନ୍ଦ୍ର ସରକାରଙ୍କ ୩ ବିବାଦୀୟ କୃଷି ଆଇନ ବିରୋଧରେ ଚାଷୀଙ୍କ ଆନ୍ଦୋଳନ ବୁଧବାର ୭୭ ଦିନରେ ପହଞ୍ଚିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଲୋଚନା ଜରିଆରେ ଏହି ପ୍ରସଙ୍ଗର ସମାଧାନ ପାଇଁ ସେମାନଙ୍କୁ ଆମନ୍ତ୍ରଣ କରିଛନ୍ତି। କୃଷିଜାତ ସାମଗ୍ରୀର ସର୍ବନିମ୍ନ

### କୃଷକଙ୍କୁ ଆଲୋଚନା ପାଇଁ ଡାକିଲେ ମୋଦି

ସହାୟକ ମୂଲ୍ୟ(ଏମ୍ଏସ୍ପି) ଏବଂ ତାକୁ ବିକ୍ରି କରିବା ପାଇଁ ଉଦ୍ଦିଷ୍ଟ ମଣ୍ଡି ବ୍ୟବସ୍ଥା ପୂର୍ବଭଳି ବଳବତ୍ତର ରହିବ। କୃଷି ଆଇନ ଇଚ୍ଛାଧୀନ। ଏହା ବାଧ୍ୟତାମୂଳକ ନୁହେଁ ବୋଲି ମୋଦି ଲୋକ ସଭାରେ ସ୍ପଷ୍ଟ କରିଛନ୍ତି। ଫଳରେ ନୂଆ କୃଷି ଆଇନର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପ୍ରତିଶ୍ରୁତି ଦେଇ କେନ୍ଦ୍ର ସରକାର ଗତ ସେପ୍ଟେମ୍ବରରେ ୩ କୃଷି ଆଇନ ଆଣିଥିଲେ। ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବିରେ ଦିଲ୍ଲୀର ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମାରେ ଲକ୍ଷାଧିକ କୃଷକ ଅଡ଼ିବସିଛନ୍ତି। ଅଚଳାବସ୍ଥା ଦୂର କରିବା ପାଇଁ କେନ୍ଦ୍ର ଓ କୃଷକ ପ୍ରତିନିଧିଙ୍କ ମଧ୍ୟରେ ୧୧ଟି ପର୍ଯ୍ୟାୟରେ ଆଲୋଚନା ହୋଇଥିଲେ ମଧ୍ୟ ସେଥିରୁ କିଛି ନିଷ୍କର୍ଷ ବାହାରିପାରି ନ ଥିଲା। ଫଳରେ କୃଷକମାନେ ଭାରତ ବନ୍ଦ, ଟ୍ରାକ୍ଟର ରାଲି ଓ ଚକା



ଲୋକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଜାମ୍ ଭଳି ଆନ୍ଦୋଳନାତ୍ମକ ପନ୍ଥା ଆପଣାଇ ସରକାରଙ୍କ ଉପରେ ଚାପ ପକାଉଛନ୍ତି। ଅନ୍ୟପକ୍ଷେ ଦିଲ୍ଲୀ ପୋଲିସ କୃଷକଙ୍କ ଧାରଣାସ୍ଥଳରେ ଇଣ୍ଟରନେଟ ସେବା ବନ୍ଦ କରି ସମ୍ପୃକ୍ତ ଅଞ୍ଚଳକୁ କଣ୍ଟକିତ ତାରବାଡ଼ରେ ଘେରିଛି, ଯାହାକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଭାରତକୁ ନିନ୍ଦିତ ହେବାକୁ ପଡ଼ିଛି। ବିବାଦୀୟ ଆଇନ ଉଚ୍ଛେଦ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ଓ ଘରକୁ ☞ପୃଷ୍ଠା-୪






**ଆଜିର ସମ୍ପାଦକୀୟ** ବିଶ୍ୱତାପନ ଓ ପଶୁପାଳନ





କଂଗ୍ରେସ କ୍ଷମତାକୁ ଆସିଲେ କେନ୍ଦ୍ର ସରକାର ଆଣିଥିବା କୃଷି ଆଇନକୁ ହଟାଇବ । ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅପମାନିତ କରିଛନ୍ତି। ଆଇନ ନ ହଟାଇବା ଯାଏ କଂଗ୍ରେସ ପକ୍ଷରୁ ଲଢ଼େଇ ଜାରି ରହିବ ବୋଲି ସାହାରନପୁରରେ ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି। ତେବେ କୃଷକଙ୍କ ନାଁରେ ପ୍ରିୟଙ୍କା ଡ୍ରାମା କରୁଛନ୍ତି ବୋଲି ଉତ୍ତରପ୍ରଦେଶର ମନ୍ତ୍ରୀ ଆନନ୍ଦ ସ୍ୱରୂପ ଶୁକ୍ଲା କହିଛନ୍ତି।

## ସଂକ୍ଷେପରେ

### ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ, ୧୦।୨(ପି.ଟି.) ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ବୁଧବାର ଲୋକ ସଭାରେ ଧ୍ୱନି ମତରେ ଗୃହୀତ ହୋଇଯାଇଛି। ବଜେଟ ଅଧିବେଶନ ଆରମ୍ଭରେ ରାଷ୍ଟ୍ରପତି ପାର୍ଲାମେଣ୍ଟର ମିଳିତ ଅଧିବେଶନରେ ଅଭିଭାଷଣ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଭାଷଣ ପରେ ବାଚସ୍ପତି ଓମ୍ ବିର୍ଲା ବିରୋଧୀ ସଦସ୍ୟମାନେ ଆଣିଥିବା ସମସ୍ତ ସଂଶୋଧନ ପ୍ରସ୍ତାବ ଉପରେ ଭୋଟ ଲୋଡ଼ିଥିଲେ। ବାଚନିକ ଭୋଟରେ ତାହା ଖାରଜ ହୋଇଯାଇଥିଲା। ପ୍ରଧାନମନ୍ତ୍ରୀ ଗୃହକୁ ଉଦ୍‌ବୋଧନ ଦେଉଥିବାବେଳେ କଂଗ୍ରେସ, ଡିଏମ୍‌କେ ଏବଂ ଟିଏମ୍‌ସି ସଦସ୍ୟମାନେ ଏଥିରେ ସନ୍ତୁଷ୍ଟ ନୁହନ୍ତି କହି କକ୍ଷତ୍ୟାଗ କରିଥିଲେ।

### ୮ ଆତଙ୍କବାଦୀଙ୍କୁ ଫାଶୀ ଦଣ୍ଡାଦେଶ

**ଢାକା, ୧୦।୨:** ବାଂଲାଦେଶର ଆତଙ୍କବାଦ ନିରୋଧୀ ସ୍ୱତନ୍ତ୍ର କୋର୍ଟ ୭ ଆତଙ୍କବାଦୀଙ୍କ ସମେତ ଜଣେ ବହିଷ୍କୃତ ସାମରିକ ଅଧିକାରୀଙ୍କୁ ଫାଶୀ ଦଣ୍ଡାଦେଶ ଦେଇଛନ୍ତି। ଏକ ଧର୍ମନିରପେକ୍ଷ ପୁସ୍ତକ ପ୍ରକାଶନ କରିଥିବା ଜାଗୃତି ପବ୍ଲିଶର୍ସର ମାଲିକ ଫୈଜଲ ଆରେଫିନ୍ ଦୀପୋନଙ୍କୁ ୨୦୧୫ ନଭେମ୍ବର ୩୧ରେ ଢାକାର ଶାହାବାଗ୍‌ଠାରେ ସେମାନେ ହତ୍ୟା କରିଥିଲେ। ସମସ୍ତ ଆତଙ୍କବାଦୀ ଅନ୍‌ସାର ଅଲ ଇସ୍‌ଲାମ ଆତଙ୍କବାଦୀ ଗୋଷ୍ଠୀର।

### ‘ବିବାହ କରିପାରିବେ ମୁସଲମାନ ନାବାଳିକା’

**ଚଣ୍ଡିଗଡ଼, ୧୦।୨:** ୧୮ ବର୍ଷରୁ କମ୍ ବର୍ଷର ମୁସଲମାନ ବାଳିକା ବିବାହ କରିପାରିବେ ବୋଲି କହିଛନ୍ତି ପଞ୍ଜାବ ଓ ହରିୟାଣା ହାଇକୋର୍ଟ। ଯଦି ସମ୍ପୃକ୍ତା ନାବାଳିକାଙ୍କ ଶାରୀରିକ ପରିବର୍ତ୍ତନ ବିବାହଯୋଗ୍ୟ ହୋଇଥାଏ, ତେବେ ଆଇନ ଅନୁସାରେ ସେ ତାଙ୍କ ପସନ୍ଦରେ ଯେକୌଣସି ବ୍ୟକ୍ତିଙ୍କୁ ବାହା ହୋଇପାରିବେ। ଏକ ମୁସ୍‌ଲିମ୍ ଦମ୍ପତିଙ୍କ ଆବେଦନ ଉପରେ ଶୁଣାଣି କରି ଜଜ୍ ଅଲକା ସରିନ ମୁସଲିମ୍ ପର୍ସନାଲ ଆଇନର ଆର୍ଟିକିଲ ୧୯୫ ଅନୁଯାୟୀ ଉକ୍ତ ରାୟ ଶୁଣାଇଛନ୍ତି। ଏହି ସମ୍ପ୍ରଦାୟର ଜଣେ ୩୬ ବର୍ଷୀୟ ଯୁବକ ଏବଂ ୧୭ ବର୍ଷୀୟା ବାଳିକା ଜାନୁୟାରୀ ୨୧ରେ ବିବାହ କରିଥିଲେ।

## ଏମ୍‌ପିରୁ ସର୍ବପୁରାତନ ପ୍ରାଣୀର ଜୀବାଶ୍ମ ଠାବ

**ଭୋପାଳ, ୧୦।୨:** ମଧ୍ୟପ୍ରଦେଶ ରାଜଧାନୀ ଭୋପାଳଠାରୁ ୪୦ କିଲୋମିଟର ଦୂର ଭୀମବେଟ୍‌କା ଶିଳା ଗର୍ତ୍ତରୁ ବିଶ୍ୱର ବିରଳତମ ଜୀବାଶ୍ମର ସନ୍ଧାନ ମିଳିଛି। ଏହା ବିଶ୍ୱର ସବୁଠୁ ପୁରାତନ ଜୀବ ଡିକିନ୍‌ସୋନିଆର ଫସିଲ୍ ଯାହା ପ୍ରଥମେ ଭାରତରେ ଠାବ ହେଲା ବୋଲି ଗବେଷକମାନେ ଦାବି କରିଛନ୍ତି। ଏହି ପ୍ରାଣୀ ୫୭୦ ନିୟୁତ ବର୍ଷ ତଳେ ପୃଥିବୀ ପୃଷ୍ଠରୁ ବିଲୁପ୍ତ ହୋଇଯାଇଥିଲା। ଭିମ୍‌ବେଟ୍‌କାସ୍ଥିତ ଉକ୍ତ ‘ଅଡିଟୋରିୟମ କେଭ୍’ ଛାତରୁ ଏହି ବିରଳ ଜୀବର ଜୀବାଶ୍ମ ମିଳିଛି। ଏହାର ଲମ୍ବ ୧୭ ଇଞ୍ଚ। ଗଣ୍ଡୱାନା ରିସର୍ଚ୍ଚ ନାମକ ଏକ ଅନ୍ତର୍ଜାତୀୟ ପତ୍ରିକାର ଫେବୃୟାରୀ ସଂସ୍କରଣରେ ଏହା ପ୍ରକାଶ ପାଇଛି।



## ଓସ୍କାର ନୋମିନି ‘ବିଟ୍ଟୁ’

ନୂଆଦିଲ୍ଲୀ, ୧୦।୨: ଭାରତୀୟ ଶର୍ଟ ଫିଲ୍ମ ‘ବିଟ୍ଟୁ’ ଓସ୍କାର ଦୌଡ଼ରେ ସାମିଲ ହୋଇଛି। କରିସ୍ମା ଦେବଙ୍କ ନିର୍ଦ୍ଦେଶିତ ଏକତା କପୁର, ଗୁନୀତ ମୋଙ୍ଗା, ତାହିରା କଶ୍ୟପ୍‌ଙ୍କ ଅଭିନୀତ ଏହି କ୍ଷୁଦ୍ର ଚଳଚ୍ଚିତ୍ର ଲାଇଭ ଆକ୍ସନ ଶର୍ଟଫିଲ୍ମ କାଟାଗୋରୀ ପାଇଁ ଓସ୍କାର ପୁରସ୍କାର ନୋମିନି ତାଲିକାରେ ଯୋଡ଼ାଯାଇଛି। ଏହାର କାହାଣୀ ଏକ ସତ୍ୟ ଘଟଣା ଉପରେ ଆଧାରିତ। ଜଣେ ୮ ବର୍ଷର ବାଳିକା କିପରି ନିଜ ସମ୍ପ୍ରଦାୟର ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଲଢ଼େଇ କରିଛନ୍ତି ତାକୁ ଏଥିରେ ଜୀବନ୍ତ ଭାବେ ଉପସ୍ଥାପନ କରାଯାଇଛି। ଏଥିସହ ୨ ସ୍କୁଲ ସାଙ୍ଗଙ୍କ ବନ୍ଧୁତା ମଧ୍ୟ ଏଥିରେ ଦେଖିବାକୁ ମିଳିଛି। ଏ ନେଇ ଏକତା କପୁରଙ୍କ ସମେତ ପୁରା ଫିଲ୍ମର ଟିମ୍ ବେଶ୍ ଉତ୍ସାହୀ ଥିବା ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଇଣ୍ଡିଆନ ଓମେନ ରାଇଜିଂ ପ୍ରୋଜେକ୍ଟରେ ଏହା ତାଙ୍କ ପ୍ରଥମ ଚଳଚ୍ଚିତ୍ର ବୋଲି ଏକତା କପୁର କହିଛନ୍ତି। ଆସନ୍ତା ଏପ୍ରିଲ ୨୫ରେ ଆମେରିକାର ଲସ୍ ଏଞ୍ଜେଲସ୍‌ରେ ଏହି ପୁରସ୍କାର ଉତ୍ସବ ଆୟୋଜନ କରାଯିବ।




# ସିନେଟରେ ମହାଭିଯୋଗ ବିଚାର

ୱାଶିଂଟନ,୧୦।୨

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ମଙ୍ଗଳବାର ସିନେଟରେ ମହାଭିଯୋଗ ଶୁଣାଣି ଆରମ୍ଭ ହୋଇଛି। ହ୍ୱାଇଟ୍ ହାଉସ୍ ଛାଡ଼ିବା ପୂର୍ବରୁ ଟ୍ରମ୍ପ୍ ଘଟାଇଥିବା ବଡ଼ ଅପରାଧ ନେଇ ଉଚ୍ଚ ସଦନରେ ବିଚାର ଚାଲିଛି। ସିନେଟରେ ଉଭୟ ପକ୍ଷଙ୍କ ପଲା ସମାନ ଥିବାରୁ ବର୍ତ୍ତମାନର ଶୁଣାଣି ଉପରେ ସମସ୍ତଙ୍କ ନଜର ରହିଛି।

ଆମେରିକାର ୪୫ତମ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଜାନୁୟାରୀ ୨୦ରେ ହ୍ୱାଇଟ୍ ହାଉସ୍ ଛାଡ଼ିଥିଲେ। ଏହା ପୂର୍ବରୁ ନଭେମ୍ବର ୩ ନିର୍ବାଚନ ଫଳକୁ ସେ ଅସ୍ୱୀକାର କରିଥିଲେ। ଜାନୁୟାରୀ ୬ରେ କ୍ୟାପିଟୋଲ୍ ହିଲ୍ ଦଙ୍ଗା ଭିଆଇ ଦେଶର ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବା ଭଳି ସଙ୍ଗିନ ଅଭିଯୋଗ ୭୪ ବର୍ଷୀୟ ରିପବ୍ଲିକାନ୍ ଟ୍ରମ୍ପଙ୍କ ବିରୋଧରେ ରହିଛି। ଏହି ହିଂସାରେ ଜଣେ ପୋଲିସ ଅଧିକାରୀଙ୍କ ସମେତ ୫ ଜଣଙ୍କ ପ୍ରାଣହାନି ଘଟିଥିଲା। ଟ୍ରମ୍ପ୍ ହେଉଛନ୍ତି ଆମେରିକା ଇତିହାସର ପ୍ରଥମ ରାଷ୍ଟ୍ରପତି, ଯାହାଙ୍କ ବିରୋଧରେ ଦୁଇଥର ମହାଭିଯୋଗ ଆସିଛି। ସେହିପରି ରାଷ୍ଟ୍ରପତି କାର୍ଯ୍ୟକାଳ ଶେଷ ହେବା ପରେ ମହାଭିଯୋଗକୁ ସାମ୍ନା କରିବାରେ ମଧ୍ୟ ସେ ପ୍ରଥମ ରାଷ୍ଟ୍ରପତି।

ଜାନୁୟାରୀ ୧୩ରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ବିତର୍କ ପରେ ମତଦାନ ହୋଇଥିଲା। ମହାଭିଯୋଗକୁ ୨୩୨ ସଦସ୍ୟ ସମର୍ଥନ କରିଥିବାବେଳେ ପ୍ରସ୍ତାବ ବିରୋଧରେ ୧୯୭ ଜଣ ଭୋଟ ଦେଇଥିଲେ। ଟ୍ରମ୍ପଙ୍କ ବିରୋଧରେ ଭୋଟ ଦେଇଥିବା ସଦସ୍ୟଙ୍କ ମଧ୍ୟରୁ ୧୦ ଜଣ ହେଉଛନ୍ତି ତାଙ୍କ ରିପବ୍ଲିକାନ୍ ପାର୍ଟିର। ଇତିମଧ୍ୟରେ ଡେମୋକ୍ରାଟ୍ ନେତା ଜୋ ବାଇଡେନ୍ ଆମେରିକାର ରାଷ୍ଟ୍ରପତି ପଦରେ ଆସୀନ ହୋଇସାରିଛନ୍ତି। ଟ୍ରମ୍ପଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ମହାଭିଯୋଗ ସପକ୍ଷରେ ଦୁଇ-ତୃତୀୟାଂଶ ଅର୍ଥାତ୍ ୬୭ ଭୋଟ ଆବଶ୍ୟକ। ଏଥିଲାଗି ୧୭ ରିପବ୍ଲିକାନ୍ ସଦସ୍ୟ ଟ୍ରମ୍ପଙ୍କ ବିରୋଧରେ ଭୋଟ ଦେବା ଜରୁରୀ। ଉଭୟ ରିପବ୍ଲିକାନ୍ ଓ ଡେମୋକ୍ରାଟିକ୍ ପାର୍ଟି ସଦସ୍ୟଙ୍କ ଉପସ୍ଥିତିରେ ସିନେଟ ମଙ୍ଗଳବାର ଟ୍ରମ୍ପଙ୍କ ବିରୋଧରେ ଆଗତ ମହାଭିଯୋଗ ପ୍ରସ୍ତାବର ସାମ୍ବିଧାନିକ ବୈଧତାକୁ ୫୬-୪୪ ଭୋଟରେ ନିଶ୍ଚିତ କରିଛି। ୧୦୦ ସଦସ୍ୟ ବିଶିଷ୍ଟ ସିନେଟରେ ଉଭୟ ପକ୍ଷ ହାଉସ୍ ଇମ୍ପିଚ୍‌ମେଣ୍ଟ ମ୍ୟାନେଜର୍ସ ଓ ଟ୍ରମ୍ପଙ୍କ ଓକିଲଙ୍କ ପାଖରେ ନିଜ ଯୁକ୍ତି ବାଢ଼ିବା ପାଇଁ ବୁଧବାରଠାରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ସମୟ ରହିଛି। ଗୃହରେ ଉଭୟ ରିପବ୍ଲିକାନ୍ ଓ ଡେମୋକ୍ରାଟଙ୍କ ୫୦ ଜଣ ଲେଖାଏ ସଦସ୍ୟ ରହିଛନ୍ତି। ଏହି ଶୁଣାଣି କେତେଦିନ ଚାଲିବ ତାହା ଜଣାନାହିଁ। ତେବେ ୟୁକ୍ରେନ୍ ପ୍ରସଙ୍ଗରେ ପୂର୍ବରୁ ଆଗତ ପ୍ରସ୍ତାବ ସମୟରେ ୩ ସପ୍ତାହ ଲାଗିଥିବାବେଳେ ଏଥର କମ୍ ସମୟ ଲାଗିବ। ଏପରି କି ଦିନେ ଦୁଇଦିନ ମଧ୍ୟରେ ରାୟ ଆସିପାରେ ବୋଲି କୁହାଯାଉଛି। ଟ୍ରମ୍ପ୍ ଦୋଷୀ ସାବ୍ୟସ୍ତ ହେଲେ ୨୦୨୪ରେ ସେ ରାଷ୍ଟ୍ରପତି ପଦ ପାଇଁ ପୁନଃ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ ବୋଲି ବିବେଚନା କରାଯାଉଛି।

### ବଢ଼ିଲା ଟ୍ରମ୍ପ୍‌ଙ୍କ ଅଡୁଆ



## ୱାରେନ୍ ହେଷ୍ଟିଙ୍ଗ୍‌ସଙ୍କ ଅବତାରଣା

ୱାଶିଂଟନ,୧୦।୨

ଟ୍ରମ୍ପଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବର ଶୁଣାଣି ବେଳେ ପୂର୍ବତନ ଗଭର୍ନର ଜେନେରାଲ ଅଫ୍ ଇଣ୍ଡିଆ ୱାରେନ୍ ହେଷ୍ଟିଙ୍ଗ୍‌ସଙ୍କ ଶୁଣାଣି ପ୍ରସଙ୍ଗ ଉଠିଛି। ହେଷ୍ଟିଙ୍ଗ୍‌ସଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ହାଉସ୍ ଅଫ୍ ଲର୍ଡ୍ସରେ ତାଙ୍କ ବିରୋଧରେ ମହାଭିଯୋଗ ଶୁଣାଣି ହୋଇଥିଲା। ଟ୍ରମ୍ପଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ତାଙ୍କ ବିରୋଧରେ ସିନେଟରେ ଶୁଣାଣି କରାଯିବା ଅସାମ୍ବିଧାନିକ ବୋଲି ଯୁକ୍ତି ବଢ଼ାଯାଇଥିବାବେଳେ ଏହାକୁ ଖଣ୍ଡନ କରିବା ଲାଗି ହେଷ୍ଟିଙ୍ଗ୍‌ସଙ୍କ ପ୍ରସଙ୍ଗ ଉଠାଯାଇଛି।

ଇମ୍ପିଚ୍‌ମେଣ୍ଟ ମ୍ୟାନେଜର ତଥା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସର ଡେମୋକ୍ରାଟିକ୍ ସଦସ୍ୟ ଜାମି ରସ୍କିନ୍ ଏହି ଶୁଣାଣିର ସାମ୍ବିଧାନିକ ବୈଧତା ସପକ୍ଷରେ ଯୁକ୍ତି ବାଢ଼ି କହିଥିଲେ, ଆମ ମାମଲା ତଥ୍ୟ ଓ ପ୍ରମାଣ ଆଧାରିତ। ଟ୍ରମ୍ପ୍ ଏହି ମାମଲାର ତଥ୍ୟଗତ ଶୁଣାଣି ବନ୍ଦ କରିବା ଲାଗି ଏଠାକୁ ତାଙ୍କ ଓକିଲଙ୍କୁ ପଠାଇଛନ୍ତି। ପ୍ରଥମ ବିନ୍ଦୁ ଇଂଲିଶ ଇତିହାସରୁ ଆସିଛି। ଯିଏ ବି ସେହି ଇତିହାସ ସମ୍ପର୍କରେ ଅବଗତ ଥିବେ ସେ ଜାଣିଥିବେ ଯେ ପୂର୍ବତନ ଅଧିକାରୀମାନଙ୍କୁ ମଧ୍ୟ ସେମାନଙ୍କ କାର୍ଯ୍ୟକାଳ ବେଳେ କ୍ଷମତା ଅପବ୍ୟବହାରକୁ ନେଇ ଉତ୍ତରଦାୟୀ କରାଯାଇଥାଏ। ଉଦାହରଣ ରୂପେ ବ୍ରିଟିଶ ଶାସନ ବେଳେ ବଙ୍ଗ ଉପନିବେଶର ପୂର୍ବତନ ଗଭର୍ନର ଜେନେରାଲ ୱାରେନ୍ ହେଷ୍ଟିଙ୍ଗ୍‌ସଙ୍କ ବିରୋଧରେ ମହାଭିଯୋଗ ଶୁଣାଣିକୁ ନିଆଯାଇପାରେ। ଏହି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ମହାଭିଯୋଗ ଶୁଣାଣି ଆରମ୍ଭ ହେବାର ୨ ବର୍ଷ ପୂର୍ବରୁ ସେ ଅଫିସ୍ ଛାଡ଼ିଥିଲେ। ଆମେରିକା ସମ୍ବିଧାନ ପ୍ରଣେତାମାନେ ଏହି ବିଷୟରେ ଜାଣିଥିଲେ ଓ ମହାଭିଯୋଗକୁ ଦୃଢ଼ ସମର୍ଥନ କରିଥିଲେ। ବିତର୍କ ବେଳେ ହେଷ୍ଟିଙ୍ଗ୍‌ସଙ୍କ ମହାଭିଯୋଗର ଅବତାରଣାକୁ ଖଣ୍ଡନ କରିବାକୁ ଯାଇ ଟ୍ରମ୍ପଙ୍କ ମୁଖ୍ୟ ଓକିଲ ବ୍ରୁସ୍ କାଷ୍ଟର କହିଥିଲେ, ଆମେ ଯଦି ପ୍ରକୃତରେ ଗ୍ରେଟ୍ ବ୍ରିଟେନର ପ୍ରାକ୍-ରିଭୋଲ୍ୟୁଶନାରି ଇତିହାସକୁ ବ୍ୟବହାର କରିବାକୁ ଯାଉଛେ ତେବେ ଅନୁକ୍ରମ ହେଉଛି ଆମର ଏକ ପାର୍ଲାମେଣ୍ଟ ଓ ଜଣେ ରାଜା ରହିବା କଥା। ଆମେ କ’ଣ ସେହି ବାଟରେ ଯାଉଛେ ବୋଲି କାଷ୍ଟର ପ୍ରଶ୍ନ କରିଥିଲେ।



**ୱାରେନ୍ ହେଷ୍ଟିଙ୍ଗ୍‌ସ ୧୭୭୨ରୁ ୧୭୭୪ ପର୍ଯ୍ୟନ୍ତ ବଙ୍ଗର ପ୍ରଥମ ଗଭର୍ନର ଜେନେରାଲ ଥିଲେ। ଏହି ବ୍ରିଟିଶ ଅଧିକାରୀ ୧୭୭୪ରୁ ୧୭୮୫ ଯାଏ ଗଭର୍ନର ଜେନେରାଲ ଅଫ୍ ଇଣ୍ଡିଆ ରୂପେ କାର୍ଯ୍ୟ କରିଥିଲେ। ହେଷ୍ଟିଙ୍ଗ୍‌ସ ବ୍ରିଟେନକୁ ଫେରିଯିବା ପରେ ୧୭୮୬ରେ ତାଙ୍କ ବିରୋଧରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଭାରତରେ ଥିବାବେଳେ କୁପରିଚାଳନା, ଲୋକଙ୍କୁ ଦୁର୍ବ୍ୟବହାର ଓ ଦୁର୍ନୀତି ଭଳି ଅଭିଯୋଗ ହେଷ୍ଟିଙ୍ଗ୍‌ସଙ୍କ ବିରୋଧରେ ଥିଲା। ୧୭୮୮ରେ ଏହି ଶୁଣାଣି ଆରମ୍ଭ ହୋଇଥିଲା। ତେବେ ୧୭୯୫ରେ ସେ ମହାଭିଯୋଗରୁ ମୁକ୍ତ ହୋଇଥିବା ଅନେକ ରିପୋର୍ଟରୁ ଜଣାଯାଏ।**



ଗ୍ଲେସିୟର ବିପ୍ୱାତ ପରେ ରାଇନି ଗ୍ରାମରେ ଧ୍ୱସ୍ତବିଧ୍ୱସ୍ତ ରାସ୍ତା ମରାମତି କରୁଛନ୍ତି ବର୍ଡର ରୋଡ୍ ଅର୍ଗାନାଇଜେଶନ (ବିଆର୍‌ଓ) କର୍ମଚାରୀ।

## ଗ୍ଲେସିୟର ବିପତ୍ତିକୁ ଦୈବୀ ଦଣ୍ଡ କହିଲେ ରାଇନି ଗ୍ରାମବାସୀ

ନୂଆଦିଲ୍ଲୀ, ୧୦।୨

ଗ୍ଲେସିୟର ଭାଙ୍ଗି ଉତ୍ତରାଖଣ୍ଡର ଚାମୋଲିରେ ବିପର୍ଯ୍ୟୟ ସୃଷ୍ଟି କରିଥିବାବେଳେ ରାଇନି ଗ୍ରାମର ସ୍ଥାନୀୟ ଲୋକେ ଓ ବରିଷ୍ଠ ବ୍ୟକ୍ତିମାନେ ଏହାକୁ ଦୈବୀ ଦଣ୍ଡ କହିଛନ୍ତି। ଗାଁ ମନ୍ଦିର ଉଚ୍ଛେଦରୁ ଏଭଳି ବିପର୍ଯ୍ୟୟ ହେଲା ବୋଲି ସେମାନେ ମତ ଦେଇଛନ୍ତି। ଦେବୀଙ୍କ କୋପରୁ ଅନେକ ଧନଜୀବନ ହାନି ଘଟିଲା। ୨୦୧୩ ଉତ୍ତରାଖଣ୍ଡ ବନ୍ୟା ବେଳେ ମଧ୍ୟ ଲୋକମୁଖରେ ଏଭଳି ମତ ପ୍ରକାଶ ପାଇଥିଲା। ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ପାଇଁ ରୁଦ୍ରପ୍ରୟାଗ ଜିଲାର ଶ୍ରୀନଗର ନିକଟରେ ଧାରୀ ଦେବୀ ମନ୍ଦିର ସ୍ଥାନାନ୍ତର କରାଯାଇଥିଲା। ଏହି ଦେବୀ ଚାରଧାମ ଯାତ୍ରୀଙ୍କ ରକ୍ଷାକର୍ତ୍ତ୍ରୀ ଭାବେ ପୂଜିତ ହେଉଥିଲେ। ତାଙ୍କୁ ସ୍ଥାନାନ୍ତର କରାଯିବାରୁ ବନ୍ୟା ଆସିଲା ବୋଲି ସେତେବେଳେ କୁହାଯାଇଥିଲା।

## ୟୁପିରେ କନଷ୍ଟେବଲଙ୍କୁ ପିଟି ହତ୍ୟା

କାସ୍‌ଗଞ୍ଜ, ୧୦।୨

- ସବ୍‌ଇନ୍ସପେକ୍ଟର ଗୁରୁତର
- ମଦ ମାଫିଆଙ୍କୁ ୱାରେଣ୍ଟ ଦେବାକୁ ଯାଇଥିଲେ
- ପୋଲିସ ଏନ୍‌କାଉଣ୍ଟରରେ ମୁଖ୍ୟ ଅଭିଯୁକ୍ତ ନିହତ

ମଦ ମାଫିଆ କିଙ୍ଗ୍‌ପିନ୍‌ଙ୍କୁ ୱାରେଣ୍ଟ ଦେବାକୁ ମଙ୍ଗଳବାର ସନ୍ଧ୍ୟାରେ ଉତ୍ତରପ୍ରଦେଶର କାସ୍‌ଗଞ୍ଜ ଜିଲା ଅନ୍ତର୍ଗତ ଏକ ଗ୍ରାମକୁ ଯାଇଥିବା ପୋଲିସ ଟିମ୍ ଉପରେ ନିସ୍ଥୁକ ମାଡ଼ ହୋଇଥିଲା। ଏଥିରେ ଜଣେ କନଷ୍ଟେବଲଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ଜଣେ ସବ୍‌ଇନ୍ସପେକ୍ଟର ଗୁରୁତର ହୋଇଛନ୍ତି। ଅନ୍ୟପକ୍ଷରେ ପୋଲିସ ଏନ୍‌କାଉଣ୍ଟରରେ ମୁଖ୍ୟ ଅଭିଯୁକ୍ତ ତଥା ମଦ ମାଫିଆ କିଙ୍ଗ୍‌ପିନ୍‌ଙ୍କ ଭାଇ ଏଲ୍‌କାର ନିହତ ହୋଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, କନଷ୍ଟେବଲ ଦେବେନ୍ଦ୍ର ଏବଂ ସବ୍‌ଇନ୍ସପେକ୍ଟର ଅଶୋକ କୁମାର ୱାରେଣ୍ଟ ଦେବା ଲାଗି ସିଦ୍ଧପୁରା ଥାନା ଅନ୍ତର୍ଗତ ନାଗ୍‌ଲା ଧିମାର ଗ୍ରାମକୁ ଯାଇଥିଲେ। ମଦ ମାଫିଆ କିଙ୍ଗ୍‌ପିନ୍ ମୋତି, ତାଙ୍କ ଭାଇ ଏଲ୍‌କାର ଏବଂ ସହଯୋଗୀମାନେ ଉଭୟଙ୍କୁ ଧରିନେଇ ମାଡ଼ ମାରିଥିଲେ। ହସ୍ପିଟାଲକୁ ନେବାବେଳେ ଦେବେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଅଶୋକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପୋଲିସକୁ ଆକ୍ରମଣ ଘଟଣାରେ ଏଲ୍‌କାର ମୁଖ୍ୟ ଅଭିଯୁକ୍ତ ଥିଲେ। ଜାତୀୟ ସୁରକ୍ଷା ଆଇନରେ ଅପରାଧୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ମୃତ କନଷ୍ଟେବଲଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିବା ସହ ଆହତ ସବ୍‌ଇନ୍ସପେକ୍ଟରଙ୍କ ଉପଯୁକ୍ତ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ପାଙ୍ଗୋଙ୍ଗ୍‌ରୁ ସେନା ପ୍ରତ୍ୟାହାର ଆରମ୍ଭ

ନୂଆଦିଲ୍ଲୀ, ୧୦।୨(ପି.ଟି.)

ପୂର୍ବ ଲଦାଖ ଅନ୍ତର୍ଗତ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ସୀମା ବିବାଦକୁ ନେଇ ୯ ମାସ ହେଲା ଅଚଳାବସ୍ଥା ଲାଗି ରହିଥିବା ବେଳେ ବୁଧବାର ପାଙ୍ଗୋଙ୍ଗ୍ ହ୍ରଦ ଉଭୟ ପାର୍ଶ୍ୱରୁ ଭାରତ ଓ ଚାଇନା ସେମାନଙ୍କ ସୈନ୍ୟ ପ୍ରତ୍ୟାହାର ଆରମ୍ଭ କରିଛନ୍ତି। ଦୁଇ ସେନା ମଧ୍ୟରେ ସଂଘର୍ଷର ଫୋକସ୍ ଥିଲା ଏହି ହ୍ରଦ। ସେନା କମାଣ୍ଡର ସ୍ତରୀୟ ନବମ ପର୍ଯ୍ୟାୟ ଆଲୋଚନାର ସହମତି କ୍ରମେ ପାଙ୍ଗୋଙ୍ଗର ଉତ୍ତର ପାର୍ଶ୍ୱରେ ଥିବା ଫିଙ୍ଗର ୪ ଅଞ୍ଚଳରୁ ସେନା ହଟାଯାଉଛି। ଉଭୟ ପାର୍ଶ୍ୱରୁ ଆଗଧାଡ଼ିର ସୈନ୍ୟଙ୍କୁ ହଟାଯାଉଥିବା ଚାଇନା ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖପାତ୍ର ୟୁ କିଆନ୍ କହିଛନ୍ତି। ଯୋଜନା ଅନୁଯାୟୀ ଚାଇନା ଫିଙ୍ଗର ୮ ଅଞ୍ଚଳକୁ ହଟିବା ସହ ଭାରତୀୟ ଯବାନ ଫିଙ୍ଗର ୨ ଓ ୩ ଅନ୍ତର୍ଗତ ଧାନ ସିଂ ଥାପା ଘାଟିକୁ ହଟିଯିବେ। ଫିଙ୍ଗର ୪ ପର୍ଯ୍ୟନ୍ତ କେହି ପାଟ୍ରୋଲିଂ କରିବେ ନାହିଁ।



# ୧୮ରେ ଚାଷୀଙ୍କ ରେଳରୋକୋ

ନୂଆଦିଲ୍ଲୀ, ୧୦।୨(ପି.ଟି.)

କୃଷି ଆଇନ ବିରୋଧରେ ଆନ୍ଦୋଳନକୁ ବଢ଼ାଇବା ପାଇଁ କୃଷକ ସଂଗଠନଗୁଡ଼ିକ ଫେବୃୟାରୀ ୧୮ରେ ଦେଶବ୍ୟାପୀ ୪ ଘଣ୍ଟିଆ ରେଳରୋକୋ ପାଇଁ ଡାକରା ଦେଇଛନ୍ତି। ଏଥିସହିତ ୧୨ ତାରିଖରୁ ରାଜସ୍ଥାନରେ ଟୋଲ୍ ଆଦାୟ କରିବାକୁ ଦିଆଯିବନି ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ବିବୃତି ଅନୁଯାୟୀ ୧୮ ତାରିଖ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ରେଳ ଚଳାଚଳକୁ ବନ୍ଦ କରାଯିବ। ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଗତ ୬ ତାରିଖରେ ଦେଶବ୍ୟାପୀ ୩ ଘଣ୍ଟିଆ ଚକାଜାମ୍ ଆନ୍ଦୋଳନ କରାଯାଇଥିଲା।

କେନ୍ଦ୍ରର ୩ କୃଷି ଆଇନ ବିରୋଧରେ ହଜାର ହଜାର ଚାଷୀ ଦିଲ୍ଲୀ ସୀମାରେ ଦୀର୍ଘ ୭୭ ଦିନ ହେଲା ଆନ୍ଦୋଳନ ଚଳାଇଛନ୍ତି। କୃଷି ଆଇନ ଏମ୍‌ଏସପି ବ୍ୟବସ୍ଥାକୁ ଦୁର୍ବଳ କରିବା ସହ ମଣ୍ଡି ବ୍ୟବସ୍ଥାକୁ ଉଚ୍ଛେଦ କରିଦେବ ବୋଲି ସେମାନେ ଅଭିଯୋଗ କରୁଛନ୍ତି। ତେଣୁ ଆଇନ ପ୍ରତ୍ୟାହାର ପାଇଁ ସରକାରଙ୍କ ଉପରେ ଚାପ ପକାଇବା ନିମନ୍ତେ କୃଷକ ସଂଗଠନଗୁଡ଼ିକ ଦେଶବ୍ୟାପୀ ପଞ୍ଚାୟତ ସ୍ତରରେ ସମାବେଶ ଲାଗି ଯୋଜନା କରୁଥିବା ଜଣାପଡ଼ିଛି। ପ୍ରଥମେ ପଶ୍ଚିମ ଉତ୍ତରପ୍ରଦେଶ ଏବଂ ହରିୟାଣାରେ ଏଭଳି ସମାବେଶ ପରେ ଅନ୍ୟ ରାଜ୍ୟଗୁଡ଼ିକରେ ସମାବେଶ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ବ୍ୟତୀତ ଟୋଲ୍ ଗେଟ୍‌ରେ ଗାଡ଼ିଗୁଡ଼ିକୁ ବିନା ଶୁଳ୍କରେ ଛାଡ଼ିବା ଏବଂ ଅମ୍ବାନୀ-ଆଦାନୀ କମ୍ପାନୀର ଉତ୍ପାଦଗୁଡ଼ିକୁ ବର୍ଜନ କରିବା ଯୋଜନା ରହିଛି।



ଗାଜିପୁର ସୀମାରେ ଆନ୍ଦୋଳନରତ ଚାଷୀ କେନ୍ଦ୍ରର କୃଷି ଆଇନ ବିରୋଧରେ ସ୍ଲୋଗାନ ଦେଉଛନ୍ତି।

## ଏସ୍‌ଆଇଟି ତଦନ୍ତ ଲାଗି ଆବେଦନ

ନୂଆଦିଲ୍ଲୀ, ୧୦।୨(ପି.ଟି.)

### ଟ୍ରାକ୍ଟର ରାଲିବେଳେ ଚାଷୀଙ୍କ ମୃତ୍ୟୁ ଘଟଣା

ସାଧାରଣତନ୍ତ୍ର ଦିବସରେ ଆନ୍ଦୋଳନରତ କୃଷକଙ୍କ ଟ୍ରାକ୍ଟର ରାଲିବେଳେ କେନ୍ଦ୍ରୀୟ ଦିଲ୍ଲୀର ଆଇଟିଓଠାରେ ଜଣେ ଚାଷୀଙ୍କର ମୃତ୍ୟୁ ଘଟିଥିଲା। ଅଦାଲତଙ୍କ ତତ୍ତ୍ୱାବଧାନରେ ଏହାର ଏସ୍‌ଆଇଟି ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ଲାଗି ମୃତକଙ୍କ ପରିବାର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୃତ ନଭ୍ରିତ୍ ସିଂଙ୍କ ଅଜା ଦାଏର କରିଥିବା ପିଟିଶନର ଶୁଣାଣି ଗୁରୁବାର ହେବ। ନାତି ମୃତ୍ୟୁ ପଛର ପ୍ରକୃତ ସତ୍ୟ ଜାଣିବା ଅଧିକାର ତାଙ୍କର ରହିଛି। ଏଥିସହିତ ଏହାର ଉପଯୁକ୍ତ ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି। ପୋଲିସ କହିବା ଅନୁଯାୟୀ, ଆଇଟିଓଠାରେ ଟ୍ରାକ୍ଟର ଓଲଟି ପଡ଼ିବାରୁ ନଭ୍ରିତ୍‌ଙ୍କର ମୃତ୍ୟୁ ଘଟିଥିଲା। ତେବେ ପ୍ରତ୍ୟକ୍ଷଦର୍ଶୀଙ୍କ ଆକାଉଣ୍ଟ ଅନୁଯାୟୀ ପୋଲିସ ଗୁଳି ଚଳାଇବାରୁ ଯୁବକ ଜଣକ ଟ୍ରାକ୍ଟର ଉପରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ଏହା ବ୍ୟାରିକେଡ଼ରେ ଧକ୍କା ଖାଇ ଓଲଟି ପଡ଼ିବାରୁ ଯୁବକଙ୍କ ମୃତ୍ୟୁ ଘଟିଥିବା ପିଟିଶନରେ ଉଲ୍ଲେଖ କରାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୭୫,୯୨,୩୪୮ | ୨୩,୫୬,୩୩୩ | ୭,୯୫,୨୧,୩୯୭ |
| ଭାରତ | ୧,୦୮,୭୯,୫୯୭ | ୧,୫୫,୩୫୭ | ୧,୦୫,୭୦,୦୨୮ |
| ଓଡ଼ିଶା | ୩,୩୫,୮୮୯ | ୧୯୧୦(+୫୩) | ୩,୩୩,୨୨୦ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଆର୍‌ଟିଓ ହେବ ପେପରଲେସ୍‌

- ୯ ଅନ୍‌ଲାଇନ ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଆରମ୍ଭ କଲା ଲର୍ନର ଲାଇସେନ୍ସ ମୋବାଇଲ ଆପ୍‌

**ଭୁବନେଶ୍ୱର,୧୦।୨(ବ୍ୟୁରୋ)**

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ)ଗୁଡ଼ିକର ସମସ୍ତ କାର୍ଯ୍ୟ କାଗଜ ଶୂନ୍ୟ ହେବ। ଗାଡ଼ି ପଞ୍ଜୀକରଣଠାରୁ ଆରମ୍ଭ କରି ପର୍‌ମିଟ, ନବୀକରଣ, ମାଲିକାନା ପରିବର୍ତ୍ତନ, ଲର୍ନର ଲାଇସେନ୍ସ ଇତ୍ୟାଦି ଅନ୍‌ଲାଇନ ଜରିଆରେ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୯ଟି ଅନ୍‌ଲାଇନ ସେବାର ଶୁଭାରମ୍ଭ କରିଛନ୍ତି। ୫-ଟି ଅଭିନବ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଜନସାଧାରଣଙ୍କୁ ସହଜ ଏବଂ କାଗଜବିହୀନ ଅନ୍‌ଲାଇନ ସେବା ଯୋଗାଇଦେବେ। ଯେକୌଣସି ସ୍ଥାନରୁ ସବୁ ସମୟରେ ଏହି ସେବା ଉପଲବ୍ଧ ହୋଇପାରିବ। ୯ଟି ସେବା ଯଥା ଗାଡ଼ି ପଞ୍ଜୀକରଣ, ମାଲ ପରିବହନ ଯାନଗୁଡ଼ିକର ପର୍‌ମିଟ ସ୍ୱୟଂ ଅନୁମୋଦନ, ସ୍ପେଶାଲ ବସ୍‌ ପର୍‌ମିଟ୍‌, ଅନ୍‌ଲାଇନ ଇଣ୍ଟରନ୍ୟାଶନାଲ ଡ୍ରାଇଭିଂ ପର୍‌ମିଟ, ଯାନବାହନ ପଞ୍ଜୀକରଣ, ରେଜିଷ୍ଟ୍ରେଶନ ନବୀକରଣ, ଗୋଟିଏ ଆରଟିଓରୁ ଅନ୍ୟ ଆରଟିଓକୁ ମାଲିକାନା ହସ୍ତାନ୍ତର, ମୋବାଇଲ ଆପ୍‌ ଜରିଆରେ ଲର୍ନର ଲାଇସେନ୍ସ ଇତ୍ୟାଦି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର କୌଣସି ଯାନବାହନ ସମ୍ପର୍କିତ ସେବା ପାଇଁ ଯେକୌଣସି ଆରଟିଓକୁ ବାଛିବା ନେଇ ଲୋକମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ମିଳିବ। ଆରଟିଓ ଆଗରେ ଧାଡ଼ିବାନ୍ଧିବା ଯୁଗ ଖୁବ୍‌ଶୀଘ୍ର ଶେଷ ହୋଇଯିବ। ରାଜ୍ୟ ସରକାର ଲୋକମାନଙ୍କୁ ଅନ୍‌ଲାଇନ ଜରିଆରେ ସମସ୍ୟାବିହୀନ ସେବା ଯୋଗାଇ ଦେବାକୁ ପ୍ରତିବଦ୍ଧ। ଆମର ଦୈନନ୍ଦିନ ଜୀବନରେ ପରିବହନ କ୍ଷେତ୍ରର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଯାନବାହନ ପଞ୍ଜୀକରଣ ପଦ୍ଧତି କାଗଜବିହୀନ ଓ ସମ୍ପର୍କବିହୀନ ହେବ। ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ, ଯେଉଁଠି ନ୍ୟାଶନାଲ ଇନ୍‌ଫରମେଟିକ ସେଣ୍ଟର(ଏନ୍‌ଆଇସି) ପ୍ଲାଟଫର୍ମ ଜରିଆରେ ଡିଜିଟାଲ ଦସ୍ତଖତ ଅପ୍‌ଲୋଡ କରାଯାଇ ଅଟୋ ନମ୍ବର ସୃଷ୍ଟି କରାଯାଇପାରୁଛି। ମାଲିକମାନେ ସ୍ଥାନୀୟ ଆରଟିଓଙ୍କ ନିକଟରେ କାଗଜପତ୍ର ଦାଖଲ କରି ଯେ କୌଣସି ପରିବହନ କାର୍ଯ୍ୟାଳୟରେ ନିଜର ଯାନବାହନ ପଞ୍ଜୀକୃତ କରିପାରିବେ। କେବଳ ସେତିକି ନୁହେଁ, ନ୍ୟାଶନାଲ ଇ-ଗଭର୍ନାନ୍ସ ମୋବାଇଲ ଆପ୍‌ 'ଉମଙ୍ଗ୍‌' ଆପ୍‌ରେ ଲର୍ନର ଲାଇସେନ୍ସ ଆପ୍ଲିକେଶନ କାର୍ଯ୍ୟକାରୀ କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ ହୋଇପାରିଛି। ପରିବହନ କର୍ତ୍ତୃପକ୍ଷ ସମସ୍ତ କାର୍ଯ୍ୟ ଡିଜିଟାଲ ଟେକ୍ନୋଲୋଜି ଦ୍ୱାରା କରିବା ପାଇଁ ନେଇଥିବା ପଦକ୍ଷେପକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ଲୋକମାନଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ ଲାଗି ସମସ୍ତ ଉଦ୍ୟମ କରିବା ସକାଶେ ମୁଖ୍ୟମନ୍ତ୍ରୀ ପରିବହନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି, ରାଜ୍ୟରେ ପରିବହନ ସେବା ଜନସାଧାରଣ କୈନ୍ଦ୍ରିକ ହୋଇପାରିଛି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପରିବହନ କାର୍ଯ୍ୟାଳୟଗୁଡ଼ିକରେ ହେଉଥିବା ପରିବର୍ତ୍ତନକୁ ଲୋକମାନେ ପସନ୍ଦ କରୁଥିବା ପାଣ୍ଡିଆନ ସୂଚନା ଦେଇଥିଲେ।






ଯାନବାହନ ସମ୍ପର୍କିତ ୯ ଅନ୍‌ଲାଇନ୍‌ ସେବାକୁ ଶୁଭାରମ୍ଭ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ।

ଏହି ଅବସରରେ ଏକ କ୍ଷୁଦ୍ର ବୃତ୍ତଚିତ୍ର ପ୍ରଦର୍ଶିତ କରାଯାଇଥିଲା। ବାଣିଜ୍ୟ ଓ ପରିବହନ ସଚିବ ମଧୁସୂଦନ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବାବେଳେ ପରିବହନ କମିଶନର ସଞ୍ଜୀବ ପଣ୍ଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ଆର.କେ. ଶର୍ମା, ଏନ୍‌ଆଇସି ଡିଜି ନୀତା ବର୍ମା ଏବଂ ପରିବହନ ବିଭାଗ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିବା ଅନ୍‌ଲାଇନ ସେବାଗୁଡ଼ିକ ହେଲା ସ୍ୱୟଂକ୍ରିୟ ଓ ସମସ୍ୟାହୀନ ଯାନ ପଞ୍ଜୀକରଣ, ସ୍ୱୟଂକ୍ରିୟ କ୍ୟାରିଏଜ ପର୍‌ମିଟ, ସ୍ୱୟଂକ୍ରିୟ ଦ୍ରବ୍ୟ ପରିବହନ ପର୍‌ମିଟ, ବସ୍‌ ପାଇଁ ଆନ୍ତଃରାଜ୍ୟ ସ୍ପେଶାଲ ପର୍‌ମିଟ, ଆନ୍ତଃ ଆଞ୍ଚଳିକ ସ୍ପେଶାଲ ପର୍‌ମିଟ, ଇଣ୍ଟରନ୍ୟାଶନାଲ ଡ୍ରାଇଭିଂ ପର୍‌ମିଟ, ଲର୍ନର ଲାଇସେନ୍ସ ମୋବାଇଲ ଆପ୍‌, ଯେକୌଣସି ଆରଟିଓରେ ରେଜିଷ୍ଟ୍ରେଶନ ନବୀକରଣ ଏବଂ ଯେକୌଣସି ଆରଟିଓକୁ ମାଲିକାନା ପରିବର୍ତ୍ତନ ଇତ୍ୟାଦି।

## ଲିଙ୍କ୍‌ ଫେଲ୍‌ ସମସ୍ୟା ବଢ଼ାଇବ

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ କାଗଜବିହୀନ ହେବ। ସମସ୍ତ କାର୍ଯ୍ୟ ଅନ୍‌ଲାଇନ ଜରିଆରେ କରିବାକୁ ସରକାର ଉଦ୍ୟମ କରୁଛନ୍ତି। ତେବେ ଏହା କେତେଦୂର ସଫଳ ହେବ ଓ ଲୋକମାନଙ୍କୁ ସହାୟକ ହେବ ସେ ନେଇ ଅବସରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀମାନେ ସନ୍ଦେହ ପ୍ରକାଶ କରିଛନ୍ତି।

ଅବସରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଭାଗୀରଥି ମହାନ୍ତି କହିଛନ୍ତି, ଯୁଗ ଅନୁଯାୟୀ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରିବା ଏକ ଉତ୍ତମ ପଦକ୍ଷେପ। ତେବେ ଏଥିପାଇଁ ସରକାର ଉପଯୁକ୍ତ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ନଚେତ ଏହା ଫଳପ୍ରଦ ହୋଇପାରିବ ନାହିଁ। ଇଣ୍ଟରନେଟ୍‌ ଲିଙ୍କ୍‌ ଫେଲ୍ୟୁୟର ଏକ ନିତିଦିନିଆ ଘଟଣା। ଥରେ ଲିଙ୍କ୍‌ ଗଲେ ଦିନେ ଦୁଇଦିନ ଯାଏ ଫେରେ ନାହିଁ। ଡାକଘର ଓ ବ୍ୟାଙ୍କରେ ମଧ୍ୟ ଅନୁରୂପ ଅବସ୍ଥା ଭୋଗିବାକୁ ପଡୁଛି। କେବଳ ଅନ୍‌ଲାଇନ ବ୍ୟବସ୍ଥା ରହିଲେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେବେ। ଏହାଛଡା ଅଧିକାଂଶ ଲୋକଙ୍କର କମ୍ପ୍ୟୁଟର ଜ୍ଞାନ ନାହିଁ। ଦଲାଲ ସହାୟତା ନେଇ ଶୋଷଣର ଶିକାର ହେବାର ଆଶଙ୍କା ରହିଛି। ସରକାର ଉଭୟ ଅଫ୍‌ଲାଇନ ଓ ଅନ୍‌ଲାଇନ ବ୍ୟବସ୍ଥା ଜାରି ରଖିବା ଉଚିତ। ଅବସରପ୍ରାପ୍ତ ପରିବହନ ଅଧିକାରୀ ଏମ.ଆର. ମିଶ୍ର କହିଛନ୍ତି, କୌଣସି ନୂଆ ବ୍ୟବସ୍ଥା ଆରମ୍ଭ ହେଲେ ସମସ୍ୟା ଦେଖାଦେବ। ଏହାକୁ ଧୀରେ ଧୀରେ ସମାଧାନ କରିବାକୁ ପଡ଼ିବ। ଯୁଗ ଅନୁଯାୟୀ ବୈଷୟିକ ଜ୍ଞାନକୌଶଳକୁ ଆପଣାଇବାକୁ ପଡିବ। ତେବେ ଏଥିପାଇଁ ସରକାରୀ ସ୍ତରରେ ଆବଶ୍ୟକ ବ୍ୟବସ୍ଥା କରିବାକୁ ହେବ। ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ତାଲିମ ଦେବା ସହ ଏହାକୁ ପେସାଦାର ଭାବେ ଗ୍ରହଣ କଲେ ଅନ୍‌ଲାଇନ ବ୍ୟବସ୍ଥା ସଫଳ ହେବ।

## ଡ୍ରାଇଭିଂ ସ୍ଲଟ୍‌ ବୁକିଂକୁ ନେଇ ଅସନ୍ତୋଷ

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଡ୍ରାଇଭିଂଲାଇସେନ୍ସଟେଷ୍ଟିଂପାଇଁଅନ୍‌ଲାଇନ ବ୍ୟବସ୍ଥା ରହିଛି। ତେବେ ଏଥିରେ ସ୍ଲଟ୍‌ ବୁକିଂ କରିବାକୁ ଜନସାଧାରଣଙ୍କୁ ନାକେଦମ ହେବାକୁ ପଡୁଛି। ବହୁ ସମୟ ଧରି ଉଦ୍ୟମ କଲେ ମଧ୍ୟ ଡ୍ରାଇଭିଂ ଲାଇସେନ୍ସ ପାଇଁ ଅନ୍‌ଲାଇନ ସ୍ଲଟ୍‌ ବୁକିଂ ସମ୍ଭବ ହେଉ ନାହିଁ। ଅନେକ ସମୟରେ ସମ୍ପୃକ୍ତ ୱେବ୍‌ସାଇଟ ଖୋଲୁ ନାହିଁ। ଯେତିକି ସମୟ ପାଇଁ ଖୋଲୁଛି ସେଥିରେ ଆବେଦନକାରୀ ବୁକିଂ କରି ନ ପାରି ହୀନସ୍ତା ହେଉଛନ୍ତି। ଏ ସମ୍ପର୍କରେ ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରିଥିବା ରମେଶ ମହାନ୍ତି କହିଛନ୍ତି, ପ୍ରାୟ ୧ ମାସରୁ ଊର୍ଦ୍ଧ୍ୱ ହେବ ସେ ପ୍ରତ୍ୟେକ ଦିନ ସକାଳ ୭ଟାରେ ଅନ୍‌ଲାଇନ ବୁକିଂ ପାଇଁ ଚେଷ୍ଟା କରୁଛନ୍ତି। ହେଲେ ସେ ସେଥିରେ ସଫଳ ହେଉନାହାନ୍ତି। ଏପରିକି ଓଟିପି ଆସୁଥିଲେ ମଧ୍ୟ ବୁକିଂ ହେଉନାହିଁ। ଏହି ସମସ୍ୟାର ସମାଧାନ ତୁରନ୍ତ ହେବା ଆବଶ୍ୟକ । ନଚେତ ମାସ ମାସ ବିତିଗଲେ ସୁଦ୍ଧା ଲାଇସେନ୍ସ ଖଣ୍ଡେ ମିଳିବ ନାହିଁ ବୋଲି ସେ କହିଛନ୍ତି।

## ମାଟ୍ରିକ ଫର୍ମ ପୂରଣ ଅବଧି ୨ଦିନ ବଢ଼ିଲା

**ଭୁବନେଶ୍ୱର, ୧୦।୨(ବ୍ୟୁରୋ)**

ମେ' ୩ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଏବେ ଫର୍ମ ପୂରଣ ପ୍ରକ୍ରିୟା ଜାରି ରହିଥିବାବେଳେ ଏହାର ଅବଧିକୁ ଦ୍ୱିତୀୟଥର ପାଇଁ ବୃଦ୍ଧି କରିଛି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)। ବୁଧବାର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍‌ ପରୀକ୍ଷା (ମାଟ୍ରିକ), ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷା ପାଇଁ ଫର୍ମ ପୂରଣ ସମୟସୀମାକୁ ବୃଦ୍ଧି କରାଯାଇଥିବା ନେଇ ସୂଚନା ଦିଆଯାଇଥିବାବେଳେ ଫେବୃୟାରୀ ୧୨ ମଧ୍ୟରାତ୍ରି ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଫର୍ମପୂରଣ କରିପାରିବେ। ପ୍ରଥମେ ଫର୍ମପୂରଣର ଶେଷ ତାରିଖ ଫେବୃୟାରୀ ୨ ଥିଲା। ପରେ ଏହି ଅବଧିକୁ ଫେବୃୟାରୀ ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ତେବେ ଶତପ୍ରତିଶତ ଫର୍ମ ପୂରଣ ହାସଲ ପାଇଁ ପୁଣି ବୃଦ୍ଧି କରାଯାଇଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବୁଧବାର ଫର୍ମପୂରଣର ଶେଷ ତାରିଖ ଥିଲା। ମଙ୍ଗଳବାର ୨୦୧୯-୨୦ ଶିକ୍ଷାବର୍ଷର ନବମ ଶ୍ରେଣୀ ପିଲାଙ୍କୁ ମାଟ୍ରିକ ପରୀକ୍ଷା ଦେଇପାରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହାପରେ ଫର୍ମ ପୂରଣ ଅବଧି ବୃଦ୍ଧି କରାଯାଇପାରେ ବୋଲି ଅନୁମାନ କରାଯାଉଥିଲା। ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମଧ୍ୟ କହିଥିଲେ, ଶେଷ ଦିନରେ ଯଦି ସମ୍ପୂର୍ଣ୍ଣ ଫର୍ମ ପୂରଣ ହୋଇ ନ ପାରିଲା, ତେବେ ମାଧ୍ୟମିକ ଶିକ୍ଷା ପରିଷଦ ସହ ଆଲୋଚନା କରି ଆଉ ଦୁଇଦିନ ବୃଦ୍ଧି କରାଯିବାର ବ୍ୟବସ୍ଥା ହେବ।

**ଆଜିର ମନ୍ତବ୍ୟ**

> "କେନ୍ଦ୍ର ସରକାର ଆଣିଥିବା ନୂଆ କୃଷି ଆଇନକୁ କଂଗ୍ରେସ କ୍ଷମତାକୁ ଆସିଲେ ପ୍ରତ୍ୟାହାର କରିବ।
>
> **-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ**

## ଟୁଇଟର-କେନ୍ଦ୍ର ଛକାପଞ୍ଝା | ୫୦୦ ଆକାଉଣ୍ଟ ରଦ୍ଦ

- ସରକାର ଦେଇଥିଲେ ୧୪୩୫ ତାଲିକା
- ରାଜନେତା, ସାମାଜିକ କର୍ମୀଙ୍କ ଆକାଉଣ୍ଟ ବନ୍ଦ କରିବନି କହିଲା ଟୁଇଟର



**ନୂଆଦିଲ୍ଲୀ, ୧୦।୨**

କୃଷକ ଆନ୍ଦୋଳନ ଉପରେ ଟୁଇଟ୍‌ କରାଯିବାକୁ ନେଇ ଟୁଇଟର ଓ କେନ୍ଦ୍ର ଭିତରେ ଛକାପଞ୍ଝା ଜାରି ରହିଛି। ଏହି ମାଇକ୍ରୋ ବ୍ଲଗିଂ ପ୍ଲାଟ୍‌ଫର୍ମ ମାଧ୍ୟମରେ ଭୁଲ୍‌ ତଥ୍ୟ ଓ ଉତ୍ତେଜକ ମନ୍ତବ୍ୟ ଶେୟାର କରାଯାଇ ଭାରତରେ ହିଂସାକୁ ଉସୁକାଯାଉଥିବା ଏବଂ ଖଲିସ୍ତାନୀ ଓ ପାକିସ୍ତାନ ସହ ଆକାଉଣ୍ଟଧାରୀଙ୍କ ସମ୍ପର୍କ ରହିଥିବା କହି ସେହି ଆକାଉଣ୍ଟଗୁଡ଼ିକୁ ହଟାଇବାକୁ କେନ୍ଦ୍ର ସରକାର ଟୁଇଟରକୁ ନିର୍ଦ୍ଦେଶ ଦେଇଥିଲେ। ସେହି କ୍ରମେ ଟୁଇଟର ୫ ଶହରୁ ଊର୍ଦ୍ଧ୍ୱ ଟୁଇଟର ଆକାଉଣ୍ଟ ବନ୍ଦ କରିଥିବା ଏକ ବ୍ଲଗପୋଷ୍ଟ କରି ସୂଚନା ଦେଇଛି। ଏଥିସହ ଆଉ କିଛି ଆକାଉଣ୍ଟ ଭାରତରେ ସକ୍ରିୟ ହେବା ଉପରେ ପ୍ରତିବନ୍ଧକ ଲଗାଯାଇଥିବା ବୁଧବାର ଟୁଇଟର ପକ୍ଷରୁ କୁହାଯାଇଛି। ତେବେ ନ୍ୟୁଜ୍‌ ମିଡିଆ, ଖବରଦାତା, ସାମାଜିକ କର୍ମୀ ଏବଂ ରାଜନେତାଙ୍କ ଟୁଇଟର ଆକାଉଣ୍ଟ ବିରୋଧରେ କୌଣସି ପଦକ୍ଷେପ ନେବାକୁ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମ ମନା କରିଛି। ଏହା ଭାରତର ଆଇନ ଅନୁସାରେ ସ୍ୱାଧୀନ ଅଭିବ୍ୟକ୍ତି ମୌଳିକ ଅଧିକାରର ଉଲ୍ଲଂଘନ ହେବ ବୋଲି ଟୁଇଟର କହିଛି। ଗତ ଜାନୁୟାରୀ ୩୧ରେ ୨୫୭ ଏବଂ ଫେବୃୟାରୀ ୪ରେ ୧୧୭୮ ଆକାଉଣ୍ଟ ବ୍ଲକ କରିବାକୁ କେନ୍ଦ୍ର ସରକାର ଟୁଇଟରକୁ କହିଥିଲେ। ଟୁଇଟର ମୋଟ ଉପରେ ୧ ହଜାର ଆକାଉଣ୍ଟ ବନ୍ଦ କରିଛି। ସେଥିମଧ୍ୟରେ ଭାରତ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ତାଲିକାର ୫ ଶହ ଆକାଉଣ୍ଟ ଥିବାବେଳେ ବିଭ୍ରାନ୍ତିକର ତଥ୍ୟ ଦେଇ ଗାଇଡଲାଇନ ଉଲ୍ଲଂଘନ କରିଥିବା ଆଉ ୫ ଶହ ଆକାଉଣ୍ଟକୁ ଟୁଇଟର ନିଜ ପକ୍ଷରୁ ବ୍ଲକ୍‌ କରିଛି। ତେବେ ସସ୍‌ପେଣ୍ଡ ହୋଇଥିବା ଆକାଉଣ୍ଟଗୁଡ଼ିକ ବାବଦରେ ଟୁଇଟର ବିସ୍ତୃତ ଭାବେ ତଥ୍ୟ ପ୍ରଦାନ କରିନାହିଁ।






## ନଦୀରେ ବୁଡ଼ି ୩ ନାବାଳକ ମୃତ



ଅଗ୍ନିଶମ ବିଭାଗ କର୍ମଚାରୀମାନେ ନଦୀରେ ଖୋଜୁଛନ୍ତି।

**ରାଉରକେଲା ଅଫିସ, ୧୦।୨**

ସୁନ୍ଦରଗଡ଼ ଜିଲା ଝିରପାଣି ଥାନା ଅନ୍ତର୍ଗତ କୋଏଲ ନଦୀର ଭାଟାବସ୍ତି ଘାଟରେ ବୁଡ଼ି ୩ ନାବାଳକଙ୍କ ମୃତ୍ୟୁ ହୋଇଛି। ବୁଧବାର ଅପରାହ୍ନ ୧ଟା ୩୦ମିନିଟରେ ୩ ନାବାଳକ ଗାଧୋଇବାକୁ ଭାଟାବସ୍ତି ଘାଟକୁ ଯାଇଥିଲେ। ପାଣିରେ ଖେଳୁଥିବାବେଳେ ସ୍ରୋତରେ ଭାସି ଯାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସ୍ଥାନୀୟ ଲୋକ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ୩ ନାବାଳକଙ୍କ ମୃତଦେହ ନଦୀରୁ ବାହାର କରାଯାଇଥିଲା। ୩ ନାବାଳକଙ୍କ କୌଣସି ପରିଚୟ ମିଳି ନାହିଁ। ତେବେ ସେମାନଙ୍କର ବୟସ ୧୨ରୁ ୧୪ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପୋଲିସ ମୃତଦେହ ରାଉରକେଲା ସରକାରୀ ଡାକ୍ତରଖାନା ମର୍ଗ ହାଉସ୍‌ରେ ରଖିଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନୁଗୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁହଁରେ ମଧୁର ହସ**
**ପେଟରେ ହଳାହଳ ବିଷ।**

ମୁହଁରେ ଚାଟୁ ବଚନ, ପ୍ରଶଂସା। କିନ୍ତୁ ଭିତରେ ଶତ୍ରୁତା ଆଚରଣ। କିଛି ବ୍ୟକ୍ତି ମୁହଁରେ ଭଲେଇ ହୋଇ ଚିକଣିଆ କଥା କହି ବିଶ୍ୱାସ ଜନ୍ମାଇଥାନ୍ତି। କିନ୍ତୁ ପଛରେ ଗାତ ଖୋଳି ଖାଲରେ ପକାଇବାକୁ ଚେଷ୍ଟା ଚଳାଇଥାଆନ୍ତି। ମୁହଁରେ ହସ, ପେଟରେ ବିଷ ଭରି ରହିଥିବା ଏପରି କପଟାଚାରୀ ବିଶ୍ୱାସଘାତକ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମତ୍ତଗଜ ଚାଲିକି**
**ସରି ନୁହେଁ ଘୋଡ଼ା, ପାଲିଙ୍କି।**

ଆଗ କାଳରେ ଧନୀ ଘରର ଲୋକେ ଘୋଡ଼ା ବା ପାଲିଙ୍କିରେ ଯିବାଆସିବା କରୁଥିଲେ। ଯେତେବେଳେ କି ସାଧାରଣ ବ୍ୟକ୍ତି ପାଇଁ ଏସବୁ ସ୍ୱପ୍ନ ଥିଲା। ତେବେ ମତ୍ତଗଜ ଚାଲିପରି ଝୁଲି ଝୁଲି ଚାଲୁଥିବା ବ୍ୟକ୍ତି, ଯେଉଁମାନଙ୍କର ନିଜ ଗୋଡ଼ ଉପରେ ଯଥେଷ୍ଟ ଭରସା ଥାଏ, ସେମାନଙ୍କ ପାଇଁ ଘୋଡ଼ା ବା ପାଲିଙ୍କି ଚଢ଼ିବା ସେତେ ଆବଶ୍ୟକ ପଡୁନଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

# ଭାଜପାକୁ ଦୋଷ ଦେଲେ ବିଜେଡି, କଂଗ୍ରେସ

**ଭୁବନେଶ୍ୱର, ୧୦।୨(ବ୍ୟୁରୋ)**

କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲଙ୍କୁ ଓଡ଼ିଆ ଏମ୍‌ପିମାନେ ଭେଟିବା ପରେ ପୁରୀ ଶ୍ରୀମନ୍ଦିର ପାଇଁ ଜାତୀୟ କୀର୍ତ୍ତିରାଜି ପ୍ରାଧିକରଣ (ଏନ୍‌ଏମ୍‌ଏ)ର ପ୍ରସ୍ତାବିତ ଚିଠା ଉପନିୟମ (ବାଇ-ଲ)କୁ ପ୍ରତ୍ୟାହାର କରାଯାଇଛି। ହେଲେ ଏକାମ୍ର କ୍ଷେତ୍ରର ବିଭିନ୍ନ ମନ୍ଦିର ନିମନ୍ତେ ଏହା ପ୍ରତ୍ୟାହାର କରାଯାଇନାହିଁ। ଏଭଳି ନିଷ୍ପତ୍ତି ପରେ ରାଜ୍ୟରେ ବର୍ତ୍ତମାନ ବାଇ-ଲକୁ ନେଇ ରାଜନୀତି ଜୋର ଧରିବାରେ ଲାଗିଛି। ଅନ୍ୟପଟେ ଏକାମ୍ର କ୍ଷେତ୍ରର ସେବାୟତମାନଙ୍କ ପକ୍ଷରୁ ବିରୋଧ ଦେଖିବାକୁ ମିଳିଛି। ସେବାୟତମାନଙ୍କ ପକ୍ଷରୁ କୁହାଯାଇଛି, ଲିଙ୍ଗରାଜଙ୍କ ପାଇଁ ୧୨ ମାସରେ ୧୩ ପ୍ରକାର ଯାତ୍ରା ଖଞ୍ଜାଯାଇଛି। ଏହିସବୁ ଯାତ୍ରାରେ ପ୍ରଭୁ ଲିଙ୍ଗରାଜ ମନ୍ଦିର ନିକଟରେ ଥିବା ମନ୍ଦିରକୁ ଯାତ୍ରା କରିଥାଆନ୍ତି। ସେଥିଲାଗି ଅନନ୍ତ ବାସୁଦେବ ଓ ବ୍ରହ୍ମେଶ୍ୱର ମନ୍ଦିର ଭଳି ବହୁ ମନ୍ଦିରରେ ସେବାୟତମାନଙ୍କୁ ଥଇଥାନ କରାଯାଇଛି। ଅନ୍ୟପଟେ ସେବାପୂଜା ସୁରୁଖୁରୁରେ କରାଯିବା ଲାଗି ସେବକମାନଙ୍କ ସାହି ମନ୍ଦିର ନିକଟରେ ଗଢ଼ିଉଠିଛି। ତେଣୁ ଏହାଦ୍ୱାରା ସେବାୟତ ପରିବାର ବିଶେଷଭାବେ ପ୍ରଭାବିତ ହେବେ ବୋଲି ଆଶଙ୍କା କରାଯାଇଛି। କେନ୍ଦ୍ର ନିଷ୍ପତ୍ତି ପ୍ରତ୍ୟାହାର କରା ନ ଗଲେ କେନ୍ଦ୍ରମନ୍ତ୍ରୀ ଏବଂ ଏମ୍‌ପିମାନଙ୍କୁ ଏକାମ୍ର କ୍ଷେତ୍ରରେ ପୂରାଇ ଦିଆଯିବ ନାହିଁ ବୋଲି ଚେତାବନି ଦିଆଯାଇଛି।

ଏହି ପ୍ରସଙ୍ଗରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଟୁଇଟ୍ ଯୋଗେ ଏକାମ୍ର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା ଟାର୍ଗେଟ କରିଛନ୍ତି। ପଣ୍ଡା ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, ଏକାମ୍ର କ୍ଷେତ୍ର

**ଏକାମ୍ର କ୍ଷେତ୍ର ପାଇଁ ବାଇ-ଲ**



ପ୍ରକଳ୍ପକୁ ବନ୍ଦ କରିବା ଲାଗି ଯେଉଁ ପଦକ୍ଷେପ ନିଆଯାଉଛି ଏବଂ ଏମ୍‌ପି ଷଡ଼ଙ୍ଗୀଙ୍କ ନୀରବତା ତାଙ୍କ ମୁଖା ଖୋଲିଦେଇଛି। ଯେଉଁମାନେ ଏକାମ୍ର କ୍ଷେତ୍ର ପ୍ରକଳ୍ପରେ ବାଧା ଆଣିବା ପାଇଁ ଉଦ୍ୟମ କରୁଛନ୍ତି ରାଜଧାନୀବାସୀ ସେମାନଙ୍କୁ କେବେ ହେଲେ କ୍ଷମା ଦେବେ ନାହିଁ। ଅନ୍ୟପଟେ ଅପରାଜିତା କହିଛନ୍ତି, ପ୍ରଧାନମନ୍ତ୍ରୀ ବିକାଶ ଦିଗରେ ରାଜନୀତି କରନ୍ତି। କୌଣସି ପରିସ୍ଥିତିରେ ଆମେ ବିକାଶକୁ ବିରୋଧ କରିନାହୁଁ। ଏକାମ୍ର କ୍ଷେତ୍ରର ବିକାଶ ଆମେ ସମସ୍ତେ ଚାହୁଁ। ନୀତି ନିୟମକୁ ନେଇ ସବୁବେଳେ କାମ ହେବା ଜରୁରୀ। ଶାସକ ଦଳର ଅପରିପକ୍ୱତା କହିଲେ ଏହା ଅତିକ୍ତି ହେବନାହିଁ। ୧୫ ତାରିଖ ପରେ ଫେରିଲେ ଅନୁସନ୍ଧାନ କରି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ବାଇ-ଲ ଏକ୍ରାମ କ୍ଷେତ୍ରରୁ ନ ହଟାଇବା ନିଷ୍ପତି ଦୁର୍ଭାଗ୍ୟଜନକ। ଏହା ଏକାମ୍ର କ୍ଷେତ୍ରକୁ ଏକ ଶକ୍ତ ଧକ୍କା। କେନ୍ଦ୍ର ସରକାରଙ୍କର ଏପରି ନିଷ୍ପତ୍ତିକୁ କେବଳ ଏକାମ୍ରବାସୀ ନୁହେଁ, ସାରା ରାଜ୍ୟବାସୀ ବିରୋଧ କରୁଛନ୍ତି। ଲିଙ୍ଗରାଜ ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର ପ୍ରଭୃତିରେ ଏହି କଟକଣାଯୁକ୍ତ ବାଇ-ଲ ବଳବତ୍ତର ରହିବା ଦ୍ୱାରା ଏଠିକାର ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବ। ଏକାମ୍ର କ୍ଷେତ୍ରର ବିକାଶମୂଳକ କାର୍ଯ୍ୟ କଟକଣା ମାଧ୍ୟମରେ ବନ୍ଦ କରିବାକୁ ଚକ୍ରାନ୍ତ ଚାଲିଛି। ଏହାକୁ ଶୀଘ୍ର ନିଷ୍ପତି ପ୍ରତ୍ୟାହାର ନ କଲେ ଜନଆନ୍ଦୋଳନ ହେବ ବୋଲି ସୁରେଶ କହିଛନ୍ତି।

# ଆଇଜିଏନ୍‌ସିଏ, ଜାତୀୟ ସଂଗ୍ରହାଳୟ ସ୍ଥାନାନ୍ତର ହେବ

**ନୂଆଦିଲ୍ଲୀ, ୧୦।୨(ଆଇଏଏନ୍‌ଏସ୍)**

ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ଲାଗି ଜାତୀୟ ସଂଗ୍ରହାଳୟ, ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ର (ଆଇଜିଏନ୍‌ସିଏ) ଭଳି ମର୍ଯ୍ୟାଦାଜନକ ସଂସ୍ଥାଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ ବୋଲି ଜଣାପଡ଼ିଛି। ଆଇଜିଏନ୍‌ସିଏକୁ ଜାମନଗର ହାଉସ୍ ପ୍ଲଟରେ ନିର୍ମାଣ ହେବାକୁ ଥିବା ବିଲ୍ଡିଂକୁ ସ୍ଥାନାନ୍ତର କରାଯିବାକୁ ଥିବାବେଳେ ଜାତୀୟ ସଂଗ୍ରହାଳୟ ନର୍ଥ ଓ ସାଉଥ୍ ବ୍ଲକ୍‌କୁ ଉଠିଯିବ ବୋଲି ରାଜ୍ୟ ସଭାରେ

**ସେଣ୍ଟ୍ରାଲ ଭିଷ୍ଟା ପ୍ରୋଜେକ୍ଟ**

ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ହର୍‌ଦୀପ ସିଂ ପୁରୀ କହିଛନ୍ତି। ବର୍ତ୍ତମାନ ଜନପଥରେ ଥିବା ଜାତୀୟ ମ୍ୟୁଜିୟମ ଭାରତର ୫,୦୦୦ ବର୍ଷର ଇତିହାସ ଓ ସାଂସ୍କୃତିକ ଐତିହ୍ୟ ସହ ସମ୍ପୃକ୍ତ କଳାକୃତିକୁ ପ୍ରଦର୍ଶନ କରୁଛି।

# ପ୍ରତ୍ୟକ୍ଷ ସ୍ପର୍ଶ ରାୟ ଆଇନର ବିକୃତ ବ୍ୟାଖ୍ୟା: ଏନ୍‌ସିଡବ୍ଲ୍ୟୁ

**ନୂଆଦିଲ୍ଲୀ, ୧୦।୨(ଆଇଏଏନ୍‌ଏସ୍)**

ନାବାଳିକା ପ୍ରତି ଯୌନ ନିର୍ଯାତନା ମାମଲାରେ ୩୯ ବର୍ଷୀୟ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଥିବା ବମ୍ବେ ହାଇକୋର୍ଟଙ୍କ ବିବାଦୀୟ ରାୟକୁ ଚ୍ୟାଲେଞ୍ଜ କରି ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଦାଏର କରିଥିବା ପିଟିଶନର ଅନୁଧ୍ୟାନ ପାଇଁ ସୁପ୍ରିମକୋର୍ଟ ଗ୍ରହଣ କରିଛନ୍ତି। ଅଭିଯୁକ୍ତ ଜଣକ ୧୨ ବର୍ଷୀୟା ପୀଡ଼ିତାଙ୍କ ପୋଷାକ ନ ଖୋଲି ଉପରୁ ଅଣ୍ଡାଳିଥିବାରୁ ପୋକ୍ସୋ ଆଇନରେ ଏହା ପ୍ରତ୍ୟକ୍ଷ ସ୍ପର୍ଶ ନୁହେଁ ଦର୍ଶାଇ ବମ୍ବେ ହାଇକୋର୍ଟ ଯୌନ ନିର୍ଯାତନା ମାମଲାରୁ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଥିଲେ। ଏହା ଶାରୀରିକ ସମ୍ପର୍କର ବିକୃତ ବ୍ୟାଖ୍ୟା ବୋଲି ଏନ୍‌ସିଡବ୍ଲ୍ୟୁ କହିଛନ୍ତି। ପୂର୍ବରୁ ସୁପ୍ରିମକୋର୍ଟ ଉକ୍ତ ରାୟ ଉପରେ ସ୍ଥଗିତାଦେଶ ଦେଇଛନ୍ତି ଓ ଅଭିଯୁକ୍ତ ଜେଲ୍‌ରେ ଥିବାରୁ ଆଉ ଏକ ପିଟିଶନ୍‌ର ଆବଶ୍ୟକତା କ'ଣ ବୋଲି

**ସୁପ୍ରିମକୋର୍ଟଙ୍କ ନୋଟିସ ଜାରି**

ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଖଣ୍ଡପୀଠ ଏନ୍‌ସିଡବ୍ଲ୍ୟୁ ପକ୍ଷରୁ ମାମଲା ଲଢୁଥିବା ଆଇନଜୀବୀ ଗୀତା ଲୁଥ୍ରାଙ୍କୁ ପ୍ରଶ୍ନ କରିଥିଲେ। ଆଇନର ଭୁଲ୍ ବ୍ୟାଖ୍ୟା କିମ୍ବା ଉପଯୁକ୍ତ ନ୍ୟାୟ ନ ମିଳିଲେ ଏନ୍‌ସିଡବ୍ଲ୍ୟୁ ଆଇନର ଧାରା ୧୦ ଅନୁଯାୟୀ ମହିଳା କମିଶନ କୋର୍ଟକୁ ଯାଇପାରିବ ବୋଲି ଲୁଥ୍ରା ଯୁକ୍ତି ବାଢ଼ିଥିଲେ। ଶାରୀରିକ ସମ୍ପର୍କର ଏଭଳି ବିକୃତ ବ୍ୟାଖ୍ୟାକୁ ଅନୁମତି ଦେଲେ ମହିଳାଙ୍କ ମୌଳିକ ଅଧିକାର ଗୁରୁତର ପ୍ରଭାବିତ ହେବ। ମହିଳାଙ୍କ ସ୍ୱାର୍ଥର ସୁରକ୍ଷା ବିଭିନ୍ନ ଆଇନର ଲକ୍ଷ୍ୟ ବୋଲି ଏନ୍‌ସିଡବ୍ଲ୍ୟୁ ପିଟିଶନରେ ଦର୍ଶାଯାଇଛି। ଏନ୍‌ସିଡବ୍ଲ୍ୟୁ ପିଟିଶନ ଉପରେ ସୁପ୍ରିମକୋର୍ଟ ମହାରାଷ୍ଟ୍ର ସରକାର ଏବଂ ଅଭିଯୁକ୍ତଙ୍କୁ ନୋଟିସ ଜାରି କରିଛନ୍ତି।

# ଚାଇନାର 'ପ୍ୟାକେଜ୍ ସମାଧାନ' ପ୍ରସ୍ତାବ

**ବେଜିଂ, ୧୦।୨(ପି.ଟି.)**

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ସ୍ଥାୟୀ ସଦସ୍ୟତା ପାଇଁ ଭାରତର ଉଦ୍ୟମକୁ ରୋକିଆସିଥିବା ଚାଇନା ବୁଧବାର ପୁଣିଥରେ ଏହାର ଆଭିମୁଖ୍ୟ ଦୋହରାଇଛି। ଜାତିସଂଘରେ ସମସ୍ତଙ୍କ ପାଇଁ ଗ୍ରହଣୀୟ ହେଲାଭଳି ଏକ ପ୍ୟାକେଜ୍ ସମାଧାନର ସୂତ୍ର ବାହାର କରିବା ପାଇଁ ବେଜିଂ ଆହ୍ୱାନ ଦେଇଛି। ଜାତିସଂଘ ସୁରକ୍ଷା ପରିଷଦ ପ୍ରସଙ୍ଗରେ ଦୁଇଦେଶ ମଧ୍ୟରେ ଆଲୋଚନାର ଦିନକ ପରେ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍ ୱେନ୍‌ବିନ୍ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ୟୁଏନ୍‌ଏସ୍‌ସିରେ ଚାଇନା ସ୍ଥାୟୀ ସଦସ୍ୟ ଥିବାବେଳେ ଭାରତ ଜାନୁୟାରୀ ୧ରୁ ଦୁଇବର୍ଷ ପାଇଁ ଅସ୍ଥାୟୀ ସଦସ୍ୟ ରହିଛି। ଅଗଷ୍ଟରେ ଭାରତ ଏହି ସଂଗଠନରେ ଅଧ୍ୟକ୍ଷତା କରିବ। ଭାରତ ସହ ଭର୍ଚୁଆଲ ଆଲୋଚନାରେ ବହୁପକ୍ଷୀୟବାଦ୍, ଶାନ୍ତି ରକ୍ଷା ଅଭିଯାନ ଏବଂ ଆତଙ୍କବାଦ ନିରୋଧୀ ପଦକ୍ଷେପ ଆଦି ସମ୍ପର୍କରେ ମତ ବିନିମୟ ହୋଇଥିବା ୱାଙ୍ଗ୍

**ୟୁଏନ୍‌ଏସ୍‌ସି ସ୍ଥାୟୀ ସଦସ୍ୟତା ପ୍ରସଙ୍ଗ**

କହିଛନ୍ତି। ୟୁଏନ୍‌ଏସ୍‌ସିରେ ସ୍ଥାୟୀ ସଦସ୍ୟତା ପାଇଁ ଭାରତର ଉଦ୍ୟମ ପରିପ୍ରେକ୍ଷୀରେ ବେଜିଂର ଆଭିମୁଖ୍ୟ ଅପରିବର୍ତ୍ତିତ ରହିଛି। ସୁରକ୍ଷା ପରିଷଦ ସଂସ୍କାରକୁ ଚାଇନା ସମର୍ଥନ କରେ, ଯେଉଁଥିରେ ଏହି ସଂଗଠନର କର୍ତ୍ତୃତ୍ୱ ଏବଂ ଦକ୍ଷତା ବୃଦ୍ଧି ପାଇବା ସହ ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ପ୍ରତିନିଧିତ୍ୱ ଓ ସ୍ୱର ବୃଦ୍ଧି ପାଇବ ବୋଲି ୱାଙ୍ଗ୍ କହିଥିଲେ। ଏହା ଯେତେଦୂର ସମ୍ଭବ ଗଣତାନ୍ତ୍ରିକ ବିଚାରବିମର୍ଶ ମାଧ୍ୟମରେ ହେବା ଆବଶ୍ୟକ। ସବୁ ପକ୍ଷଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାର ଏକ ପ୍ୟାକେଜ୍ ସମାଧାନ ସୂତ୍ର ବାହାର କରାଯିବା ଆବଶ୍ୟକ ବୋଲି ଚାଇନା ବହିର୍ବ୍ୟାପାର ମୁଖପାତ୍ର କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଏମ୍‌ଏସ୍‌ପି, ମଣ୍ଡି ...

ଫେରିବା ପ୍ରଶ୍ନ ଉଠୁନାହିଁ ବୋଲି କୃଷକ ସଙ୍ଗଠନଗୁଡ଼ିକ ସ୍ପଷ୍ଟ କରିଥିବାବେଳେ ବିରୋଧୀ ଦଳଗୁଡ଼ିକ ମଧ୍ୟ ଏହି ପ୍ରସଙ୍ଗ ଉଠାଉଛନ୍ତି। ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭ ହେବା ଦିନଠାରୁ ବିରୋଧୀ ଉଭୟ ଗୃହରେ କୃଷି ଆଇନ ପ୍ରତ୍ୟାହାର ଦାବି କରି ସରକାରଙ୍କୁ ଟାର୍ଗେଟ କରୁଥିବାବେଳେ ପ୍ରଧାନମନ୍ତ୍ରୀ ବୁଧବାର ଲୋକ ସଭାରେ ବିବୃତି ରଖିଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ନେଇ ଆଲୋଚନା ବେଳେ ମୋଦି କହିଛନ୍ତି, ସରକାର କୃଷକମାନଙ୍କୁ ସମ୍ମାନ କରନ୍ତି ଓ ଭବିଷ୍ୟତରେ ମଧ୍ୟ କରିବେ। ସରକାର ଓ କୃଷି ଆଇନ ବିରୋଧରେ ବିସ୍ତାର ହେଉଥିବା ଗୁଜବକୁ ସେମାନେ ଧ୍ୟାନ ଦିଅନ୍ତୁ ନାହିଁ। ଅଚଳାବସ୍ଥା ଦୂର କରିବା ଲାଗି ଚାଷୀମାନେ ବିନା କୌଣସି ଦ୍ୱିଧାରେ ଆଲୋଚନାକୁ ଆସନ୍ତୁ ବୋଲି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ମୋଦି ନଭେମ୍ବର ୨୬ରୁ ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଥିବା କୃଷକମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ, ସରକାର ସେମାନଙ୍କ ଯୁକ୍ତିସଙ୍ଗତ ପ୍ରସ୍ତାବଗୁଡ଼ିକୁ ସର୍ବାଧିକ ସମ୍ମାନ ଦେବେ। ସେମାନଙ୍କ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ପ୍ରସ୍ତାବଗୁଡ଼ିକୁ ଗ୍ରହଣ କରିବେ। କୃଷି କ୍ଷେତ୍ରରେ ସଂସ୍କାର ଆଣିବା ସମୟର ଆବଶ୍ୟକତା ହୋଇଥିବାରୁ ଏହି ଆଇନଗୁଡ଼ିକ ପାର୍ଲାମେଣ୍ଟରେ ଗୃହୀତ ହୋଇଛି। ଚାଷୀମାନେ ପୂର୍ବରୁ ପାଉଥିବା ସୁବିଧାଗୁଡ଼ିକୁ ଛଡ଼ାଇ ନିଆଯାଇଛି କି ବୋଲି ମୋଦି ପ୍ରଶ୍ନ କରିଥିଲେ। କହିଥିଲେ, କାହା ଉପରେ କଟକଣା ନାହିଁ। ଏହି ଆଇନଗୁଡ଼ିକ କୃଷକଙ୍କ ଅଭିବୃଦ୍ଧିରେ ପ୍ରତିବନ୍ଧକ ସାଜିବ ନାହିଁ। କୃଷି ଆଇନ ଇଚ୍ଛାଧୀନ, ଏହା ବାଧ୍ୟତାମୂଳକ ନୁହେଁ। ନୂଆ ଆଇନ ପୁରୁଣା ମଣ୍ଡିକୁ ବନ୍ଦ କରିବ ନାହିଁ କି ଏହାଦ୍ୱାରା ଏମ୍‌ଏସ୍‌ପିରେ ଉତ୍ପାଦିତ ସାମଗ୍ରୀ କ୍ରୟ ପ୍ରଭାବିତ ହେବ ନାହିଁ। ଆଇନ ଆସିବା ପରେ ମଣ୍ଡି କିମ୍ବା ଏମ୍‌ଏସ୍‌ପି ବନ୍ଦ ହୋଇନାହିଁ। ଆଗକୁ ମଣ୍ଡି ସଂଖ୍ୟା ବଢ଼ାଇବା ପାଇଁ ବଜେଟରେ ଧାର୍ଯ୍ୟ କରାଯାଇଛି। ପ୍ରଧାନମନ୍ତ୍ରୀ କହିଥିଲେ, ଚାଷୀମାନେ ଉକ୍ତ ଆଇନକୁ 'କଳା ଆଇନ' ଓ 'କୃଷକ ବିରୋଧୀ ଆଇନ' ଆନ୍ଦୋଳନ କରିବାକୁ ଆସିବା ପୂର୍ବରୁ ମଧ୍ୟ ସରକାର ସେମାନଙ୍କ ସହ ଅନେକ ପର୍ଯ୍ୟାୟରେ ଆଲୋଚନା କରିଥିଲେ। ସରକାର ଏବେ ମଧ୍ୟ ଖୋଲା ହୃଦୟରେ ସେମାନଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ। ମୋଦି ଭାଷଣ ଦେଉଥିବାବେଳେ ବିରୋଧୀ ଦଳଗୁଡ଼ିକ ହଟ୍ଟଗୋଳ କରିଥିଲେ। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ମୋଦି କହିଥିଲେ, ଏପରି ହୋହଲ୍ଲା ଆପଣଙ୍କୁ ଜନସମର୍ଥନ ହାସଲ କରିବାରେ ସହାୟକ ହେବ ନାହିଁ। କଂଗ୍ରେସ ଗୁଜବ ସୃଷ୍ଟି କରି କୃଷକମାନଙ୍କୁ ଭୁଲ୍ ବାଟରେ ପରିଚାଳିତ କରିବା ଅନୁଚିତ ବୋଲି ସେ ପରାମର୍ଶ ଦେଇଥିଲେ।


# classifieds

**Everyday**
**0674-2580101, 2549302**

**automobile**

### HIRE

JCB Machine Excavators 22T, 20T, 12T, 10T, 8T & loader- 2dX, 3dX,JCB Compactor, JCB loadall, TATA/ Eicher Bus available for sale and hire. Contact: 9556240228, 9937292015. Email: kttbbsr@gmail.com. D-19804

**real estate**

### SALE

**Bhubaneswrରୁ 8K.M. Bhingarpur Oxford College, Sudhananda School ପାଖରେ sqft. 550/- residential plot ବିକ୍ରିହେବ। 6372824177, 9437707745.** D-70161

**ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640.** D-70160

**Pipili Highway Colonyରେ ପିଚୁରୋଡ୍‌କୁ ଲାଗି sqft.-799 Hanspal- 750 ଦିଆଯାଉଅଛି। 9437522338, 8328995545.** D-19781

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70185

**6,00,000/- ଟଙ୍କା ଦେଇ Bhubaneswar new Railway station ସାମ୍ନାରେ ଘରବାରି ପ୍ଲଟ୍ କିଣନ୍ତୁ। First possession/ registration. 9937349112.** D-70163

**Laxmi Sagar station ଠାରୁ 300mtr ଦୂରରେ residential plot sqft. 3550/- ରେ ବିକ୍ରିହେବ। 9937366406, 6370621085** D-70178

### PURCHASE

**Want to purchase firmhouse land in Big patches around Bhubaneswar/ Cuttack/ Jajpur. Interested land owner may contact- 7656070001, 8249139982.** D-70175

Wanted second hand 1/2/3/4BHK flats in Bhubaneswar for marketing. 6371090682. D-68269

**construction**

**For construction only in your plot inside Bhubaneswar area, contact MRC- 9937064680.** D-27287

**healthcare**

Swarna SPA newly open positively health benefits with expert therapist. 9556978408. D-70519

Newly open Spa offer @ 799/-, Positively health benefits, Jayadevbihar, 7846814019. D-59977

New opening Saikrupa Panchakarma and SPA jointpain, fullbody massage, 8984068077. D-65910

Zen salon and SPA positively health benefits with expert therapeutic & genuinely massage appointment. 7205084157. D-70520

**business**

SMS sending କାମକରି ଯୁବକ/ ଯୁବତୀ, ଗୃହିଣୀମାନେ ମାସିକ 12000-35000 + Laptop + Mobile + other facilities free (Part/ full time). 9667693638, 9667693639. D-70521

ପାତଞ୍ଜଳି ଆୟୁର୍ବେଦ କମ୍ପାନୀ ପାଇଁ (ପାର୍ଟ/ଫୁଲ୍ ଟାଇମ୍) SMS Sending କାମ କରି ଯୁବକ/ଯୁବତୀ ମାସିକ 18,000/-ରୁ 45,000/- ରୋଜଗାର କରନ୍ତୁ। ମୋବାଇଲ + ଲାପ୍‌ଟପ୍ + ପ୍ରିଣ୍ଟର ଫ୍ରି। 9135091047. D-70528

### AFFIDAVIT

By virtue of an affidavit I, Smrutirekha Rana, D/o. Dambarudhara Rana, solemnly affirm that consequent upon my marriage with Deepak Kumar Nanda, I have changed my surname from Rana to 'Nanda'. Henceforth, I shall be known as Smrutirekha Nanda for all purposes. D-19912

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ମୁଖ୍ୟତଃ ଅର୍ଥ ସଂଗ୍ରହର ପ୍ରଚେଷ୍ଟା ଫଳବତୀ ହେବ, କିନ୍ତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ସାଙ୍ଗକୁ ବନ୍ଧୁ ମହଲରେ ପ୍ରଶଂସାର ପାତ୍ର ହେବେ। ନିଜ ପରିସରରେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ନିଜର ଦକ୍ଷତା ପ୍ରତିପାଦନ କରି କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ବୃଷ** – ଆଜି ଏଭଳି ଜଣେ ବ୍ୟକ୍ତିଙ୍କ ସାହାଯ୍ୟ ପାଇବେ ଯାହା ଆପଣ ଆଦୌ କଳ୍ପନା କରି ନ ଥିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ କିନ୍ତୁ ସମସ୍ୟା ଲାଗି ରହିବ। ଆକସ୍ମିକ ଭାବରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ। ପର କଥାକୁ ବିଶ୍ୱାସ କରି ନିଜ ଲୋକଙ୍କୁ ସନ୍ଦେହ କରିପାରନ୍ତି।

**ମିଥୁନ** – ଆଜି ସକାଳର ଯାତ୍ରା ପ୍ରୀତିପ୍ରଦ ରହିବ। ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବର ପାଇ ଖୁସି ଅନୁଭବ କରିବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ଅଟକି ରହିଥିବା କାମ ଆରମ୍ଭକରିବାକୁ ମନ ବଳାଇ ସଫଳ ହେବେ। କାମରେ କିଛିଟା ସମସ୍ୟା ଦେଖାଦେବ।

**କର୍କଟ** – ଅଯାଚିତ ଭାବେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଧୈର୍ଯ୍ୟ, ସାହସ ଓ ଦକ୍ଷତା ହେତୁ କର୍ମକ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ପାରିବାରିକ, ପ୍ରଶାସନ, ପ୍ରକାଶନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ସିଂହ** – ଧୈର୍ଯ୍ୟର ସହ ସମୟକୁ ଅପେକ୍ଷା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ଅନ୍ୟମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। କର୍ମକ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। ବନ୍ଧୁଙ୍କଠାରୁ କୌଣସି କଥା ଶୁଣି ମନ ଉଲ୍ଲାସରେ ଭରିଯିବ।

**କନ୍ୟା** – ଆଜି ସକାଳୁ ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ସେଥିରେ ଶୁଭଫଳ ପାଇବେ। ଅସାବଧାନତା କାରଣରୁ ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ। ଅଫିସରେ ଥିବା ସମୟରେ କୌଣସି ବ୍ୟକ୍ତିଙ୍କଠାରୁ ଶୁଭଖବର ପାଇ ଉଲ୍ଲସିତ ହେବେ। ବନ୍ଧୁଗହଣରେ ମିଥ୍ୟା ଭାଷଣରୁ ସମାଲୋଚିତ ହେବେ।

**ତୁଳା** – ପରିବାର ଭିତରେ କେତେକ ଅକୁହା କଥା ମନକୁ ବାରମ୍ବାର ଆଲୋଡ଼ିତ କରିପାରେ। ନିଜ ଲୋକଙ୍କ ସାଧାରଣ କଥାରେ ଉତ୍‌କ୍ଷିପ୍ତ ହୋଇପାରନ୍ତି। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ନିକଟସ୍ଥ ବ୍ୟକ୍ତି ବିଶେଷଙ୍କଠାରୁ ଶ୍ରଦ୍ଧା, ଆଦର ପାଇ ନିଜକୁ ଗର୍ବିତ ମନେ କରିବେ।

**ବିଛା** – କେତେକ ପାରିବାରିକ ସମସ୍ୟା ହେତୁ ମନଟା ଚହଲି ଯାଇପାରେ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। କଠୋର ଶ୍ରମଜନିତ ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହୋଇପାରେ। ଅପରାହ୍ନରେ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**ଧନୁ** – ଶାରୀରିକ ଅବସ୍ଥାରେ କିମ୍ବା ପାରିବାରିକ କ୍ଷେତ୍ରରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ନିଜର ଲୋକପ୍ରିୟତା କାରଣରୁ ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେବେ। ଆଜିର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି କିମ୍ବା କାମ ହାସଲ କରିପାରନ୍ତି।

**ମକର** – ଆଜି ବନ୍ଧୁମାନଙ୍କ ଦ୍ୱାରା ରାଜକୀୟ ସମ୍ମାନ ପାଇବେ। ଆଜିର ବିଳମ୍ବିତ ସମୟରେ ଲକ୍ଷ୍ୟସ୍ଥଳରେ ଉପସ୍ଥିତ ହୋଇପାରିବେ। ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ି ହୋଇଯିବ। ଘର ଲୋକଙ୍କ ଅନୁରୋଧରେ ମନୋରଞ୍ଜନ ଜିନିଷ କ୍ରୟ କରିପାରନ୍ତି। କାର୍ଯ୍ୟସିଦ୍ଧି ସାଙ୍ଗକୁ ସମ୍ପର୍କୀୟଙ୍କ ସହ ସମ୍ପର୍କ ସ୍ଥାପନ କରି ଉପକୃତ ହେବେ।

**କୁମ୍ଭ** – ସମ୍ପୂର୍ଣ୍ଣ ଭାବେ ସନ୍ତୋଷ ସିନା ଆସିବ ନାହିଁ, ମାତ୍ର ମନ ଏକପ୍ରକାର ଖୁସି ରହିବ। ଆଜିର କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ସାମୟିକ ପ୍ରତିବନ୍ଧକ ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବ୍ୟବସାୟ, ବାଣିଜ୍ୟ, ପ୍ରଶାସନିକ ସ୍ତରରେ ସଫଳତା ହାସଲ କରି ଖୁସି ହେବେ।

**ମୀନ** – ସର୍ବଦା ବାସ୍ତବବାଦୀ ଚିନ୍ତାଧାରା ଓ ନିଜେ ଭଲ ନୀତିରେ ଚଳିବା କାରଣରୁ ସମାଲୋଚିତ ହେବେ। ଇଚ୍ଛା ନ ଥାଇ ଦୂର ସ୍ଥାନ ଯିବାକୁ ବାଧ୍ୟ ହେବେ। ମନକଥା ମନରେ ରଖି ନ ପାରି ବନ୍ଧୁଙ୍କୁ କହିଦେବା ଫଳରେ କିଛି ସମସ୍ୟା ଆସିପାରେ। ଆଜିର ଯାତ୍ରା, ବ୍ୟବସାୟ, ଆଲୋଚନା ଓ ସଭାସମିତିରେ ସଫଳତା ହାସଲ କରିବେ।

ଆଜି ମାଘ ମାସର ତ୍ରିବେଣୀ ଅମାବାସ୍ୟା ଗୁରୁବାର, ମାସାନ୍ତ, ବିରଜାଦେବୀଙ୍କ ଜନ୍ମୋତ୍ସବ, କରମଳା ପୀଠରେ ଭକ୍ତ ସମ୍ମିଳନୀ, ଠାକୁର ଶ୍ରୀଅଭିରାମ ପରମହଂସଙ୍କ ଜୟନ୍ତୀ, ଡ. ରାଧାନାଥ ରଥଙ୍କ ତିରୋଧାନ ଦିବସ, ଫେବୃୟାରୀ ୧୧ ତାରିଖ, ରାଶି ନକ୍ଷତ୍ର-ଦିବା ଘ.୦୨।୦୫ ପର୍ଯ୍ୟନ୍ତ, ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୬।୨୧ ଗତେ ଘ.୦୭।୫୨ ମଧ୍ୟେ, ଘ.୧୦।୫୩ ଗତେ ଘ.୦୧।୦୮ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୧।୨୫ ଗତେ ଘ.୦୨।୫୦ ମଧ୍ୟେ ରାହୁକାଳ।

# ଏଣିକି ସବୁଦିନ ଦାରୁଦିଅଁ ଦର୍ଶନ

## ଆନନ୍ଦବଜାରରେ ମହାପ୍ରସାଦ ସେବନକୁ ଅନୁମତି

ପୁରୀ ଅଫିସ,୧୦।୨

ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥାରେ ଥିବା କଟକଣାକୁ କୋହଳ କରାଯାଇଛି। ବୁଧବାର ଏନେଇ ନୂଆ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଅର (ଏସ୍‌ଓପି) ଜାରି ହୋଇଛି। ନୂତନ ଏସ୍‌ଓପି ଅନୁଯାୟୀ ଏଣିକି ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ସବୁଦିନ ଦାରୁଦିଅଁଙ୍କ ଦର୍ଶନ କରିପାରିବେ। ପୂର୍ବରୁ ରବିବାର ସାଧାରଣ ଦର୍ଶନ ବନ୍ଦ ରହୁଥିଲା। ମାତ୍ର ନୂଆ ଏସ୍‌ଓପିରେ ଏହି କଟକଣାକୁ ହଟାଇ ଦିଆଯାଇଛି। ଏବେଠାରୁ ପ୍ରତ୍ୟେକ ରବିବାର ମଧ୍ୟ ସାଧାରଣ ଦର୍ଶନ ହେବ। ଆସନ୍ତା ରବିବାର ମହାପ୍ରଭୁଙ୍କର ପଦ୍ମବେଶ ପଡୁଥିବାବେଳେ ଶ୍ରଦ୍ଧାଳୁମାନେ ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରିପାରିବେ। ସେହିଭଳି ଆନନ୍ଦବଜାରରେ ମହାପ୍ରସାଦ ସେବନ ଲାଗି ଅନୁମତି ମିଳିଛି। ନୂଆ ଏସ୍‌ଓପି ଆସନ୍ତା ୧୨ତାରିଖରୁ ଲାଗୁ ହେବ। ବୁଧବାର ସନ୍ଧ୍ୟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୂଆ ଏସ୍‌ଓପି ସଂକ୍ରାନ୍ତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।



- କେବଳ ସିଂହଦ୍ୱାର ଦେଇ ପ୍ରବେଶ କରିହେବ
- ପଦ୍ମବେଶ ଦର୍ଶନର ସୁଯୋଗ ପାଇବେ ଭକ୍ତ
- ପଲିଥିନ ମନା, ଛେପ ପକାଇଲେ ଜରିମାନା

ଏହି ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବିସ୍ତୃତ ସୂଚନା ଦେଇ କହିଛନ୍ତି, ଶ୍ରୀମନ୍ଦିର ପରିସରରେ ଦୀପ ବିକ୍ରି ଓ ପ୍ରଜ୍ୱଳନକୁ ମଧ୍ୟ ଅନୁମତି ଦିଆଯାଇଛି। ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ସ୍ଥାନରେ ଶ୍ରଦ୍ଧାଳୁମାନେ ଦୀପ ଦାନ କରିବେ। ଶ୍ରଦ୍ଧାଳୁମାନେ କେବଳ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିବେ। ସିଂହଦ୍ୱାର ବ୍ୟତୀତ ଅନ୍ୟ ଯେକୌଣସି ଦ୍ୱାର ଦେଇ ବାହାରକୁ ଆସିବେ। ଜୋତା, ମୋବାଇଲ ଆଦି ଷ୍ଟାଣ୍ଡରେ ରଖିଥିବା ଲୋକେ ଉତ୍ତର ଦ୍ୱାର ଦେଇ ବାହାରିଲେ ସେମାନଙ୍କୁ ଶ୍ରୀମନ୍ଦିର ଜୋତାଷ୍ଟାଣ୍ଡ ପାଖ ହେବ। ଏଣିକି ସାଧାରଣ ଦର୍ଶନ ବନ୍ଦ ପରେ ରାତ୍ର ସମୟରେ ସପ୍ତାହକୁ ୩ଥର ଶ୍ରୀମନ୍ଦିର ପରିସର ସାନିଟାଇଜ କରାଯିବ। ବ୍ୟାରିକେଡ୍ ଖୋଲାଯାଇଥିବାରୁ ଏଥର ଶ୍ରୀମନ୍ଦିର ମୁଖ୍ୟ ବ୍ୟାରିକେଡ୍‌ଠାରୁ କେବଳ ଧାଡ଼ି ଦର୍ଶନ ହେବ। ଜୋତାଷ୍ଟାଣ୍ଡର ବିପରୀତ ଦିଗରେ ଥିବା ବ୍ୟାରିକେଡ୍‌ଠାରୁ ଦର୍ଶନ ପାଇଁ ଧାଡ଼ି ହେବ। ଶ୍ରଦ୍ଧାଳୁମାନେ ସାଙ୍ଗରେ ପଲିଥିନ ନେଇ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ। ଏଭଳି କରୁଥିବା ବ୍ୟକ୍ତି ଶହେ ଟଙ୍କା ଜରିମାନା ଦେବେ। ଶ୍ରୀମନ୍ଦିର ପରିସରରେ ପାନ, ଗୁଟ୍‌ଖା ଖାଉଥିଲେ କିମ୍ବା ଛେପ ପକାଉଥିଲେ ୧ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ଶ୍ରୀମନ୍ଦିର ଭିତରେ ଥିବା ଦେବଦେବୀଙ୍କ ମୂର୍ତ୍ତି କିମ୍ବା କୀର୍ତ୍ତିରାଜିକୁ ସ୍ପର୍ଶ ନ କରିବା ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେଇଛି। କୋଭିଡ୍ କଟକଣାକୁ ମାନି ଶ୍ରଦ୍ଧାଳୁମାନେ ଦର୍ଶନ କରିବେ। ଏଣିକି ସକାଳ ୬ଟାରୁ ସାଧାରଣ ଦର୍ଶନ ଆରମ୍ଭ ହେବ। ପୂର୍ବରୁ ସକାଳ ୬ରୁ ୭ଟା ପର୍ଯ୍ୟନ୍ତ କେବଳ ପୁରୀ ସହରବାସୀଙ୍କୁ ଦର୍ଶନ ମିଳିବା ନେଇ ନିୟମ ଥିବା ବେଳେ ନୂଆ ଏସ୍‌ଓପିରେ ଏହାକୁ ହଟାଇ ଦିଆଯାଇଛି।

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

## ସୀମାନ୍ତ ଗ୍ରାମରେ ଆନ୍ଧ୍ରର ନିର୍ବାଚନ ପ୍ରକ୍ରିୟାକୁ ବିରୋଧ

କଟକ ଅଫିସ୍, ୧୦।୨

ଓଡ଼ିଶାର ସୀମାନ୍ତ କୋରାପୁଟ ଜିଲାର କୋଟିଆ ପଞ୍ଚାୟତ ଅନ୍ତର୍ଗତ ୩ଟି ଗ୍ରାମ ତଳଗଞ୍ଜେଇପଦର, ଫଗୁଣ ସିନେରୀ ଓ ଫାଟୁସିନେରୀରେ ଆନ୍ଧ୍ରପ୍ରଦେଶ ସରକାର ପଞ୍ଚାୟତ ନିର୍ବାଚନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ୩ଗୋଟି ଗ୍ରାମକୁ ଆନ୍ଧ୍ରପ୍ରଦେଶ ସରକାର ବିଜୟନଗରମ୍‌ର ସାଲୁର ମଣ୍ଡଳ ଅନ୍ତର୍ଗତ ଦର୍ଶାଇ ଭୋଟର ତାଲିକା ପ୍ରକାଶ କରିଛି। ଏଠାରେ ଆସନ୍ତା ୧୩ ଓ ୧୭ ତାରିଖରେ ନିର୍ବାଚନ ହେବ। ଓଡ଼ିଶା ସରକାରଙ୍କ ଅବହେଳା ଯୋଗୁ ଏପରି ଘଟଣା ଘଟୁଛି। ତୁରନ୍ତ ଓଡ଼ିଶା ସରକାର ଏହି ନିର୍ବାଚନକୁ ବନ୍ଦ କରିବା ସହ ଆନ୍ଧ୍ରପ୍ରଦେଶ ସରକାରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ପାଇଁ ବୁଧବାର ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ଏହି ମାମଲାରେ ଗୃହ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଶାସନସଚିବ ଏବଂ ଗଞ୍ଜାମ, ଗଜପତି ଓ କୋରାପୁଟ ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। କୋଟିଆରେ ଆନ୍ଧ୍ରର ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟାକୁ ବିରୋଧ କରି ସୁପ୍ରିମକୋର୍ଟରେ ରିଟ୍ ଫାଇଲ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ଆଇନ ବିଭାଗ ପକ୍ଷରୁ ମଙ୍ଗଳବାର ଶିବଶଙ୍କର ମିଶ୍ରଙ୍କୁ ଆଡ୍‌ଭୋକେଟ ଅନ୍ ରେକର୍ଡ(ଏଓଆର୍) ନିଯୁକ୍ତ କରାଯାଇଛି।

ଆବେଦନକରୀ ଦର୍ଶାଇଛନ୍ତି ଯେ, ଆନ୍ଧ୍ର ସୀମାନ୍ତରେ ଥିବା ଓଡ଼ିଶାର ତିନିଗୋଟି ଜିଲା କୋରାପୁଟ, ଗଞ୍ଜାମ ଓ ଗଜପତିର ପ୍ରାୟ ୫୮ଟି ଗ୍ରାମରେ ଆନ୍ଧ୍ର ପକ୍ଷରୁ ଭୋଟର ତାଲିକା ପ୍ରସ୍ତୁତ କରାଯିବା ସହ ଭୋଟର ପରିଚୟ ପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ପ୍ରଶାସନିକ ଅବହେଳା ପାଇଁ ଆନ୍ଧ୍ର ସରକାର ଏପରି ସାହସ କରିପାରୁଛି। ନବୀନ ପଟ୍ଟନାୟକଙ୍କ ୨୦ବର୍ଷ ମୁଖ୍ୟମନ୍ତ୍ରୀ କାଳରେ ଏବେ ରାଜ୍ୟ ୫୮ଟି ଗ୍ରାମକୁ ହରାଇବାକୁ ଯାଉଛି। ଉକ୍ତ ସୀମାନ୍ତବର୍ତ୍ତୀ ଗ୍ରାମର ଲୋକଙ୍କୁ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଆଇନରେ ବିପିଏଲ୍ ପରିବାର ତାଲିକାଭୁକ୍ତ କରିଥିଲେ ମଧ୍ୟ ସେମାନଙ୍କୁ ରାଶନ ସାମଗ୍ରୀ, ବାର୍ଦ୍ଧକ୍ୟ, ବିଧବା ଓ ଅନ୍ୟାନ୍ୟ ଭତ୍ତା ମଧ୍ୟ ପ୍ରଦାନ କରାଯାଉ ନାହିଁ। ତେଣୁ ଏହାର ସୁଯୋଗ ନେଇ ଆନ୍ଧ୍ର ସରକାର ଉକ୍ତ ଗ୍ରାମର ଲୋକମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଯୋଗାଇବା ସହ ସେମାନଙ୍କୁ ନିଜ ରାଜ୍ୟର ନିର୍ବାଚନରେ ଭାଗ ନେବାପାଇଁ ପ୍ରଚେଷ୍ଟା କରୁଛନ୍ତି। ତେଣୁ ସୀମାନ୍ତବର୍ତ୍ତୀ ଜିଲାରେ ଯେପରି ଆନ୍ଧ୍ର ସରକାରଙ୍କ ପକ୍ଷରୁ ନିର୍ବାଚନ ପରିଚାଳନା କରାଯାଇପାରିବ ନାହିଁ, ସେନେଇ ତୁରନ୍ତ ପଦକ୍ଷେପ ଓଡ଼ିଶାର ସରକାର ନେବା ପାଇଁ ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ପ୍ରାର୍ଥନା କରିଛନ୍ତି।

## କୋଟିଆରେ ନିର୍ବାଚନ ନୂଆ ନୁହେଁ: ଆନ୍ଧ୍ର ବିଧାୟକ



**ଭୁବନେଶ୍ୱର:** ବିବାଦୀୟ କୋଟିଆ ପଞ୍ଚାୟତର ୩ ଗ୍ରାମରେ ଆନ୍ଧ୍ରପ୍ରଦେଶ ସରକାର ପଞ୍ଚାୟତ ନିର୍ବାଚନ କରିବାକୁ ବିରୋଧ କରି ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଆଡ୍‌ଭୋକେଟ ଅନ୍ ରେକର୍ଡ ନିଯୁକ୍ତ କରାଯାଇଛି। ଖୁବ୍ ଶୀଘ୍ର ଏନେଇ ମାମଲା ରୁଜୁ ହେବାକୁ ଥିବାବେଳେ ବୁଧବାର ଆନ୍ଧ୍ରପ୍ରଦେଶ ସରକାରଙ୍କ ସାଲୁର ବିଧାୟକ ରଜନ୍ନା ଦୋରା କୋଟିଆରେ ନିର୍ବାଚନ ନୂଆ କଥା ନୁହେଁ ବୋଲି ମତ ପ୍ରକାଶ କରିଛନ୍ତି। ଦୋରାଙ୍କ ଏହି ମନ୍ତବ୍ୟ ପରେ ଏହି ବିବାଦ ଏବେ ନୂଆ ମୋଡ଼ ନେଇଛି। ୱାଇଏସ୍ ଆର୍ କଂଗ୍ରେସ ବିଧାୟକ ଦୋରା କହିଛନ୍ତି ଯେ, ୧୯୫୩ରେ ଆନ୍ଧ୍ରପ୍ରଦେଶ ମାଡ୍ରାସ ପ୍ରୋଭିନ୍ସରୁ ଅଲଗା ହୋଇ ସ୍ୱତନ୍ତ୍ର ରାଜ୍ୟ ହୋଇଥିଲା। ସେବେଠାରୁ କୋଟିଆରେ ଆନ୍ଧ୍ରପ୍ରଦେଶ ସରକାର ନିର୍ବାଚନ କରି ଆସୁଛନ୍ତି। ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଦଶନ୍ଧି ଧରି ସୀମା ବିବାଦ ଲାଗି ରହିଛି। ହେଲେ ପଞ୍ଚାୟତ ନିର୍ବାଚନ କରିବାରେ କୌଣସି ବିବାଦ ପୂର୍ବରୁ ଦେଖାଯାଇ ନାହିଁ ବୋଲି ଦୋରା କହିଛନ୍ତି।

# ୨ଶହ ବର୍ଷ ପରେ ବେଲାଦୁଲାରେ ଛାତଘର

- ପରମ୍ପରା, ଅନ୍ଧବିଶ୍ୱାସକୁ ପଛରେ ପକାଇଲେ ଲୋକେ
- ଦୂର ହେଲା ମା'ଙ୍କ କୋପ ଭୟ, ହୁଳହୁଳିରେ କମ୍ପିଲା ଗାଁ
- ବ୍ଲକ ପ୍ରଶାସନର ଉଦ୍ୟମକୁ ସବୁଆଡ଼ୁ ଉଚ୍ଚ ପ୍ରଶଂସା

ଆଠମଲ୍ଲିକ,୧୦।୨(ଡି.ଏନ.ଏ.)

ଗାଁରେ କୋଠାଘର ନିର୍ମାଣ ହେଉଥିଲେ ମଧ ଛାତ ପଡୁ ନ ଥିଲା। ମା' ରକ୍ତମାଉଳୀଙ୍କ କୋପର ଶିକାର ହେବା ଭୟରେ କିଏ ଟାଇଲ ଛପର କରୁଥିଲେ ତ ଆଉ କିଏ ଆଜବେଷ୍ଟସ ପକାଇ ପୂର୍ବ ପରମ୍ପରା, ଅନ୍ଧବିଶ୍ୱାସକୁ ଆହୁରି ଆଗକୁ ନେଉଥିଲେ। ଫଳରେ ସ୍ୱଚ୍ଛ ଭାରତଠାରୁ ଆବାସ ଯାଏ କୌଣସି ଯୋଜନାର ସୁଫଳ ଏଠି ମିଳୁ ନ ଥିଲା। ହେଲେ ଉପଖଣ୍ଡ ଓ ବ୍ଲକ ପ୍ରଶାସନର ଅବିରତ ଉଦ୍ୟମ ପରେ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ବେଲାଦୁଲା ଗାଁରେ ବୁଧବାର ପ୍ରଥମ କରି କୋଠାଘରେ ଛାତ ପକାଯାଇଛି। ୨ଶହ ବର୍ଷର ରୋଗ, ଦୁଃଖ ଓ ମୃତ୍ୟୁ ଭୋଗିବା ଭୟକୁ ମନରୁ ଦୂର କରି ଅନେକ ପରିବାର ଆତ୍ମବିଶ୍ୱାସର ସହ ଆଗେଇ ଆସି ଗାଁ କୋଠଘର ଛାତପକା କାର୍ଯ୍ୟରେ ସାମିଲ ହୋଇଛନ୍ତି। ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟଙ୍କ ଉପସ୍ଥିତିରେ ହରିବୋଲ, ହୁଳହୁଳିରେ ଗାଁର ପ୍ରଥମ ଛାତ ଘର ନିର୍ମାଣ ହୋଇଥିବାରୁ ବ୍ଲକ ପ୍ରଶାସନକୁ ଲୋକେ ଉଚ୍ଚ ପ୍ରଶଂସା କରିଛନ୍ତି।



ବେଲାଦୁଲା ଗାଁ କୋଠଘରର ଛାତ ପକାଯାଉଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବେଲାଦୁଲା ଓ ଫକୀରପୁରକୁ ରକ୍ତମାଉଳୀ ମାଟିର ଗାଁ ବୋଲି କୁହାଯାଉଛି। ମା' ରକ୍ତମାଉଳୀଙ୍କୁ ଛାତ ଘରେ ପୂଜା କରାଯାଉ ନାହିଁ। ତେଣୁ ଛାତ ଘର ମା'ଙ୍କ ପସନ୍ଦ ନୁହେଁ ଓ କେହି ଏହାକୁ ଅମାନ୍ୟ କଲେ ରୋଗ, ଦୁଃଖ ସହ ମୃତ୍ୟୁର ଭୟ ମାଡ଼ି ଆସିବ ବୋଲି ପୂର୍ବରୁ ବିଶ୍ୱାସ ରହିଆସିଥିଲା। ଅତୀତର ଅନେକ ଅଘଟଣକୁ ଲୋକେ ଏହି ବିଶ୍ୱାସ ସହ ଯୋଡ଼ିଥିବାରୁ କୋଠାଘରେ ଛାତ ପକା ନ ଯିବା ଏଠାକାର ପରମ୍ପରାରେ ପରିଣତ ହୋଇଯାଇଥିଲା। ଏହି କାରଣରୁ ସ୍କୁଲ, ଅଙ୍ଗନୱାଡ଼ି, କୋଠଘର ଆଦିରେ ଛାତ ପକାଯାଉ ନ ଥିଲା। ଇନ୍ଦିରା ଆବାସ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି କାର୍ଯ୍ୟକାରୀ ହୋଇପାରୁ ନ ଥିଲା। ଏପରି କି ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ଉପରେ ମଧ ଛାତ ପଡୁ ନ ଥିଲା। ଲୋକଙ୍କ ମନରୁ ସେହି ଅନ୍ଧବିଶ୍ୱାସ ଦୂର କରିବାକୁ ଏକ ବର୍ଷ ହେଲା ବ୍ଲକ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଥିଲା। ବାରମ୍ବାର ଗାଁରେ ବୈଠକ କରାଯାଇ ବୁଝାଯାଉଥିଲା। କିଛି ଲୋକ ମନରୁ ଭୟ ଦୂର କରି ଛାତ ପକାଇବାକୁ ପ୍ରସ୍ତୁତ ଥିବା କହିବା ପରେ ପ୍ରଥମେ ଗାଁ କୋଠଘରର ଛାତ ପକାଯାଇଥିଲା। ବହୁ ସଂଖ୍ୟାରେ ମହିଳା ପୁରୁଷ ଏଥିରେ ସହଯୋଗ କରିଥିଲେ। କେତେଜଣ ଖଳ ପ୍ରକୃତିର ଲୋକ ଭୟ ଖେଳାଇବାକୁ ମଙ୍ଗଳବାର ରାତିରେ ଗ୍ରାମରେ ଥିବା ଜଗନ୍ନାଥଙ୍କୁ ଚୋରାଇ ନେଇଥିଲେ। ହେଲେ ଏହାର ପ୍ରଭାବ ପଡ଼ି ନ ଥିଲା। ବାବା ନିରଞ୍ଜନ ଦାସ କୋଠଘର ଛାତରେ ପ୍ରଥମେ ସିମେଣ୍ଟ ଢାଳିବା ବେଳେ ହରିବୋଲ, ହୁଳହୁଳି ପକାଇ ଲୋକେ ଏହାକୁ ସ୍ୱାଗତ କରିଥିଲେ। ବିଡିଓ ଆଚାର୍ଯ୍ୟ କହିଛନ୍ତି, ଗ୍ରାମବାସୀଙ୍କ ସହଯୋଗରୁ ଏପରି କାର୍ଯ୍ୟ ସମ୍ଭବ ହୋଇଛି। ଏଣିକି ଗ୍ରାମବାସୀ ନିଜ ନିଜ ଘରେ ଛାତ ପକାଇ ପାରିବେ। ଗାଁର ୨୭ ପରିବାରକୁ ବ୍ଲକ ପକ୍ଷରୁ ଇନ୍ଦିରା ଆବାସ ଯୋଗାଇ ଦିଆଯାଇଛି। ଏହି ସମସ୍ତ ବ୍ୟକ୍ତି ଘର ନିର୍ମାଣ କରିବା ସହ ଛାତ ପକାଇବେ।

## ଗାଁକୁ ପଶି ଆସିଥିବା ହରିଣକୁ ମାରିଦେଲେ

**ହାଟଡିହି,୧୦।୨(ଡି.ଏନ.ଏ.):** କେନ୍ଦୁଝର ଜିଲା ହଦଗଡ଼ ଅଭୟାରଣ୍ୟରୁ ଚଞ୍ଚଳପଡ଼ା ଗାଁକୁ ପଶି ଆସିଥିବା ଏକ ହରିଣକୁ ମାରି ଦିଆଯାଇଥିବା ଅଭିଯୋଗ ହୋଇଛି। ବନ ବିଭାଗ ସେହି ଗ୍ରାମର ପଞ୍ଚାନନ ବେହେରାଙ୍କୁ ଗିରଫ କରିଥିବା ବନଖଣ୍ଡ ଅଧିକାରୀ ସୁମିତ ମହାନ୍ତି କହିଛନ୍ତି। ବିଭାଗ ପକ୍ଷରୁ ମାମଲା (ନଂ. ଓଆର୬୬ଏଚ୍/୨୦୨୦-୨୧) ରୁଜୁ ହୋଇଛି। ହରିଣଟି ଚଞ୍ଚଳପଡ଼ା ଗାଁକୁ ପଶି ଆସିଥିବା ବେଳେ ପଞ୍ଚାନନ କୁରାଢ଼ିରେ ଆକ୍ରମଣ କରିଥିଲେ। ଫଳରେ ହରିଣଟି ମରିଯାଇଥିଲା। ବନଖଣ୍ଡ ଅଧିକାରୀ ମହାନ୍ତି ଓ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହରିଣ ମୃତଦେହ ଜବତ କରିଥିଲେ।



ପାରାଦୀପ ବନ୍ଦର ପିଆଇସିଟି(ପାରାଦୀପ ଇଣ୍ଟର ନ୍ୟାଶନାଲ କାର୍ଗୋ ଟର୍ମିନାଲ) ବର୍ଥରୁ ତୈଳ ବିଶୋଧନାଗାର ଯାଏ ବିଶାଳ କାର୍ଗୋ ଓଡିସି(ଓଭର ଡିମେନଶନ କନସିଗମେଣ୍ଟ)କୁ ବୁଧବାର ସ୍ଥାନାନ୍ତର କରାଯାଇଛି। ଏହାର ଓଜନ ୩୫୨୨ ମେଟ୍ରିକ ଟନ। ଏଥିପାଇଁ ବେଳାଭୂମି ରାସ୍ତାରେ ଥିବା ଆଲୋକୀକରଣ ବିଦ୍ୟୁତ ଖୁଣ୍ଟଗୁଡ଼ିକୁ ହଟାଯାଇଛି।


**P.G. DEPARTMENT OF GEOLOGY**
**Fakir Mohan University, Nuapadhi, Balasore-756089, Odisha (India)**
**Advertisement for Project Fellow**

Letter No. FMU/GEO/74/2021 Date:09.02.2021

A walk-in interview will be conducted for one temporary position of Project Fellow under S&T Research Project of Govt. of Odisha on 17.02.2021 at 12 Noon at the Dept. of Geology, Fakir Mohan University, Vyasa Vihar, Nuapadhi. For details the candidates are advised to visit the Fakir Mohan University website: http://fmuniversity.nic.in.

Sd./- Dr. Nandita Mahanta
Principal Investigator
Department of Geology



**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India

No: PL-I&S/2021/ 1419 Date : 06-02-2021

NOTICE

| To | Present Address | Permanent Address |
|---|---|---|
| Shri Mangar Nath Badaik | Qrs. No.A/135 | At : Purnapani |
| Pl.No. 204007 | Sector : 4 | PO : Purnapani |
| Senior Operative | Rourkela | District : Sundargarh |
| Blast Furnaces(Opn) | Dist : Sundergarh Odisha : 769002 | Odisha: 770035 |

Please be informed that chargesheet has been issued to you vide No.PL-I&S/2020/2580 dated 17/12/2020 under clause 28(v) of Standing Orders of the company for alleged misconduct of habitual absence from duty without leave in different spells between 01/01/2020 and 11/12/2020 (309 days). The Chargesheet was sent at your present and permanent addresses by Registered Post with A/D, but returned without service and hence, this notice.

You are hereby called upon to submit your written explanation to the undersigned within 10 days from the date of publication of this notice. If you fail to reply or deny the charge within the stipulated period, you are advised to appear before Ms. Aniketa V Singh, Deputy Manager (Personnel) Welfare & Canteen at her office in Welfare Section, Ground Floor, Personnel Department, Administrative Building, Rourkela Steel Plant, Rourkela on 04-03-2021 at 10:30 AM along with your documents/ witnesses and Co-worker if you so desire, for an enquiry to be conducted. If you fail to attend the enquiry on the date, time & place fixed, the enquiry shall proceed in your absence without further reference to you.

For Steel Authority of India Limited,
Rourkela Steel Plant, Rourkela
(B.C.Mallick)
AGM, Blast Furnaces(Opn)

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

*There's a little bit of SAIL in everybody's life*


# ଆମ୍ବୁଲାନ୍ସ-ଟ୍ୟାଙ୍କର ଧକ୍କା: ରୋଗୀ ମୃତ, ୪ଗୁରୁତର

**ବାରିପଦା ଅଫିସ/ ବାଙ୍ଗିରିପୋଷି, ୧୦।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣି ଘାଟିରେ ବୁଧବାର ଅପରାହ୍ନରେ ୧୦୮ ଆମ୍ବୁଲାନ୍ସ ଓ ଟ୍ୟାଙ୍କର ମୁହାଁମୁହିଁ ଧକ୍କା ହେବାରୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗୋରୁମହିଷାଣୀ ଥାନା କୁଲଡ଼ିହା ଗ୍ରାମର ବୁଦ୍ଧୁ ମୁଣ୍ଡା(୫୫)। ଆହତ ଅବସ୍ଥାରେ ତାଙ୍କ ସ୍ତ୍ରୀ ସୁମିତ୍ରା (୪୫), ପୁଅ ଶମ୍ଭୁନାଥ (୨୫), ସାନଭାଇ ସୁରୁ (୪୫) ଓ ରାଇରଙ୍ଗପୁର ସାନଶିଳା ଗ୍ରାମର ଆମ୍ବୁଲାନ୍ସ ଚାଳକ ଯତୀନ୍ଦ୍ର ମହାନ୍ତ (୪୨)ଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡ଼ିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ବୁଦ୍ଧୁ ଅସୁସ୍ଥ ଥିବାରୁ ମଙ୍ଗଳବାର ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିଲେ। ତେବେ ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବାରିପଦା ପିଆର୍‌ଏମ୍ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଉଥିଲା। ଦ୍ୱାରଶୁଣି ଘାଟିର ବୁଲାଣି ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ୟାଙ୍କର ସହିତ ଆମ୍ବୁଲାନ୍ସର ଧକ୍କା ହୋଇଥିଲା। ଖବରପାଇ ପୋଲିସ ସେଠାରେ ପହଞ୍ଚି ମୃତାହତଙ୍କୁ ଉଦ୍ଧାର କରିଥିଲା।

# ଟିପ୍ପର ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ

**ଚଢ଼େଇଧରା/ଧର୍ମଶାଳା, ୧୦।୨(ଡି.ଏନ.ଏ.):** ଯାଜପୁର ଜିଲା ଜେନାପୁର ଥାନା ଅଧୀନ ୫୩ ଜାତୀୟ ରାଜପଥର ଚଢ଼େଇଧରା ତଳଛକଠାରେ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟିପର ଧକ୍କାରେ ସ୍କୁଟିରେ ଯାଉଥିବା ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ମହିସରା ପଞ୍ଚାୟତ ଡଙ୍କାରୀ ଗ୍ରାମର ଗୋଲେଖ ଚନ୍ଦ୍ର ସାହୁ(୫୫) ଓ ତାଙ୍କ ସ୍ତ୍ରୀ କନକଲତାସାହୁ(୫୦)। ଉଭୟ ବ୍ୟାଙ୍କ ଯାଇ ଘରକୁ ଫେରୁଥିଲେ। ଏହିସମୟରେ ପଛ ପଟୁ ଏକ ଟିପର ଗାଡ଼ି (ନଂ.ଓଆର-୦୯-କେ-୫୯୭୭)ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ତେବେ ଏହି ରାସ୍ତାରେ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରି କି କିଛି ସମୟ ପାଇଁ ଗାଡି ଚଳାଚଳ ବନ୍ଦ ରହିଥିଲା। ଖବରପାଇ ଜେନାପୁର ପୋଲିସ ପହଞ୍ଚି ଗାଡ଼ି ଚଳାଚଳ ସ୍ୱାଭାବିକ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପରେ ପୋଲିସ ଉଭୟ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।


**GOVERNMENT OF ODISHA**
**OFFICE OF THE PANCHAYAT SAMITI, BELPARA, BOLANGIR**
**INVITATION TENDER CALL NOTICE**
**Bid Identification No.P1/2021**

No.01 Date: 08.02.2021

Sealed tenders are invited for following projects from registered contractor with valid class 'C' and 'D' licence for carrying out the work.

| Sl. No. | Location | Name fo the work | Est. cost (in Rs.) | Amount put to tender (in Rs.) | Cost of tender paper (Non-refundable) (in Rs.) | Bid security EMD 1% (in Rs.) | Period of completion | Class of contractor |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Belpara | Construction of Sub-Center Building at BELPARA Block for the year 2020-21. | 2000000.00 | 1393150.00 | 6000.00 | 14000.00 | 6 (Six) calendar months | 'C' & 'D' class |

The bid documents consisting of plans, specification, the schedule of quantities and the set of terms and conditions of contract and other necessary document will be available in the office of the undersigned during office hours everyday except on Sunday & public holidays till last date of sale and receipt of tender paper. The sale of the tender document shall start from **Dt.08.02.2021 to Dt.22.02.2021** during **11.00 A.M. to 4.00 P.M.** except on Sunday & Govt. holidays and will also be available in the district website: **http://Ballangir.nic.in**.

**Sd./- Block Development Officer, Belpara**

ଆଗ ତୁମେ ନିଜକୁ ପରିବର୍ତ୍ତନ କର। ତା'ପରେ ଦେଖିବ ଯେ, ପରିସ୍ଥିତି ମଧ୍ୟ ବଦଳି ଯାଇଛି। ... ଯେଉଁ ଚେତନା ତୁମ ଭିତରେ ଓ ତୁମ ଉପରେ କାର୍ଯ୍ୟ କରୁଛି– ତାହା ଆଡକୁ ନିଜକୁ ଖୋଲି ଧର। ପାରୁପର୍ଯ୍ୟନ୍ତ ସର୍ବଦା ସ୍ଥିର ଓ ପ୍ରଶାନ୍ତ ରୁହ। –ଶ୍ରୀମା



# ବିଶ୍ୱତାପନ ଓ ପଶୁପାଳନ



ମାନେକା ଗାନ୍ଧୀ

ସବୁ ଦୁଃଖଯନ୍ତ୍ରଣାର ମୂଳ କାରଣ ହେଉଛି ମଣିଷ ଏବଂ ତାହା ତାକୁ ହିଁ ସହିବାକୁ ପଡିବ। ଏହା ହେଉଛି ଈଶ୍ୱରଙ୍କର,ବିଶ୍ୱ କିମ୍ବା ପ୍ରକୃତିର ଏକ କଠୋର ନିୟମ। ଧନୀ ହେଉ କିମ୍ବା ଗରିବ, ପୃଥିବୀରେ କେହି ଜଣେ ସୁଖୀ କି? ଏହି ନିୟମକୁ ହିନ୍ଦୁମାନେ କହନ୍ତି କର୍ମର ନିୟମ। ଅର୍ଥାତ୍ ସବୁ ତତ୍ତ୍ୱର ମୂଳ ହେଉଛି କର୍ମ ଓ ଏହା ଅନୁସାରେ ଫଳ ଭୋଗ କରିବାକୁ ହୁଏ ବୋଲି ଏମାନଙ୍କର ବିଶ୍ୱାସ। କିନ୍ତୁ ଅନ୍ୟ ସବୁ ଧର୍ମ ଏହାକୁ ଅସ୍ୱୀକାର କରନ୍ତି। ଦୁଃଖ ବା ଯନ୍ତ୍ରଣାର ପ୍ରଥମ ତଥା ମୂଳ କାରଣ ହେଉଛି ଆମ ଖାଦ୍ୟଶୈଳୀ। ଦ୍ୱିତୀୟଟି ହେଉଛି ଟଙ୍କା, ଘର, ଗାଡ଼ି ଓ ବସ୍ତ୍ରାଦି ପାଇବାର କାମନା। ଏହି ଦୁଇଟି ଏ ପୃଥିବୀକୁ ଧ୍ୱଂସ କରୁଛି। କିନ୍ତୁ ପ୍ରଥମେ ଧ୍ୱଂସଲୀଳା ଆରମ୍ଭ ହେଉଛି ଆମ ଖାଦ୍ୟରୁ।

କିଭଳି ଦୁଃଖଚକ୍ର ସୃଷ୍ଟି ହୋଇଛି ତାହା ଲକ୍ଷ୍ୟ କରନ୍ତୁ। ଆମେ ମାଂସ ଖାଇବାକୁ ପ୍ରାଣୀଙ୍କୁ ପାଳିଥାଉ,ଯେଉଁମାନେ ଜଳବାୟୁ ପରିବର୍ତ୍ତନରେ ପ୍ରମୁଖ ଭୂମିକା ନେଉଛନ୍ତି। ଏହା ଏବେ ସାରା ପୃଥିବୀରେ ଭୟଙ୍କର ରୂପ ନେଇଛି, ଯାହା ଦେଶଗୁଡ଼ିକୁ ଗ୍ରାସ କରିବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଅଷ୍ଟ୍ରେଲିଆରେ ମାସ ମାସ ଧରି ଜଙ୍ଗଲ ଜଳୁଛି। ଦୀର୍ଘଦିନ ଧରି ଭୀଷଣ ବର୍ଷା ଯୋଗୁ ପଙ୍ଗପାଳ ବଂଶ ବୃଦ୍ଧି ହୋଇ ଆଫ୍ରିକା ଓ ଏସିଆରେ ବିପର୍ଯ୍ୟୟ ଘଟାଉଛନ୍ତି। ଏହି ଦୁଇଟି ଦୃଷ୍ଟାନ୍ତକୁ ବାଦ୍ ଦେଲେ ଏବେ ଜଳବାୟୁ ପରିବର୍ତ୍ତନର ଏକ ନୂଆ କାରଣ ଦେଖାଯାଇଛି। ଏହା ପୂର୍ବରୁ ଥିଲା। କିନ୍ତୁ ଏବେ ଗବେଷଣା କରାଯିବା ପରେ ଏ ସମ୍ପର୍କରେ ପ୍ରକାଶ କରାଯାଇଛି। ଆମେ ଗୋପାଳନ କରୁଛୁ ସତ, ହେଲେ ଗୋରୁଙ୍କୁ ଅତି ଦୟନୀୟ ଅବସ୍ଥାରେ ଘରେ ବନ୍ଦ କରି ରଖୁଛୁ। ସେମାନେ ଚଳପ୍ରଚଳ ହୋଇ ନ ପାରି ଗୋବର ଉପରେ ଠିଆ ହୋଇ ରହନ୍ତି। କ୍ଷୀର ଧାରଣ କ୍ଷମତା ତଥା ମାଂସ ବୃଦ୍ଧି ପାଇଁ ସେମାନଙ୍କୁ ହର୍ମୋନ ଦିଆଯାଏ। ସେମାନଙ୍କୁ ଲଗାତର କୃତ୍ରିମ ଉପାୟରେ ଗର୍ଭଧାରଣ କରାଯାଇଥାଏ ଏବଂ ଖରାପ ଖାଦ୍ୟ ଦିଆଯାଏ। ଫଳସ୍ୱରୂପ ସେମାନେ ରୋଗଗ୍ରସ୍ତ ହୋଇଯାଆନ୍ତି। ଭାରତରେ ଅଧିକାଂଶ ଗୋରୁ ମାଷ୍ଟିଟିସ, କ୍ୟାନ୍ସର, ଯକ୍ଷ୍ମା, ଖୁରା ଏବଂ ମୁଖରୋଗ ସହ ଅନ୍ୟ ରୋଗରେ ପୀଡିତ ହୁଅନ୍ତି। ରୋଗଗ୍ରସ୍ତ ଗାଈର କ୍ଷୀର କିମ୍ବା ମାଂସ ଖାଇଲେ ମଣିଷଙ୍କୁ ଏହି ସବୁ ରୋଗ ହେବା ନିଶ୍ଚିତ।

କାର୍ବନ ଡାଇଅକ୍ସାଇଡ୍, ମିଥେନ୍ ଏବଂ ନାଇଟ୍ରସ ଅକ୍ସାଇଡ– ଏହି ତିନୋଟି ଗ୍ୟାସ୍ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି କରିବା ସହ ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ। ଏମାନଙ୍କ ମଧ୍ୟରୁ ମିଥେନ ସବୁଠୁ ବିପଜ୍ଜନକ, କାର୍ବନ ଡାଇଅକ୍ସାଇଡ ନୁହେଁ। ବିଶ୍ୱତାପନ ବୃଦ୍ଧି କରିବାରେ କାର୍ବନ ଡାଇଅକ୍ସାଇଡଠାରୁ ମିଥେନ ୨୪ ଗୁଣ ଶକ୍ତିଶାଳୀ। ମିଥେନ ତିନୋଟି ଉତ୍ସ କୋଇଲା,ଚାଉଳ ଉତ୍ପାଦନ ଏବଂ ପଶୁପାଳନରୁ ଆସିଥାଏ। ପୃଥିବୀକୁ ଧ୍ୱଂସ କରିଦେବା ଲାଗି ଭାରତ, ଚାଇନା ଏବଂ ବ୍ରାଜିଲରୁ ନିର୍ଗମନ ମିଥେନ ଯଥେଷ୍ଟ ହେବ ବୋଲି ଜଣାପଡିଛି। ପ୍ରତିଦିନ ଗୋଟିଏ ଗାଈ ୬୦୦ ଲିଟର ମିଥେନ ବାୟୁମଣ୍ଡଳକୁ ଛାଡେ। ମାଂସ ପାଇଁ ପାଳନ କରାଯାଉଥିବା ଘୁଷୁରି,ଛେଳି,କୁକୁଡ଼ା ଏବଂ ଅନ୍ୟ ସମସ୍ତ ସୁସ୍ଥ ତୃଣଭୋଜୀ ପ୍ରାଣୀମାନେ ବିଭିନ୍ନ ପରିମାଣର ମିଥେନ ନିର୍ଗତ କରନ୍ତି। କିନ୍ତୁ ପୃଥିବୀର ଅଧିକାଂଶ ପଶୁ ତ ରୁଗ୍‌ଣ। ଯନ୍ତ୍ରଣା ଭୋଗୁଥିବା କୁକୁଡ଼ାଙ୍କ ଠାରୁ ଆରମ୍ଭ କରି ଗାଈ ଏବଂ ମଇଁଷି ସବୁ ରୁଗ୍‌ଣ। ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ,ରୁଗ୍‌ଣ ପଶୁ ଅଧିକ ମିଥେନ ବାୟୁମଣ୍ଡଳକୁ ଛାଡ଼ିଥାଆନ୍ତି। ପରିବେଶ ଓ ମିଥେନର ଏକ ଭୟଙ୍କର ଚକ୍ର ସେମାନେ ଗବେଷଣାରେ ବି ଦେଖିବାକୁ ପାଇଛନ୍ତି। ଯେଉଁଠାରେ ମିଥେନ ଗ୍ୟାସ୍ ନିର୍ଗମନ ହୁଏ ତାହା ସେହି ଅଞ୍ଚଳ ସହ ପୃଥିବୀର ତାପମାତ୍ରା ବୃଦ୍ଧି କରିଥାଏ। ବାୟୁମଣ୍ଡଳର ତାପମାତ୍ରା ଯେତେ ବଢ଼ିବ ରୋଗସୃଷ୍ଟିକାରୀ ଜୀବାଣୁ ସେତେ ଶୀଘ୍ର ବ୍ୟାପିବ। ଏହାଦ୍ୱାରା ଅସୁସ୍ଥ ପଶୁଙ୍କ ସଂଖ୍ୟା ବୃଦ୍ଧିପାଇବ। ସଂକ୍ଷେପରେ ରୁଗ୍‌ଣ ଗାଈ ପୃଥିବୀକୁ ରୁଗ୍‌ଣ କରୁଛନ୍ତି ଏବଂ ଏକ ରୁଗ୍‌ଣ ପୃଥିବୀ ଗାଈଙ୍କୁ ଆହୁରି ରୋଗଗ୍ରସ୍ତ କରିପକାଉଛି। ଏହାକୁ ନିୟନ୍ତ୍ରଣ କରିବାକୁ କେବଳ ଗୋଟିଏ ବାଟ ରହିଛି। ବିଶ୍ୱତାପନରୁ ମୁକ୍ତି ପାଇବା ସହ ବଞ୍ଚିବାକୁ ଯଦି ଚାହୁଁଛ, ତେବେ ଗୋରୁ ଓ ମଇଁଷିଙ୍କ ସଂଖ୍ୟା କମାଇବାକୁ ପଡ଼ିବ। ମାଂସ ରପ୍ତାନି ଏବଂ ଖାଇବା ବି ବନ୍ଦ କରିବାକୁ ହେବ।

ପଶୁମାନଙ୍କୁ ଭଲରେ ରଖିବାକୁ ମଣିଷ ଏକ ଉତ୍ତମ ପନ୍ଥା ପାଇବ ବୋଲି ତୁମେ ସବୁବେଳେ ଯୁକ୍ତି ବାଢ଼ିପାର, କିନ୍ତୁ କ୍ଷୀର ଓ ମାଂସର ଉଦ୍ୟୋଗୀକରଣ ତାହା କେବେ ବି ହେବାକୁ ଦେବନାହିଁ। ଭାରତର ଯେକୌଣସି ସ୍ଥାନରେ ପଶୁପାଳନ ମନ୍ତ୍ରଣାଳୟର ହସ୍ପିଟାଲ ନାହିଁ କି ଔଷଧ ବ୍ୟବସ୍ଥା ନାହିଁ। ରୁଗ୍‌ଣ ପଶୁଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉନାହିଁ। ଅପରପକ୍ଷେ କୃତ୍ରିମ ଉପାୟରେ ଗାଈ କିମ୍ବା ମଇଁଷିଙ୍କୁ ଗର୍ଭଧାରଣ କରାଇବା ପାଇଁ ବିପୁଳ ଅର୍ଥ ରହିଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି କି, ପଶୁମାନଙ୍କ ରୋଗ ଦୂର କରିବା ନିମନ୍ତେ ମନ୍ତ୍ରଣାଳୟର କୌଣସି ଯୋଜନା ନାହିଁ। କେବଳ ମନ୍ତ୍ରଣାଳୟ ପଶୁଙ୍କ ସଂଖ୍ୟା ବଢ଼ାଇବା ଲାଗିଛି। ବାଛୁରୀ ପାଇଁ ଗୋଟିଏ ଗାଈ ବର୍ଷକୁ ଥରେ କୃତ୍ରିମ ଉପାୟରେ ଗର୍ଭଧାରଣ କରିଥାଏ, ଯାହାଦ୍ୱାରା ସେ ଧୀରେ ଧୀରେ ଦୁର୍ବଳ ହୋଇଚାଲେ। ତା'ର ଯତ୍ନ ଠିକ ଭାବେ ନିଆଯାଏନାହିଁ, କମ୍ ଓ ଖରାପ ଖାଦ୍ୟ ଦିଆଯାଏ, ମଇଳା ହାତରେ କ୍ଷୀର ଦୁହାଁଯାଏ। ଏଭଳି ଅବସ୍ଥାରେ ଗାଈ କେବେ ବି ସୁସ୍ଥ ରହିବ ନାହିଁ। ଗାଈ ଅସୁସ୍ଥ ରହିଲେ ତା'ପାକସ୍ଥଳୀରେ ପ୍ରଚୁର ମିଥେନ ଗ୍ୟାସ୍ ସୃଷ୍ଟି ହୁଏ ଓ ତାହା ନିର୍ଗତ ହୋଇ ବାୟୁମଣ୍ଡଳରେ ମିଶେ। ଏମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ନା ସରକାର କିଛି ଭଲ ବାଟ ପାଉଛନ୍ତି ନା ଆମେ ଗୋ ବଂଶ ବୃଦ୍ଧି ବନ୍ଦ କରିପାରୁଛୁ। କିଛି ହୋଇପାରୁନାହିଁ।

ଟ୍ରେଣ୍ଡସ୍ ଇନ୍ ଇକୋଲୋଜି ଆଣ୍ଡ୍ ଇଭୋଲ୍ୟୁଶନ ଜର୍ନାଲରେ ଏଜେନେଓ୍ୱା ଏବଂ ତାଙ୍କ ସାଥୀ ଗବେଷକମାନେ ସଂକ୍ରାମକ ରୋଗ, ପଶୁପାଳନ ଏବଂ ଜଳବାୟୁ ମଧ୍ୟରେ ଥିବା ଏକ କ୍ଷତିକାରକର ଚକ୍ର ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ମିଥେନ ଗ୍ୟାସ୍ ନିର୍ଗମନ କରିବାରେ ବେଶ୍ ଜଣାଶୁଣା ତଥା ସାଧାରଣ ଭାବେ ଅଧିକ ବ୍ୟାପୁଥିବା ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟିନାଲ ୱର୍ମ ଏବଂ ମାଷ୍ଟିଟିସ ଭଳି ବ୍ୟାକ୍ଟେରିଆଜନିତ ସଂକ୍ରମଣଗୁଡ଼ିକ ଉପରେ ଏମାନେ ଗବେଷଣାରେ ଧ୍ୟାନ ଦେଇଥିଲେ। ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟିନାଲ ୱର୍ମ ସଂକ୍ରମଣରେ ଗାଈ ପେଟ ଗୋଲମାଲ ହେବା ସହ ଅଧିକ ମିଥେନ ଗ୍ୟାସ ସୃଷ୍ଟି ହୋଇଥାଏ। ନିକଟରେ କରାଯାଇଥିବା ଏକ ଆକଳନ ଅନୁଯାୟୀ ପ୍ରତିବର୍ଷ ପାଳିତ ପଶୁଙ୍କ ସଂଖ୍ୟା ୨.୭% ବୃଦ୍ଧି ହେଉଛି। ଏଭଳି ବୃଦ୍ଧି ଆଗକୁ ଏକ ଦଶନ୍ଧିରେ ୨୦% ମିଥେନ ନିର୍ଗମନ ବଢାଇଦେବ ବୋଲି କୁହାଯାଇଛି। କିନ୍ତୁ ଗବେଷକମାନେ ଯେତେବେଳେ ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟିନାଲ ୱର୍ମର ପ୍ରଭାବ ଓ ଏହି ଅନୁପାତକୁ ନେଇ ଅନୁଧ୍ୟାନ କଲେ ସେତେବେଳେ ମିଥେନ ନିର୍ଗମନ ୮୨% ଅର୍ଥାତ୍ ୪ଗୁଣ ବୃଦ୍ଧି ପାଇବା ଲକ୍ଷ୍ୟ କରିଥିଲେ। ଏହା ତ କେବଳ ଗୋଟିଏ ରୋଗର କଥା। ତେବେ ପଶୁମାନଙ୍କର ପ୍ରତ୍ୟେକ ରୋଗ ମିଥେନ୍ ନିର୍ଗମନ ବୃଦ୍ଧିକରେ ବୋଲି ଗବେଷଣାରୁ ଜଣାପଡିଛି। ଅନ୍ୟ ଏକ ଗବେଷଣାରୁ ସ୍ପଷ୍ଟ ହୋଇଛି ଯେ, ରୋଗଗ୍ରସ୍ତ ପଶୁଙ୍କ ଦ୍ୱାରା ଅଧିକ ମିଥେନ ସୃଷ୍ଟି ହୋଇଥାଏ। ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟିନାଲ ୱର୍ମରେ ସଂକ୍ରମିତ ମେଣ୍ଢାମାନେ ଅଣ ସଂକ୍ରମିତ ମେଣ୍ଢାଙ୍କ ତୁଳନାରେ ସେମାନେ ଖାଉଥିବା ପ୍ରତି ଏକ କେ.ଜି. ଖାଦ୍ୟରୁ ୩୨%ରୁ ଊର୍ଦ୍ଧ୍ୱ ମିଥେନ ଏବଂ ଗାଈଙ୍କ କ୍ଷେତ୍ରରେ ମାଷ୍ଟିଟିସ୍ ପହ୍ନାକୁ ସଂକ୍ରମିତ କରି ପ୍ରତି କିଲୋଗ୍ରାମ୍ କ୍ଷୀରରେ ୮% ଅଧିକ ମିଥେନ ଉତ୍ପନ୍ନ କରିଥାଏ।

ପ୍ରାଣୀକଲ୍ୟାଣ ସହ ଜଡିତ କୃଷି ମଧ୍ୟ ମିଥେନ ନିର୍ଗମନ କ୍ଷେତ୍ରରେ ପ୍ରମୁଖ ଭୂମିକା ନିଏ, ଯାହା ଉପରେ ତୁରନ୍ତ ଧ୍ୟାନ ଦେବା ଦରକାର। ତାପମାତ୍ରା ବୃଦ୍ଧି ଯୋଗୁ ବହୁ ରୋଗର ବ୍ୟାପକତା ପ୍ରକାଶପାଉଛି,ଯାହା ପଶୁମାନଙ୍କୁ ରୁଗ୍‌ଣ କରିବା ସହ ବିପତ୍ତି ମୁହାଁ କରାଇଛି। ଏହାର କାରଣ, ପୃଥିବୀର ଉତ୍ତପ୍ତ ଜଳବାୟୁ। ଏହା ଜୀବାଣୁଗୁଡ଼ିକର ବଂଶବୃଦ୍ଧିରେ ସହାୟକ ହେଉଛି। ଉତ୍ତପ୍ତ ପରିବେଶରେ ମାଷ୍ଟିଟିସ୍ ସଂକ୍ରମଣ କରୁଥିବା ବ୍ୟାକ୍ଟେରିଆର ଆଣ୍ଟିବାୟୋଟିକ୍ସ ପ୍ରତିରୋଧ ଶକ୍ତି ସୃଷ୍ଟି ହେଉଛି। ଏମାନଙ୍କ ବଂଶ ବୃଦ୍ଧି ଘଟୁଛି। ଚିକିତ୍ସା ମାଧ୍ୟମରେ ପଶୁରୋଗ କମାଇବା, ପ୍ରାଣୀ ଏବଂ ପୃଥିବୀ ଉପରୁ ବୋଝ କମାଇବାର ପ୍ରୟାସ କରାଯାଉଛି କି? ପଶୁମାନଙ୍କୁ ଏଭଳି ଧ୍ୱଂସକାରୀ ପରିବେଶ ତଥା ରୋଗର ପଞ୍ଝାରୁ ମୁକ୍ତ କରିବା ଲାଗି କୌଣସି ବାଟ ଅଛି କି? ନା। କେବଳ ଗୋଟିଏ ବାଟ ରହିଛି, ଯେଉଁଥିରେ ମାଂସ ଏବଂ ଦୁଗ୍ଧଜାତୀୟ ଖାଦ୍ୟ ଖାଇବା ବନ୍ଦ କରିବାକୁ ହେବ।

Email: gandhim@nic.in

## ଗାଁ ଅବଧାନ



ଅଲେଖ ଚନ୍ଦ୍ର ସାମଲ

ଚାଟଶାଳୀ ଆଉ 'ଅବଧାନ'ଙ୍କ କଥା କହିଲେ ଆମକୁ ପୁରୁଣା ଦିନକୁ ଫେରି ଯିବାକୁ ହେବ। ସ୍ୱାଧୀନତା ପୂର୍ବ ଏବଂ ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରସାର ଘଟି ନ ଥିବା ବେଳେ ଅବଧାନ ହିଁ ଥିଲେ ସମସ୍ତଙ୍କ ଦୃଷ୍ଟିରେ ଯେମିତି ମାନ୍ୟ, ସେମିତି ଗୁଣୀ, ଜ୍ଞାନୀ ମଧ୍ୟ। ହୁଏତ ସେ ଦିନର ଚାଟଶାଳୀରେ ଅବଧାନଙ୍କ ପାଠପଢ଼ା। ଆଜିର ପିଲାମାନଙ୍କୁ ଅପସନ୍ଦ ଲାଗୁଥାଇପାରେ, କିନ୍ତୁ ସେତେବେଳର ପରିସ୍ଥିତିରେ ଲୋକ ବିଦ୍ୟାକୁ ଘରେ ଘରେ ପହଞ୍ଚାଇବାରେ ଅବଧାନଙ୍କର ଭୂମିକା ଥିଲା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଅଷ୍ଟାଦଶ ଶତାବ୍ଦୀ ସୁଦ୍ଧା ପୁରାଣ ଶାସ୍ତ୍ର ବ୍ୟତିରେକେ ଗଣିତ, ଜ୍ୟୋତିଷ ଓ ସାହିତ୍ୟ କ୍ଷେତ୍ରରେ ଲୋକଙ୍କୁ ଜ୍ଞାନର ପ୍ରସାରିତ ଦିଗରେ ଆଗେଇ ନେବା ପାଇଁ ଓଡ଼ିଶାରେ ଯେଉଁ ଚିନ୍ତାଶୀଳ ଗୋଷ୍ଠୀ ଅଭ୍ୟୁଦୟ ହୋଇଥିଲା– ସେମାନଙ୍କ ମଧ୍ୟରେ ଥିଲେ ଖଡ଼ିବଂଶ ଅବଧାନ, ମାଟିବଂଶ ଅବଧାନ ଓ ଖଡ଼ିରତ୍ନ ବା ମାଟିଆ ନାହକ।

ଏହି ଅବଧାନେ ଗାଁ ଗହଳିରେ ଛୋଟଛୋଟ ପିଲାଙ୍କୁ ବ୍ରହ୍ମା-ବିଷ୍ଣୁ-ମହେଶ୍ୱର ଠୁ ଆରମ୍ଭ କରି ପଣକିଆ ବର୍ଣ୍ଣବୋଧ ପୋଥି ବା ପୁରାଣପଢ଼ା, ଚିଠି ଲେଖା ଚାଣକ୍ୟ ଶ୍ଳୋକ ଓ ହିସାବ ପତ୍ର ଶିଖାଇବା ଯାଏ ଗଣିତ ଏବଂ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଶିକ୍ଷାଦାନ କରୁଥିଲେ। ବାପା ଓ ମା'ଙ୍କ ପରେ ଅବଧାନ ଥିଲେ ପିଲାଙ୍କୁ ମଣିଷ କରିବାର ଜଣେ ପ୍ରମୁଖ ତଥା ଦାୟିତ୍ୱବାନ ବ୍ୟକ୍ତି। ଅବଧାନମାନେ ଅନେକ ଶାସ୍ତ୍ର ମୁଖସ୍ତ କରିଥାନ୍ତି। ଅନେକସ୍ଥଳେ ଅସମୟରେ ଲୋକଙ୍କୁ ତୁଟୁକା ଚେରମୂଳି ଔଷଧ ଦେଇ ଆରୋଗ୍ୟ କରାଉଥିଲେ। ଗାଁରେ ଅବଧାନଙ୍କୁ ସମ୍ମାନ କହିଲେ ନ ସରେ। ଯେଉଁଦିନ ପିଲା ବିଦ୍ୟା ଅନୁକୂଳ କରିବ, ସେଦିନ ପିଲାର ପରିବାର ପକ୍ଷରୁ ଅବଧାନଙ୍କ ପାଖକୁ ପଠାଯିବ ଶ୍ରଦ୍ଧା ଡାଲା। ଆଉ ଏହି ଡାଲାରେ ଥିବ ଚାଉଳ ଓ ପରିବାପତ୍ର। କେତେକ ଧନୀ ଓ ଚଳିବା ବାଲାଲୋକ, ସେମାନଙ୍କର ପିଲାଙ୍କୁ ପାଠ ପଢ଼ାଇବା ନେଇ ଅବଧାନଙ୍କୁ ଆଣି ଗାଁରେ ରଖୁଥିଲେ। ଆଉ ଅବଧାନେ ମଧ୍ୟ ଗାଁ ଲୋକଙ୍କ ସହ ମିଶି ସାରା ଜୀବନ ସେଠାରେ ହିଁ ରହି ଯାଉଥିଲେ। କୁହାଯାଏ – ଯେଉଁମାନେ ଅବଧାନର ଛାଟ ପାହାର ଖାଇଛନ୍ତି, ସେମାନଙ୍କର ଜୀବନ ସାର୍ଥକ ହୋଇଛି ଓ ସେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଛନ୍ତି। ବର୍ତ୍ତମାନ ସମୟରେ ଅବଶ୍ୟ ଅବଧାନର ଛାଟ ଅପ୍ରାସଙ୍ଗିକ ଲାଗିପାରେ। କିନ୍ତୁ ସମାଜରେ ମଣିଷ ତିଆରିରେ ସେମାନଙ୍କର ଛାଟ ଅତୀତରେ ଲୋକଙ୍କୁ ମାର୍ଗଦର୍ଶନ କରିଆସୁଥିଲା।

ଗଣିତ ଓ ଜ୍ୟୋତିଷଙ୍କୁ ଖଡ଼ି ବିଦ୍ୟାରେ ନ୍ୟସ୍ତ କରିବାରେ ଖଡ଼ିରତ୍ନଙ୍କ କାର୍ଯ୍ୟ ଥିଲା ସମାଜ ଅଭିପ୍ରେତ। ଏହା ପଛରେ ସାମାଜିକ ସ୍ୱୀକୃତି ରହିଥିଲା। ଖଡ଼ି ପକାଇ ଅବଧାନେ କହିଦେଇ ପାରୁଥିଲେ ଲୋକଙ୍କ ଜିଜ୍ଞାସାର ଉତ୍ତର। ଖଡ଼ିଶାସ୍ତ୍ର ଥିଲା ଅନୁମାନର ଗଣିତ। ଖଡ଼ିରତ୍ନଙ୍କ ଅଙ୍କକଷାର ଏକ କାବ୍ୟିକ ଦୃଷ୍ଟାନ୍ତ ହେଲା – ଖନି ପଢ଼ିବା ଅଙ୍କ ତଳେ ଥୋଇ ବତିଶେ ପୁଣି ଷାଠିଏ ମିଶାଇ। ସାତରେ ହରିଲେ ଅଂଶ ରହିବ, ବିଚାରି କାର୍ଯ୍ୟ ଭଲମନ୍ଦ ଜାଣିବ, ଏକ ରହିଲେ ରାଜୁସି ସମ୍ପଦ, ଦୁଇ ରହିଲେ ବ୍ୟାଧି କି ପ୍ରମାଦ। ତିନି ରହିଲେ ଗଲା ଦ୍ରବ୍ୟ ପାଇ, ଚାରି ରହିଲେ ଶତ୍ରୁ ନପୀଡ଼ଇ। ପାଞ୍ଚ, ଛ' ରହିଲେ ହରଇ ଧନ, ସପ୍ତେ ଅଇରି କରଇ ନିଧନ। ତେଣୁ ଅବଧାନଙ୍କ ଦ୍ୱାରା ପାଠପଢ଼ା, ଜ୍ୟୋତିଷ ଶାସ୍ତ୍ର, ଖଡ଼ିପାଠ– ସବୁକିଛି ସଂପାଦିତ ହେଉଥିଲା ପୂରାକାଳରେ। ଅବଧାନଙ୍କୁ ନେଇ ଓଡ଼ିଆ ଢଗ ଢମାଳିରେ ଅଛି – 'ଅବଧାନେ ଛାମୁଁ ବିଲେଇ ତୁମର ମାମୁ, କୁକୁର ତୁମର ଅଜା, ଖାଇବ ଖଣ୍ଡ ଖଜା।' ଚାଟଶାଳୀରେ ଅବଧାନଙ୍କଠାରୁ ଛାଟ ମାଡ଼ ଖାଇଥିବା ବୟସ୍କ ବ୍ୟକ୍ତିଙ୍କର ଏପରି ଭକ୍ତି ଆକ୍ଷେପମୂଳକ ସତ, ମାତ୍ର ଏହା ବି ସତ୍ୟ ଯେ – ଛାତ୍ରଙ୍କଠାରେ ଶୃଙ୍ଖଳା, ଶିଷ୍ଟତା, ଗୁରୁଙ୍କ ପ୍ରତି ଭକ୍ତି, ବୟସ୍କଙ୍କୁ ସମ୍ମାନ ଓ ସେମାନଙ୍କୁ ପାଠ ପଢ଼ାରେ ମନସ୍କ କରିବା ଉଦ୍ଦେଶ୍ୟ ନେଇ ଅବଧାନେ ପିଲାଙ୍କୁ କୋମଳ ଶାସନ କରିଥାନ୍ତି। ଏମିତି କି ଅବଧାନଙ୍କୁ କୁଣ୍ଡାଦେଇ ପାଠ ପଢ଼ାଇବା ଉକ୍ତିଟି ଅବଧାନଙ୍କୁ କିଛି ନ ଦେଇ ପାଠ ପଢ଼ାଉଥିବା ବ୍ୟକ୍ତିର ପିଲା ଦୁଷ୍ଟାମି କଲେ କୁହାଯାଇଥାଏ।

ଅଷ୍ଟାଦଶ ଶତାବ୍ଦୀ ସୁଦ୍ଧା ମାଟି ଅବଧାନେ ଓ ଖଡ଼ିରତ୍ନ ଲୋକଗଣିତ ତଥା ବ୍ୟବହାରିକ ଗଣିତର ବିକାଶକ୍ଷେତ୍ରରେ ଯଥେଷ୍ଟ ଭୂମିକା ନେଇଥିଲେ। ଗଣିତକୁ ଭାଷାର ଛନ୍ଦରେ ଗୁନ୍ଥି – ଲାଳିତ୍ୟ ଓ ସାବଲୀଳ କରିବା ସହ ଏହାର ଉଭୟ ଗାଣିତିକ ଓ ସାହିତ୍ୟିକ ମୂଲ୍ୟବୋଧକୁ ବଜାୟ ରଖି ଛାତ୍ର ତଥା ପାଠକଙ୍କ ଭିତରେ ଏସବୁକୁ ଆଦୃତ କରାଇଥିଲେ। ଜଣେ ଗଣିତଜ୍ଞ ଯେ ଜଣେ କବି ହୋଇପାରେ ଏହି ବିରଳ ଦୃଷ୍ଟାନ୍ତ ଦେଖିବାକୁ ମିଳେ ଓଡ଼ିଆ ଅବଧାନଙ୍କଠାରେ। ଅବଧାନଙ୍କଠାରୁ ହିଁ ଆରମ୍ଭ ହୋଇଥିଲା ଆଙ୍ଗୁଠି ଗଣନା ଓ ମାନସ ସ୍ପଷ୍ଟ ଅଙ୍କ ମାନସାଙ୍କ। ଆଜି ଅବଧାନ ନାହାନ୍ତି, କି ଚାଟଶାଳୀ ନାହିଁ। ଆଉ ଏହି ଅବଧାନଙ୍କ ଓଡ଼ିଆ ଭାଷା ସାହିତ୍ୟ, ଗଣିତ ଓ ଜ୍ୟୋତିଷ ଶାସ୍ତ୍ରକୁ ମହନୀୟ ଅବଦାନ, ଇତିହାସର ପୃଷ୍ଠାରେ ଅନାଲୋଚିତ ହୋଇ ରହିଛି। ସବୁ କଥାକୁ ଅନ୍ଧବିଶ୍ୱାସ, ଅପ୍ରାସଙ୍ଗିକ ଓ ଅଯଥା ମନେକରୁଥିବା ଉତ୍ତରପିଢ଼ି ହୁଏତ ଏଇ ଅବଧାନଙ୍କୁ ନିଜ ବିଜ୍ଞତାର ଚିନ୍ତାଧାରାରେ କେତେଦୂର ବୁଝିପାରିବେ ତାହା ସନ୍ଦେହ।

ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍), ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ମୋ: ୯୪୩୭୨୫୭୧୨୩

## ଏଇ ଭାରତରେ

କୌଣସି ଅପରାଧ କରି ପୋଲିସ ହାତରେ ଧରାପଡ଼ିଲେ ଜେଲଦଣ୍ଡ ଭୋଗିବାକୁ ପଡିଥାଏ। ଏଥିପାଇଁ ସବୁ ବୟସ ବର୍ଗର ବ୍ୟକ୍ତିଙ୍କୁ ଦଣ୍ଡ ମିଳିବାର ଆଇନ ରହିଛି। କିନ୍ତୁ ଏମିତି ଏକ ଘଟଣାକ୍ରମରେ କୁକୁଡ଼ାମାନଙ୍କୁ ବି ଜେଲଦଣ୍ଡ ଭୋଗିବାକୁ ପଡିଛି ତେଲଙ୍ଗାନାରେ। ଏହା ପୋଲିସର ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏଠାରେ ଗତ ୨୫ ଦିନ ହେଲାଣି ଦୁଇଟି କୁକୁଡ଼ା ଜେଲ୍‌ରେ ବନ୍ଦୀହୋଇ ରହିଛନ୍ତି। ପ୍ରକୃତ କଥା ହେଉଛି, ତେଲଙ୍ଗାନାରେ ମକର ସଂକ୍ରାନ୍ତିରେ କୁକୁଡ଼ା ଲଢ଼େଇ ଭଳି ଏକ କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳରେ ବେଶ୍ ଲୋକପ୍ରିୟ ହୋଇଥାଏ। କିନ୍ତୁ ଏହି କାର୍ଯ୍ୟକ୍ରମରେ ଅନେକ ସ୍ଥାନରେ ଜୁଆଖେଳ ମଧ୍ୟ ଆୟୋଜନ କରାଯାଇଥାଏ। ଏମିତି ଏକ ସ୍ଥାନରେ କୁକୁଡ଼ା ଲଢ଼େଇକୁ ନେଇ ଜୁଆଖେଳ ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରି ୧୦ଜଣଙ୍କୁ ଗିରଫ କରିଥିଲା। ପୋଲିସ ସେମାନଙ୍କଠାରୁ ଏକ ବାଇକ୍ ଓ ଦୁଇଟି କୁକୁଡ଼ାକୁ ମଧ୍ୟ ଜବତ କରିଥିଲା। ତେବେ ପୋଲିସ ସମସ୍ତଙ୍କୁ ଜେଲକୁ ପଠାଇଦେଇଥିଲା। ମାତ୍ର କିଛି ଦିନ ପରେ ସମସ୍ତେ ଜାମିନରେ ମୁକୁଳି ଯାଇଥିଲେ। ହେଲେ କୁକୁଡ଼ା ଦୁଇଟି ଜେଲ୍‌ରେ ରହି ଯାଇଥିଲେ। କାହିଁକି ନା କୁକୁଡ଼ା ଦୁଇଟିର ମାଲିକ କିଏ ବୋଲି କେହି ସ୍ୱୀକାର କରି ନ ଥିଲେ। ତେଣୁ ବିଚରା କୁକୁଡ଼ା ଦୁଇଟିକୁ ନେଇ ପୋଲିସ କ'ଣ କରିବ ଚିନ୍ତାରେ ପଡ଼ିଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଫେବୃଆରୀ ୧୯୯୬

- ବାଂଲାଦେଶରେ ପ୍ରାକ୍ ନିର୍ବାଚନୀ ହିଂସାକାଣ୍ଡରେ ୨ ଛାତ୍ରଙ୍କ ସମେତ ୧୧ ଜଣଙ୍କର ପ୍ରାଣହାନି।
- 'ଦି ମୁରସ୍ ଲାଷ୍ଟ ନାଇଟ' ପୁସ୍ତକ ପାଇଁ ପ୍ରଖ୍ୟାତ ଲେଖକ ସଲମାନ ରଶଡିଙ୍କୁ ବ୍ରିଟେନର ସମ୍ମାନଜନକ 'ଅର୍ଥର ଅଫ୍ ଦି ଇୟର' ପୁରସ୍କାର ପ୍ରଦାନ।
- ଆନ୍ତର୍ଜାତିକ କୃଷ୍ଣ ଚେତନା ସଂଘ (ଇସ୍‌କନ)ର ଭୁବନେଶ୍ୱରସ୍ଥିତ ଶାଖା ମୁଖ୍ୟ ଆଚାର୍ଯ୍ୟ ଗୌରଗୋବିନ୍ଦ ସ୍ୱାମୀ ମହାରାଜଙ୍କର ପଶ୍ଚିମବଙ୍ଗର ନଦୀୟା ଜିଲାରେ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | 3 | A | 6 | | | | 1 | 0 | | | 2 | | |
| | 1 | C | | | | | | | 6 | | | | | |
| | | | 7 | | | 6 | | 2 | | A | | | 0 | 4 |
| E | 2 | | 5 | | C | | 9 | | D | | | A | | |
| | | 7 | | | | | C | 8 | | | B | E | | 5 |
| | | 4 | | 7 | 9 | | | | | D | 2 | | | |
| 2 | C | | | 4 | | | | 0 | | | | | D | 8 |
| 6 | | | 1 | | | | | 3 | | | | | 9 | |
| B | D | 8 | | | | | | | | 7 | | | 5 | |
| | | | | 8 | 5 | | E | | 9 | 1 | | | A | |
| | | | | 2 | | | | | | | | | 1 | 3 |
| | | | B | A | 6 | | | | | | | 7 | E | |
| 8 | | | | 3 | E | A | | | | | 1 | | | C |
| | | | | | | 2 | | 7 | | | 9 | | 6 | |
| 3 | | | | | D | 8 | 0 | 5 | | E | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 1 | B | 3 | 0 | 9 | C | D | 8 | 2 | A | 7 | E | 4 | 6 |
| 4 | 0 | C | 5 | A | D | 7 | 6 | E | 9 | 8 | 1 | 2 | B | 3 |
| 8 | 9 | A | C | 4 | B | 3 | 2 | 5 | D | E | 6 | 0 | 1 | 7 |
| E | 6 | 2 | 8 | 7 | 1 | B | 9 | 0 | 3 | C | 4 | D | A | 5 |
| 3 | 7 | D | 2 | 6 | E | 1 | 4 | A | B | 5 | 0 | 9 | C | 8 |
| 9 | E | 6 | A | B | 5 | 0 | 7 | 2 | 1 | 3 | 8 | C | D | 4 |
| D | 4 | 0 | E | 1 | C | 6 | 8 | 3 | A | 7 | 9 | B | 5 | 2 |
| C | 5 | 1 | 0 | 8 | 7 | 4 | A | D | E | B | 2 | 3 | 6 | 9 |
| 7 | B | 8 | 4 | 3 | 2 | E | C | 9 | 5 | 6 | D | A | 0 | 1 |
| A | 2 | 3 | D | 9 | 6 | 5 | 1 | B | 4 | 0 | C | 8 | 7 | E |
| 6 | C | 4 | 7 | 2 | 3 | 9 | B | 1 | 0 | D | E | 5 | 8 | A |
| 1 | 3 | 5 | B | E | 8 | D | 0 | 6 | 7 | 2 | A | 4 | 9 | C |
| B | A | E | 1 | D | 4 | 8 | 5 | C | 6 | 9 | 3 | 7 | 2 | 0 |
| 0 | D | 9 | 6 | C | A | 2 | 3 | 7 | 8 | 4 | 5 | 1 | E | B |
| 2 | 8 | 7 | 9 | 5 | 0 | A | E | 4 | C | 1 | B | 6 | 3 | D |

ଗତ କାଲିର ଉତ୍ତର

# ଅଦୃଶ୍ୟ ମାତ୍ର ଅପହଞ୍ଚ ନୁହେଁ



ରଞ୍ଜନ କୁମାର ଦାସ

ପାଠକମାନେ ଲକ୍ଷ୍ୟ କରିଥିବେ ଛୋଟ ଛୋଟ କିରାନା ଦୋକାନରେ ମାଲିକଟି କାଉଣ୍ଟର ପାଖରେ ଦୃଶ୍ୟମାନ ଭାବେ ବସିଥାଏ। ଗରାଖଙ୍କ ବରାଦ ମୁତାବକ ଜିନିଷ ଆଣି ଦେବା ପାଇଁ ଦୋକାନରେ କାମ କରୁଥିବା ପିଲାଟି ଉପରେ ନିରନ୍ତର ପାଟି କରୁଥାଏ। ଦୋକାନଟିରେ ମାଲିକର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଲାଗୁଥାଏ। ମାତ୍ର ଆଉ ଟିକିଏ ବଡ଼ ଦୋକାନ ଅର୍ଥାତ୍ ରିଲାଏନ୍ସ ବା ବିଗ୍ ବଜାରର ମଲ୍‌କୁ ଗଲେ ମାଲିକ ବା ମ୍ୟାନେଜର କେହି ଦୃଶ୍ୟମାନ ହେଉ ନ ଥାନ୍ତି। ସେଲସ୍‌ମ୍ୟାନ କଦବା କ୍ୱଚିତ ଦୃଷ୍ଟିରେ ପଡ଼ନ୍ତି। ଜିନିଷ ଦେବାକୁ କାହାକୁ ପାଟି କରିବାକୁ ପଡୁ ନ ଥାଏ। ଗରାଖ ତା'ର ଜିନିଷ ଆପେ ଆପେ ବାଛି ନଉଥାଏ। ତାଠୁ ବଡ଼ ଦୋକାନ ଆମାଜନ୍, ମିନ୍ତ୍ରା, ସ୍ନାପଡିଲ, ଫ୍ଲିପ୍‌କାର୍ଟ, ଇ-ବେ, ଜାବଙ୍ଗ ବା ହୋମଶପ୍ ଆଦିକୁ ଗଲେ ସେଠି ଆମୂଳଚୂଳ କେହି ଦୃଶ୍ୟମାନ ହୁଅନ୍ତି ନାହିଁ। ମାତ୍ର ଗ୍ରାହକ ଯାହା ଚାହେଁ ଆରାମରେ କିଣିପାରେ। ସେଇଭଳି ଗାଁରେ ଖରାଛୁଟିରେ ପିଲାଏ କରୁଥିବା ଡ୍ରାମାରେ ଡାଇରେକ୍ଟରର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଅହରହ ତା'ର ପାଟି ଓ ତା'ର ଗାଳି, ନାଟକ ସରିବା ଯାଏ ଶୁଭୁଥାଏ। ମାତ୍ର ଆଜିକାଲି ଫିଲ୍ମଫେୟାର, ତରଙ୍ଗ ଭଳି ବଡ଼ ବଡ଼ ଏଣ୍ଟରଟେନମେଣ୍ଟ ଶୋ ସବୁ ହେଉଯାଉଚି, ଯୋଉଥିରେ ହଜାର ହଜାର କଳାକାର ଦଳଦଳ ହୋଇ ଆସି ଯାହାପରେ ଯିଏ ପ୍ରଦର୍ଶନ କରି ଯାଉଛନ୍ତି, ମାତ୍ର ଇଭେଣ୍ଟ ମ୍ୟାନେଜରକୁ କୋଉଠି ଷ୍ଟେଜ ଆଗରେ ଧାଁ ଧପଡ଼ କରି ଚିତ୍କାର କରୁଥିବାର ଦେଖିବାକୁ ମିଳେନା।

ବଡ଼ ବଡ଼ ଅନ୍‌ଲାଇନ ଶପିଙ୍ଗ୍ ସାଇଟ୍‌ମାନେ ଯେଭଳି ବିଭିନ୍ନ ସାମଗ୍ରୀ ବିକନ୍ତି, ଇଭେଣ୍ଟ ମ୍ୟାନେଜର ଯେମିତି ବିଭିନ୍ନ ଆମୋଦପ୍ରମୋଦ ସେବା ବିତରଣ କରେ ନିତିଦିନିଆ ଜୀବନରେ ସେମିତି ସରକାର ଓ ପ୍ରଶାସନ ବିଭିନ୍ନ ସେବା ବିତରଣ କରନ୍ତି। ମାତ୍ର ଏଠି ଏ ପ୍ରାଙ୍ଗଣରେ ନିତିଦିନ ଏତେ ହୋହଲ୍ଲା କାହିଁକି ଶୁଭୁଥାଏ? କୋଉ ଜିନିଷଟି କିଏ କରିବା କଥା, କେବେ କରିବା କଥା, କେଉଁଭଳି ଢଙ୍ଗରେ ହେବା କଥା ତାକୁ ନେଇ ନିତିଦିନ ନାନା ତର୍କବିତର୍କ ଲାଗିଥାଏ। ଅନେକ ଜାଗାରେ ଦେଖାଯାଏ, ନିୟମକାନୁନ୍ ସବୁ ଠିକ୍‌ଥାଏ। ମାତ୍ର ତାକୁ କାର୍ଯ୍ୟକାରୀ କରୁଥିବା ଲୋକଙ୍କ ଯୋଗୁ ସବୁ ମାରା ହେଇଯାଏ। ଦାୟିତ୍ୱରେ ରହୁଥିବା ଲୋକେ ଦୁର୍ନୀତି, ପ୍ରିୟାପ୍ରୀତି, ଅବହେଳା, ତୋସରପାତ ଆଦି ଅନେକ ପ୍ରକାର କାର୍ଯ୍ୟରେ ଲିପ୍ତ ରହି ଅସନ୍ତୋଷ ଭାଜନ ହୁଅନ୍ତି। କେତେଗୁଡ଼ିଏ ଜାଗାରେ ସେମାନେ ନିୟମାନୁଯାୟୀ ନ କରି ନିଜ ଇଚ୍ଛା ବା ଅନ୍ୟର ଚାପ ଅନୁଯାୟୀ କାମ କରନ୍ତି। ସେଇଠୁ ସବୁ ବ୍ୟତିକ୍ରମର ଉତ୍ପତ୍ତି ହୁଏ। କର୍ମଚାରୀଟି ଯଦି ଲାଭଖୋର ହେଇଥିବ ତେବେ ଭାବେ ମୋର ଗୋଟିଏ ଦସ୍ତଖତରେ ଯଦି ଲୋକଟିର ଏତେ ଲାଭ ହବ ମତେ ସେଥିରୁ ଏତେ ଟିକେ ଦେଇଦେଲେ ତା'ର କ'ଣ କ୍ଷତି ହେବ? ତେଣୁ ସେତିକି ନ ପାଇବା ଯାଏ ସେ ଦସ୍ତଖତଟି ମାରିବ ନାହିଁ। ବିଚରା ସାଧାରଣ ଲୋକଟି ବାରମ୍ବାର ଦୌଡ଼ି ହନ୍ତସନ୍ତ ହବା ଅପେକ୍ଷା ଥରକରେ କାମ ତୁଟେଇ ଦେବା ଭଲ ବୋଲି ଭାବି ଯାହା ଦେବା କଥା ଦେଇଦେବ। ଏମିତି ପ୍ରକ୍ରିୟାଟିର ନିୟମିତୀକରଣ ଓ ନିରନ୍ତରୀକରଣ ହେଇଯାଏ।

ଏସବୁ ପ୍ରକାର ଦୁର୍ନୀତି ବା ପ୍ରିୟାପ୍ରୀତିକୁ ଏଡ଼େଇବା ପାଇଁ ଏବେ ଫେସ୍‌ଲେସ୍ ଆଡ୍‌ମିନିଷ୍ଟ୍ରେଶନ ବା ଅଦୃଶ୍ୟ ପ୍ରଶାସନ କଥା ଚିନ୍ତା କରାଯାଉଛି। ଜନସାଧାରଣଙ୍କର ସରକାରୀ କାର୍ଯ୍ୟାଳୟକୁ ନ ଆସି, କୌଣସି ପ୍ରଶାସନ ବା କର୍ମଚାରୀଙ୍କ ଦ୍ୱାରସ୍ଥ ନ ହେଇ ଯଦି କାମ ହେଇପାରିବ ତାହାଲେ ହୁଏତ ଦୁର୍ନୀତିର ପରିସର କମିପାରିବ। ସେଥିପାଇଁ ଅନ୍‌ଲାଇନ ସେବା ବା ଇ-ଗଭର୍ନାନ୍ସର ପ୍ରକରଣ ଆରମ୍ଭ ହେଲାଣି। ଯେଉଁଠି ଫଟୋ ଉଠେଇବା ବା ଦସ୍ତଖତ କଲାଭଳି କାମରେ ଉପସ୍ଥିତି ଦରକାର ସେ କ୍ଷେତ୍ରରେ ଜନସାଧାରଣ ଆସି ପାରନ୍ତି। ମାତ୍ର ଖଜଣା ଦାଖଲ କରିବା, ବିଲ୍ ପୈଠ କରିବା, ଜାତିଗତ, ଆୟ ଆଦି ପ୍ରମାଣପତ୍ର ହାସଲ କରିବା ଭଳି ଦୈନନ୍ଦିନ କାମରେ ଜଣକର ଅଫିସ ଆସିବା କ'ଣ ଦରକାର? ଘରେ ଚୋରି ହେଇଚି, ଏଫଆଇଆର ଦେବା ପାଇଁ ଥାନାକୁ ଯିବା ନିହାତି ଜରୁରୀ ନୁହେଁ। ଘରେ ଲାଇନ କଟିଯାଇଚି ବା ପାଣିପାଇପ୍ ଫାଟି ଯାଇଚି ମ୍ୟୁନିସିପାଲିଟି ଅଫିସ ଯିବା କ'ଣ ଦରକାର। ଏସବୁ କାମ ପାଇଁ ଅନ୍‌ଲାଇନରେ ଦରଖାସ୍ତ ପଠେଇ ହବ। କୋଉ ସେବା କେତେଦିନ ଭିତରେ ଜଣେ ନାଗରିକ ପାଇପାରିବ ତାହା ମଧ୍ୟ ସରକାର ଧାର୍ଯ୍ୟ କଲେଣି। ସେତିକି ଦିନ ଭିତରେ ସେବା ନ ପାଇଲେ ଉପରୋକ୍ତ କ୍ଷତିପୂରଣ ପାଇବା ପାଇଁ ହକ୍‌ଦାର ହେବେ। ସେ କ୍ଷତିପୂରଣ ଅର୍ଥ ଅବହେଳା କରିଥିବା ସମ୍ପୃକ୍ତ କର୍ମଚାରୀଙ୍କଠାରୁ ଆଦାୟ ହେବାର ବ୍ୟବସ୍ଥା ମଧ୍ୟ ହେଉଛି; ଯାହା ଫଳରେ କିଛି ପାଇବା ଆଶାରେ କେହି ଆଉ ଫାଇଲକୁ ଅଟକାଇ ରଖିପାରିବେ ନାହିଁ। ପ୍ରଶାସନ ସହ ସବୁବେଳେ ସାମ୍ନାସାମ୍ନି ହେବାର ଆବଶ୍ୟକତା ନାହିଁ। ସାମ୍ନାସାମ୍ନି ହେବାରୁ ବେଳେବେଳେ ମୁହାଁମୁହିଁ ହେବା ଭଳି ପରିସ୍ଥିତି ଉପୁଜୁଛି। ତାକୁ ଏଡ଼ାଇବାକୁ ହେଲେ ପ୍ରଶାସନକୁ ନିରନ୍ତର ଭାବେ ପରଦା ଆଢୁଆଳରେ କ୍ରିୟାଶୀଳ ହେବାକୁ ପଡ଼ିବ। ପ୍ରଶାସନ ଅଦୃଶ୍ୟ ରହିଲେ ବି କିଛି ଅସୁବିଧା ନାହିଁ। ମାତ୍ର କହିବା କଥା ହେଲା ପ୍ରଶାସନ ଲୋକଙ୍କ ପାଇଁ ଅପହଞ୍ଚ ବା ଅସହଜ ନ ହେଉ।

ଆମ ଦେଶର ରାସ୍ତାଘାଟରେ ଦେଖିବେ ସବୁଠି ଟ୍ରାଫିକ୍ ସବୁଠି ପୋଲିସ। ମାତ୍ର ଆଇନଶୃଙ୍ଖଳା ପରିସ୍ଥିତି ଶୃଙ୍ଖଳିତ ନୁହେଁ। ଅନେକ ବିଦେଶ ରାଷ୍ଟ୍ରରେ ପୋଲିସ ଆଦୌ ଦେଖାଯାଆନ୍ତି ନାହିଁ। ମାତ୍ର ତାଙ୍କ ରାସ୍ତାଘାଟରେ ଗାଡ଼ି ମୋଟର ଠିକ୍ ଚାଲୁଥାଏ। ଗଣ୍ଡଗୋଳ, ପିକ୍‌ପକେଟିଂ, ଚେନସ୍ନାଚିଙ୍ଗ୍ ହଉ ନ ଥାଏ। କାରଣ ପୋଲିସ ସେଠି ଅଦୃଶ୍ୟ ଭାବେ ରହି ସବୁ ନିୟନ୍ତ୍ରଣ କରୁଥାଏ। ଦୁର୍ଘଟଣା ଘଟେଇ ଗାଡ଼ିଟିଏ ଚାଲିଗଲେ କମାଣ୍ଡ ସେଣ୍ଟରର ସିସିଟିଭି ଫୁଟେଜ ଦେଖି ଗାଡ଼ି ମାଲିକ ପାଖରେ ପୋଲିସ ଯାଇ ପହଞ୍ଚି ଥାଏ। ମାତ୍ର ଏଠି ଆମର ମାଳମାଳ ପୋଲିସ ଦିନରାତି ବୁଲିବୁଲି ସେତିକି ହେଇପାରେନା। ସୁଶାସନ ପାଇଁ ପ୍ରଶାସନ ସବୁବେଳେ ଦୃଶ୍ୟମାନ ହେବା ଦରକାର ନାହିଁ। ଥରେ ବ୍ୟବସ୍ଥାଟିକୁ ସୁସଙ୍ଗଠିତ କରିଦେଲେ, ନାଗରିକ ଯଦି ତା'ର ସୁଫଳ ପାଇଲେ ସେମାନେ କାହିଁକି ଆସି କୋଉ ଅଫିସର ବା କର୍ମଚାରୀଙ୍କୁ ଖୋଜିବେ, ତାଙ୍କୁ ଦର୍ଶନ କରିବାକୁ ଚାହିଁବେ? ତାଙ୍କର ତ କାମଟି ହେଇଯିବା ଦରକାର। ସେତିକି ହେଇଗଲେ ସେମାନେ ଖୁସି। ତେଣୁ ଦୃଶ୍ୟମାନ ହେବା ଅପେକ୍ଷା ହୃଦୟବାନ ହେବା ଓ ଫଳଦାୟୀ ହେବା ବେଶି ଜରୁରୀ। ଫଳଦାୟୀ ହେବା ବେଳକୁ ମନେରଖିବାକୁ ହେବ ଯେ ନିଃସର୍ତ୍ତ ଭାବେ ଫଳଦାୟୀ ହେବା ଦରକାର।

ପ୍ରଶାସନ ବା ସରକାର ଲୋକଙ୍କ ପାଇଁ କାମ କରିବା ହେଲା ତାଙ୍କ ନିଯୁକ୍ତି ଓ ଅସ୍ତିତ୍ୱର ଚରମ ଓ ପରମ ସର୍ତ୍ତ। ତା' ଛଡ଼ା ଆଉ କୋଉ ସର୍ତ୍ତ ଆରୋପିତ କରିବା ଆପରାଧିକ। ପ୍ରଶାସନ ଓ ସରକାର ଯେଉଁଦିନ ବାସ୍ତବରେ ଲୋକଙ୍କ ଭଲ ପାଇଁ କାମ କରିବା ଆରମ୍ଭ କରିବ, ସେଦିନ ଲୋକେ ତାକୁ ଆପେ ଆପେ ବାହାବା ଦେବେ। ସେ କେଉଁଠି ଅଛି ତାକୁ ନ ଦେଖିଲେ ମଧ୍ୟ ତା'ର ଅସ୍ତିତ୍ୱ ଓ ଉପକାରିତା ଅନୁଭବ କରିବେ। ନିଃସ୍ୱାର୍ଥପର, ନିଃସର୍ତ୍ତ, ନିରପେକ୍ଷ, ସହଜ ଓ ସୁଲଭ ସେବା ପ୍ରଦାନ କରିପାରିଲେ ଜନସାଧାରଣ ତାକୁ ହୃଦୟ ଭିତରେ ବସେଇ ରଖିବେ। ଯେଉଁ ସମୟରେ ଦରକାର ପଡ଼ିବ ପ୍ରଶାସନ ରାସ୍ତାକୁ ଓହ୍ଲେଇବାର ଆବଶ୍ୟକତା ଅଛି। ବାକି ସମୟରେ ଶାସନଅଧିକରହିଶାସକୀୟତାକମ୍‌ରହିଲେଭଲ।

ନିର୍ଦ୍ଦେଶକ, ସଂସ୍କୃତି ବିଭାଗ, ଭୁବନେଶ୍ୱର
ମୋ-୯୪୩୭୨୮୬୫୧୨

## ପାଠକ ଶ୍ରେଷ୍ଠ ବିଚାରକ

### ଶୀତଳଭଣ୍ଡାର ନିର୍ମାଣରେ ପଛୁଆ

ମହାଶୟ,

ସମଗ୍ର ଦେଶରେ ଯେତେ ଖାଦ୍ୟଶସ୍ୟ, ପନିପରିବା, ଫଳ ଉତ୍ପାଦିତ ହୁଏ, ତା'ର ୪୦ ପ୍ରତିଶତ ଗୋଦାମ ଘର ଓ ଶୀତଳଭଣ୍ଡାର ଅଭାବରୁ ନଷ୍ଟ ହୁଏ। ଏଣୁ ଦେଶରେ ଅଧିକରୁ ଅଧିକ ଗୋଦାମ ଘର ଓ ଶୀତଳଭଣ୍ଡାର ନିର୍ମାଣ ହେବା ଆବଶ୍ୟକ। ଏ କ୍ଷେତ୍ରରେ ଓଡ଼ିଶାର ସ୍ଥିତି ଦୁର୍ବଳ। ସମଗ୍ର ଦେଶରେ ୮୪୩ ଲକ୍ଷ ଟନ୍‌ର ଭଣ୍ଡାରର କ୍ଷମତା ଥିବାବେଳେ ଓଡ଼ିଶାରେ ମାତ୍ର ୧୨ ଲକ୍ଷ ଟନ୍‌ର ଭଣ୍ଡାର କ୍ଷମତା ରହିଛି। ସେହିପରି ସମଗ୍ର ଦେଶରେ ୭୯୧୬ଟି ଶୀତଳଭଣ୍ଡାର ଥିବାବେଳେ ଓଡ଼ିଶାରେ ମାତ୍ର ୧୭୭ଟି ରହିଛି। ରାଜ୍ୟର ପ୍ରତି ବ୍ଲକରେ ଅନ୍ୟୂନ ଗୋଟିଏ ଶୀତଳଭଣ୍ଡାର ନିର୍ମାଣ କରିବାକୁ ଓଡ଼ିଶା ସରକାର ୨୦୦୪ ମସିହାରୁ ଲକ୍ଷ୍ୟ ରଖିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏ ଲକ୍ଷ୍ୟ ହାସଲ କରିପାରି ନାହାନ୍ତି। ଏଣୁ ଓଡ଼ିଶାରେ ଅଧିକରୁ ଅଧିକ ଗୋଦାମ ଘର ଓ ଶୀତଳଭଣ୍ଡାର ନିର୍ମାଣ ହେବା ଦରକାର।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ଯୁଗ ଯୁଗ ଧରି କବି ଗଦା ଗଦା
ଲେଖିଲେ କବିତା ପୀରତି ଘେନି
କାବ୍ୟର ରୂପ ବିଷୟ ବିଚାର
କେବଳ ରମଣୀ ପୁରୁଷ ବେନି। –(ପ୍ରେମର ଅର୍ଥ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଦାୟିତ୍ୱରୁ ହଟିବ ଓରେଡା

## ସୌରଚାଳିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ

- ଆର୍‌ଡବ୍ଲ୍ୟୁଏସ୍‌ଏସ୍‌କୁ ଦାୟିତ୍ୱ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ
- ପରିଚାଳନାଗତ ତ୍ରୁଟି ଓ ଅନିୟମିତତା କାଳ ହେଲା

ଯାଜପୁର ଅଫିସ,୧୦।୨

ସୌରଚାଳିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଦାୟିତ୍ୱରୁ ଓରେଡା(ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି) ହଟିବ। ଏହି ପ୍ରକଳ୍ପରେ ଅନିୟମିତତା ଓ ପରିଚାଳନାଗତ ତ୍ରୁଟି ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ଆସିବା ପରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏପରି କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ସେହି ଦାୟିତ୍ୱ ଆର୍‌ଡବ୍ଲ୍ୟୁଏସ୍‌ଏସ୍(ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ)ସଂସ୍ଥାକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟର ଗ୍ରାମାଞ୍ଚଳ ଲୋକଙ୍କୁ ସହଜରେ ଏବଂ ନିର୍ଦ୍ଧାରିତ ସମୟରେ ପାନୀୟ ଜଳ ଯୋଗାଇ ଦେବା ଲକ୍ଷ୍ୟରେ ସୌରଚାଳିତ ପାଇପ ଜଳଯୋଗାଣ ପ୍ରକଳ୍ପ ଯୋଜନା ଆରମ୍ଭ ହୋଇଥିଲା। ଓରେଡାକୁ ସେହି ଦାୟିତ୍ୱ ଦିଆଯାଇଥିଲା। ହେଲେ ପରିଚାଳନାଗତ ତ୍ରୁଟି ଓ ମରାମତି ଅଭାବରୁ ଅଧିକାଂଶ ପ୍ରକଳ୍ପ ଅଚଳ ହୋଇପଡ଼ିଥିଲା। ଏ ସଂକ୍ରାନ୍ତରେ ବିଭିନ୍ନ ସ୍ଥାନରୁ ଅଭିଯୋଗ ଆସିବା ପରେ ରାଜ୍ୟର ସମସ୍ତ ଜିଲାର ସୌରଚାଳିତ ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ ଆରଡବ୍ଲ୍ୟୁଏସ୍‌ଏସ୍‌କୁ ହସ୍ତାନ୍ତର କରିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ନିର୍ଦ୍ଦେଶକ ବି. ପରମେଶ୍ୱରନ ଗତ ୨୯ ତାରିଖରେ ଓରେଡାର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଆରଡବ୍ଲ୍ୟୁଏସ୍‌ଏସ୍‌ର ସମସ୍ତ ଉଚ୍ଚପଦାଧିକାରୀଙ୍କୁ ମଧ୍ୟ ସୂଚନା ଦିଆଯାଇଛି। କିନ୍ତୁ ଏପର୍ଯ୍ୟନ୍ତ କାର୍ଯ୍ୟଧାରା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଆରଡବ୍ଲ୍ୟୁଏସ୍‌ଏସ୍‌ର ଇଞ୍ଜିନିୟର-ଇନ୍-ଚିଫ୍ ଉଦ୍‌ବେଗ ପ୍ରକାଶ କରିବା ସହ ସମସ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ତୁରନ୍ତ ଓରେଡାଠାରୁ ହସ୍ତାନ୍ତର ହେବାକୁ ଥିବା ସୌରଚାଳିତ ପାଇପ ଜଳଯୋଗାଣ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି।

ଗତ ଡିସେମ୍ବରର ସିଆରସି(କଷ୍ଟମର ରିଲେସନଶିପ୍ ସେଣ୍ଟର)ର ରିପୋର୍ଟ ଅନୁଯାୟୀ ରାଜ୍ୟର ୭୩୯ଟି ନଳକୂପରେ ସୌରଚାଳିତ ପମ୍ପ ପ୍ରକଳ୍ପ ଅଚଳ ହୋଇପଡିଥିଲା। ଓରେଡା ଦ୍ୱାରା ପ୍ରକଳ୍ପ ପିଛା ୨.୮ ଲକ୍ଷରୁ ୪.୫୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ୨୦୧୩-୧୪ରୁ ୨୦୧୯-୨୦ ମଧ୍ୟରେ ଆରଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ଓରେଡା ଦ୍ୱାରା ପର୍ଯ୍ୟାୟକ୍ରମେ ୧୩,୨୧୯ଟି ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏଥିପାଇଁ ବିପୁଳ ଅର୍ଥ ଶ୍ରାଦ୍ଧ ହୋଇଥିବାବେଳେ ସେଗୁଡ଼ିକ ମଧ୍ୟରୁ ବହୁ ପ୍ରକଳ୍ପ ମାସେ ବି ତିଷ୍ଠି ପାରିଲା ନାହିଁ। ଏନେଇ ସବିଶେଷ ତଥ୍ୟଭିତ୍ତିକ ରିପୋର୍ଟ ଗତ ୧।୧୨।୨୦୨୦ ଏବଂ



ବରୀ ବ୍ଲକ୍‌ରେ ଥିବା ଏକ ସୌରଚାଳିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ।

୨୬।୧୨।୨୦୨୦ରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଚେତା ପଶିଥିଲା। ଓରେଡାର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ ରିପୋର୍ଟ ଅନୁସାରେ ୨୦୧୪ରେ ପ୍ରଥମ ପର୍ଯ୍ୟାୟରେ ୧୭୬୨ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୯୩୪ଟି ସୌରଚାଳିତ ପାଇପ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା, ଯାହା କି ଅଚଳ ହୋଇପଡିଛି। ପରବର୍ତ୍ତୀ ସମୟରେ ବସାଯାଇଥିବା ପ୍ରକଳ୍ପଗୁଡ଼ିକ ଅଚଳ ହୋଇ ପଡ଼ିଥିବାରୁ ଗ୍ରାମାଞ୍ଚଳରେ ସହଜରେ ଶୁଦ୍ଧ ପାନୀୟ ଜଳ ମିଳିବା କଷ୍ଟକର ବ୍ୟାପାର ହୋଇଛି। ତେଣୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଦ୍ୱାରା ଏହି ପ୍ରକଳ୍ପଗୁଡ଼ିକର ପରିଚାଳନା ଓ ମରାମତିର ଆବଶ୍ୟକତା ରହିଛି ବୋଲି ନିର୍ଦ୍ଦେଶକ ପରମେଶ୍ୱରନ ଗୁରୁତ୍ୱାରୋପ କରିଛନ୍ତି। ଓରେଡା ଦାୟିତ୍ୱରେ ଥିବା ସମସ୍ତ ଅଚଳ ଓ ସଚଳ ସୌରଚାଳିତ ପ୍ରକଳ୍ପକୁ ପର୍ଯ୍ୟାୟକ୍ରମେ ଆରଡବ୍ଲ୍ୟୁଏସ୍‌ଏସ୍‌କୁ ହସ୍ତାନ୍ତର କରିବାକୁ ସେ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ସମୟସୀମା ମଧ୍ୟରେ ଅଚଳ ପ୍ରକଳ୍ପଗୁଡିକୁ ସଚଳ କରି ଓରେଡା ଦାୟିତ୍ୱ ହସ୍ତାନ୍ତର କରିବ। ୨୦୧୯ ଡିସେମ୍ବର ପରେ ପାଇଥିବା ଅନୁଦାନକୁ ଓରେଡା ନିଶ୍ଚିତ ଭାବେ ଫେରାଇବାକୁ ବ୍ୟବସ୍ଥା କରିବ ବୋଲି ନିର୍ଦ୍ଦେଶକ ପରମେଶ୍ୱରନ ତାଙ୍କ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି।

ଏହି କ୍ରମରେ ଆରଡବ୍ଲ୍ୟୁଏସ୍‌ଏସ୍‌ର ଇଞ୍ଜିନିୟର-ଇନ୍-ଚିଫ୍ ଗତ ୯।୨।୨୦୨୧ ତାରିଖରେ ସମସ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଏନେଇ ଅଗ୍ରଗତି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ସୌରଚାଳିତ ପ୍ରକଳ୍ପଗୁଡ଼ିକରେ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇ ଅନୁଦାନର ସିଂହଭାଗ ଅର୍ଥ ମିଳିମିଶି ଲୁଟ୍ କରିଥିବାରୁ ଉକ୍ତ ପ୍ରକଳ୍ପ ଦ୍ୱାରା ଗ୍ରାମାଞ୍ଚଳ ଲୋକେ ଉପକୃତ ହୋଇପାରିନାହାନ୍ତି ବୋଲି ମତପ୍ରକାଶ ପାଇଛି।

## ସଂକ୍ଷେପରେ

### ଗାଡ଼ି ଭଡ଼ା ନେଇ ଚାଳକଙ୍କୁ ହତ୍ୟା ଘଟଣା: ପ୍ରେମୀଯୁଗଳ ଗିରଫ

ବୋରିଗୁମ୍ମା,୧୦।୨ (ଡି.ଏନ୍.ଏ.): ଭୁବନେଶ୍ୱରରୁ ଗାଡ଼ି ଭଡ଼ାରେ ନେଇ ଚାଳକଙ୍କୁ ହତ୍ୟାକରି କାର୍ ନେଇ ଫେରାର ହୋଇଯାଇଥିବା ପ୍ରେମୀଯୁଗଳଙ୍କୁ ପୋଲିସ ଗିରଫ କରିଛି। କାର୍ ଭଡ଼ା ନେଇ କୋରାପୁଟ ଆସିଥିବା ପ୍ରେମୀ ଯୁଗଳ ହିଁ ସୁଧୀର ସାହୁଙ୍କ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ବୋଲି କୋରାପୁଟ ଏସ୍‌ପି ବରୁଣ ଗୁଣ୍ଟୁପାଲି ବୋରିଗୁମ୍ମା ଥାନାରେ ଏକ ଖବରଦାତା ସମ୍ମିଳନୀରେ ବୁଧବାର ସୂଚନା ଦେଇଛନ୍ତି। ଗିରଫ ପରେ ପ୍ରେମୀଯୁଗଳଙ୍କୁ କୋର୍ଟଚାଲାଣ କରାଯାଇଛି।

ଏସ୍‌ପି ଗୁଣ୍ଟୁପାଲି କହିଛନ୍ତି , କୋରାପୁଟ ଜିଲାର ଗୁପ୍ତେଶ୍ୱର ଯିବାକୁ ପ୍ରେମୀ ଯୁଗଳ ରାୟଗଡ଼ା ଦେଇ କୋରାପୁଟରେ ଗତ ମାସ ୨୫ତାରିଖରେ ପହଞ୍ଚିଥିଲେ। ସେଠାରେ ୨୫ ତାରିଖ ରାତି ୧୦ଟାରେ ଶିବା ଢାବାରେ ଖାଇଥିଲେ। କାର୍ ଚାଳକ ସୁଧୀର ଓ ଅଭିଯୁକ୍ତ ପ୍ରେମୀଯୁଗଳ ଢାବାରେ ମଦ୍ୟପାନ କରିଥିଲେ। ପରେ ସେମାନେ ଗୁପ୍ତେଶ୍ୱର ପରିବର୍ତ୍ତେ ବଲାଙ୍ଗୀର ଜିଲା ହରିଶଙ୍କର ଯିବାକୁ ୨୫ ତାରିଖ ରାତିରେ କୋରାପୁଟରୁ ବାହାରିଥିଲେ। କାର୍‌ଚାଳକ ସୁଧୀର ଅତ୍ୟଧିକ ମଦ୍ୟପାନ କରିଥିବାରୁ ଅଭିଯୁକ୍ତ ହିଁ କାର୍ ଚଳାଇ ରାଣୀଗଡ଼ ରାସ୍ତାରେ ଆସୁଥିଲେ। ବୋରିଗୁମ୍ମା ଥାନା ଅନ୍ତର୍ଗତ ଛତ୍ରଲା ନିକଟରେ ଗାଡ଼ି ରଖି ୩ଜଣ ଶୋଇପଡ଼ିଥିଲେ। ଏହି ସମୟରେ ସୁଧୀର ଅଭିଯୁକ୍ତଙ୍କ ପ୍ରେମିକାଙ୍କ ଦେହରେ ବାରମ୍ବାର ହାତ ମାରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରେମୀଯୁଗଳ ଗାମୁଛାରେ ସୁଧୀରଙ୍କ ବେକ ଚିପି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ପରେ ଛତ୍ରଲା ନିକଟରେ ସୁଧୀରଙ୍କ ମୃତଦେହ ଫିଙ୍ଗି ବୋରିଗୁମ୍ମା ରାସ୍ତା ଦେଇ ଫେରାର ହୋଇଯାଇଥିଲେ। ଫେରାର ହେବା ସମୟରେ ଗାଡ଼ି, ସୁଧୀରଙ୍କ ମୋବାଇଲ ଫୋନ ଓ ପର୍ସ ସେମାନେ ନେଇଯାଇଥିଲେ। ବୋରିଗୁମ୍ମା ନିକଟସ୍ଥ କୁନ୍ଦୁରାଗୁଡ଼ା ନିକଟରେ ସୁଧୀରଙ୍କ ମୋବାଇଲ ଫୋନ୍‌କୁ ରାସ୍ତାକଡ଼ରେ ଫିଙ୍ଗି ଚାଲିଯାଇଥିଲେ। ରାଉରକେଲାର ଅମରଭବନ ହୋଟେଲରେ ଥିବା ସୂଚନା ପାଇ ପୋଲିସ ସେଠାରୁ ପ୍ରେମୀଯୁଗଳଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ କାର୍, ୩ଟି ମୋବାଇଲ ଫୋନ ଜବତ ହୋଇଛି। ପ୍ରେମିକଙ୍କ ଘର ଯାଜପୁର ଟାଉନ ଥାନା ଅଞ୍ଚଳରେ ହୋଇଥିବା ବେଳେ ପ୍ରେମିକାଙ୍କ ଘର ବିଞ୍ଝାରପୁର ଅଞ୍ଚଳରେ ବୋଲି ଏସ୍‌ପି କହିଛନ୍ତି।

### ୫ମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର

**୩ ନାବାଳକ ଜେଜେବିରେ ହାଜରହେବେ ଆଜି ପୀଡ଼ିତାଙ୍କ ବୟାନ ରେକର୍ଡ**

ବ୍ରହ୍ମପୁର ଅଫିସ,୧୦।୨: ଗଞ୍ଜାମ ଜିଲା ସଦର ଥାନା ଅଞ୍ଚଳରେ ପୁଣି ଜଣେ ୫ମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର ହୋଇଛି। ଏନେଇ ପୀଡ଼ିତାଙ୍କ ମା’ ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ. ୩୯/୨୧ରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି। ବୁଧବାର ପୋଲିସ ୩ ନାବାଳକଙ୍କୁ ଧରିଛି। ଅନ୍ୟପଟେ ପୀଡ଼ିତାଙ୍କ ବୟାନ ପୋକ୍‌ସୋ କୋର୍ଟରେ ରେକର୍ଡ କରାଯାଇଛି। ଧରାଯାଇଥିବା ନାବାଳକମାନଙ୍କୁ ଗୁରୁବାର ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି)ରେ ହାଜର କରାଯିବ ବୋଲି ପୋଲିସ କହିଛି। ଗତ ୮ ତାରିଖ ଅପରାହ୍ନରେ ନାବାଳିକା ଛାତ୍ରୀ ଜଣଙ୍କ ଘରେ ଏକାକୀ ଥିଲେ। ଏହାର ସୁଯୋଗ ନେଇ ୩ଜଣ ନାବାଳକ ଉକ୍ତ ନାବାଳିକାଙ୍କ ଘରେ ପଶି ତାଙ୍କୁ ଭୟ ଦେଖାଇ ବଳାତ୍କାର କରିଥିଲେ। ଭୟଭୀତ ଥିବା ପୀଡ଼ିତା ଏନେଇ ତାଙ୍କ ବାପା ଓ ମା’ କାମରୁ ଘରକୁ ଫେରିବା ପରେ କହିଥିଲେ। ପରେ ପୀଡ଼ିତାଙ୍କ ମା’ ଏନେଇ ଥାନାରେ ଅଭିଯୋଗ କରିଥିଲେ।

## ଶିଶୁର ମୁଣ୍ଡବିହୀନ ମୃତଦେହ ଜବତ

ସମ୍ବଲପୁର,୧୦।୨(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ଥାନା ପୋଲିସ ବୁଧବାର ଏକ ନବଜାତ ଶିଶୁର ମୁଣ୍ଡବିହୀନ ମୃତଦେହ ଜବତ କରିଛି। ଭୀମସାର ମେଡିକାଲର ଯକ୍ଷ୍ମା ବିଭାଗ ପଛପଟ କେନାଲ ପାର୍ଶ୍ୱରେ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଉଦ୍ଧାର ମୃତଦେହ ବ୍ୟବଚ୍ଛେଦ ପାଇଁ ଭୀମସାରରେ ରଖାଯାଇଛି। ଶିଶୁର ଏକ ଗୋଡ଼ରେ ଇଞ୍ଜେକ୍‌ସନ ସିରିଞ୍ଜି ଲାଗିଥିବାବେଳେ ମେଡିକାଲର ଟ୍ୟାଗ୍ ମଧ୍ୟ ରହିଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବୁର୍ଲା ଥାନା ଅଧିକାରୀ ବି. ବି. ଭୋଇ କହିବା ଅନୁସାରେ ସନ୍ଧ୍ୟା ସମୟରେ ଏକ ମୃତଦେହ ପଡିଥିବା ଖବର ମିଳିବା ପରେ ପୋଲିସ ଟିମ୍ ପହଞ୍ଚିଥିଲା। ଶିଶୁର ମୁଣ୍ଡ ନ ଥିଲା। ହଗିସ୍ ପିନ୍ଧିଥିବାରୁ ଲିଙ୍ଗ ନିରୂପଣ ହୋଇପାରି ନାହିଁ। ବ୍ୟବଚ୍ଛେଦ ପାଇଁ ଏହାକୁ ରଖାଯାଇଛି। ଏହାସହ ଭୀମସାର ସ୍ତ୍ରୀ ଓ ପ୍ରସୂତି ବିଭାଗକୁ ଜନ୍ମମୃତ୍ୟୁ ଶିଶୁମାନଙ୍କ ତାଲିକା ମଗାଯାଇଛି। ତଦନ୍ତ ପରେ ସତ୍ୟାସତ୍ୟ ସାମ୍ନାକୁ ଆସିବ ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଭଳି ଅମାନବୀୟ କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଉଛି।

## ଜଳିଗଲା ମୂଲ୍ୟବାନ ଔଷଧୀୟ ବୃକ୍ଷ



ଐତିହାସିକ ପାଣ୍ଡବବଖରା ଜଙ୍ଗଲରେ ନିଆଁ ଲାଗି ଜଳୁଛି।

**ପାଣ୍ଡବବଖରା ପାହାଡ଼ ଜଙ୍ଗଲରେ ଅଗ୍ନିକାଣ୍ଡ**

ବାଙ୍କୀ,୧୦।୨(ସ୍ୱ.ପ୍ର./ ବି.ପ୍ର.)

କଟକ ଜିଲା ଡମପଡ଼ା ବ୍ଲକ ପାଥପୁର ପଞ୍ଚାୟତ ଅମରେନ୍ଦ୍ରପୁରଠାରେ ଥିବା ଐତିହାସିକ ପର୍ଯ୍ୟଟନସ୍ଥଳ ପାଣ୍ଡବ ବଖରା ପାହାଡ଼ ଜଙ୍ଗଲରେ ବୁଧବାର ଅପରାହ୍ନରେ ନିଆଁ ଲାଗିଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ଏଥିରେ ବହୁ ମୂଲ୍ୟବାନ୍ ଓ ଔଷଧୀୟ ବୃକ୍ଷ ପୋଡି ନଷ୍ଟ ହୋଇଥିବା ଜଣାଯାଇଛି। ଜଙ୍ଗଲରେ ନିଆଁ ଲାଗିଥିବା ଦେଖି ଗ୍ରାମବାସୀ ଡମପଡ଼ା ଦମକଳ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା ଚଳାଇଛନ୍ତି। ପାହାଡ଼ ତିଖ ସହ ରାତି ହୋଇଯିବାରୁ ଉପରକୁ ଯିବା କଷ୍ଟ ସାଧ ହେଉଛି ବୋଲି କର୍ମଚାରୀମାନେ କହିଛନ୍ତି। ଏ ପାହାଡ଼କୁ ଲାଗି ଡମପଡ଼ା ଚନ୍ଦକା ଅଭୟାରଣ୍ୟ ରହିଛି। ନିଆଁ ଲାଗିଥିବା ଅଞ୍ଚଳ ଡମପଡ଼ା ରେଞ୍ଜ ଅଧୀନ ପାଥପୁର ବନାଞ୍ଚଳରେ ଅବସ୍ଥିତ। ଖବର ଲେଖାହେବା ବେଳକୁ ଘଟଣାସ୍ଥଳକୁ କୌଣସି ବନ ବିଭାଗ ଅଧିକାରୀ ଯାଇ ନ ଥିବା ଜଣାପଡିଛି। ଏ ସମ୍ପର୍କରେ ଡମପଡ଼ା ରେଞ୍ଜ ଅଫିସର ଅଶୋକ ଦାସଙ୍କୁ ପଚାରିବାରେ ନିଆଁ ଲାଗି ସେଠାରେ କିଛି ବୃକ୍ଷଲତା ପଡିଛି। ତାହା ସେଠିକାର ଲୋକ ଦ୍ୱାରା ହୋଇଛି ବୋଲି ସନ୍ଦେହ ପ୍ରକାଶ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଜଙ୍ଗଲରେ ନିଆଁ ଲାଗି ରହିଛି।

## ଶ୍ରମମନ୍ତ୍ରୀଙ୍କ ଗାଡ଼ି ଅଟକାଇ ଗାଳିଗୁଲଜ

ଲୋଇସିଂହା,୧୦।୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଜୋନ୍‌ସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀକୁ ଯୋଗଦେବାକୁ ଆସୁଥିବା ବାଟରେ

**ଅଭିଯୋଗ ଯୁବକଙ୍କୁ ଅଟକ ରଖି ପୋଲିସର ପଚରାଉଚରା**

ଆଗଲପୁରଠାରେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂଙ୍କ ଗାଡ଼ିକୁ ଅଟକାଇ ଜଣେ ଯୁବକ ଗାଳିଗୁଲଜ କରିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଶଙ୍କର ସେଠ ନାମକ ଜଣେ ଯୁବକଙ୍କୁ ଲୋଇସିଂହା ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଆଇଆଇସି ଲଳିତା ଲାକ୍ରା କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ବୁଧବାର ଲୋଇସିଂହା ବ୍ଲକ ଉପରବାହାଲ ଗାଁରେ ୩୩ ନଂ. ଜୋନର ବିଜେଡି କର୍ମୀ ସମ୍ମିଳନୀ ରହିଥିଲା। ଶ୍ରମମନ୍ତ୍ରୀ ତଥା ବଲାଙ୍ଗୀର ଜିଲା ବିଜେଡି ପର୍ଯ୍ୟବେକ୍ଷକ ସୁଶାନ୍ତ ସିଂ ସମ୍ମିଳନୀରେ ଯୋଗଦେବା ପାଇଁ ଆଗଲପୁର ଦେଇ ଲୋଇସିଂହା ଆସୁଥିଲେ। ତାଙ୍କ ଗାଡି ମଧ୍ୟାହ୍ନ ୧୨ଟାରେ ଆଗଲପୁର ଛକଠାରେ ପହଞ୍ଚିବାବେଳେ ସମ୍ପୃକ୍ତ ଯୁବକ ଶଙ୍କର ସେଠ୍ ହଠାତ ରାସ୍ତାକୁ ଚାଲି ଆସି ଅଟକାଇ ଥିଲେ। ଗାଡି ଅଟକିବା ପରେ ମନ୍ତ୍ରୀଙ୍କୁ ଲକ୍ଷ୍ୟ କରି ଶଙ୍କର ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ଆଗଲପୁର ଫାଣ୍ଡି ପୋଲିସ ଶଙ୍କରଙ୍କୁ କାବୁ କରି ନେଇଥିଲେ। ନିଶାସକ୍ତ ଅବସ୍ଥାରେ ସେ ଏପରି କାଣ୍ଡ କରିଥିବା ଫାଣ୍ଡି ଅଧିକାରୀ ଦେବାର୍ଚ୍ଚନ ମିର୍ଦ୍ଧା କହିଛନ୍ତି।



ବୁଧବାରଠାରୁ ଭୁବନେଶ୍ୱର ବିଜେବି ଅଟୋନମସ୍ କଲେଜରେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ପାଠପଢ଼ା ଆରମ୍ଭ କରିଛନ୍ତି।

## ଉତ୍ତରାଖଣ୍ଡରେ ମୟୂରଭଞ୍ଜର ଯୁବକ ନିଖୋଜ

ଖୁଣ୍ଟା,୧୦।୨(ଡି.ଏନ.ଏ.)



ପର୍ଶୁରାମ ହାଁସଦା

ଉତ୍ତରାଖଣ୍ଡରେ ଘଟିଥିବା ହିମସ୍ଖଳନଜନିତ ବନ୍ୟାରେ ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ବାଙ୍ଗରା ପଞ୍ଚାୟତ ଅନ୍ତର୍ଗତ ସାତପଉଟିଆ ଗ୍ରାମର ଜଣେ ଯୁବକ ନିଖୋଜ ଥିବା ସୂଚନା ମିଳିଛି। ସେ ହେଲେ ରବୀନ୍ଦ୍ର ନାଥ ହାଁସଦାଙ୍କ ପୁଅ ପର୍ଶୁରାମ (୪୧)। ଗତ ୭ ତାରିଖ ହିମସ୍ଖଳନ ପରଠାରୁ ପର୍ଶୁରାମ ଘରକୁ ଫୋନ କରିନାହାନ୍ତି କିମ୍ବା ତାଙ୍କ ସହ ଯୋଗାଯୋଗ ସମ୍ଭବ ହେଉ ନ ଥିବା ପରିବାର ଲୋକେ କହିଛନ୍ତି। ଫଳରେ ଆତ୍ମୀୟସ୍ୱଜନ ନାନା ଆଶା ଆଶଙ୍କା ମଧ୍ୟରେ ରହିଥିବା ବେଳେ ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଛନ୍ତି। ତେବେ ପର୍ଶୁରାମଙ୍କ ବିଷୟରେ ସୂଚନା ସଂଗ୍ରହ ପାଇଁ ତାଙ୍କ ବାପା ଜିଲା ପ୍ରଶାସନଠାରେ ନିବେଦନ କରିଛନ୍ତି। ମାଟ୍ରିକ ପାସ୍ ପରେ ପର୍ଶୁରାମ ଆଇଟିଆଇ ଇଲେକ୍ଟ୍ରିସିଆନ କୋର୍ସ କରିଥିଲେ। ୩ ବର୍ଷ ହେଲା ସେ ଉତ୍ତରାଖଣ୍ଡର ଋଷିଗଙ୍ଗା ନଦୀର ହାଇଡ୍ରୋ ଇଲେକ୍ଟ୍ରିକ ପାୱାର ପ୍ରୋଜେକ୍ଟ କର୍ପୋରେଶନରେ ଇଲେକ୍ଟ୍ରିସିଆନ ଭାବେ କାମ କରୁଥିଲେ। ପରିବାର ସହିତ ନିୟମିତ ବ୍ୟବଧାନରେ ଫୋନ ଯୋଗେ ସମ୍ପର୍କ ମଧ୍ୟ ରଖୁଥିଲେ। ପର୍ଶୁରାମ ବିବାହିତ ଓ ତାଙ୍କ ସ୍ତ୍ରୀ କୌଣସି କାରଣରୁ ଅନ୍ୟତ୍ର ରହୁଛନ୍ତି। ତାଙ୍କର ଏକ ୫ ବର୍ଷର ଶିଶୁପୁତ୍ର ରବୀନ୍ଦ୍ରଙ୍କ ପାଖରେ ରହୁଛି। ରବୀନ୍ଦ୍ର ଜଣେ ନାମମାତ୍ର କୃଷକ ହୋଇଥିବା ବେଳେ ସ୍ତ୍ରୀ, ୩ ପୁଅ ଓ ଜଣେ ଝିଅକୁ ନେଇ ତାଙ୍କ ସଂସାର। ଝିଅର ବିବାହ ସରିଥିବା ବେଳେ ୩ ପୁଅଙ୍କ ମଧ୍ୟରେ ପର୍ଶୁରାମ ବଡ଼। ତେବେ ଆସନ୍ତା ୧୫ ତାରିଖରେ ପର୍ଶୁରାମ ଘରକୁ ଫେରିଥାନ୍ତେ ବୋଲି ତାଙ୍କ ସାନଭାଇ ରାଜେନ୍ଦ୍ର କହିଛନ୍ତି।

## ନିର୍ଯାତନା ଅଭିଯୋଗ: ପ୍ରଧାନ ଶିକ୍ଷକ ନିଲମ୍ବିତ

ଚିତ୍ରକୋଣ୍ଡା,୧୦।୨(ଡି.ଏନ୍.ଏ.): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଏସ୍‌ଏସ୍‌ଡି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ସେଠୀଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ ପରେ ତାଙ୍କୁ ବୁଧବାର ନିଲମ୍ବିତ କରାଯାଇଛି। ଜିଲା ପ୍ରଶାସନର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଓଡ଼ିଶା ଏସ୍‌ସି ଏସ୍‌ଟି ଉନ୍ନୟନ ବିଭାଗ ଚିଠି ନମ୍ବର ୩୧୧୯, ୧୦।୨/୨୧ ଅନୁଯାୟୀ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି। ପ୍ରଧାନ ଶିକ୍ଷକ ସେଠୀଙ୍କ ବିରୋଧରେ ଉକ୍ତ ବିଦ୍ୟାଳୟର ୬ ଜଣ ଶିକ୍ଷୟିତ୍ରୀ, ମହିଳା କିରାଣି, ମାଟ୍ରନ, ୱାର୍ଡେନ ଓ ସିସି କର୍ମଚାରୀ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା, ନିର୍ଯାତନା ଦେଉଥିବା ଅଭିଯୋଗ କରିଥିଲେ। ଜିଲାପାଳ ୱାଇ. ବିଜୟ ତଦନ୍ତ କରିବାକୁ ଜିଲା ମଙ୍ଗଳ ଅଧିକାରୀ, ଡିଏସ୍‌ଡବ୍ଲ୍ୟୁଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଗ୍ୟାରେଜ୍‌ରେ ଜଳିଗଲା ୪ ବସ୍, ସ୍କର୍ପିଓ



ଜଳି ଯାଉଥିବା ବସ୍।

ଭଦ୍ରକ ଅଫିସ, ୧୦।୨

ଭଦ୍ରକ ୧୬ ନଂ. ଜାତୀୟ ରାଜପଥର ଡାହାଣୀଗଡ଼ିଆ ଛକ ନିକଟ ଏକ ଗ୍ୟାରେଜରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ବସ୍, ଏକ ସ୍କର୍ପିଓ ଏବଂ ଗୋଟିଏ କ୍ୟାବିନ୍ ଜଳିଯାଇଛି। ଡାହାଣୀଗଡ଼ିଆ ଛକ ନିକଟ ହରିଶଙ୍କର ଗ୍ୟାରେଜରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଭଦ୍ରକ ଅଗ୍ନିଶମ ବାହିନୀର ୩ ଗାଡ଼ି ଆସି ୩ ଘଣ୍ଟା ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ଟୁଇଟ୍ ମାଧ୍ୟମରେ ଅଗ୍ନିଶମ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି।

## ୟୁସି ଦାଖଲ ନ କଲେ ଅନୁଦାନ ବନ୍ଦ ହେବ

ଭୁବନେଶ୍ୱର, ୧୦।୨(ବ୍ୟୁରୋ)

ଜିଲାଗୁଡ଼ିକ ବିନିଯୋଗ ପତ୍ର (ୟୁସି) ଦାଖଲ ନ କଲେ ଆଗକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଠାରୁ ପାଉଥିବା ଆର୍ଥିକ ଅନୁଦାନ ପାଇବାରୁ ବଞ୍ଚିତ ହେବେ। ବୁଧବାର ବିଭାଗ ପକ୍ଷରୁ ଭିଡିଓ କନ୍‌ଫରେନ୍ସିଂରେ ଅନୁଷ୍ଠିତ ବୈଠକରେ ସମସ୍ତ ଜିଲାପାଳ ଓ ଜିଲା ସଂସ୍କୃତି ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ୨୦୧୬-୧୭ରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ବିନିଯୋଗ ହୋଇଥିବା ଅର୍ଥର ପ୍ରମାଣପତ୍ର ଦାଖଲ ହୋଇନାହିଁ। ଏ ନେଇ ବିଭାଗୀୟ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଜିଲାପାଳଙ୍କ ସହ ଆଲୋଚନାବେଳେ କ୍ଷୋଭ ପ୍ରକାଶ କରିଛନ୍ତି।

ବୈଠକରେ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଓ ନେତାଜୀଙ୍କ ୧୨୫ତମ ଜୟନ୍ତୀ ପାଳନ ପାଇଁ କାର୍ଯ୍ୟସାରଣୀ ପ୍ରସ୍ତୁତ ପାଇଁ ଜିଲାପାଳ ଓ ଜିଲା ସଂସ୍କୃତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବହୁ ଜିଲାରେ କଳାକାର ମହାସଂଘ ସଦସ୍ୟଙ୍କ ନାମ ପଞ୍ଜୀକରଣ ସହ ଡାଟାବେସ୍ ପ୍ରସ୍ତୁତ କରି ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଆଗକୁ ଆଦର୍ଶ ଗ୍ରାମ ଚୟନ କରି ସେସବୁ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ କାମ କରାଯିବ। ଆବର୍ତ୍ତନ ପାଣ୍ଠି ପାଇଥିବା ଜିଲାଗୁଡ଼ିକ ସେହି ପାଣ୍ଠିର ସୁଧ ଅର୍ଥରେ ବିଭିନ୍ନ କାର୍ଯ୍ୟ କରିବାକୁ କୁହାଯାଇଛି। ତା’ଛଡ଼ା ଜିଲାଗୁଡ଼ିକରେ ହୋଇଥିବା ‘ଲୋକକଳା ଗ୍ରାମ’ର ବିକାଶକୁ ତ୍ୱରାନ୍ୱିତ କରାଯିବ। କଳାକାରଙ୍କୁ ସ୍ୱାବଲମ୍ବୀ କରିବା ସହ ପ୍ରକୃତ ଲୋକକଳା ଗ୍ରାମ ଗଢ଼ିତୋଳିବାକୁ ଯୋଜନା ପ୍ରସ୍ତୁତ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

ରାଜ୍ୟରେ ୭୨୦୦ ଭାଗବତ ଟୁଙ୍ଗୀ ରହିଛି। ସେଗୁଡ଼ିକୁ ବ୍ୟାସାସନ ଓ ମାଇକ ଯୋଗାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କେତେକ ଜିଲାରେ ଏଯାଏ ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ। ଏଥିସହ ଭାଗବତ ଟୁଙ୍ଗୀଗୁଡ଼ିକର ତଦାରଖ କରିବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଜିଲାପାଳଙ୍କୁ କହିଛନ୍ତି। ବିଭିନ୍ନ ସ୍ଥାନରେ ରହିଥିବା ଅନନ୍ୟ କଳାଶୈଳୀକୁ ଉଭୟ ବୈଦ୍ୟୁତିକ ଓ ମୁଦ୍ରିତ ଭାବେ ତଥ୍ୟ ସଂଗ୍ରହ କରିବାକୁ ଜିଲା ସଂସ୍କୃତି ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଜିଲା ସଂସ୍କୃତି ପରିଷଦଗୁଡ଼ିକୁ ପୁନର୍ଗଠନ କରି ବିଭାଗକୁ ଜଣାଇବାକୁ କୁହାଯାଇଛି। ଗୁରୁବାର ବୈଠକକୁ ଆସିବାବେଳେ ବିଭାଗରେ ଦାଖଲ କରିବାକୁ ଥିବା ଏସବୁ କାଗଜପତ୍ର ଧରି ଆସିବାକୁ କୁହାଯାଇଛି। ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଉପନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଓ ଦେବାନନ୍ଦ ବରିହା, ରାଜ୍ୟ ସଂସ୍କୃତି ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋୟୀ ଏବଂ ରାଜ୍ୟ ସଂଗ୍ରହାଳୟ ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ପ୍ରମୁଖ ବୈଠକର ଯୋଗଦେଇଥିଲେ।




ବୈଠକରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରହୀ ଓ ଅନ୍ୟ ଅଧିକାରୀମାନେ।

**ସଂସ୍କୃତି ବିଭାଗର ଚେତାବନୀ**

- ଆଦର୍ଶ ଗ୍ରାମ, ଲୋକକଳା ଗ୍ରାମକୁ ଗୁରୁତ୍ୱ
- ଭାଗବତ ଟୁଙ୍ଗି ତଦାରଖ କରିବାକୁ ନିର୍ଦ୍ଦେଶ
- ଜିଲା ସଂସ୍କୃତି ପରିଷଦ ପୁନର୍ଗଠନ ହେବ

## ୧୧ ମାସ ପରେ ଖୋଲିଲା ଆଇଆଇଏମ୍

ସମ୍ବଲପୁର,୧୦।୨(ବ୍ୟୁରୋ): ମହାମାରୀ କରୋନା କଟକଣା ପରେ ସମ୍ବଲପୁର ଆଇଆଇଏମ୍ ବୁଧବାରଠାରୁ ଖୋଲାଯାଇଛି। ଚଳିତ ଶିକ୍ଷାବର୍ଷ ଓ ପୂର୍ବ ବର୍ଷର କେତେକ ଛାତ୍ରୀଛାତ୍ର କ୍ୟାମ୍ପସ୍‌ରେ ପହଞ୍ଚିଛନ୍ତି। ପ୍ରତିଷ୍ଠାନ ପକ୍ଷରୁ କେତୋଟି ନୂଆ ନିୟମ କରାଯିବା ସହ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ ପାଳନ କରାଯାଇଛି।

ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ କହିଛନ୍ତି, କ୍ୟାମ୍ପସ୍ ପର୍ଯ୍ୟାୟକ୍ରମେ ଖୋଲାଯିବ। ସେହି ଅନୁଯାୟୀ ଛାତ୍ରୀଛାତ୍ର ଆସିବେ। ସରକାରଙ୍କ ନିୟମାବଳୀ ସମ୍ପର୍କରେ ସମସ୍ତ




ଛାତ୍ରୀଛାତ୍ର, ଅଧ୍ୟାପକ, କର୍ମଚାରୀଙ୍କୁ ସୂଚନା ଦିଆଯାଇଛି। ଛାତ୍ରୀଛାତ୍ର କ୍ୟାମ୍ପସ୍‌ରେ ପ୍ରବେଶ କରିବା ପୂର୍ବ ୧୪ ଦିନର ଭ୍ରମଣ, ଅବସ୍ଥିତି ସମ୍ପର୍କରେ ସୂଚନା ଦେବେ। କୋଭିଡ୍ ନେଗେଟିଭ ପ୍ରମାଣପତ୍ର ଦାଖଲ କରିବାକୁ ହେବ। ସେମାନଙ୍କୁ କ୍ୱାରେଣ୍ଟାଇନ୍‌ରେ ରହିବାକୁ ପଡ଼ିବ ଓ ପରେ କୋଭିଡ୍ ପରୀକ୍ଷା କରାଇବାକୁ ହେବ।

## ମଦଭାଟିରେ ଚଢ଼ାଉ, ୨ ଗିରଫ

ଆସିକା,(ଡି.ଏନ୍.ଏ.): ଗାଙ୍ଗପୁର ଥାନା କୁଲାଙ୍ଗି ଗ୍ରାମରେ ଚାଲିଥିବା ୨ ମଦଭାଟି ଉପରେ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ୬୦୫ ଲିଟର ରନ୍ଧାମଦ, ମଦରେ ବ୍ୟବହାର ପ୍ରାୟ ୧୦କେଜି ୟୁରିଆ ସାର ଓ ଅନ୍ୟାନ୍ୟ ସରଞ୍ଜାମ ସହ ୨ଟି ବାଇକ ଜବତ ହୋଇଛି । ପ୍ରାୟ ୨୫ଶହ ଲିଟର ପୋଚ ନଷ୍ଟ କରାଯାଇଛି । ଏହି ଘଟଣାରେ କୁଲାଙ୍ଗି ଗ୍ରାମର ୨ ଜଣଙ୍କୁ ଗିରଫ କରାଯାଇଛି। ଏ ନେଇ ପୃଥକ ୨ ମାମଲା ନଂ.୪୭/୨୧ ଓ ୪୮/୨୧ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧିରେଶ କୁମାର ଦାସ କହିଛନ୍ତି।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ବସନ୍ତ ଉତ୍ସବ, ସ୍ଥାନ: ପ୍ରେମ ନଗର, ସମୟ: ଅପରାହ୍ଣ ୪ଟା।
- ଓରାଲ ହାଇଜିନ୍ ସମ୍ବନ୍ଧୀୟ ପାଠଚକ୍ର, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ଣ ସାଢ଼େ ୧୦ଟା।

## ସଂକ୍ଷେପରେ

### ମଦ ପୋଚ ତିଆରି ସାମଗ୍ରୀ ଜବତ

ପାତ୍ରପୁର,୧୦।୨(ଡି.ଏନ.ଏ.):ଚିକିଟି ଅବକାରୀ ବିଭାଗ, ଜରଡ଼ା ଓ ଆନ୍ଧ୍ର ପୋଲିସ ସହାୟତାରେ ବୁଧବାର ବିଭିନ୍ନ ମଦ ଭାଟିରେ ଚଢ଼ାଉ କରି ପୋଚ ତିଆରି ସାମଗ୍ରୀ ଜବତ କରିଛି। ରାମଚନ୍ଦ୍ରପୁରରେ ୭,୨୦୦ ଲିଟର ପୋଚ, ଗଙ୍ଗାପୁରରେ ଦୁଇ ହଜାର ଦୁଇ ଶହ ଲିଟର ପୋଚ ଓ ୮୦୦ ଲିଟର ମଦ, ଶାସନଠାରେ ୩,୮୦୦ ଲିଟର ପୋଚ ନଷ୍ଟ କରାଯାଇଛି। ଚଢ଼ାଉରେ ପାତ୍ରପୁର ତହସିଲଦାର ଅମିତ କୁମାର ନାୟକ, ଜରଡ଼ ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ, ଅବକାରୀ ବିଭାଗ ତରଫରୁ ବାଳକୃଷ୍ଣ ପରିଡ଼ା, ଡିଏସ୍ଏଫ ମିହିର କୁମାର ସେଠୀ, ଏସ୍ଆଇ ସତ୍ୟନାରାୟଣ ପାଢ଼ୀ ଓ ଆନ୍ଧ୍ର ପୋଲିସ ସାମିଲ ଥିଲେ।

### ମୋ ଖତ ବିତରଣ କାର୍ଯ୍ୟକ୍ରମ

ବୁଗୁଡ଼ା,୧୦।୨(ଡି.ଏନ.ଏ.):ବୁଗୁଡ଼ା ଏନ୍ଏସି ପ୍ରଶାସନ ପକ୍ଷରୁ ବୁଧବାର କଲ୍ୟାଣି ମଣ୍ଡପ ପରିସରରେ ମୋ ଖତ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ଉପଜିଲାପାଳ ତଥା ଏନ୍ଏସି ପ୍ରଶାସକ ରାଜେନ୍ଦ୍ର ମିଞ୍ଜଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀକାନ୍ତ ସାହୁ, ତହସିଲଦାର ସଂଗ୍ରାମ କେଶରୀ ଜେନା, ଏନ୍ଏସି ନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରୁ ଉତ୍ପାଦିତ ଖତ ପ୍ୟାକେଟକୁ ୨୦ ଟଙ୍କାରେ ଲୋକଙ୍କୁ ବିକ୍ରୟ କରାଯାଇଥିଲା। ଏହି ଅବସରରେ ଏନ୍ଏସି କାର୍ଯ୍ୟାଳୟରେ ଅତିଥିଙ୍କ ଉପସ୍ଥିତିରେ ସମସ୍ତ କର୍ମଚାରୀମାନଙ୍କ ସକାଶେ ବଡ଼ାଖାନା କାର୍ଯ୍ୟକ୍ରମ ମଧ ହୋଇଥିଲା। କାଳୁ ଚରଣ ରଥ, ଜଗଦୀଶ ପଣ୍ଡା, ରାମକୃଷ୍ଣ ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ରେଡକ୍ରସ୍ ପକ୍ଷରୁ କାର୍ଯ୍ୟକାରିଣୀ ଶିବିର

କାଶୀନଗର,୧୦।୨:କାଶୀନଗର ସ୍ଥିତ ଶ୍ରୀରାମ ଡିଗ୍ରୀ କଲେଜରେ ୟୁଥ୍ ରେଡକ୍ରସ ତରଫରୁ ୩ଦିନିଆ କାର୍ଯ୍ୟକାରିଣୀ ଶିବିର କଲେଜ ଅଧକ୍ଷ ଡ. ପ୍ରଶାନ୍ତ ବନପାଲିଙ୍କ ନେତୃତ୍ୱରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ସମ୍ପୂର୍ଣ୍ଣା ରାଉତ, ଜିଲା ସଂଯୋଜକ ପ୍ରଦୀପ କୁମାର ଷଡ଼ଙ୍ଗୀ, ଶ୍ରୀରାମ କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ନବକୃଷ୍ଣ ସାହୁକାର ଯୋଗ ଦେଇଥିଲେ। ରେଡକ୍ରେସ କାଉନସିଲର ପି.ଭେଙ୍କେଟ ରାମାଣା କାର୍ଯ୍ୟକ୍ରମକୁ ପରିଚାଳିତ କରିଥିଲେ। ବ୍ଲକରେ ଥିବା ଜଗନ୍ନାଥ କଲେଜ ଓ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। କଲେଜର ଅଧାପିକା, ଅଧାପକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପାୱାର ସିକ୍ସ ବ୍ରହ୍ମପୁର ବିଜୟୀ

ସୋରଡା,୧୦।୨(ଡି.ଏନ୍.ଏ.): ସୋରଡ଼ାରେ ଋଷିକୁଲ୍ୟା ଭଲିବଲ କ୍ଲବ ତରଫରୁ ଚାଲିଥିବା ଆନ୍ତଃ ଜିଲା ଭଲିବଲ ଟୁର୍ନାମେଣ୍ଟର ଚତୁର୍ଥ ମ୍ୟାଚ୍ ପାୱାର ସିକ୍ସ ବ୍ରହ୍ମପୁର ସହ ରାଇକିଆ ଦଳ ମଧ୍ୟରେ ହୋଇଥିଲା। ଏଥିରେ ପାୱାର ସିକ୍ସ ବ୍ରହ୍ମପୁର ବିଜୟ ହୋଇଛି। ବରିଷ୍ଠ କ୍ରୀଡ଼ାବିତ ସୟଦ ରିୟାଜ ଅତିଥି ରୂପେ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ଦାସ ରେଫରି ଓ ଶିକ୍ଷକ ରାଜେନ୍ଦ୍ର ବେହେରା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସଦସ୍ୟ ଡିଲୁ ମହାରଣା, ଟୁନା ସେନାପତି, ସୟଦ ୱାସୀମ ପରିଚାଳନା କରିଥିଲେ।

### ସୁନା ଅଳଙ୍କାର ଚୋରି

ଚିକିଟି,୧୦।୨(ଡି.ଏନ.ଏ.): କେ.ନୂଆଗାଁ ଥାନା ଚିକିଟି ବ୍ଲକ୍ ଚିଲାଡି ଗ୍ରାମରେ ମଙ୍ଗଳବାର ରାତିରେ ପୁଣି ୪ ଘରୁ ଚୋରି ହୋଇଛି। ପ୍ରଫୁଲ୍ଲ ପଣ୍ଡାଙ୍କ ଦାଣ୍ଡ କବାଟ ତାଡି ଆଲମିରାରେ ଥିବା ସୁନା କାନଫୁଲ ଓ ୧୦ହଜାର ଟଙ୍କା ସହ କେ.ବିଶ୍ୱନାଥଙ୍କ ଘରୁ ସୁନା କାନଫୁଲ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ବୃନ୍ଦାବନ ନାୟକ ଓ ଗାଣ୍ଡୁ ନାୟକଙ୍କ ଘରେ ପଶିଥିଲେ ମଧ ଚୋରି କରିବାରେ ବିଫଳ ହୋଇଥିଲେ। ଅଞ୍ଚଳରେ ଚୋରି, ଡକାୟତି ବଢୁଥିଲେ ମଧ ପୋଲିସ ଲୁଟେରାଙ୍କୁ ଧରିପାରୁନାହିଁ। ଚିକିଟି ଫାଣ୍ଡି ଅଧିକାରୀ ବିଜୟ କୁମାର ପ୍ରଧାନଙ୍କୁ ପଚାରିବାରୁ ଚୋରି ନେଇ କୌଣସି ଅଭିଯୋଗ ହୋଇନାହିଁ, ପୋଲିସ ଯାଇ ତଦନ୍ତ କରି ଫେରିଛି। ଶୀଘ୍ର ଲୁଟେରାଙ୍କୁ ଗିରଫ କରାଯିବ।

# ସୁନାପୁର, ହରିପୁର ବେଳାଭୂମିର ହେବ ବିକାଶ

ଛତ୍ରପୁର,୧୦।୨(ଡି.ଏନ.ଏ)

- ବ୍ଲୁ ଫ୍ଲାଗ୍ ବିଚ୍ ମାନ୍ୟତା ପାଇଁ ଉଦ୍ୟମ ଆରମ୍ଭ
- ପ୍ରଥମ ପର୍ଯ୍ୟାୟ ଅନୁଦାନ ମଞ୍ଜୁର, ପରିଚାଳନା କମିଟି ଗଠିତ

ପୁରୀ ବେଳାଭୂମି ପରେ ଗଞ୍ଜାମ ଜିଲାର ୨ ବେଳାଭୂମିକୁ ବ୍ଲୁ ଫ୍ଲାଗ୍ ବିଚ୍ ମାନ୍ୟତା ଦେବା ଲାଗି ଉଦ୍ୟମ ଆରମ୍ଭ ହୋଇଛି। ଗଞ୍ଜାମର ହରିପୁର (ଗୋପାଳପୁର) ଓ ସୁନାପୁର ବେଳାଭୂମିର ବିକାଶ ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି। ଏହି ପରିପ୍ରେକ୍ଷୀରେ ହରିପୁର ବେଳାଭୂମିର ବିକାଶ ପାଇଁ ୧ କୋଟି ୧୬ ଲକ୍ଷ ୧୨ ହଜାର ୪୯୬ ଟଙ୍କାର ଯୋଜନା ପ୍ରସ୍ତୁତ ହୋଇଛି । ଏଥିରୁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୫୮ ଲକ୍ଷ ୬ ହଜାର ୨୪୮ ଟଙ୍କା ମଞ୍ଜୁର ହୋଇଛି । ସେହିପରି ସୁନାପୁର ବେଳାଭୂମିର ବିକାଶ ପାଇଁ ୧ କୋଟି ୩୬ ଲକ୍ଷ ୮୬ ହଜାର ୯୬ ଟଙ୍କାର ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିରୁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୬୮ ଲକ୍ଷ ୪୩ ହଜାର ୪୮ ଟଙ୍କା ମଞ୍ଜୁର କରାଯାଇଛି। ବ୍ରହ୍ମପୁର ଡିଏଫଓଙ୍କ ନିକଟକୁ ଏହି ଅନୁଦାନ ଆସିଛି। ୬ମାସ ମଧ୍ୟରେ ଏହି କାର୍ଯ୍ୟ ସରିବ ବୋଲି ସୂଚନା ମିଳିଛି । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ପୁରୀ ଭଳି ଗଞ୍ଜାମର ଏହି ୨ ସ୍ଥାନରେ ବ୍ଲୁ ଫ୍ଲାଗ୍ ବିଚ୍ ମାନ୍ୟତା ପାଇଁ ବିକାଶ ହେବ । ଗଞ୍ଜାମର ପର୍ଯ୍ୟଟନ କ୍ଷେତ୍ର ଭାବେ ଏହା ପରିଚିତ। ସୁନାପୁର ଓ ଗୋପାଳପୁର ବେଳାଭୂମି ସଫେଇ ହୋଇଛି । କିଭଳି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏସବୁ କ୍ଷେତ୍ରର ସୁନାମ ଆସିବ ତାହା ଉପରେ ଧ୍ୟାନ ଦିଆଯାଉଛି। ବେଳାଭୂମିକୁ ପ୍ଲାଷ୍ଟିକମୁକ୍ତ କରିବା ଓ ସଫେଇ ଉପରେ ଗୁରୁତ୍ୱ ଦିଆଯାଉଥିବା ଜିଲାପାଳ କହିଛନ୍ତି। ବ୍ଲୁଫ୍ଲାଗ ବିଚ୍ ମାନ୍ୟତା ପାଇଁ ୨ ବେଳାଭୂମିର ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବିଚ୍ ପରିଚାଳନା କମିଟି ଗଠନ କରାଯାଇଛି । ଜିଲାପାଳ ଏହି କମିଟିର ଅଧକ୍ଷ ରହିଥିବା ବେଳେ ବ୍ରହ୍ମପୁର ଡିଏଫଓ ଆବାହକ ରହିଛନ୍ତି। ସେହିପରି ଗଞ୍ଜାମ ଓ ବ୍ରହ୍ମପୁର ଏସ୍‌ପି, ଡିଆରଡିଏ ଓ ଡୁଡା ପିଡି, ଆଇସିଜେଡ୍ଏମପି ପିଡି, ବିଡିଏ ସମ୍ପାଦକ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରିଜିଓନାଲ ଅଫିସର, ଟୁରିଷ୍ଟ, ଫାୟାର ଓ ଫିସେରୀ ଅଫିସର, ପିଏଡି ଓ ଆର ଆଣ୍ଡ ବିର ନିର୍ବାହୀ ଯନ୍ତ୍ରୀ, ଗୋପାଳପୁର ଓ ଚିକିଟି ଏନଏସି ନିର୍ବାହୀ ଅଧିକାରୀ ସଭ୍ୟ ଅଛନ୍ତି। ପୁରୀ ବ୍ଲୁଫ୍ଲାଗ୍ ବିଚ୍ ଦେଖିବା ସହ ତଥ୍ୟ ସଂଗ୍ରହ ପାଇଁ ଗଞ୍ଜାମ ଜିଲାରୁ ଏକ ଟିମ୍ ସେଠାକୁ ଯାଇଥିଲେ। ସେଠାର ଫଟୋ ଆଣି ବୁଧବାର ଛତ୍ରପୁରଠାରେ ଜିଲାପାଳଙ୍କ ଉପସ୍ଥିତିରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଅନ୍ୟମାନଙ୍କୁ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନରେ ପ୍ରଦର୍ଶନ ସହ ଏ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଛି।

# ଏକ୍ସପାଏରି ସାମଗ୍ରୀ ବିକି ଅଡୁଆରେ ବ୍ୟବସାୟୀ



ଦୋକାନରେ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଚଢ଼ାଉ କରୁଛନ୍ତି।

ଫୁଲବାଣୀ ଅଫିସ, ୧୦।୨

ଫୁଲବାଣୀ ସହରରେ ଏକ୍ସପାଏରୀ ସାମଗ୍ରୀ ବିକୁଥିବା ଜଣେ ବ୍ୟବସାୟୀ ବିଚାରପତିଙ୍କ ହାବୁଡରେ ପଡିଛନ୍ତି। ବିଚାରପତିଙ୍କ ନିର୍ଦ୍ଦେଶରେ ଫୁଡ୍ ଇନ୍ସପେକ୍ଟର ସମ୍ପୃକ୍ତ ଦୋକାନକୁ ଯାଇ ବୁଧବାର ରାତିରେ ଚଢ଼ାଉ କରିବା ପରେ ବହୁ ଏକ୍ସପାଏରୀ ସାମଗ୍ରୀ ଜବତ ହୋଇଥିବା ଜଣାପଡିଛି।

ଫୁଲବାଣୀର କୋର୍ଟର ଜଣେ ବିଚାରପତି ମଙ୍ଗଳବାର ଦହି ଆଣିବାକୁ ତାଙ୍କର ଜଣେ କର୍ମଚାରୀଙ୍କୁ ପଠାଇଥିଲେ। ସେ ନିକଟସ୍ଥ ମାହାନ୍ତି ସ୍ନାକ୍ସ ଆଣ୍ଡ ସୁଇଟ୍ସରୁ ଦହି ଆଣି ଥିଲେ। ଖାଇବା ପରେ ବିଚାରପତି ଅସୁସ୍ଥ ଅନୁଭବ କରିବାରୁ ଦହି ପ୍ୟାକେଟ୍ ଦେଖିଲା ବେଳକୁ ତାହା ଏକ୍ସପାଏରୀ ହୋଇଥିବା ଜଣାପଡିଥିଲା। ଏ ନେଇ ବିଚାରପତି ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁଙ୍କୁ ଅବଗତ କରିଥିଲେ। ସାହୁଙ୍କ ନିର୍ଦ୍ଦେଶରେ ଫୁଡ୍ ଇନ୍ସପେକ୍ଟର(ଖାଦ୍ୟ ନିରୀକ୍ଷକ) ନବ କିଶୋର ସାହୁ ସଦଳବଳ ବୁଧବାର ମହାନ୍ତି ସ୍ନାକ୍ସ ଦୋକନକୁ ଯାଇ ଯାଞ୍ଚ ଆରମ୍ଭ କରିଥିଲେ। ସେଠାରେ ବହୁ ଖାଦ୍ୟ ସାମଗ୍ରୀ ଏକ୍ସପାଏରୀ ହୋଇଥିବା ଦେଖି ସେଗୁଡିକୁ ଜବତ କରିଥିଲେ। ଏଥିସହ ସାମ୍ପୁଲ ମଧ ସଂଗ୍ରହ କରିଥିଲେ। ଏ ନେଇ ଫୁଡ୍ ଇନ୍ସପେକ୍ଟର ନବ କିଶୋର ସାହୁ କୁହନ୍ତି, ଆମେ ଅଭିଯୋଗ ପାଇଲା ପରେ ଚଢ଼ାଉ କରିଛୁ, ଦେକାନର ଲାଇସେନ୍ସ ମଧ ଏକ୍ସପାଏରୀ ହୋଇଯାଇଛି। ଜବତ ସାମ୍ପୁଲକୁ ଲାବୋରୋଟୋରି ପଠାଯିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

**ବିଚାରପତିଙ୍କୁ ବି ଛାଡିଲେନି**

# କ୍ରିକେଟ ଟୁର୍ନାମେଣ୍ଟ: ମରେଇ ନୂଆଗାଁ ଚାମ୍ପିୟନ



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ବେଗୁନିଆପଡା,୧୦।୨(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ଶାଙ୍କୁଡ଼ାଠାରେ ଚାଲିଥିବା ପ୍ରଫୁଲ୍ଲ ଚନ୍ଦ୍ର ତିଆଡି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କେ.ଶାଳବଣକୁ ହରାଇ ମରେଇନୁଆଗାଁ ଦଳ ଚାମ୍ପିୟନ ହୋଇଛି। ମରେଇନୁଆଗାଁ ଦଳ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୬ ଉଇକେଟ ହରାଇ ୧୮୮ ରନ ସଂଗ୍ରହ କରିଥିଲା। ଜବାବରେ ଶାଳବଣ ସମସ୍ତ ଉଇକେଟ ହରାଇ ୧୦୭ ରନ କରି ପରାଜିତ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ରାଜକିଶୋରଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ଜିତେନ୍ଦ୍ର କୁମାର (ଶାଳବଣ)ଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଜିତୁ ସିଂ ଓ ମିଥୁନ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ହୃଷୀକେଶ ପାତ୍ର, ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା ମୁଖ୍ୟବକ୍ତା, ପୂର୍ବତନ ଜିଲା ପରିଷଦ ସଭ୍ୟ କାଶୀନାଥ ବେହେରା, ସାଂକୁଡ଼ା ସରପଞ୍ଚ ସନ୍ତୋଷ କୁମାର ସାହୁ, ସମିତିସଭ୍ୟ କବିରାଜ ନାୟକ, କଂଗ୍ରେସ ନେତା ବୁଲା ଜେନା, ଭାଜପା ନେତା ନିରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ମାଓବାଦୀ ବିରୋଧୀ କାର୍ଯ୍ୟକଳାପରେ ଜଡିତ ନାହିଁ ଗଣ୍ଡ ସମାଜ

### ପ୍ରତିକ୍ରିୟା ରଖିଲେ ୩ ସରପଞ୍ଚ

ଫୁଲବାଣୀ ଅଫିସ/ତୁମୁଡିବନ୍ଧ,୧୦।୨

କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ ଭଣ୍ଡରଙ୍ଗି ପଞ୍ଚାୟତରେ ଗତ ୨୯ତାରିଖ ରାତିରେ ୨ଯୁବକଙ୍କୁ ପୋଲିସ ଇନ୍‌ଫରମର ସନ୍ଦେହରେ ମାଓବାଦୀ ହତ୍ୟା କରିଥିଲେ। ମାଓବାଦୀ ବିରୋଧୀ କାର୍ଯ୍ୟକଳାପରୁ ଜନସାଧାରଣଙ୍କୁ ନିବୃତ ରହିବାକୁ ଛାଡି ଯାଇଥିବା ପୋଷ୍ଟରରେ ଚେତାବନୀ ଦେଇଥିଲେ। ସେଥିରେ କେତେଜଣ ସରପଞ୍ଚଙ୍କୁ ମଧ ଏଥିରୁ ନିବୃତ ରହିବାକୁ ଚେତାବନୀ ଦିଆ ଯାଇଥିଲା। ଏହାପରେ ଭଣ୍ଡରଙ୍ଗି ସରପଞ୍ଚ ଦ୍ରୌପଦୀ ପାତ୍ର ସପରିବାର ଗାଁ ଛାଡି ଅନ୍ୟତ୍ର ରହୁଛନ୍ତି। ଏନେଇ ତୁମୁଡ଼ିବନ୍ଧ ବ୍ଲକ ମୁଣ୍ଡିଗଡ ଗ୍ରାମସ୍ଥିତ ଗଣ୍ଡ ସମାଜ ଗୃହରେ ବୁଧବାର ମୁଣ୍ଡିଗଡ ସରପଞ୍ଚ ନାରାୟଣ ପାତ୍ର, ଝିରିପାଣି ସରପଞ୍ଚ ଅର୍ଜୁନ ପାତ୍ର, ଲଙ୍କାଗଡ ସରପଞ୍ଚ ହର ପାତ୍ର ଏକ ଖବରଦାତା ସମ୍ମିଳନି ଡାକି ସ୍ୱଷ୍ଟିକରଣ ଦେଇଛନ୍ତି। ସମାଜ ବୈଠକରେ କୌଣସି ବ୍ୟକ୍ତିବିଶେଷ କିମ୍ବା ସଙ୍ଗଠନ ବିରୋଧରେ ଆଲୋଚନା ହୁଏନାହିଁ। ଏଣୁ ଆମ୍ଭେମାନେ କିମ୍ବା ଆମ ସମାଜ ମାଓବାଦୀ ବିରୋଧି କାର୍ଯ୍ୟକଳାପରେ ଜଡିତ ନାହିଁ। ଆୟୋଜିତ ସମ୍ମିଳନୀରେ ତୁମୁଡ଼ିବନ୍ଧ ପଞ୍ଚାୟତ ସମିତି ଅଧକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର, ପୂର୍ବତନ ବିଧାୟକ ରାଜୀବ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଡିଆଇପିଆରଓ ନେଲେ କରୋନା ଟିକା

ଛତ୍ରପୁର,୧୦।୨(ଡି.ଏନ.ଏ.)



ଡିଆଇପିଆରଓ ଟିକା ନେଉଛନ୍ତି।

ଛତ୍ରପୁରରେ ଦ୍ୱିତୀୟ ପର୍ଯ୍ୟାୟରେ ଗତ ୬ ତାରିଖରୁ କରୋନା ଯୋଦ୍ଧାମାନଙ୍କୁ କୋଭିଡ୍ ଟିକା ଦିଆଯାଉଛି। ବୁଧବାର ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆରଓ) ରବି ନାରାୟଣ ବେହେରା କରୋନା ଟିକା ନେବା ସହ ସମସ୍ତେ ଟିକା ନେବାକୁ ସେ ପରାମର୍ଶ ଦେଇଛନ୍ତି। ବୁଧବାର ୩୮୫ ଆଗଧାଡିର କରୋନା ଯୋଦ୍ଧାଙ୍କୁ କୋଭିଡ୍ ଟିକା ଦିଆଯାଇଛି । ସେଥିମଧ୍ୟରେ ବ୍ଲକ କାର୍ଯ୍ୟାଳୟରେ ୧୮୮ ଜଣ ଓ ବାରାକ୍‌ରେ ୧୯୭ ଜଣଙ୍କୁ ଟିକା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ୨ କେନ୍ଦ୍ରରେ ୧୨୧୧ ଜଣ ଟିକା ନେଇଛନ୍ତି। ୨୩୦ ଜଣ ଟିକା ନେବାକୁ ଆସିନାହାନ୍ତି। ଗୁରୁବାର ୪୬୧ ଜଣ ଟିକା ନେବେ ବୋଲି ସୂଚନା ଦିଆଯାଇଛି। ମୋଟ ୧୭୦୪ ଜଣ ଆଗଧାଡିର କରୋନା ଯୋଦ୍ଧାଙ୍କୁ ଉକ୍ତ କେନ୍ଦ୍ର ମାନଙ୍କରେ କୋଭିଡ୍ ଟିକା ଦିଆଯିବାକୁ ସ୍ଥିର ହୋଇଛି।

# ଆଇଆର୍‌ସିଟିସି ୟୁଜର ଆଇଡି ଅପବ୍ୟବହାର

ବ୍ରହ୍ମପୁର ଅଫିସ,୧୦।୨

**ଅଭିଯୁକ୍ତ କୋର୍ଟ ଚାଲାଣ**

ଟ୍ରେନରେ ଯାତ୍ରା ଟିକଟ ବୁକିଂ କରିବା ପାଇଁ ରହିଥିବା ଆଇଆରସିଟିସି ୟୁଜର ଆଇଡି ଅପବ୍ୟବହାର ଅଭିଯୋଗରେ ବ୍ରହ୍ମପୁର ଆରପିଏଫ୍ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି କୁଠାରୀ ମନ୍ଦିର ସାହିର ଲକ୍ଷ୍ମୀ ସଦେଇ ବୋଲି ଆରପିଏଫ୍ ଇନ୍ସପେକ୍ଟର୍ ଦିଲୀପ କୁମାର ସୂଚନା ଦେଇଛନ୍ତି। ଆଇଆରସିଟିସିର କିଛି ନିର୍ଦ୍ଦିଷ୍ଟ ୟୁଜର୍ ଆଇଡି ଜରିଆରେ ବାରମ୍ବାର ଟିକଟ୍ ବୁକିଂ ହେଉଥିବା ନେଇ ସୂଚନା ମିଳିଥିଲା। ଏହି ସୁବିଧା ବ୍ୟକ୍ତିଗତ ବ୍ୟବହାର ପାଇଁ ରହିଥିବା ବେଳେ କିଛି ଲୋକ ସେହି ଆଇଡି ଜରିଆରେ ଟିକଟ ବିକ୍ରି କରି ବେପାର କରିଥାନ୍ତି। ଗେଟବଜାର କୁଠାରୀ ମନ୍ଦିର ସାହିର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏଭଳି ବେପାର ଚାଲିଥିବା ନେଇ ସୂଚନା ଆସିଥିଲା। ସେ ନେଇ ଆରପିଏଫ୍ ଇନ୍ସପେକ୍ଟର ଦିଲୀପଙ୍କ ନେତୃତ୍ୱରେ ଏସ୍ଆଇ ସି.କେ.ତିୱାରୀ ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲେ। ଯାଞ୍ଚ ପରେ ଲକ୍ଷ୍ମୀଙ୍କ ଘରେ ଏହି କାରବାର ଚାଲିଥିବା ଜଣାପଡ଼ିଥିଲା। ଆଇଆରସିଟିସିର ୧୦ଟି ବିଭିନ୍ନ ୟୁଜର୍ ଆଇଡି କରି ସେଥିରେ ରେଳ ଟିକଟ ବୁକିଂ କରି କମିସନ୍ ଆକାରରେ ତାହା ଗ୍ରାହକଙ୍କୁ ବିକ୍ରି କରାଯାଉଥିବା ଜଣାପଡ଼ିଥିଲା। ଆରପିଏଫ ସେଠାରୁ ୬ ହଜାର ୮୨୮ ଟଙ୍କାର ୯ଟି ଟିକଟ ଜବତ କରିଥିଲା। ସେହିପରି ୨୭ ହଜାର ୯୪୪ ଟଙ୍କାର ପୁରୁଣା ଟିକଟ ମଧ ଜବତ ହୋଇଥିବା ନେଇ ଇନ୍ସପେକ୍ଟର ଦିଲୀପ ସୂଚନା ଦେଇଛନ୍ତି। ଏହି ଘଟଣାର ଆରପିଏଫ ଏକ ମାମଲା ରୁଜୁକରି ଅଭିଯୁକ୍ତ ଲକ୍ଷ୍ମୀଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ବ୍ରହ୍ମପୁର ଆରପିଏଫ୍ ଭଞ୍ଜନଗରରେ ମଧ ଚଢ଼ାଉ କରି ଏଭଳି ଏକ ବେଆଇନ କାରବାର ଠାବ କରିଥିଲା।

## ମହିଳାଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

କବିସୂର୍ଯ୍ୟନଗର,୧୦।୨(ଡି.ଏନ୍.ଏ.)

କବିସୂର୍ଯ୍ୟନଗର ଥାନା ଧୋବାପଦର କାଜୁ ଜଙ୍ଗଲରୁ ମଙ୍ଗଳବାର ଜଣେ ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରିଥିଲା ପୋଲିସ। ସୋମବାର ରାତିରେ ଇଟାଭାଟିରେ କାମ କରୁଥିବା ଶ୍ରମିକମାନେ ମଧ ମହିଳାଙ୍କ ଚିତ୍କାର ଶୁଣିଥିବା କହିଛନ୍ତି। ବାଉଁଶିଆ ଗ୍ରାମରକ୍ଷୀ ପୀତବାସ ପାଢ଼ୀଙ୍କ ଏତଲାକ୍ରମେ ନଂ.୩୮/୨୧ରେ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଆଇଆଇସି ପ୍ରଭାତ କୁମାର ସାହୁ କହିଛନ୍ତି। ମୃତ ମହିଳା ଜଣକ ବ୍ରହ୍ମପୁର ସଦର ଥାନା ଆଙ୍କୁଶପୁର ନିକଟ ବାଉଁଶିଆପଲ୍ଲୀର ଲିଲି ନାୟକ। ଗଣମାଧ୍ୟମକୁ ଲିଲିଙ୍କ ମା' ଡମୁଣୀ କହିଛନ୍ତି, ରବିବାର କବିସୂର୍ଯ୍ୟନଗରର ଜମୈକ ମାଲିକ ପାଖକୁ ବକେୟା ଟଙ୍କା ପାଇଁ ଜ୍ୱାଇଁ ଝିଅକୁ ନେଇ ଆସିଥିଲେ। ୨ ବର୍ଷ ହେଲା ଝିଅ–ଜ୍ୱାଇଁଙ୍କ ମଧ୍ୟରେ ଭଲ ସମ୍ପର୍କ ନଥିଲା। ଜ୍ୱାଇଁ ବାହାରେ ରହୁଥିବାବେଳେ ମାସେ ତଳେ ଫେରିଥିଲେ। ମୋ ଝିଅକୁ ଟଙ୍କା ଆଣିବା ବାହାନାରେ ଡାକି ଜ୍ୱାଇଁ ହତ୍ୟା କରିଛନ୍ତି ବୋଲି ଶାଶୁ ଅଭିଯୋଗ କରିଛନ୍ତି। ଘଟଣା ପରଠାରୁ ସ୍ୱାମୀ ଫେରାର ଥିବା ଜଣାପଡ଼ିଛି।

# ଗଞ୍ଜାମ ବିଜେଡି ଜିଲା କମିଟିରେ ମହିଳାଙ୍କୁ ଗୁରୁତ୍ୱ

ବ୍ରହ୍ମପୁର ଅଫିସ,୧୦।୨

**ସବୁ ନିର୍ବାଚନ ମଣ୍ଡଳୀରୁ ରହିବେ ୩ ଜଣ**

ବ୍ରହ୍ମପୁର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ଗଞ୍ଜାମ ଜିଲା ବିଜେଡି ସଭାପତି କରାଯାଇଛି। ହେଲେ ଜିଲା କମିଟି ଗଠନ ହୋଇ ନ ଥିବାରୁ କର୍ମକର୍ତ୍ତାଙ୍କ ପାଇଁ ଆଶାୟୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଜିଲାର ବିଧାୟକ ଓ ଏମ୍‌ପିଙ୍କ ମତାମତ ଏବଂ ସୁପାରିଶ ଅନୁସାରେ ପ୍ରସ୍ତୁତ ତାଲିକା ରାଜ୍ୟ ସଭାପତିଙ୍କ ନିକଟକୁ ଦୀର୍ଘଦିନ ପୂର୍ବରୁ ପଠାଯାଇଛି। ତାହା ଦଳ ମୁଖ୍ୟାଳୟରେ ଅନୁମୋଦନ ହୋଇ ନପାରି ପଡ଼ି ରହିଛି। ବିଜେଡି ମହିଳା କାର୍ଡ ଖେଳି ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣକୁ ଆଇନରେ ପରିଣତ କରାଯିବା ଉପରେ ଗୁରୁତ୍ୱ ଦେଇଛି। ଏଥିନିମନ୍ତେ କେନ୍ଦ୍ର ଉପରେ ଚାପ ପକାଯାଉଛି। ଏଭଳି ସ୍ଥିତିରେ ଜିଲା କମିଟିରେ ମଧ ୩୩% ମହିଳାଙ୍କୁ ରଖାଯିବାକୁ ନିର୍ଦ୍ଦେଶ ଆସିଥିବାରୁ ତାଲିକା ସଂଶୋଧନ ଲାଗି ପଦକ୍ଷେପ ନିଆଯାଇଛି। ବୁଧବାର ଆଲୋଚନା ବେଳେ ଚ୍ୟାଉ ପଟ୍ଟନାୟକ କହିଛନ୍ତି, ଖୁବଶୀଘ୍ର ନୂଆ କର୍ମକର୍ତ୍ତାଙ୍କ ନାମ ଘୋଷଣା ହେବ। ସୂଚନାଯୋଗ୍ୟ, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ସାଧାରଣ ନିର୍ବାଚନ ପୂର୍ବରୁ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ବିଜେଡି ଜିଲା ସଭାପତି କରାଯାଇଥିଲା। ଗଞ୍ଜାମରେ ଜିଲା କାର୍ଯ୍ୟାଳୟ ନ ଥିଲା। ପ୍ରଦୀପଙ୍କ ସମୟରେ ବ୍ରହ୍ମପୁର ଇଞ୍ଜିନିୟରିଂ ସ୍କୁଲ ରୋଡରେ ଏକ ଭଡ଼ାଘରେ ଜିଲା କାର୍ଯ୍ୟାଳୟ ଖୋଲାଯାଇଥିଲା। ତାଙ୍କୁ ଦଳରୁ ବହିଷ୍କାର କରାଯାଇଛି । କିଛିମାସ ତଳେ ସେହି କାର୍ଯ୍ୟାଳୟ ବନ୍ଦ କରାଯାଇ ଚ୍ୟାଉ ପଟ୍ଟନାୟକଙ୍କ ବାସଭବନ ପାଖରେ ଖୋଲାଯାଇଛି। ସଭାପତିଙ୍କ ବ୍ୟତୀତ ଅନ୍ୟ କର୍ମକର୍ତ୍ତା ଘୋଷଣା ହୋଇ ନ ଥିବାରୁ ପୁରୁଣା କର୍ମକର୍ତ୍ତାଙ୍କୁ ନେଇ ଚାଲିଛି କାର୍ଯ୍ୟାଳୟ। ସୂଚନା ଅନୁସାରେ, ନୂଆ କମିଟି ଲମ୍ବା ହେବ। ଜିଲାର ୧୩ବିଧାନସଭା ନିର୍ବାଚନ ମଣ୍ଡଳୀର ଜଣେ ମହିଳାଙ୍କ ସମେତ ୩ ଜଣ ଲେଖାଏ ରହିବେ। ଉପସଭାପତି, ସାଧାରଣ ସମ୍ପାଦକ ଓ ସମ୍ପାଦକ ହେବେ। ସଂଶୋଧିତ ତାଲିକା ପଠାଯାଇଥିଲେ ମଧ ସେମାନଙ୍କ ବାୟୋଡ଼ାଟା ମଗାଯାଇଛି। ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ କି ନୁହେଁ, ସେହି ତଥ୍ୟ ପଠାଇବାକୁ ନିର୍ଦ୍ଦେଶ ଆସିଛି। ତେଣୁ ନୂଆ କର୍ମକର୍ତ୍ତା ଘୋଷଣା ବିଳମ୍ବ ହୋଇଥିବା ଅନୁମାନ କରାଯାଇଛି।

# ବିଜେଡିରେ ମିଶିଲେ କଂଗ୍ରେସ ନେତା

ବେଗୁନିଆପଡ଼ା,୧୦।୨(ଡି.ଏନ.ଏ.)

କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ବୁଧବାର ବେଗୁନିଆପଡ଼ା ବ୍ଲକ ଗସ୍ତରେ ଆସି ଏକ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ। ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀର କଂଗ୍ରେସ ଦଳ ବିଧାୟକ ପ୍ରାର୍ଥୀ କାଶୀନାଥ ବେହେରା ହାତ ଛାଡି ଶଙ୍ଖ ଧରିଛନ୍ତି। ସେ କିଛିଦିନ ପୂର୍ବେ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ବୁଧବାର ତାଙ୍କ ସମର୍ଥକଙ୍କ ସହିତ ବିଜେଡିରେ ସାମିଲ ହୋଇଛନ୍ତି। ସେହିପରି ବୁରୁଝରିର ପୂର୍ବତନ ସରପଞ୍ଚ ସତ୍ୟ ନାୟକ ମଧ ବିଜେଡିରେ ଯୋଗଦେଇଛନ୍ତି। ବିଧାୟିକା ଏସ.ଛଟିନା ପଞ୍ଚାୟତରେ ମଗୁରାଣି ଛାଞ୍ଚରା ଗ୍ରାମ୍ୟ ଜଳ ପ୍ରକଳ୍ପ, ହରିପୁର ଦ୍ୱାରଶୁଣି ଜଳ ପ୍ରକଳ୍ପ, ଗୁଞ୍ଜିବଳୟ ଯାତ୍ରୀ ବିଶ୍ରାମଗାର, ନୂଆଁପଲି ପାନୀୟ ଜଳ ପ୍ରକଳ୍ପ, ତାଳଗାଁ ପାନୀୟ ଜଳ ପ୍ରକଳ୍ପର ଉଦ୍‌ଘାଟନ ସହ ଶାଳିଆ ଡ୍ୟାମ ତଳ ରାସ୍ତାର ଉନ୍ନତିକରଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମିଶ୍ରଣ ପର୍ବରେ ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ବିଜୁ ଶ୍ରମିକ ସାମ୍ମୁଖ୍ୟ ଜିଲା ଉପସଭାପତି ବିଜୟ କୁମାର ନାୟକ, ସୁରେନ୍ଦ୍ର ନାଥ ତିଆଡ଼ି, ଅଙ୍ଗାର ଗାଁ ସରପଞ୍ଚ ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ବିଜେଡିରେ ସାମିଲ ହୋଇଥିବା ବ୍ୟକ୍ତିଙ୍କୁ ବିଧାୟିକା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

# ସୌନ୍ଦର୍ଯ୍ୟକରଣ ପରେ ରାସ୍ତା ମରାମତି ଭୁଲିଗଲେ

ବ୍ରହ୍ମପୁର ଅଫିସ୍,୧୦।୨



ରାମଲିଙ୍ଗେଶ୍ୱର ପୋଖରୀ ପାର୍ଶ୍ୱ ରାସ୍ତା।

ବ୍ରହ୍ମପୁର ସହରକୁ ସ୍ମାର୍ଟ ସିଟିରେ ପରିଣତ କରିବା ଲକ୍ଷ୍ୟରେ ବିଏମ୍‌ସି ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ବିଏମ୍‌ସି ପକ୍ଷରୁ ୩୯ କୋଟି ଟଙ୍କାର ବଜେଟ୍‌ରେ ସହରର ରାସ୍ତା, ପୋଖରୀ, ପାର୍କ ଓ ଅନ୍ୟାନ୍ୟ ସୌନ୍ଦର୍ଯ୍ୟକରଣ ନେଇ ଗତ ସାଧାରଣ ବୈଠକରେ ନିଷ୍ପତ୍ତି ହୋଇଥିଲା। ତେବେ ସହରର ଏଭଳି କିଛି ସ୍ଥାନ ରହିଛି, ଯେଉଁଠାରେ ବିଏମ୍‌ସି ପକ୍ଷରୁ ସୌନ୍ଦର୍ଯ୍ୟକରଣ ହୋଇଛି, କିନ୍ତୁ ପାର୍ଶ୍ୱ ରାସ୍ତା ମରାମତି କରିବା କ୍ଷେତ୍ରରେ ବିଏମ୍‌ସି ଅଣଦେଖା କରିଛି। ଏହାର ଚିତ୍ର ହେଉଛି ରାମଲିଙ୍ଗମ୍ ଟ୍ୟାଙ୍କ ରାସ୍ତା। ପ୍ରକାଶ ଯେ, ଏଠାରେ ଥିବା ୮.୧୫୭ ଏକର ଜମିରେ ରହିଥିବା ରାମଲିଙ୍ଗେଶ୍ୱର ପୋଖରୀକୁ ୧୨.୫୨ କୋଟି ଟଙ୍କା ବ୍ୟୟରେ ପୁନଃରୁଦ୍ଧାର କରାଯାଇ ରାମଲିଙ୍ଗେଶ୍ୱର ପ୍ରମୋଦ ଉଦ୍ୟାନ ନାମରେ ଜାନୁୟାରୀ ୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନର ଏକ ମାସ ବିତିଯାଇଥିଲେ ସୁଦ୍ଧା ଏଯାବତ୍ ଉଦ୍ୟାନ ପାର୍ଶ୍ୱ ରାସ୍ତାର ମରାମତି ନେଇ ବିଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ବିଭିନ୍ନ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ପୋଖରୀଟି ସହରର ମଧ୍ୟ ଭାଗରେ ରହିଥିବା ବେଳେ ଏହାର ପାର୍ଶ୍ୱ ରାସ୍ତା ମରାମତି କ୍ଷେତ୍ରରେ ବିଳମ୍ବତା ପ୍ରଦର୍ଶନ କରାଯାଉଛି। ଫଳରେ ଏହି ରାସ୍ତାରେ ବର୍ତ୍ତମାନ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେବାକୁ ବସିଛି। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଜନସାଧାରଣ ଯାତାୟାତ କରୁଥିବା ବେଳେ ଅନେକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସନ୍ଧ୍ୟାରେ ଏହି ରାସ୍ତା ଦେଇ ରାମଲିଙ୍ଗେଶ୍ୱର ପ୍ରମୋଦ ଉଦ୍ୟାନକୁ ଆସୁଥିବା ସାଧାରଣ ଲୋକ କାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି।

ସୂଚନା ଥାଉକି, ଉକ୍ତ ରାସ୍ତାର ମରାମତି ନିମନ୍ତେ ୫୬ ଲକ୍ଷ ଟଙ୍କାର ବଜେଟ୍ ଧାର୍ଯ୍ୟ ହୋଇଥିବା ନେଇ ବିଏମ୍‌ସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। କିନ୍ତୁ କେବେ କାର୍ଯ୍ୟକାରୀ ହେବ ତାହା ଦେଖିବା ପାଇଁ ବାକି ରହିଲା। ଏଣୁ ପୋଖରୀର ପୁନଃରୁଦ୍ଧାର ଭଳି ଉକ୍ତ ରାସ୍ତାର ମଧ ପୁନଃ ମରାମତି କରାଗଲେ ସହରବାସୀ ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ନେଇ ବିଏମ୍‌ସି କନିଷ୍ଠ ଯନ୍ତ୍ରୀ ଶ୍ରୁତିକା ପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଗତ ମାସରେ ଏ ନେଇ ଟେଣ୍ଡର ସରିଛି। ଖୁବ୍ ଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ଗଞ୍ଜେଇ ସହ କାର୍ ଜବତ, ୩ ଗିରଫ

ବାଲିଗୁଡ଼ା,(ଡି.ଏନ୍.ଏ.): ବେଆଇନ୍ ଗଞ୍ଜେଇ ଚାଲାଣ ଅଭିଯୋଗରେ ବାଲିଗୁଡ଼ା ପୋଲିସ ବୁଧବାର ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ସାଲେପୁର ଥାନାରେ କାର୍ଯ୍ୟରତ ହୋମଗାର୍ଡ କ୍ଷୀରୋଦ କୁମାର ସାହୁ, ବାଲିସୁଗା ଗାଁର ପୂର୍ଣ୍ଣ ଚନ୍ଦ୍ର ମଲିକ ଓ ମାଦିନାଟର ଶଶୀ ମଲିକ। ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ୪୦କିଲୋ ୭୦୦ଗ୍ରାମ ଗଞ୍ଜେଇ ସହ ଏକ କାର୍‌କୁ ଜବତ କରିଥିଲା। ଏ ନେଇ ବାଲିଗୁଡା ଥାନାରେ ନଂ. ୧୫/୨୧ରେ ମାମଲା ରୁଜୁ ହୋଇଛି।

**ସଂକ୍ଷେପରେ**

## ନୀତି ଆୟୋଗ ର୍ୟାଙ୍କିଙ୍ଗ୍‌ରେ ଗଜପତି ପ୍ରଥମ

ପାରଳାଖେମୁଣ୍ଡି,୧୦।୨(ଡି.ଏନ୍.ଏ.): ନୀତି ଆୟୋଗର ଡେଲ୍‌ଟା ର୍ୟାଙ୍କିଙ୍ଗ୍‌ରେ ଗଜପତି ଜିଲା ପ୍ରଥମ ହୋଇଥିବା ବୁଧବାର ଜିଲାପାଳ ଅନୁପମ ସାହା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ବିସ୍ତୃତ ସୂଚନା ଦେଇ ଜିଲାପାଳ କହିଥିଲେ, ଆୟୋଗ ପକ୍ଷରୁ ଆକାଂକ୍ଷା ଜିଲା ଯୋଜନା କାର୍ଯ୍ୟକ୍ରମରେ ପ୍ରତି ମାସରେ ବିଭିନ୍ନ ସେକ୍ଟରକୁ ନେଇ ଯେଉଁ ଇଣ୍ଡିଭିଜୁଆଲ୍ ଓ ଓଭରଅଲ୍ ର୍ୟାଙ୍କିଙ୍ଗ୍ ହୋଇଥାଏ ସେଥିରେ ଗଜପତି ଜିଲାର ମୌଳିକ ଭିତ୍ତିଭୂମିର କାମକୁ ନିଆଯାଇ ଏହି କୃତୀତ୍ୱ ମିଳିଛି। ଏହି ଭିତ୍ତିଭୂମି ମଧ୍ୟରେ ରାସ୍ତା ଉନ୍ନତିକରଣ, ଜନସେବା କେନ୍ଦ୍ର ଓ ପଞ୍ଚାୟତକୁ ଇଣ୍ଟରନେଟ୍ ସଂଯୋଗୀକରଣ ପ୍ରଭୃତିକୁ ଆଧାର କରି ହୋଇଥାଏ। ଓଡିଶାରେ ୧୦ଗୋଟି ଆକାଂକ୍ଷା ଜିଲା ରହିଥିବାବେଳେ ସେଥିମଧ୍ୟରେ ଗଜପତି ଜିଲା ଅନ୍ୟତମ। ଜିଲାପାଳଙ୍କ ଭାବେ ଏ କ୍ଷେତ୍ରରେ ମୁଁ ଜିଲାର କାର୍ଯ୍ୟନିର୍ବାହୀ ସଂସ୍ଥା ଆରଡ଼ି ବିଭାଗକୁ ଏହାର ଶ୍ରେୟ ଉତ୍ସର୍ଗ କରିବି ବୋଲି ଜିଲାପାଳ କହିଥିଲେ।

## ପ୍ରଦୀପଙ୍କ ଜାମିନ ଆବେଦନ ଖାରଜ

### ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ଠକେଇ ମାମଲା

ଛତ୍ରପୁର,୧୦।୨(ଡି.ଏନ.ଏ.):ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ଠକେଇ ମାମଲାରେ କମ୍ପାନୀର ମୁଖ୍ୟ ପ୍ରଦୀପ ସେଠୀଙ୍କ ଜାମିନ୍ ଆବେଦନ ପୁଣି ଖାରଜ ହୋଇଛି। ସୋମବାର ଛତ୍ରପୁର ଏଡିଜେ ରାଜା ରଞ୍ଜନ ପାଢ଼ୀ ଏହାକୁ ଖାରଜ କରିଦେଇଛନ୍ତି। ପୂର୍ବରୁ ଜାନୁୟାରୀ ୨୦ ତାରିଖରେ ପ୍ରଦୀପ ସେଠୀ ଓ ତାଙ୍କ ସହଯୋଗୀ ମନୋଜ ପଟ୍ଟନାୟକଙ୍କ ଜାମିନ ଆବେଦନକୁ ଛତ୍ରପୁର ଏସ୍‌ଡିଜେଏମ୍ ସନ୍ତୋଷ କୁମାର ପାଣିଗ୍ରାହୀ ଖାରଜ କରିଥିଲେ। ଏହାପରେ ପ୍ରଦୀପଙ୍କ ପକ୍ଷରୁ ଓକିଲଙ୍କ ଜରିଆରେ ଛତ୍ରପୁର ଏଡିଜେ କୋର୍ଟରେ ଜାମିନ୍ ଆବେଦନ କରାଯାଇଥିଲା। ସରକାରଙ୍କ ପକ୍ଷରୁ ରମେଶ ଚନ୍ଦ୍ର ଚୌଧୁରୀ ଓ ଡମିନାଥ ସାହୁ ଉକ୍ତ ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ଛତ୍ରପୁର ବଜାରରେ ରହିଥିବା ଅର୍ଥତତ୍ତ୍ୱ ସଂସ୍ଥା ଶାଖାରେ କଣମଣା ଗ୍ରାମର ଦେବରାଜ ୨୦୧୦ ଡିସେମ୍ବର ୧ରେ ୧ ଲକ୍ଷ ଟଙ୍କା ଜମା କରିଥିଲେ। ଉକ୍ତ ସଂସ୍ଥା ନଭେମ୍ବର ୨୦୧୨ରୁ ବନ୍ଦ ହୋଇଯାଇଥିଲା। ଏହା ଜାଣିବା ପରେ ଦେବରାଜ ସଂସ୍ଥା ବିରୋଧରେ ୨୦୧୩ ମେ ୧୦ରେ ଛତ୍ରପୁର ଥାନାରେ ଏତଲା ଦେଇଥିଲେ।

## କରୋନା ଯୋଦ୍ଧାଙ୍କୁ ଟିକା ପ୍ରଦାନ

ରମ୍ଭା,୧୦।୨:ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରରେ ସରକାରଙ୍କ ନୀତିନିୟମ ପ୍ରକାରରେ ଦ୍ୱିତୀୟ ପର୍ଯ୍ୟାୟ କରୋନା ଟିକା ଆରମ୍ଭ ହୋଇଛି। ଏହି ଅବସରରେ କରୋନା ଯୋଦ୍ଧା ଭାବେ ପୋଲିସ ବାହିନୀ, ବିଭିନ୍ନ ପଦସ୍ଥ ଅଫିସର ତଥା ଓଏସ୍, ଆଇଏସ୍ ଗ୍ରେଡର ବିଭିନ୍ନ ଅଧିକାରୀମାନଙ୍କୁ ଟିକା ଦିଆଯାଇଛି। ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ, ରମ୍ଭା ଥାନା ଭାରପ୍ରାପ୍ତ ଅଧିକାରୀ କୃଷ୍ଣ ଚନ୍ଦ୍ର ସେଠୀ, ରମ୍ଭା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱପ୍ନାରାଣୀ ପାଢ଼ୀଙ୍କ ସମେତ ସମ୍ପୃକ୍ତ ବିଭାଗର କର୍ମଚାରୀ, ପଦସ୍ଥ ଅଫିସର ସମେତ ୧୨୨ଜଣ ଟୀକା ଗ୍ରହଣ କରିଥିଲେ।

## ଏମ୍‌ଏଲ୍‌ଏ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ୍ ଆଜି

କ.ନୂଆଗାଁ,୧୦।୨(ଡି.ଏନ୍.ଏ.): କ.ନୂଆଗାଁ ସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ସ୍ତରୀୟ ଏମ୍‌ଏଲଏ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହେବ। କୋରାପୁଟର ଭାସ୍କର ଏକାଡେମୀ ଓ ଫୁଲବାଣୀର ଜେଡି କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ମୁଖ୍ୟ ଅତିଥି ଭାବେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଦିନିକିଆ କନ୍ଧମାଳ ଗସ୍ତରେ ଆସି ଯୋଗଦେବା ସହ କ.ନୂଆଗାଁ ବ୍ଲକର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି ସଭାପତି କୃଷ୍ଣମୋହନ ପାଣିଗ୍ରାହୀ କହିଛନ୍ତି, ମନ୍ତ୍ରୀ ପହଞ୍ଚିବାପରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ପରେ ବ୍ଲକ ପ୍ରଶାସନ ଦ୍ୱାରା ହୋଇଥିବା ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିବେ। କ୍ରୀଡା ହିଁ ଏକମାତ୍ର ମାଧ୍ୟମ ସମସ୍ତଙ୍କ ମଧ୍ୟରେ ସଦ୍‌ଭାବନା ଓ ଭାଇଚାରା ସୃଷ୍ଟି କରିପାରେ ବୋଲି ବାଲିଗୁଡା ବିଧାୟକ ଚକ୍ରଧର କହଁର କହିଛନ୍ତି।

# ୯୨ ପଞ୍ଚାୟତରେ ନିଯୁକ୍ତି ପାଇଛନ୍ତି ଆଇନଜୀବୀ

### କନ୍ଧମାଳରେ ମଧୁବାବୁ ଆଇନ ସହାୟତା ଶିବିର

ଫୁଲବାଣୀ ଅଫିସ, ୧୦।୨

ଗ୍ରାମାଞ୍ଚଳର ଲୋକଙ୍କୁ ଆଇନସେବା ବିଷୟରେ ଅବଗତ କରିବା ଏବଂ ମାଗଣା ଆଇନ ସହାୟତା ଦେବା ପାଇଁ ପଞ୍ଚାୟତସ୍ତରରେ ମଧୁବାବୁ ଆଇନ ସହାୟତା ଶିବିର ନିମନ୍ତେ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କାର୍ଯ୍ୟକ୍ରମ ଲାଗି ସରକାର ପ୍ରତ୍ୟେକ ପଞ୍ଚାୟତରେ ଜଣେ ଆଇନଜୀବୀଙ୍କୁ ନିଯୁକ୍ତି ଦେବାକୁ ସ୍ଥିର କରିଛନ୍ତି। ଆଇନଜୀବୀମାନେ ନିଯୁକ୍ତି ପାଇବା ପରେ ପଞ୍ଚାୟତସ୍ତରରେ ଶିବିର କରି ଲୋକଙ୍କୁ ଆଇନ ସହାୟତା ଯୋଗାଇ ଦେବେ। ତେବେ କନ୍ଧମାଳ ଜିଲାରେ ଏହି ଶିବିର ଏ ଯାଏ ଅନୁଷ୍ଠିତ ହୋଇପାରିଲା ନାହିଁ। ଆଇନଜୀବୀ ନିଯୁକ୍ତି ପ୍ରକ୍ରିୟାରେ ଢ଼ିଲା ମନୋଭାବ ଯୋଗୁ ଉଦ୍ଦେଶ୍ୟ ସାଧିତ ହେଲାନାହିଁ। କିଛିଦିନ ହେବ ଜିଲାରେ ଆଇନଜୀବୀ ନିଯୁକ୍ତି ପ୍ରକ୍ରିୟା ଚାଲିଛି। ଜିଲାର ମୋଟ ୧୭୧ ପଞ୍ଚାୟତରେ ୧୭୧ ଆଇନଜୀବୀ ନିଯୁକ୍ତି ହେବାକୁ ଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ମାତ୍ର ୯୨ ଜଣ ନିଯୁକ୍ତି ପାଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଏକାଧିକ ପଞ୍ଚାୟତର ଦାୟିତ୍ୱ ଦିଆଯାଇଛି। ଆଇନଜୀବୀ ଅଭାବରୁ ଉଦ୍ଦେଶ୍ୟ ସଫଳ ହୋଇ ପାରୁ ନ ଥିବା ଜଣାପଡିଛି।

ଗ୍ରାମାଞ୍ଚଳରେ ଆର୍ଥିକ ଅନଗ୍ରସର ଲୋକଙ୍କୁ ସମସ୍ତ ଆଇନ ବିଷୟରେ ଜଣାଇବା ଉଦ୍ଦେଶ୍ୟରେ ମଧୁବାବୁ ଆଇନ ସହାୟତା ଶିବିର ନିମନ୍ତେ ଯୋଜନା କରାଯାଇଛି। ମାସର ପ୍ରତ୍ୟେକ ଶନିବାର ଏହି ଶିବିର ଆୟୋଜିତ ହେବ। ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଏହି ଶାଖା ଖୋଲାଯିବ। ବର୍ତ୍ତମାନ ସୁଦ୍ଧା ଏସବୁ ବ୍ୟବସ୍ଥା ଜିଲାରେ ଧିମେଇ ଚାଲିଛି। ମିଳିଥିବା ସୂଚନା ଅନୁସାରେ ଫୁଲବାଣୀ ବ୍ଲକକୁ ଛାଡିଲେ ବାକି ସବୁ ବ୍ଲକରେ ଆଇନଜୀବୀ ନିଯୁକ୍ତି ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫୁଲବାଣୀ ବ୍ଲକର ୧୧ ପଞ୍ଚାୟତରେ ଆଇନଜୀବୀ ନିଯୁକ୍ତି ପାଇଥିବା ବେଳେ ରାଇକିଆର ୧୨ ପଞ୍ଚାୟତରୁ ୫ ଜଣ, ଜି.ଉଦୟଗିରିର ୮ଟି ପଞ୍ଚାୟତରୁ ୫, କ.ନୂଆଗାଁର ୧୪ ପଞ୍ଚାୟତରୁ ୫, ଫିରିଙ୍ଗିଆର ୨୪ ପଞ୍ଚାୟତରୁ ୧୫, ଟିକାବାଲିର ୧୧ ପଞ୍ଚାୟତରୁ ୫, ଖଜୁରୀପଡାର ୧୪ ପଞ୍ଚାୟତରୁ ୧୨, ଦାରିଙ୍ଗିବାଡିର ୨୫ ପଞ୍ଚାୟତରୁ ୭, ଚକାପାଦର ୧୨ଟି ପଞ୍ଚାୟତରୁ ୫, ତୁମୁଡିବନ୍ଧର ୧୧ ପଞ୍ଚାୟତରୁ ୯, ବାଲିଗୁଡାର ୧୪ରୁ ୯ ଓ କୋଟଗଡର ୧୫ରୁ ୪ ଜଣଙ୍କୁ ମିଶାଇ ମୋଟ ୯୨ ଜଣ ଆଇନଜୀବୀ ନିଯୁକ୍ତି ହୋଇଛନ୍ତି। ପ୍ରତି ଆଇନ ଶିବିରରେ ଆଇନଜୀବୀଙ୍କ ସହ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ରହିବେ। ଶିବିର ସମ୍ପର୍କରେ ବିଡିଓଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ପ୍ରତି ଶିବିର ପିଛା ଆଇନଜୀବୀ ୫୦୦ ଟଙ୍କା ପାଇବେ। କନ୍ଧମାଳ ଜିଲାର ଅନେକ ପଞ୍ଚାୟତ ଦୁର୍ଗମ ଅଞ୍ଚଳ। ସେ ସବୁ ପଞ୍ଚାୟତଗୁଡ଼ିକର ଆଇନଜୀବୀ ନିଯୁକ୍ତିରେ ବାଧା ଉପୁଜୁଛି ବୋଲି ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି।



ଉଦ୍‌ଘାଟନ ଅପେକ୍ଷାରେ ଥିବା ନୂତନ ବସ୍ ଟର୍ମିନାଲ।

## ୧୪ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ ଆଜି

ହିଞ୍ଜିଳିକାଟୁ,୧୦।୨(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ପୌରାଞ୍ଚଳରେ ପ୍ରାୟ ୨୮ କୋଟି ଟଙ୍କାରେ ନିର୍ମିତ ୧୪ ପ୍ରକଳ୍ପ ଗୁରୁବାର ଉଦ୍‌ଘାଟିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସନ୍ଧ୍ୟା ପ୍ରାୟ ୫ଟାରେ ଭିଡିଓ କନଫରେନ୍ସରେ ଏସବୁ ପ୍ରକଳ୍ପକୁ ଲୋକାର୍ପିତ କରିବେ। ଆସିକା ଏମ୍‌ପିଙ୍କ ସହ ଜିଲାର ବହୁ ବିଧାୟକ ହିଞ୍ଜିଳିକାଟୁରେ ମୁଖ୍ୟମନ୍ତ୍ରୀଙ୍କ ଭିଡ଼ିଓ କନଫରେନ କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ପିଡି ଡିଆରଡ଼ିଏ ସିନ୍ଦେ ଦତାତ୍ରେୟ ଭାଉସାହେବ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମର ପୂର୍ବବର୍ତ୍ତୀ ସମୀକ୍ଷା କରିଛନ୍ତି।

ନବ ନିର୍ମିତ ବସ ଟର୍ମିନାଲ ପରିସରରେ ଉଦ୍‌ଘାଟନ କାର୍ଯ୍ୟକ୍ରମ ହେବ। ଭିଡ଼ ନିୟନ୍ତ୍ରଣ ପାଇଁ ଗୁରୁବାର ଅପରାହ୍ନ ସାଢ଼େ ୪ରୁ ଉଦଘାଟନୀ କାର୍ଯ୍ୟକ୍ରମ ଶେଷ ପର୍ଯ୍ୟନ୍ତ ହିଞ୍ଜିଳିକାଟୁ ସହର ମଧ୍ୟକୁ ବାହାରର ସମସ୍ତ ପ୍ରକାର ଯାନ ବାହାନ ପ୍ରବେଶକୁ କଟକଣା କରାଯିବ। ଜାତୀୟ ରାଜପଥ ନଂ ୫୯ରେ ଯାଉଥିବା ବିଭିନ୍ନ ଯାନ ଆରଏମସି ଛକ ଠାରୁ ବାଇପାସରେ ଘୋଡ଼ାହାଡ଼ ନଦୀ ଦେଇ ଯାତାୟତ କରିବ। ବସ ଓ ଟ୍ରକ ଭଳି ଭାରୀଯାନଗୁଡ଼ିକୁ ୧ଘଣ୍ଟା ବନ୍ଦ ପାଇଁ ବନ୍ଦ କରାଯିବା ପାଇଁ ପ୍ରଶାସନିକ ସ୍ତରରେ ନିଷ୍ପତି ହୋଇଛି।

## ଧାନବୋଝେଇ ଟ୍ରକ୍ ରଖି ଚାଷୀଙ୍କ ରାସ୍ତାରୋକୋ



ଚାଷୀମାନେ ଧାନ ବୋଝେଇ ଟ୍ରକ୍ ରଖି ରାସ୍ତା ଅବରୋଧ କରିଛନ୍ତି।

ପାରଳାଖେମୁଣ୍ଡି,୧୦।୨(ଡି.ଏନ୍.ଏ.)

ଗଜପତି ଜିଲା ସଦର ମହକୁମା ଗୁରାଣ୍ଡି ଥାନା ଉପଲଡା ଛକଠାରେ ଲିଙ୍ଗିପୁରୁ ଗ୍ରାମର କେତେଜଣ ଚାଷୀ ବୁଧବାର ମିଲର ଧାନ ନନେବାରୁ ଉତ୍ୟକ୍ତ ହୋଇ ରାସ୍ତାରୋକୋ କରିଥିଲେ। ଧାନ ବୋଝେଇ ଟ୍ରକ୍‌କୁ ରାସ୍ତା ଉପରେ ରଖି ଚାଷୀମାନେ ବିକ୍ଷୋଭ କରିଥିଲେ। ଫଳରେ ବହୁ ସମୟ ଧରି ପାରଳାଖେମୁଣ୍ଡିରୁ ବ୍ରହ୍ମପୁର, ମୋହନା, ରାମଗିରି ପ୍ରଭୃତି ଅଞ୍ଚଳକୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ପହଞ୍ଚି ଉତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା ସହ ମିଲର ଓ ଚାଷୀଙ୍କ ମଧ୍ୟରେ କଥାବାର୍ତ୍ତା କରାଇ ସମାଧାନ ବାଟ ବାହାର କରିବାକୁ ଚେଷ୍ଟା ଚଳାଇଛି। ଲିଙ୍ଗିପୁରୁ ଗ୍ରାମର କେତେଜଣ ଚାଷୀ ଉପଲଡା ସୋସାଇଟି ସମ୍ପାଦକଙ୍କ କହିବା ଅନୁଯାୟୀ ଏକ ସ୍ୱତନ୍ତ୍ର ଗାଡ଼ି ଯୋଗେ ମିଲ୍ ନିକଟକୁ ଧାନ ଆଣି ୩ଦିନ ହେଲା ଅପେକ୍ଷା କରିଛନ୍ତି। ମାତ୍ର ମିଲର ଧାନ ନ ରଖିବାରୁ ବାଧ ହୋଇ ବୁଧବାର ରାସ୍ତାରୋକୋ କଲୁ ବୋଲି ଆନ୍ଦୋଳନରତ ଚାଷୀ ସରୋଜ ବରାଡ, ତାପସ ଜେନା, ନିତ୍ୟାନନ୍ଦ ଜେନା ପ୍ରମୁଖ କହିଛନ୍ତି।

## ଗଜପତି ଜିଲା ଉତ୍କଳ ସମ୍ମିଳନୀ ଶାଖା ବୈଠକ

ପାରଳାଖେମୁଣ୍ଡି,୧୦।୨(ଡି.ଏନ୍.ଏ.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ମଙ୍ଗଳବାର ଉତ୍କଳ ସମ୍ମିଳନୀ ଗଜପତି ଜିଲା ସଭାପତି ଗୁରୁଗୌରବ ଗୌର ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପସଭାପତି ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଗଜପତି ଜିଲା ସମ୍ପାଦକ ବିନୋଦ ଚନ୍ଦ୍ର ଜେନା ନୌପଡ଼ା ଗୁଣ୍ଡୁପୁର ରେଳ ରାସ୍ତାକୁ ଥେରୁବାଲି ପର୍ଯ୍ୟନ୍ତ ସମ୍ପ୍ରସାରଣ, କଇଁପୁର ଠାରୁ ବୁର୍ଖତଳୁମ୍ବାଦେଇ ବ୍ରହ୍ମପୁର ପର୍ଯ୍ୟନ୍ତ ସଡ଼କ ପଥକୁ ଶୀଘ୍ର କାର୍ଯ୍ୟକାରୀ, ଜିଲାର ଜଳାଶୟ ଗୁଡ଼ିକରୁ ଆନ୍ଧ୍ର ଅଞ୍ଚଳରେ ଯେଉଁ ଜଳ ବିନିଯୋଗ ହେଉଛି ତାର ଜଳକର ଓଡ଼ିଶା ସରକାରଙ୍କ ନିକଟରେ ପ୍ରଦାନ ପାଇଁ ଗଜପତି ଜିଲାପାଳ ଜରିଆରେ ଏକ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଭାରତଭୂଷଣ ମହାନ୍ତି, ବିଚିତ୍ରାନନ୍ଦ ବେବର୍ତ୍ତା, ନିତ୍ୟାନନ୍ଦ ଚୌଧୁରୀ, ଆସଲତ ପାଣିଗ୍ରାହୀ, ଜଗଦୀଶ ମହାପାତ୍ର, ଭେଙ୍କଟ ରାଓ ପାତ୍ର, ଗୋପାଳ ଶତପଥୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଇଟାଭାଟି ଭାଙ୍ଗିଲେ ତହସିଲଦାର

### ମାଲିକଙ୍କୁ ୩ ଲକ୍ଷ ଜରିମାନା

ଶେରଗଡ,୧୦।୨(ଡି.ଏନ୍.ଏ.)

ଶେରଗଡ ତହସିଲ ପକ୍ଷରୁ ଏକ ଟିମ୍ ଗଠନ କରି ଇଟାଭାଟି ନଷ୍ଟ ଅଭିଯାନ ଆରମ୍ଭ କରାଯାଇଛି। ତହସିଲଦାର ଡ. ଦୟାସିନ୍ଧୁ ପରିଡା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ସୁପରଭାଇଜର ପି. ପଞ୍ଚମା, ମନୋଜ କୁମାର ନାହାକ ସଦଳବଳ ବୁଧବାର ଗୋଠଗାଁର ଏକ ବେଆଇନ ଇଟାଭାଟିରେ ଚଢାଉ କରି ପୋଡିବା ପାଇଁ ଥିବା ୨ଲକ୍ଷ ଇଟାକୁ ହିଟାଚି ସାହାଯ୍ୟରେ ଭାଙ୍ଗିଥିଲେ। ଏହାର ମାଲିକ ଗୋପାଳକୃଷ୍ଣ ସାହୁ, ମିଥୁନୁ ଦଳାଇଙ୍କୁ ୩ଲକ୍ଷ ଟଙ୍କା ଜରିମାନା ପାଇଁ ନୋଟିସ୍ ଜାରି କରିଛନ୍ତି।



ତହସିଲଦାରଙ୍କ ଉପସ୍ଥିତିରେ ଇଟାଭାଟି ଭଙ୍ଗା ଚାଲିଛି।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ବାଚସ୍ପତି

ଦିଗପହଣ୍ଡି/କୁକୁଡ଼ାଖଣ୍ଡି, ୧୦।୨(ଡି.ଏନ୍.ଏ.)

ବାଚସ୍ପତି ଡ.ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦ୍ୱିତୀୟ ଦିନ ଦିଗପହଣ୍ଡି ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସହ ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ନରସିଂହପୁରଠାରୁ ବି.ତୁରୁବୁଡି-ଝରିପଦର ରାସ୍ତା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ ସରପଞ୍ଚ ପ୍ରତିନିଧି ଅସିତ କୁମାର ସାହୁ, ଜି.ନନ୍ଦନ ଦୋରା, କେ.ସିବ୍ କୁମାର ରେଡ୍ଡୀ ଉପସ୍ଥିତ ଥିଲେ। ପରେ ଆଙ୍କୋରଡ଼ା ପଞ୍ଚାୟତର ନବରଙ୍ଗପୁର-ଚାଞ୍ଚଡାପଲ୍ଲୀ-ରାଜପୁର ରାସ୍ତା ପ୍ରକଳ୍ପ ଓ ପଦ୍ମନାଭପୁର-ମଙ୍ଗରାଜପୁର-ଛତ୍ରମନ୍ଦିର ରାସ୍ତା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସରପଞ୍ଚ ଉଷାନ୍ତ କୁମାର ସାହୁ ଓ ବି.କ୍ରୀଷ୍ଣାରାଓ ସୁବୁଦ୍ଧି, ସମିତିସଭ୍ୟ ସୁଶାନ୍ତ ସେଠୀ ଓ ତାଙ୍କ ସମର୍ଥକମାନେ ଉପସ୍ଥିତ ଥିଲେ। ବାଚସ୍ପତି କରପାଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସାଂସ୍କୃତିକ କେନ୍ଦ୍ର, ନୋଡାଲ୍ ଉଚ୍ଚ ବିଦ୍ୟାଳୟର ଶ୍ରେଣୀଗୃହ, ଶିବ ମନ୍ଦିରର କମ୍ୟୁନିଟି ହଲ୍, ବାଲିଖୋଡର କଲ୍ୟାଣମଣ୍ଡପକୁ ଉଦ୍‌ଘାଟନ କରି ଫେରିଥିଲେ। ସେହିପରି ବାଚସ୍ପତି ମୁଖ୍ୟଅତିଥି ଭାବେ ଯୋଗ ଦେଇ କୁକୁଡ଼ାଖଣ୍ଡି ନାରାୟଣପୁର ଗାଁର ଲୁଣ୍ଡା ନାଳ ଓ ଟମକେଇ ନାଳର ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ଏଥିରେ ସରପଞ୍ଚ ସୀତାରାମ ସାହୁଙ୍କ ଅଧ୍ୟକ୍ଷତାରେ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ବ୍ଲକ ବିଜେଡି ସଭାପତି ସନ୍ତୋଷ ଚୌଧୁରୀ, ବାଚସ୍ପତିଙ୍କ ପ୍ରତିନିଧି ହିମାଂଶୁ ପାଢ଼ୀ, ଜିଲା ପରିଷଦ ସଭ୍ୟ ବୃନ୍ଦାବନ ଖଟେଇ, ସମିତିସଭ୍ୟା ମାମିନା ମଳିକ, ନାଏବ ସରପଞ୍ଚ ସାବିତ୍ରୀ ପ୍ରମୁଖ ଯୋଗଦେଇଥିଲେ।



ଦିଗପହଣ୍ଡିରେ ବାଚସ୍ପତିଙ୍କ ଦ୍ୱାରା ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ।

## ଦେଶୀମଦ ଜବତ, ୪ ଗିରଫ

ରମ୍ଭା,୧୦।୨

ବେଆଇନ ମଦ ଚାଲାଣ ଅଭିଯୋଗରେ ରମ୍ଭା ପୋଲିସ ସୋମବାର ରାତିରେ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖଲ୍ଲିକୋଟ ବ୍ଲକ କନକା ଅଞ୍ଚଳର ବାବୁଲା ବେହେରା, ଶୁଭେନ୍ଦୁ ପରିଡା, ଚନ୍ଦନ ନାହାକ ଓ ଗଣେଶ ସାହୁ। ସେମାନଙ୍କଠାରୁ ୧୦ ହଜାର ଲିଟର ଦେଶୀ ମଦ, ଏକ ପିକଅପ୍ ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ମଦ ବିକ୍ରି ହେବା ପାଇଁ ପୁରୀ ଜିଲାକୁ ଯାଉଥିବା ଖବର ପାଇ ରମ୍ଭା ଥାନା ପାଲୁରୁଗଡ଼ ନିକଟରେ ପୋଲିସ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲା।

## କଂଗ୍ରେସ ସାଙ୍ଗଠନିକ ବୈଠକ

ଗଞ୍ଜାମ,୧୦।୨(ଡି.ଏନ.ଏ.)

ଗଞ୍ଜାମ ସହର ସ୍ଥିତ ମା ବୁଢ଼ୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଗଞ୍ଜାମ ବ୍ଲକ କଂଗ୍ରେସର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ସଭାପତି ଏନ.ଗଣେଶ ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ଜିଲା ସଭାପତି ରମେଶ ଜେନାଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ସଭାପତିଙ୍କ ଜରିଆରେ ଦଳୀୟ କର୍ମୀଙ୍କୁ ନେଇ ନୂତନ ସାଙ୍ଗଠନିକ କମିଟି ଗଠନ କରାଯାଇଛି। ଉପସଭାପତି ଭାବେ ହରପ୍ରସାଦ ଜେନା, ସମ୍ପାଦକ ଟୁନା ଶତପଥୀଙ୍କୁ ଚୟନ କରାଯାଇଥିଲା। ଭାଜପା, ବିଜେଡି ନୀତକୁ ସମାଲୋଚନା କରିବା ସହ ବ୍ଲକ ଓ ଏନ୍‌ଏସିରେ କଂଗ୍ରେସର ସ୍ଥିତି ସୁଦୃଢ଼ କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ତାରିଣୀ ରେଡ୍ଡୀ, ଯୁବନେତା କୃଷ୍ଣ ଚନ୍ଦ୍ର ଦାସ, ପୂର୍ବତନ ନଗର ସଭାପତି ନବ କୃଷ୍ଣ ପଣ୍ଡା, ଦୀପକ ନାୟକ, ବିଜି ଦୋରାଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଚିକିତ୍ସା ପାଇଁ ୧୦ ହଜାର ସହାୟତା

### ବାଲିଆପଟା ଶିଶୁବିକ୍ରି ଘଟଣା

ଭଞ୍ଜନଗର,୧୦।୨(ଡି.ଏନ.ଏ)

ଭଞ୍ଜନଗର ତହସିଲ ବାଲିଆପଟାର ଦୁଃଖୀ ନାଇକ ଅର୍ଥ ଅଭାବରୁ ଚିକିତ୍ସା ହୋଇ ପାରୁ ନଥିଲେ। ଶେଷରେ ୧୦ହଜାର ଟଙ୍କାରେ ତାଙ୍କ ୫ମାସର ପୁଅକୁ ଷଣ୍ଢଙ୍କୁ କିଛିଦିନ ପୂର୍ବେ ବିକି ଦେଇଥିବା ଅଭିଯୋଗ ହୋଇଥିଲା। ଏନେଇ ପ୍ରଥମେ ଧରିତ୍ରୀରେ ଗତ ରବିବାର ଖବର ପ୍ରକାଶ ପାଇଥିଲା। ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ସୋମବାର ଦୁଃଖୀଙ୍କୁ ଭଞ୍ଜନଗର ମେଡ଼ିକାଲ ଆଣି ଚିକିତ୍ସା କରାଇଥିଲେ। ବୁଧବାର ସନ୍ଧ୍ୟାରେ ଉପଜିଲାପାଳ ମେଡିକାଲରେ ଦୁଃଖୀଙ୍କୁ ଭେଟି ରେଡ୍‌କ୍ରସ ଫଣ୍ଡରୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଆବଶ୍ୟକ ପଡ଼ିଲେ ଅଧିକ ସହାୟତା ସହ ବ୍ରହ୍ମପୁର ନେଇ ଚିକିତ୍ସା କରାଯିବ ବୋଲି କହିଥିଲେ। ଉପଜିଲାପାଳଙ୍କ ଗସ୍ତ ସମୟରେ ମେଡିକାଲ ଅଧୀକ୍ଷକ ଡ. ସୀତାଂଶୁ ଶେଖର ଶତପଥୀ, ସିଡିପିଓ ବିଷ୍ଣୁପ୍ରିୟା ସେଠୀ, ମେଡିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କିଛିଦିନ ତଳେ ଦୁର୍ଘଟଣାରେ ଦୁଃଖୀଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ଅର୍ଥ ଅଭାବରୁ ଚିକିତ୍ସା ହୋଇପାରୁ ନ ଥିଲା। କାମଧନ୍ଦା କରି ନ ପାରି ଘରେ ବସିଥିବାରୁ ଶିଶୁର ଯତ୍ନରେ ଅସୁବିଧା ହେଉଥିଲା, ତେଣୁ ବିକି ଦେଇଥିଲେ। ମାତ୍ର ବିକ୍ରି ଅଭିଯୋଗକୁ ପ୍ରଶାସନ ଖଣ୍ଡନ କରିଛି।



ଦୁଃଖୀଙ୍କ ସ୍ତ୍ରୀଙ୍କୁ ସହାୟତା ପ୍ରଦାନ କରୁଛନ୍ତି ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ।

## ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ଚିନ୍ତା, ନିୟମିତ ପାଟ୍ରୋଲିଂ ନିର୍ଦ୍ଦେଶ

- ଟିମ୍ ୱାର୍କ ଉପରେ ଜିଲାପାଳଙ୍କ ଗୁରୁତ୍ୱ
- ୧୧ ସୁରକ୍ଷା ୟୁନିଟ୍, ୮ ହ୍ୟାଚେରି ବ୍ୟବସ୍ଥା

ଛତ୍ରପୁର,୧୦।୨(ଡି.ଏନ୍.ଏ.)

ଅଲିଭ୍ ରିଡଲେ କଇଁଛଙ୍କ ସଂରକ୍ଷଣ, ମିଳନ, ସାମୁହିକ ଅଣ୍ଡାଦାନ ଓ ଛୁଆ ଫୁଟି ସମୁଦ୍ରକୁ ଯିବା ପର୍ଯ୍ୟନ୍ତ ସୁରକ୍ଷା ନେଇ ଗଞ୍ଜାମ ପ୍ରଶାସନ ଗୁରୁତ୍ୱ ଦେଇଆସୁଛି। କଇଁଛଙ୍କ ସୁରକ୍ଷା ଆହୁରି ବୃଦ୍ଧି କରିବା ନିମନ୍ତେ ବୁଧବାର ଛତ୍ରପୁରସ୍ଥିତ ଡିଆରଡିଏ ଋଷିକୁଲ୍ୟା ସମ୍ମିଳନୀ ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରି ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ପଡିବ ବୋଲି କହିଛନ୍ତି। ଏଥିପାଇଁ କମ୍ୟୁନିଟି ସହଯୋଗ ଆବଶ୍ୟକ। ବେଳାଭୂମି ସଫା ରଖିବା, ଅଲିଭ୍ ରିଡ୍‌ଲେକୁ ନ ଛୁଇଁବା ଓ ସେଲଫି ନ ଉଠାଇବା, ବେଆଇନ୍ ମାଛଧରା ବନ୍ଦ କରିବା, ପାଟ୍ରୋଲିଂ, ସଚେତନା କାର୍ଯ୍ୟକ୍ରମ ଉପରେ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ କହିଥିଲେ ସମସ୍ତେ ମିଳିମିଶି କାମ କଲେ କଇଁଛଙ୍କ ସୁରକ୍ଷା ହୋଇପାରିବ। ଏଥିପାଇଁ ଆବଶ୍ୟକ ପୋଲିସ ଫୋର୍ସ ଯୋଗାଇ ଦିଆଯିବ ବୋଲି କହିଥିଲେ। ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ନେଇ କ'ଣ ସବୁ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ବ୍ରହ୍ମପୁର ଡିଏଫଓ ଅମ୍ଳାନ ନାୟକ ସୂଚନା ଦେଇଥିଲେ। ଖଲ୍ଲିକୋଟ ରେଞ୍ଜରେ ପ୍ରୟାଗୀ, ବଟେଶ୍ୱର, ପୋଡମପେଟା, କଣ୍ଟିଆଗଡ, ଗୋଖରକୁଦା, ପୁରୁଣାବନ୍ଧ, ବ୍ରହ୍ମପୁର ରେଞ୍ଜରେ ଅଗସ୍ତିନୂଆଗାଁ, ଗୋପାଳପୁର, ମାର୍କଣ୍ଡି, ଅନନ୍ତରାୟପୁର ଓ ରାମେୟାପାଟଣାରେ ମୋଟ ୧୧ କଇଁଛ ସୁରକ୍ଷା ୟୁନିଟ୍ ସ୍ଥାପନ କରାଯାଇଛି। ବଟେଶ୍ୱର, କଣ୍ଟିଆଗଡ, ଗୋଖରକୁଦା, ପୁରୁଣାବନ୍ଧ, ଅଗସ୍ତିନୂଆଗାଁ, ମାର୍କଣ୍ଡି, ଅନନ୍ତରାୟପୁର ଓ ରାମେୟାପାଟଣାଠାରେ ମୋଟ ୮ ଅସ୍ଥାୟୀ ହ୍ୟାଚେରୀ ସ୍ଥାପନ ହୋଇଛି। ଅଣ୍ଡାରୁ ଛୁଆ ଫୁଟିବା ପରେ ଉକ୍ତ ହ୍ୟାଚେରୀ କାମରେ ଆସୁଛି। ସ୍ଥାନୀୟ ମତ୍ସ୍ୟଜୀବୀମାନେ ମଧ୍ୟ କଇଁଛଙ୍କ ସୁରକ୍ଷା ନେଇ କାର୍ଯ୍ୟ କରିଆସୁଛନ୍ତି। ପାଟ୍ରୋଲିଂ ପାଇଁ ଗୋଟିଏ ବିଭାଗୀୟ ବୋଟ୍, ଗୋଟିଏ ଟ୍ରଲର, ୨ଟି ସ୍ପିଡ୍ ବୋଟ୍ ଓ ଗୋଟିଏ ଫାଇବର ଗ୍ଲାସ୍ ବୋଟ ବ୍ୟବସ୍ଥା କରାଯାଇଛି। ବେଆଇନ୍ ମାଛଧରା ରୋକିବା ପାଇଁ ପୋଲିସ, ବନ ବିଭାଗ ଓ ମତ୍ସ୍ୟ ବିଭାଗର କର୍ମଚାରୀ ମିଳିତ ଭାବେ ପାଟ୍ରୋଲିଂ କରୁଛନ୍ତି। ମନିଟରିଂ ପାଇଁ ସିସି କ୍ୟାମେରା ଲଗାଯାଇଛି। ଏବେ ଉଭୟ ଦିନ ଓ ରାତିରେ ଅଣ୍ଡାଦାନ ହେଉଛି। ଏହି ସମୟରେ ଲାଇଟ୍ ନ ପଡିବା ଆବଶ୍ୟକ ହେଉଛି। ଏନେଇ ଗୋପାଳପୁର ପୋର୍ଟ, ଗ୍ରାସୀମ୍, ଆଇଆରଇ ଓ ଟାଟା କମ୍ପାନୀ ସହଯୋଗ କରିଆସୁଥିବା ବେଳେ ଆଗକୁ ମଧ୍ୟ ସହଯୋଗ କରିବାକୁ କୁହାଯାଇଥିଲା। ପ୍ରାରମ୍ଭରେ ସାମୁଦ୍ରିକ କଇଁଛଙ୍କ ପରିଚାଳନା ଓ ସଂରକ୍ଷଣ ପ୍ରଦର୍ଶନୀକୁ ଜିଲାପାଳ ଉଦଘାଟନ କରିଥିଲେ। ବୈଠକରେ ଡିଆରଡିଏ ପିଡି ସିନ୍ଦେ ଦତାତ୍ରୟ ଭାଉସାହେବ, ବ୍ରହ୍ମପୁର ଉପଜିଲାପାଳ କୀର୍ତ୍ତିଭାସନ୍ ଭି, ବୈଜ୍ଞାନିକ ଅନୀଲ ମହାପାତ୍ର ଓ ଡ. ଏ.କେ ସାହୁ ଙ୍କ ସମେତ ବିଭିନ୍ନ ଶିଳ୍ପ ଅନୁଷ୍ଠାନର ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ, ମତ୍ସ୍ୟଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଏବଂ ବନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

## ସଂକ୍ଷେପରେ

### ଏୟାର ଇଣ୍ଡିଆର ୪୯୮ କୋଟି ବକେୟା ରଖିଛନ୍ତି କେନ୍ଦ୍ର-ରାଜ୍ୟ

**ନୂଆଦିଲ୍ଲୀ,୧୦।୨:** ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଗୁଡ଼ିକ ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆର ୪୯୮.୧୭ କୋଟି ଟଙ୍କା ବକେୟା ରଖିଛନ୍ତି। ୨୦୨୧ ଡିସେମ୍ବର ୩୧ ସୁଦ୍ଧା ଭିଭିଆଇପି ଯାତ୍ରା, ବିଦେଶୀ ଅତିଥିଙ୍କ ଯାତ୍ରା ଭଳି ଅନ୍ୟ ସେବାରେ ଏଭଳି ଅର୍ଥ ବକେୟା ରଖିଛି ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି। ଭିଭିଆଇପି ଟ୍ରାଭେଲ ବାବଦ ୮୪.୫୭ କୋଟି, ବିଦେଶୀ ଅତିଥିଙ୍କ ଯାତ୍ରାବାବଦ ୧୨.୬୧ କୋଟି, କୌଣସି ସ୍ଥାନରୁ ଲୋକଙ୍କୁ ଆଣିବାରେ ୯.୬୭ କୋଟି ଏବଂ ଅନ୍ୟ ବକେୟା ବାବଦ ୩୯୧ କୋଟି ଟଙ୍କା ସାମିଲ ରହିଛି। ୨୦୧୯-୨୦ରେ ଏହି ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ୭୯୮୨ କୋଟି ଟଙ୍କା କ୍ଷତି ସହିଛି। ଯାହା ୨୦୧୮-୨୯ରେ ୮୫୫୬ କୋଟି ଟଙ୍କା ରହିଥିଲା ବୋଲି ପୁରୀ କହିଛନ୍ତି। ଏହି ବିମାନ କମ୍ପାନୀର ସମ୍ପୂର୍ଣ୍ଣ ଅଂଶଧନକୁ ବିକିଦେବା ଲାଗି ସରକାର ପ୍ରକ୍ରିୟା ଜାରି କରିଛନ୍ତି।

### କୋଭିଡ୍ ସ୍ଥିତି ସୁଧୁରିଲେ ଘରୋଇ ବିମାନ ଭଡ଼ା କଟକଣା ହଟିବ

**ନୂଆଦିଲ୍ଲୀ,୧୦।୨:** କୋଭିଡ ଯୋଗୁ ସରକାର ବିମାନ ଯାତ୍ରା ଉପରେ କଟକଣା ଲଗାଇଛନ୍ତି। ବର୍ତ୍ତମାନ ସୁଦ୍ଧା ବିମାନ ଯାତ୍ରା ସମ୍ପୂର୍ଣ୍ଣ ସ୍ୱାଭାବିକ ସ୍ଥିତିକୁ ଫେରିନାହିଁ। ଦେଶ ମଧ୍ୟରେ ବିମାନ ଭଡା କ୍ଷେତ୍ରରେ ସରକାର କେତେକ ନିୟମ ଲାଗୁ କରିଛନ୍ତି। ସେହି ଆଧାରରେ କମ୍ପାନୀଗୁଡ଼ିକ ଯାତ୍ରୀଙ୍କ ଠାରୁ ଭଡା ଲାଗୁ କରିବା ଦିଗରେ ବ୍ୟବସ୍ଥା କରିଛନ୍ତି। ବିମାନ ଯାତ୍ରା କୋଭିଡ ପୂର୍ବ ସ୍ଥିତିକୁ ଫେରିବାକୁ ସମୟ ଲାଗିବ। କାରଣ ସ୍ଥିତି ଏବେ ଯାଏ ସମ୍ପୂର୍ଣ୍ଣ ସୁଧୁରି ନ ଥିବାରୁ ସରକାର ଭଡା କ୍ଷେତ୍ରରେ କଟକଣାକୁ ହଟାଇ ନାହାନ୍ତି। କୋଭିଡ ସ୍ଥିତି ସୁଧୁରିଲେ ଦେଶ ମଧ୍ୟରେ ବିମାନ ଭଡା କ୍ଷେତ୍ରରେ କମ୍ପାନୀଗୁଡ଼ିକ ଲାଗି ଲାଗୁ ହେଉଥିବା କଟକଣାକୁ ଉଠାଯିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ବୁଧବାର କହିଛନ୍ତି। ବର୍ତ୍ତମାନ ବିମାନ କମ୍ପାନୀଙ୍କୁ ପ୍ରାୟ ୮୦% କ୍ଷମତାରେ ସେବା ଯୋଗାଣ ଲାଗି ଅନୁମତି ମିଳିଛି। ଆଗାମୀ ଦିନରେ ନିୟମରେ କୋହଳ କରାଯିବା ନେଇ ଆଶା ରହିଥିବା ପୁରୀ ସ୍ପଷ୍ଟ କରିଛନ୍ତି।

# ୪ ଗୁଣ ବଢ଼ିଲା ବିଟ୍ କଏନ ଟ୍ରେଡ୍

**ନୂଆଦିଲ୍ଲୀ,୧୦।୨**

ଭର୍ଚୁଆଲ କରେନ୍ସି ବିଟ୍ କଏନ କାରବାର ଭାରତରେ ଏବେ ଲଗାତର ବଢୁଛି। ଟେସ୍‌ଲା କମ୍ପାନୀର ମୁଖ୍ୟ ଏଲନ୍ ମସ୍କ ବିଟ୍ କଏନରେ ଦେଢ଼ ଶହ କୋଟି ଡଲାର ନିବେଶ କରିବା ନେଇ ଘୋଷଣା କରିବା ପରେ ଭାରତୀୟ କ୍ରିପ୍ଟୋକରେନ୍ସି ନିବେଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି। ସେହିଭଳି କ୍ରିପ୍ଟୋକରେନ୍ସି ପେମେଣ୍ଟର ଏକ ବିକଳ୍ପ ଭାବେ ଏହି କମ୍ପାନୀ ଗ୍ରହଣ କରିବ ବୋଲି ଶୁଣାଯାଉଛି। ଏଭଳି ସ୍ଥିତିରେ ଭାରତୀୟ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ଏବଂ ଟ୍ରେଡିଂ ପ୍ଲାଟ୍‌ଫର୍ମଗୁଡ଼ିକରେ ଜମା କରିବା ନେଇ ଲୋକଙ୍କ ଅନୁରୋଧ ୪ ଗୁଣା ବଢ଼ିଥିବା ଶିଳ୍ପ ସୂତ୍ରରୁ ସୂଚନା ମିଳିଛି।

ଏହି ପରିପ୍ରେକ୍ଷୀରେ ମୁମ୍ବାଇଭିତ୍ତିକ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ପ୍ଲାଟ୍‌ଫର୍ମ ୱାଜିର ଏକ୍ସର ପ୍ରତିଷ୍ଠାତା ନିଶ୍ଚଳ ସେଟ୍ଟୀ କହିଛନ୍ତି, ଟେସ୍‌ଲାର ଘୋଷଣା ପରେ ଟ୍ରାଞ୍ଜାକଶନ ପ୍ରାୟ ୩୦୦% ବଢ଼ିଥିବା ଦେଖିବାକୁ ପାଉଛୁ। ପ୍ରତି ମିନିଟରେ ଜମା କରିବା ନେଇ ରିକ୍ୱେଷ୍ଟ ବା ଅନୁରୋଧ ବଢ଼ିଚାଲିଛି। କିଛି ସମୟ ବିଳମ୍ବ ହେଲେ ମଧ୍ୟ ଲୋକଙ୍କ ଜମାକୁ କ୍ରେଡିଟ କରିବା ଦିଗରେ ପଦକ୍ଷେପ ନିଆଯାଉଛି। ସେ ପୁଣି କହିଛନ୍ତି, କ୍ରିପ୍ଟୋକରେନ୍ସି ବିଲ୍‌ରେ ଯଦି ସରକାର ଘରୋଇ କ୍ରିପ୍ଟୋକରେନ୍ସି ଟ୍ରେଡରଙ୍କ ଉପରେ କଟକଣା ଲଗାନ୍ତି



- ଟେସ୍‌ଲାର ଘୋଷଣା ପରେ ନୂଆ ୟୁଜର ଏବଂ ଟ୍ରାଞ୍ଜାକଶନରେ ବୃଦ୍ଧି
- ଟ୍ରାଞ୍ଜାକଶନରେ ୱାଜିର ଏକ୍ସର ୩୦୦% ବୃଦ୍ଧି
- କଏନ ସ୍ୱିଚ୍ କୁବେର ନେଣଦେଣ ୨ ଗୁଣା
- ୨୦୨୦ ମାର୍ଚ୍ଚରେ ବିଟ୍ କଏନ ମୂଲ୍ୟ ୫ ହଜାର ଡଲାର
- ବର୍ତ୍ତମାନ ଡଲାର ତୁଳନାରେ ମୂଲ୍ୟ ୮୬୪% ବଢ଼ି ୪୪ ହଜାର ଡଲାର

ତେବେ ସଙ୍ଗଠିତ କ୍ଷେତ୍ରର ସଂସ୍ଥାଗୁଡ଼ିକ ପ୍ରଭାବିତ ହେବେ। ବେଆଇନ ଭାବେ ଲୋକମାନେ ଏହି ଭର୍ଚୁଆଲ କରେନ୍ସିରେ ନିବେଶ ଏବଂ କାରବାର କରିବେ।

ବାଙ୍ଗାଲୋର ଭିତ୍ତିକ କଏନ ସ୍ୱିଚ୍ କୁବେରର ମୁଖ୍ୟ ବାଣିଜ୍ୟ ଅଧିକାରୀ ସରନ ନାୟାର କହିଛନ୍ତି, ଟେସ୍‌ଲାର ଘୋଷଣା ପରେ ଦୈନିକ ନେଣଦେଣ ଭଲ୍ୟୁମ ବଢ଼ିଛି। ସେହିଭଳି ଭୌଲ୍‌ଦର ସିଇଓ ଦର୍ଶନ ବଥିଜା କହିଛନ୍ତି, ଆମ ପ୍ଲାଟ୍‌ଫର୍ମରେ ନେଣଦେଣ ପରିମାଣ ୨ ଗୁଣ ବଢ଼ିଛି। ଟ୍ରେଡିଂ ଭଲ୍ୟୁମ ମଧ୍ୟ ୨ ଗୁଣ ବଢିଛି। ନୂଆ ୟୁଜରଙ୍କ କ୍ଷେତ୍ରରେ ୬୦% ବୃଦ୍ଧି, ରିଟର୍ନ ୟୁଜର ୨୦% ରହିଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ୧୦ ନିୟୁତ ଡଲାର ନେଣଦେଣ ହୋଇଛି। ଏହା ପୂର୍ବରୁ ଦୈନିକ ୪ରୁ ୫ ନିୟୁତ ଡଲାର ରହିଥିଲା। ସେହିଭଳି ପୂର୍ବରୁ ୧୬ କୋଟି ଜମା ହେଉଥିବା ବେଳେ ବର୍ତ୍ତମାନ ଦୈନିକ ୩୦ କୋଟିକୁ ବଢିଛି। ଅନ୍ତର୍ଜାତୀୟ ବଜାରରେ କ୍ରିପ୍ଟୋକରେନ୍ସି ଏବଂ ବିଟ୍ କଏନ ଲାଗି ଏକ ସକାରାତ୍ମକ ନୀତି ଆଣୁଥିବା ବେଳେ ଭାରତ ଏହାର ବିପରୀତ ନୀତି ସହ ଯାଉଥିବା ସେ ମତ ରଖିଛନ୍ତି। ୟୁନିକର୍ନର ସିଇସି ସାତ୍ୱିକ ବିଶ୍ୱନାଥ କହିଛନ୍ତି, ବୁଧବାର ସକାଳୁ ଆମ ପ୍ଲାଟ୍‌ଫର୍ମରେ ୪ ହଜାର ନୂଆ ନିବେଶକ ଟ୍ରେଡିଂ କରୁଥିବା ଦେଖିବାକୁ ପାଉଛୁ। ଏହା ପୂର୍ବରୁ ଦୈନିକ ୫୦୦ରୁ ୬୦୦ ମଧ୍ୟରେ ରହୁଥିଲା। ପୂର୍ବରୁ ୩ରୁ ୪ ଦିନରେ ୪.୫ କୋଟି କାରବାର ହେଉଥିବା ବେଳେ ଏହା ବୁଧବାର ସକାଳୁ କିଛି ଘଣ୍ଟାରେ ୫ କୋଟି ଛୁଇଁଛି। ଏହା ୧୦ କୋଟି ଛୁଇଁପାରେ। ସରକାର ହୁଏତ ଗୋଟିଏ ଏଜେନ୍ସିକୁ ଏହି କ୍ରିପ୍ଟୋକରେନ୍ସି ପରିଚାଳନା ଲାଗି ଅନୁମତି ଦେଇପାରନ୍ତି ବୋଲି ବିଶ୍ୱନାଥ ଆଶଙ୍କା କରିଛନ୍ତି।

#### କେମିତି କ୍ରିପ୍ଟୋକରେନ୍ସି କିଣୁଛନ୍ତି ଭାରତୀୟ

- ୱାଜିର ଏକ୍ସ ଏବଂ କଏନ ସ୍ୱିଚ୍ କୁବେର ଭଳି ସ୍ଥାନୀୟ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜରେ ଆକାଉଣ୍ଟ ଖୋଲିବା ସହ ନିବେଶ କରିହେବ।
- କେୱାଇସି ସମ୍ପୂର୍ଣ୍ଣ ହେବା ପରେ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଟ୍ରାନ୍ସଫର କରି କିଣିବାକୁ ହୁଏ।
- ସମାନ ପ୍ଲାଟ୍‌ଫର୍ମ ବ୍ୟବହାର ଦ୍ୱାରା ଆସେଟ ବିକ୍ରି, ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଉଠାଣ।

# ମେଜର ପୋର୍ଟ ଅଥରିଟିଜ ବିଲ୍ ପାର୍ଲାମେଣ୍ଟରେ ପାସ୍



**ନୂଆଦିଲ୍ଲୀ,୧୦।୨**

ମେଜର ପୋର୍ଟ ଅଥରିଟିଜ ବିଲ୍ ୨୦୨୦କୁ ବୁଧବାର ପାର୍ଲାମେଣ୍ଟର ମଞ୍ଜୁରୀ ମିଳିଛି। ବନ୍ଦର ଏବଂ ଜାହାଜ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମନସୁଖଲାଲ୍ ମାଣ୍ଡବୀୟ ଏହି ବିଲ୍‌କୁ ରାଜ୍ୟ ସଭାରେ ଉପସ୍ଥାପନ କରିଥିଲେ। ଏହି ବିଲ୍‌କୁ ବର୍ତ୍ତମାନ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଗି ପଠାଯିବ। ଏହାଦ୍ୱାରା ବନ୍ଦର ଭିତ୍ତିଭୂମି ସମ୍ପ୍ରସାରଣ ଏବଂ ବାଣିଜ୍ୟ କାରବାରକୁ ପ୍ରୋତ୍ସାହିତ କରିବା ଦିଗରେ ସରକାର ବିଭିନ୍ନ ଯୋଜନା ହାତକୁ ନେବେ ବୋଲି ଜଣାପଡ଼ିଛି। ଉକ୍ତ ବିଲ୍‌ରେ ନିଷ୍ପତ୍ତି ନେବା କ୍ଷମତାର ବିକେନ୍ଦ୍ରୀକରଣ ଏବଂ ବନ୍ଦର କ୍ଷେତ୍ରରେ ପ୍ରଫେସନାଲିଜମ ଏବଂ ଦକ୍ଷତା ବୃଦ୍ଧି ଉପରେ ଫୋକସ କରାଯାଇଛି। ଅଂଶୀଦାରଙ୍କ ଲାଗି ତ୍ୱରିତ ନିଷ୍ପତ୍ତି ବ୍ୟବସ୍ଥା ଏବଂ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଦିଗରେ ମଧ୍ୟ ଏଥିରେ ଧ୍ୟାନ ରଖାଯାଇଛି।

ସେହିଭଳି ପୋର୍ଟଗୁଡ଼ିକରେ ଗ୍ଲୋବାଲ ପ୍ରାକ୍ଟିସ, ପ୍ରମୁଖ ବନ୍ଦରଗୁଡ଼ିକରେ ସ୍ୱଚ୍ଛତା, କାର୍ଯ୍ୟଦକ୍ଷତା ବୃଦ୍ଧି, ଆନୁଷ୍ଠାନିକ ବିଧି ବ୍ୟବସ୍ଥାର ଆଧୁନିକୀକରଣ ଭଳି ପ୍ରମୁଖ ଦିଗଗୁଡ଼ିକୁ ଉକ୍ତ ବିଲ୍‌ରେ ଗୁରୁତ୍ୱାରୋପ କରାଯାଇଛି। ପୂର୍ବ ତୁଳନାରେ ନୂଆ ବିଲ୍‌କୁ ଅଧିକ ବ୍ୟବସ୍ଥିତ କରାଯାଇଛି। ଏଥିରେ ୧୩୪ ପରିବର୍ତ୍ତେ ୭୬ ସେକ୍ସନ ରହିଛି। ବନ୍ଦର କର୍ତ୍ତୃପକ୍ଷ ବୋର୍ଡକୁ ସରଳୀକରଣ କରିବା ଲାଗି ଏଥିରେ ପ୍ରସ୍ତାବ ଦିଆଯାଇଛି। ବୋର୍ଡରେ ୧୧ରୁ ୧୩ ସଦସ୍ୟ ରହିପାରିବେ। ଏହାବାଦ୍ ଏଥିରେ ପ୍ରଫେଶନାଲ ଏବଂ ସ୍ୱାଧୀନ ସଦସ୍ୟ ଏବଂ ସରକାରଙ୍କ ନୋମିନି ମଧ୍ୟ ରହିବେ। ପ୍ରମୁଖ ବନ୍ଦରଗୁଡ଼ିକରେ ଟାରିଫ ଅଥରିଟିଙ୍କ ଭୂମିକାରେ ମଧ୍ୟ ପରିବର୍ତ୍ତନ କରାଯିବ। ବନ୍ଦର କର୍ତ୍ତୃପକ୍ଷ ବର୍ତ୍ତମାନ ଟାରିଫ ନିର୍ଦ୍ଧାରଣ କରିବାକୁ ସକ୍ଷମ ହେବେ। ପିପିପି ଅପରେଟରଙ୍କୁ ମଧ୍ୟ ଟାରିଫ ନିର୍ଦ୍ଧାରଣ କରିବାର ଅନୁମତି ମିଳିବ। ଏଭଳି ଅନ୍ୟ ପ୍ରସ୍ତାବ ଏହି ବିଲ୍‌ରେ ରହିଥିବା ଜଣାପଡ଼ିଛି।

## କାଟାରାକ୍ଟ ବ୍ଲାଇଣ୍ଡ ଫ୍ରି ଅଭିଯାନରେ ଏସ୍‌ବିଆଇ ଲାଇଫ୍

**ନୂଆଦିଲ୍ଲୀ,୧୦।୨:** କାଟାରାକ୍ଟ ବ୍ଲାଇଣ୍ଡ ଫ୍ରି ସମ୍ବଲପୁର ଅଭିଯାନରେ ଏସ୍‌ବିଆଇ ଲାଇଫ ସାମିଲ ହୋଇଛି। ଭିଜନ ଇଣ୍ଡିଆ ଫାଉଣ୍ଡେଶନର ଏକ ୟୁନିଟ ତ୍ରିଲୋଚନ ନେତ୍ରାଳୟର ଏହି ପ୍ରକଳ୍ପ ସହ କମ୍ପାନୀ ସହଯୋଗିତା ସ୍ଥାପନ କରିଛି। ଏଭଳି ପଦକ୍ଷେପ ଜରିଆରେ ସମାଜର ଉପେକ୍ଷିତ ବର୍ଗର ଲୋକଙ୍କ ପାଇଁ କାଟାରାକ୍ଟ ଜନୀତ ଅନ୍ଧତ୍ୱ ଦୂରକରିବା ଏବଂ ଗୁଣାତ୍ମକ ଚକ୍ଷୁ ସେବା ପ୍ରଦାନ କରିବା କମ୍ପାନୀ କାର୍ଯ୍ୟ କରୁଛି। ସମ୍ବଲପୁରରେ ସଂସ୍ଥାଗତ ଚକ୍ଷୁ ସେବା ପହଞ୍ଚାଇବା ଲାଗି କମ୍ପାନୀ ପକ୍ଷରୁ ଚକ୍ଷୁ ସ୍କ୍ରିନିଂ ଏବଂ ରୋଗୀଙ୍କୁ ହସ୍ପିଟାଲ ନିକଟରେ ପହଞ୍ଚାଇବା ଲାଗି ଏକ ୪୦ ସିଟ୍ ବିଶିଷ୍ଟ ବସ୍ ପ୍ରଦାନ କରାଯାଇଛି। ଏହା ଦ୍ୱାରା ପ୍ରତିବର୍ଷ ୭,୫୦୦ ଲୋକ ଲାଭ ପାଇପାରିବେ ବୋଲି ଆଶା କରାଯାଉଛି। ଏଭଳି ସେବା ଦ୍ୱାରା ସମ୍ବଲପୁରର ଲୋକମାନେ ଲାଭବାନ ହୋଇପାରିବେ ବୋଲି ଏସ୍‌ବିଆଇ ଲାଇଫର ଏମ୍‌ଡି ମହେଶ କୁମାର ଶର୍ମା ସୂଚନା ଦେଇଛନ୍ତି।

## ଫାସ୍‌ଟାଗ୍‌ରେ ମିନିମମ୍ ବାଲାନ୍ସ ଆବଶ୍ୟକ ନାହିଁ

**ନୂଆଦିଲ୍ଲୀ,୧୦।୨**

ନ୍ୟାଶନାଲ ହାଇୱେରେ ଯାତ୍ରା କରୁଥିଲେ ଫାସ୍‌ଟାଗ୍ ରଖିବା ଜରୁରୀ। ଯଦି ଆପଣ ଫାସ୍‌ଟାଗ୍ ବ୍ୟବହାର କରୁଛନ୍ତି ତେବେ ବର୍ତ୍ତମାନ ଏଥିରେ ପରିବର୍ତ୍ତନ ହୋଇଥିବା ନିୟମ ସମ୍ପର୍କରେ ଜାଣିରଖିବା ଜରୁରୀ। ଫାସ୍‌ଟାଗ୍‌ରେ ବର୍ତ୍ତମାନ ମିନିମମ୍ ବାଲାନ୍ସ ନ ରଖିଲେ କୌଣସି ଅସୁବିଧା ନାହିଁ। ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ(ଏନ୍‌ଏଚ୍‌ଏଆଇ) ପକ୍ଷରୁ ଏ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସୁବିଧା କେବଳ କାର୍, ଜିପ୍ ଏବଂ ଭ୍ୟାନ୍ ପାଇଁ ଲାଗୁ ହେବ। ବାଣିଜ୍ୟିକ ଯାନଗୁଡ଼ିକୁ ଏଥିରୁ ବାଦ୍ ଦିଆଯାଇଛି। ଏନ୍‌ଏଚ୍‌ଏଆଇ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଫାସ୍‌ଟାଗ୍ ଜାରି କରୁଥିବା ବ୍ୟାଙ୍କ ସିକ୍ୟୁରିଟି ଜମାକୁ ଛାଡ଼ିଦେଲେ କୌଣସି ମିନିମମ୍ ବାଲାନ୍ସ ରଖିବା ନେଇ ବାଧ୍ୟ କରିପାରିବେ ନାହିଁ। ପୂର୍ବରୁ ସିକ୍ୟୁରିଟି ଜମା ବାଦ୍ ମିନିମମ୍ ବାଲାନ୍ସ ରଖିବା ନେଇ ବ୍ୟାଙ୍କ କହୁଥିଲେ। ୧୫୦ରୁ ୨୦୦ ଟଙ୍କାର ମିନିମମ୍ ବାଲାନ୍ସ ରଖିବା ନେଇ ଲୋକଙ୍କୁ କୁହାଯାଉଥିଲା। ଫାସ୍‌ଟାଗ୍ ଆକାଉଣ୍ଟରେ ଅର୍ଥ ରହିଥିଲେ ମଧ୍ୟ ମିନିମମ୍ ବାଲାନ୍ସ ଯୋଗୁ ଟୋଲ୍ ପ୍ଲାଜାରେ ଲୋକଙ୍କୁ ବିଭିନ୍ନ ସମସ୍ୟା ସାମ୍ନା କରିବାକୁ ପଡୁଥିଲା। ଯଦି ଫାସ୍‌ଟାଗ୍ ଆକାଉଣ୍ଟରେ ବାଲାନ୍ସ ନେଗେଟିଭ ନ ଥାଏ ତେବେ ଟୋଲ୍ ପ୍ଲାଜାରେ ଯିବା ବେଳେ ଅନୁମତି ମିଳିବ। ଆକାଉଣ୍ଟରେ କମ୍ ଅର୍ଥ ରାଶି ଥିଲେ ମଧ୍ୟ ଯିବାରେ କୌଣସି ସମସ୍ୟା ନାହିଁ।

## ଖେଳ ଖବର

### ଏଲ୍‌ଏଲ୍‌ସିସି କ୍ରିକେଟରେ ୧୬ ଦଳ

**ଭୁବନେଶ୍ୱର, ୧୦।୨(କ୍ରୀଡ଼ା ପ୍ରତିନିଧି)**

ଲାଇଭ୍ ଲିଜେଣ୍ଡ କ୍ରିକେଟ କ୍ଲବ (ଏଲ୍‌ଏଲ୍‌ସିସି) ଆନୁକୂଲ୍ୟରେ ୧୪ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୨୧ ତାରିଖରୁ ଆରମ୍ଭ ହେବ। ଏହା ମାର୍ଚ୍ଚ ୭ ପର୍ଯ୍ୟନ୍ତ ଚାଲିବ। ଏଲ୍‌ଏଲ୍‌ସିସି କ୍ଲବ ପକ୍ଷରୁ ଏହାର ଗ୍ରାଉଣ୍ଡରେ ପ୍ରତିବର୍ଷ ଟେନିସ ବଲ୍ କ୍ରିକେଟ ହେଉଥିବାବେଳେ ଏଥର ଡ୍ୟୁଜ୍ ବଲ୍‌ରେ ଟୁର୍ନାମେଣ୍ଟ ଆୟୋଜନ କରାଯିବ ବୋଲି କ୍ଲବର ସହକାରୀ କୋଚ୍ ଅଜୟ କୁମାର ସାହୁ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏଥିପାଇଁ ପିଲାମାନଙ୍କୁ ଦକ୍ଷ ପ୍ରଶିକ୍ଷକ ଭାରତ କେଶରୀ ଦାଶଙ୍କ ଦ୍ୱାରା କୋଚିଂ ଦିଆଯାଉଛି। ପୂର୍ବରୁ କ୍ଲବ ପକ୍ଷରୁ ଆୟୋଜିତ ତ୍ରିବେଣୀ କପ୍ ଟୁର୍ନାମେଣ୍ଟ ଯେପରି ଖ୍ୟାତିଲାଭ କରିଥିଲା ସେପରି ଆଗାମୀ ଦିନରେ ଏହି ଟୁର୍ନାମେଣ୍ଟକୁ ମଧ୍ୟ ଲୋକପ୍ରିୟ କରାଇବାକୁ ଉଦ୍ୟମ କରାଯିବ ବୋଲି ଅଜୟ କହିଛନ୍ତି। ପ୍ରତିଯୋଗିତାରେ କଟକ ଓ ଭୁବନେଶ୍ୱରର ୧୬ଟି କ୍ଲବ ଭାଗନେବେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୦,୦୦୦ ଓ ରନର୍ସ ଅପ୍ ଦଳକୁ ୧୦,୦୦୦ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ବୋଲର, ଫିଲ୍ଡର, ଉଇକେଟ କିପର, ପ୍ଲେୟର ଅଫ୍ ଦି ମ୍ୟାଚ ଓ ଟୁର୍ନାମେଣ୍ଟ ପୁରସ୍କାର ପ୍ରଦାନର ମଧ୍ୟ ବ୍ୟବସ୍ଥା ରହିଛି ବୋଲି କ୍ଲବ ସଭାପତି ନିତ୍ୟାନନ୍ଦ ବେହେରା ଓ ସମ୍ପାଦକ ପଙ୍କଜ କୁମାର ଦାସ ସୂଚନା ଦେଇଛନ୍ତି। ମ୍ୟାଚଗୁଡ଼ିକ ୩୦ ଓଭର ବିଶିଷ୍ଟ ହେବ ଏବଂ ଏହା ନକ୍‌ଆଉଟ ଭିତ୍ତିରେ ଖେଳାଯିବ। ଶର୍ଟ ବାଉଣ୍ଡାରୀ ଥିବାରୁ ଛକା ମାରିବାକୁ ଅନୁମତି ନାହିଁ। ଫଳରେ ପିଲାମାନେ ଟେକ୍ନିକ ଦୃଷ୍ଟିରୁ କେତେ ଦୃଢ଼ ତାହା ଜଣାଯିବ। ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣି ସେମାନଙ୍କୁ ଅଧିକରୁ ଅଧିକ ସୁଯୋଗ ଦେବା ଏହି ପ୍ରତିଯୋଗିତାର ଲକ୍ଷ୍ୟ ବୋଲି କୁହାଯାଇଛି।

### ମଧୁମିତାଙ୍କୁ ବ୍ରୋଞ୍ଜ



**ଭୁବନେଶ୍ୱର, ୧୦।୨(କ୍ରୀଡ଼ା ପ୍ରତିନିଧି):** ଗୁଆହାଟୀର ସରସୁଜଲ ଷ୍ଟାଡିୟମରେ ଅନୁଷ୍ଠିତ ୩୬ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଅନ୍ତିମ ଦିବସରେ ଓଡ଼ିଶାକୁ ଆଉ ଏକ ପଦକ ମିଳିଛି। ୨୦ ବର୍ଷରୁ କମ୍ ବାଳିକା ୨୦୦ ମିଟର ରେସ୍‌ରେ ମଧୁମିତା ଦେବ ୨୪.୯୦ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହାକୁ ମିଶାଇ ଓଡ଼ିଶା ମୋଟ ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ସହ ପ୍ରତିଯୋଗିତା ଶେଷ କରିଛି।

# ଭାରତୀୟ ଦଳରେ ପରିବର୍ତ୍ତନ ସୂଚନା

**ନୂଆଦିଲ୍ଲୀ,୧୦।୨(ପି.ଟି.)**

ଚେନ୍ନାଇରେ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ପାଇଁ ଭାରତୀୟ ଦଳରେ ଅତିକମ୍‌ରେ ଗୋଟିଏ ପରିବର୍ତ୍ତନ ହେବା ନିଶ୍ଚିତ ହୋଇଛି। ପ୍ରଥମ ଟେଷ୍ଟ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ନଦୀମ ଏହି ମ୍ୟାଚ୍‌ରୁ ବାଦ୍ ପଡିବେ। ନଦୀମଙ୍କ ବଦଳ ଖେଳାଳି ନେଇ ଶୁକ୍ରବାର ନିଷ୍ପତ୍ତି ନିଆଯିବ। ତେବେ ଫିଟ୍‌ନେସ ହାସଲ କରିଥିବା ସ୍ପିନ ଅଲରାଉଣ୍ଡର ଅକ୍ଷର ପଟେଲ ନଦୀମଙ୍କ ବଦଳରେ ଖେଳିବା ସମ୍ଭାବନା ରହିଛି। ପ୍ରଥମ ଟେଷ୍ଟରେ ଭାରତ ଭ୍ରମଣକାରୀ ଇଂଲଣ୍ଡଠାରୁ ବୃହତ୍ ବ୍ୟବଧାନରେ ପରାସ୍ତ ହୋଇଥିଲା। ଅକ୍ଷରଙ୍କ ଆଣ୍ଠୁରେ

**ଦ୍ୱିତୀୟ ଟେଷ୍ଟ**

ସାମାନ୍ୟ ସମସ୍ୟ ରହିଥିଲା। ନେଟ୍ସରେ ସେ ବ୍ୟାଟିଂ କରିଥିବା ବେଳେ ଅଗାମୀ ଦୁଇ ଦିନରେ ସେ ବୋଲିଂ ଆରମ୍ଭ କରିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ଅକ୍ଷରଙ୍କ ଖେଳିବା ନେଇ ଅଧିନାୟକ ବିରାଟ କୋହଲି, କୋଚ୍ ରବି ଶାସ୍ତ୍ରୀ ଓ କୋଚ୍ ଭରତ ଅରୁଣ ନିଷ୍ପତ୍ତି ନେବେ ବୋଲି କୁହାଯାଇଛି।

ପରାଜୟ ପରେ କୋହଲି ୱାଶିଂଟନ ସୁନ୍ଦର ଓ ନଦୀମଙ୍କ ପ୍ରଦର୍ଶନରେ ଅସନ୍ତୋଷ ଜାହିର କରିଥିଲେ। ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା, ଈଶାନ୍ତ ଶର୍ମା ଓ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ସହାୟତା ଦେବାରେ ଏହି ଦୁଇ ବୋଲର ବିଫଳ ହୋଇଥିଲେ। ପ୍ରଥମ ଟେଷ୍ଟରେ ୪ ଉଇକେଟ ହାସଲ କରିଥିଲେ ମଧ୍ୟ ନଦୀମ ୫୯ ଓଭରରେ ୨୩୩ ରନ ବ୍ୟୟ କରିଥିଲେ ଓ ଓଭର ପିଛା ୪ରୁ ଊର୍ଦ୍ଧ୍ୱ ରନ ବ୍ୟୟ କରିଥିଲେ। ସେହିପରି ୱାଶିଂଟନ ୨୬ ଓଭରରେ ୯୮ ରନ ବ୍ୟୟ କରିଥିଲେ। ଦ୍ୱିତୀୟ ଇନିଂସରେ ତାଙ୍କ ମାତ୍ର ଗୋଟିଏ ଓଭର ବୋଲିଂ କରିବାକୁ ଦିଆଯାଇଥିଲା। ତେବେ ପ୍ରଥମ ଇନିଂସରେ ସେ ବ୍ୟାଟିଂରେ ଦମ୍‌ଦାର ପ୍ରଦର୍ଶନ କରି ଅପରାଜିତ ୮୫ ରନ ସଂଗ୍ରହ କରିଥିଲେ। ତେଣୁ ଦଳରେ ସେ ସ୍ଥାନ ବଜାୟ ରଖିବା ଆଶା କରାଯାଉଛି।

ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଜୋଫ୍ରା ଆର୍ଚରଙ୍କ ଏକ ଶର୍ଟ ବଲ୍ ସାମାନ୍ୟ ଆହତ ହୋଇଥିଲେ ମଧ୍ୟ ଅଶ୍ୱିନ ଫିଟ୍ ଅଛନ୍ତି। ପ୍ରଥମ ଟେଷ୍ଟରେ ଅଶ୍ୱିନ ସବୁଠାରୁ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ।

ପ୍ରଥମ ଟେଷ୍ଟରେ ଟସ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ପ୍ରଥମେ ବ୍ୟାଟିଂ କରିବା ଦଳ ଫାଇଦା ହାସଲ କରିଥିଲା। ତେଣୁ ଦ୍ୱିତୀୟ ଟେଷ୍ଟରେ ଏକ ଭିନ୍ନ ଧରଣର ଉଇକେଟ ପ୍ରସ୍ତୁତ କରିବାକୁ କ୍ୟୁରେଟର ଭି. ରମେଶ କୁମାର ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ହେଡ୍ ଅଫ୍ ପିଚେସ୍ ଆଣ୍ଡ ଗ୍ରାଉଣ୍ଡ କମିଟି ତାପଶ ଚାଟାର୍ଜୀ ମନ ବଳାଇଛନ୍ତି। ଏହି ପିଚ୍‌ରେ ଟସ୍‌ର ଭୂମିକା ଗୌଣ ହେବ ଓ ଏନେଇ ପ୍ରୟାସ କରାଯିବ। ପିଚ୍‌ରେ ଘାସ ରହିଛି ଓ ଏଥିରେ ବଲ ଟର୍ନ ମଧ୍ୟ ହେବ। ଏକ ଶୁଖିଲା ପିଚ୍ ଉପରେ ଖରା ପଡିଲେ ଏହା ଫାଟିବାର ସମ୍ଭାବନା ରହିବ। ଉଭୟ ବ୍ୟାଟ୍ସମ୍ୟାନ ଓ ବୋଲରଙ୍କୁ ସୁହାଇବା ଭଳି ଏକ ପିଚ୍ ପ୍ରସ୍ତୁତ କରିବାକୁ ପ୍ରୟାସ କରାଯିବ। ପ୍ରଥମ ଟେଷ୍ଟରେ ତୃତୀୟ ଦିବସରେ ବଲ୍ ଟର୍ନ ହୋଇଥିଲା। ତେବେ ଏହି ନୂଆ ପିଚ୍‌ରେ ପ୍ରଥମ ଦିନରୁ ହିଁ ବଲ୍ କିଛି ମାତ୍ରାରେ ଟର୍ନ ହେବ ବୋଲି ଆଶା କରାଯାଉଛି।



ଅକ୍ଷର ପଟେଲଙ୍କ ସହ ଯଶପ୍ରୀତ୍ ବୁମ୍‌ରା।

#### କୋହଲି ଖସିଲେ

ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ବ୍ୟାଟିଂ ତାଲିକାର ପଞ୍ଚମ ସ୍ଥାନକୁ ଖସିଛନ୍ତି। ଅନ୍ୟପଟେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ଦୁଇଟି ସ୍ଥାନ ଉପରକୁ ପଞ୍ଚମରେ ରହିଛନ୍ତି। ସେହିପରି ବୋଲିଂ ତାଲିକାର ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଓ ରବିଚନ୍ଦ୍ରନ ଅଶ୍ୱିନ ଉନ୍ନତି କରିଛନ୍ତି।

# ପୁରୀ, ଗଞ୍ଜାମ ବାର୍ ବିଜୟୀ

**ପୁରୁଣା ଭୁବନେଶ୍ୱର, ୧୦।୨(ଡି.ଏନ.ଏ.)**

**ପ୍ରଶାନ୍ତ ସ୍ମାରକୀ ଆଇନଜୀବୀ କ୍ରିକେଟ**

ଭୁବନେଶ୍ୱର ବାର୍ ଆସୋସିଏଶନ ଆନୁକୂଲ୍ୟରେ ବିଜେବି ଖେଳ ପଡ଼ିଆରେ ଚାଲିଥିବା ୭ମ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ମ୍ୟାଚରେ ପୁରୀ ଓ ଗଞ୍ଜାମ ବାର୍ ଆସୋସିଏଶନ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ପୁରୀ ବାର୍ ଆସୋସିଏଶନ ୫ ଉଇକେଟରେ ଭୁବନେଶ୍ୱର ବାର୍ ଆସୋସିଏଶନକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୪୮ ରନ କରିଥିଲା। ଜବାବରେ ପୁରୀ ବାର୍ ୧୯.୩ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ୩୬ ବଲ୍‌ରୁ ୪୫ ରନ କରି ଅପରାଜିତ ରହିଥିବା ବିଜୟୀ ଦଳର ରଞ୍ଜିତ ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଗଞ୍ଜାମ ୨୧ ରନରେ କଟକ କ୍ରିମିନାଲ ବାର୍ ଆସୋସିଏଶନକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ଗଞ୍ଜାମ ଦଳ ୨୦ ଓଭରରେ ୧୪୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ କ୍ରିମିନାଲ ବାର୍ ୧୮.୪ ଓଭରରେ ୧୨୪ ରନ କରି ସମସ୍ତ ଉଇକେଟ ହରାଇଥିଲା। ୨୪ ବଲ୍‌ରୁ ୪୫ ରନ କରିଥିବା ଗଞ୍ଜାମ ଦଳର ସନ୍ତୋଷ ରେଡ୍ଡୀ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ବିଧାୟକ ସୁଶାନ୍ତ କୁମାର ରାଉତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଦୀପ ଜେନା, ରଶ୍ମିରଞ୍ଜନ ରାଉତରାୟ, ସୁଶାନ୍ତ ଦାଶ ଅମ୍ପାୟର ଏବଂ ରମେଶ କୁମାର ନାୟକ ସ୍କୋରର ଥିଲେ।



ସନ୍ତୋଷ ରେଡ୍ଡୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

### ଓଡ଼ିଶା ଦଳର ପ୍ରଥମ ପରାଜୟ

**ଭୁବନେଶ୍ୱର, ୧୦।୨(କ୍ରୀଡ଼ା ପ୍ରତିନିଧି)**

ବେଙ୍ଗାଲୁରୁଠାରେ ଚାଲିଥିବା ୩ୟ ନଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର ଓଡ଼ିଶା ପ୍ରଥମ ପରାଜୟ ସ୍ୱାଦ ଚାଖିଛି। ଦଳ ଆନ୍ଧ୍ର ପ୍ରଦେଶଠାରୁ ହାରି ଯାଇଛି। କ୍ରମାଗତ ୨ ବିଜୟ ପରେ ଦଳର ଏହା ପ୍ରଥମ ପରାଜୟ। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନକୁଳଙ୍କ ୯୧ ଓ ସୁଖରାମଙ୍କ ୩୭ ରନ ବଳରେ ୨୦ ଓଭରରେ ୭ ଉଇକେଟ ହରାଇ ୧୯୪ ରନ କରିଥିଲା। ଜବାବରେ ଆନ୍ଧ୍ର ଦଳ ୧୯.୫ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପକ୍ଷରୁ ଦୁର୍ଗା ରାଓ ସର୍ବାଧିକ ୭୫ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗୁରୁବାର ଦିଲ୍ଲୀକୁ ଭେଟିବ ଓଡ଼ିଶା।

### ସେମିରେ ମଞ୍ଚେଶ୍ୱର

**ଭୁବନେଶ୍ୱର,୧୦।୨(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ କେଶୁରା ପଡ଼ିଆରେ ଚାଲିଥିବା ପଞ୍ଚାନନ ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ମ୍ୟାଚରେ କଟକର ସ୍ମାଇଲ ଇଲେଭେନ୍‌କୁ ହରାଇ ମଞ୍ଚେଶ୍ୱର କ୍ରିକେଟ କ୍ଲବ୍ ସେମିଫାଇନାଲରେ ପ୍ରବେଶ କରିଛି। କଟକ ୨୦ ଓଭରରେ ୧୨୮ ରନ କରିଥିଲା। ଜବାବରେ ମଞ୍ଚେଶ୍ୱର ୩ ଓଭର ବାକି ରଖି ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମଞ୍ଚେଶ୍ୱର ଦଳର ଏସ୍.କେ. ସଲମାନ ୩୮ ବଲରୁ ଦ୍ରୁତ ୭୨ ରନକରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

### କୋଚିଂ ପ୍ୟାନେଲରେ ସୁରେଶ, ବିକାଶ

**ଭୁବନେଶ୍ୱର, ୧୦।୨(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସିନିୟର ମହିଳା କ୍ରିକେଟ ଦଳ ପାଇଁ କୋଚିଂ ଓ ସପୋର୍ଟ ଷ୍ଟାଫ୍‌ଙ୍କ ନାମ ଘୋଷଣା କରାଯାଇଛି। ସୁରେଶ କୁମାରଙ୍କୁ ମୁଖ୍ୟ କୋଚ୍ ନିଯୁକ୍ତ କରାଯାଇଥିବାବେଳେ ବିକାଶ ପତିଙ୍କୁ ବ୍ୟାଟିଂ କୋଚ୍ ଦାୟିତ୍ୱ ଦିଆଯାଇଛି। ଏହା ବ୍ୟତୀତ ଶ୍ୱେତା ସାମନ୍ତରାୟ ଟ୍ରେନର ଓ ନଫିଶା ନେହା ସବନମ ଫିଜିଓ ନିଯୁକ୍ତ ହୋଇଛନ୍ତି।



ବିକାଶ ପତି



ସୁରେଶ କୁମାର

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କୃଷି ଋଣ ପ୍ରଦାନରେ ବ୍ୟାଙ୍କ ତତ୍ପରତା ପ୍ରକାଶ କରନ୍ତୁ: ମନ୍ତ୍ରୀ

ଭୁବନେଶ୍ୱର, ୧୦।୨(ବ୍ୟୁରୋ)

ଓଡ଼ିଶାରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଋଣ ପ୍ରଦାନ ଦିଗରେ ଜାତୀୟକରଣ ବ୍ୟବସାୟିକ ବ୍ୟାଙ୍କ ଓ ଘରୋଇ ବ୍ୟାଙ୍କ ଅଧିକ ତତ୍ପରତା ପ୍ରକାଶ କରିବା ଆବଶ୍ୟକ। ରିଜର୍ଭ ବ୍ୟାଙ୍କର ନିୟମାବଳୀ ଅନୁଯାୟୀ ବ୍ୟାଙ୍କମାନେ ସମୁଦାୟ ଋଣର ଶତକଡ଼ା ୧୮ ପ୍ରତିଶତ କୃଷି କ୍ଷେତ୍ରରେ ଦିଆଯିବା କଥା। ଆନ୍ଧ୍ରପ୍ରଦେଶ, କେରଳ, ତେଲାଙ୍ଗାନା, ତାମିଲନାଡୁ ଓ ପଞ୍ଜାବ ଆଦି ରାଜ୍ୟ ତୁଳନାରେ ଓଡ଼ିଶାରେ ବ୍ୟବସାୟିକ ବ୍ୟାଙ୍କମାନେ କମ୍ କୃଷି ଋଣ ପ୍ରଦାନ କରୁଛନ୍ତି। କୃଷକଙ୍କ ଆୟ ଦ୍ୱିଗୁଣିତ ଓ ବହୁଗୁଣିତ କରିବା ପାଇଁ ରାଜ୍ୟ ସରକାର କୃଷିଋଣ ପ୍ରଦାନ ଦିଗରେ ପ୍ରାଥମିକତା ଦେବା ସହିତ ୩ ପ୍ରତିଶତ ସୁଧ ରିହାତି ପ୍ରଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କମାନେ କୃଷିଋଣର ସ୍ତର ବୃଦ୍ଧି କରିବା ସହିତ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି।


ବୈଠକରେ କୃଷି ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟ ଅଧିକାରୀମାନେ।

ବୁଧବାର କୃଷି ଭବନରେ ଆୟୋଜିତ ବ୍ୟାଙ୍କର୍ସ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ସାହୁ କୃଷି କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଋଣ ପ୍ରଦାନ ସମ୍ପର୍କରେ ସମୀକ୍ଷା କରିଥିଲେ। ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାରେ ରାଜ୍ୟ ସରକାରଙ୍କ ତରଫରୁ ମିଳିଥିବା ୪୨ କୋଟି ଟଙ୍କା ମଧ୍ୟରୁ ଅଦ୍ୟାବଧି ୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସବ୍‌ସିଡି ପ୍ରଦାନ ସରିଛି। ବକେୟା ପ୍ରକଳ୍ପଗୁଡ଼ିକର ଶୀଘ୍ର ଋଣ ମଞ୍ଜୁରୀ ସହିତ ୨୦୨୧-୨୨ ବର୍ଷରେ ବ୍ୟାଙ୍କରମାନଙ୍କୁ ୫ ଶହ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପ୍ରାୟ ୨୦୦ କୋଟି ଟଙ୍କାର ଋଣ ଯୋଗାଣ ନିମନ୍ତେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ପାଇଁ ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ଋଣ ଜନିତ ସମସ୍ୟାର ସମ୍ମୁଖୀନ ହେଉଥିବା ନିଆଳି, ବରଗଡ଼, ପାଇକମାଳ ଓ ଆଠମଲ୍ଲିକର ଉଦ୍ୟୋଗୀଙ୍କ ସହ ଅନ୍‌ଲାଇନ୍‌ରେ କଥା ହୋଇଥିଲେ। ଧାର୍ଯ୍ୟ ସମୟରେ ଋଣ ଦେବାକୁ ମନ୍ତ୍ରୀ ବ୍ୟାଙ୍କର୍ସମାନଙ୍କୁ କହିଥିଲେ। ବୈଠକରେ କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମା, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ, ସ୍ୱତନ୍ତ୍ର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଆର୍. ରଘୁପ୍ରସାଦ ପ୍ରମୁଖ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଅଭିବୃଦ୍ଧି ନିମନ୍ତେ ଅଧିକ ପୁଞ୍ଜିନିବେଶ ଉପରେ ଗୁରୁତ୍ୱ ଦେଥିଲେ।

# ହୋଟେଲ ମାଲିକଙ୍କୁ ହତ୍ୟା

ରାଉରକେଲା ଅଫିସ, ୧୦।୨

- ସିସିଟିଭିରେ କଏଦ ହେଲା ହତ୍ୟା ଦୃଶ୍ୟ
- କଳା ପଲ୍‌ସରରେ ଦୁଇ ଯୁବକ ଫେରାର୍
- ପୂର୍ବ ଶତ୍ରୁତା ଅଭିଯୋଗ

ଷ୍ଟିଲ୍ ସିଟିର ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଡିଏଭି ଲାଇନ ଅଞ୍ଚଳରେ ରହୁଥିବା ସଜନ ମିତ୍ତଲ(୬୦) ନାମକ ଜଣେ ହୋଟେଲ ମାଲିକଙ୍କୁ କେତେଜଣ ଦୁର୍ବୃତ୍ତ ହତ୍ୟା କରିଛନ୍ତି। ପରେ ସେମାନେ ଫେରାର୍ ହୋଇଯାଇଛନ୍ତି। ହତ୍ୟା ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ହେଲେ ଦୁର୍ବୃତ୍ତ ଦୁହେଁ ମୁହଁରେ ମାସ୍କ ଓ ହେଲ୍‌ମେଟ ପିନ୍ଧିଥିବାରୁ ସିସିଟିଭିରେ ଜଣାପଡ଼ି ନ ଥିଲା। ରାଉରକେଲା ଏସ୍‌ପି ମୁକେଶ ଭାମୁ ଘଟଣାର ତଦନ୍ତ କରିଛନ୍ତି।

ରାଉରକେଲା ମେନ୍‌ରୋଡ୍ ନିକଟସ୍ଥ ଡିଏଭି ଲାଇନ ଅଞ୍ଚଳରେ ସଜନ ପରିବାର ସହ ରୁହନ୍ତି। ମଙ୍ଗଳବାର ରାତି ସାଢ଼େ ୧୦ଟାରେ ନିଜ ହୋଟେଲରୁ କାମସାରି ସ୍କୁଟି ଯୋଗେ ଘରକୁ ଫେରିଥିଲେ। ଏହି ସମୟରେ କଳା ପଲ୍‌ସରରେ ଦୁଇଜଣ ଯୁବକ ପଛରୁ ତାଙ୍କ ଘର ଗଳିପଟେ ଆସିଥିଲେ। ସଜନ କବାଟ ଖୋଲି ସ୍କୁଟି ରଖୁଥିବା ସମୟରେ ବାଇକ୍‌ରେ ବସିଥିବା ଜଣେ ଯୁବକ ହଠାତ୍ ଘରେ ପଶି ତାଙ୍କୁ ପଛପଟୁ ଆକ୍ରମଣ କରିଥିଲେ। ସଜନ ତଳେପଡ଼ି ଚିତ୍କାର କରିଥିଲେ। ପ୍ରଥମ ମହଲାରେ ଥିବା ପରିବାର ଲୋକେ ଦୌଡ଼ି ଆସିଥିଲେ। ତାଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)କୁ ନେଇ ଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ପୂର୍ବ ଶତ୍ରୁତାରୁ ହତ୍ୟା କରାଯାଇଥିବା ନେଇ ସାନଭାଇ କୈଳାସ ମିତ୍ତଲ ଥାନାରେ ଅଭିଯୋଗ କରିଛନ୍ତି। ରାତିରେ ଘର ଭିତରେ ପଶି ଆକ୍ରମଣ ଘଟଣାକୁ ରାଉରକେଲା ବଣିକ ସଂଘର ସଭାପତି ପ୍ରବୀଣ ଗର୍ଗ ଓ ହୋଟେଲ ମାଲିକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି।


ଏସ୍‌ପି ମୁକେଶ ଭାମୁ ଓ ଅନ୍ୟ ପୋଲିସ କର୍ମଚାରୀ ତଦନ୍ତ କରୁଛନ୍ତି।

# 'ସମ୍ବଳ ଭିତରେ ପ୍ରକଳ୍ପ ପ୍ରସ୍ତୁତ କର'

## ଜିଲାପାଳଙ୍କୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୦।୨(ବ୍ୟୁରୋ)

ଜିଲାରେ ଜୀବିକା ନିର୍ବାହ ପନ୍ଥା ଏବଂ ଭିତ୍ତିଭୂମି ବିକାଶକୁ ପରବର୍ତ୍ତୀ ପର୍ଯ୍ୟାୟକୁ ନେବା ଲାଗି ସମ୍ବଳ ଓ ସମ୍ଭାବନାଭିତ୍ତିକ ଅଭିନବ ପ୍ରକଳ୍ପଗୁଡ଼ିକ ପ୍ରସ୍ତୁତ କରିବା ଲାଗି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ରାଜ୍ୟର ଉତ୍ତର, ଦକ୍ଷିଣ ଓ କେନ୍ଦ୍ରୀୟ ରାଜସ୍ୱ ଡିଭିଜନ ଜିଲାପାଳଙ୍କ ସହ ୩ ପର୍ଯ୍ୟାୟରେ ସିଧାସଳଖ ଆଲୋଚନାକରି ମହାପାତ୍ର କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ମୌଳିକ ଆବଶ୍ୟକତାଭିତ୍ତିକ ଯୋଜନାଗୁଡ଼ିକ ବ୍ୟାପକ ଭାବେ ସମ୍ପ୍ରସାରିତ ହୋଇଛି। ଖାଦ୍ୟ ସୁରକ୍ଷା, ଗୃହ ନିର୍ମାଣ, ସଡ଼କ ଯୋଗାଯୋଗ, ବିଜୁଳି ସଂଯୋଗ, ପାନୀୟ ଜଳ, ଶିକ୍ଷା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ସମ୍ପୃକ୍ତ ଜିଲାର କୃଷି ଜଳବାୟୁ, ପ୍ରାକୃତିକ ସମ୍ପଦ, ମାନବ ସମ୍ବଳ ଏବଂ ନୂତନ ସୁଯୋଗକୁ ଭିତ୍ତିକରି ଜୀବିକା ନିର୍ବାହ ଏବଂ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ଲାଗି ପ୍ରକଳ୍ପ ପ୍ରସ୍ତୁତ କରିବାକୁ ପଡ଼ିବ। ସବୁ ଗ୍ରାମକୁ ସବୁଦିନିଆ ରାସ୍ତା, ଏକାଧିକ ଫସଲ ପାଇଁ ଜଳସେଚନ, ନିରନ୍ତର ଜୀବିକା ନିର୍ବାହ ପନ୍ଥା, ସ୍ୱାସ୍ଥ୍ୟସେବା ଏବଂ ଆର୍ଥିକ କାର୍ଯ୍ୟକଳାପ ଅଭିବୃଦ୍ଧି ଆଦି କ୍ଷେତ୍ରରେ ଥିବା ଗୁରୁତ୍ୱପୂର୍ଣ୍ଣ ଶୂନ୍ୟସ୍ଥାନଗୁଡ଼ିକୁ ଚିହ୍ନଟ କରି ସେସବୁର ପରିପୂରଣ କରାଯିବା ଏକାନ୍ତ ଆବଶ୍ୟକ। ଏହି ପ୍ରକାର ପ୍ରକଳ୍ପକୁ ଅଗ୍ରାଧିକାର ଭିତ୍ତିରେ ଆରମ୍ଭ କରିବା ପାଇଁ ମୁଖ୍ୟ ଶାସନ ସଚିବ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାଗୁଡ଼ିକରେ ଚାଲିଥିବା ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଉପରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଗୁରୁତ୍ୱାରୋପ କରିଛନ୍ତି। ଜଙ୍ଗଲ ଓ ପରିବେଶ ଅନୁମତି, ବିଭିନ୍ନ ପ୍ରମାଣପତ୍ର ପ୍ରଦାନ, ଜମି ଅଧିଗ୍ରହଣ ଲାଗି ଆଗୁଆ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମା କହିଲେ, କୃଷି, ପଶୁପାଳନ, ମତ୍ସ୍ୟଚାଷ ଗ୍ରାମାଞ୍ଚଳରେ ଜୀବିକା ନିର୍ବାହର ମୁଖ୍ୟ ଆଧାର। ଏହି କ୍ଷେତ୍ରରେ ଅଭିନବ ପ୍ରକଳ୍ପ ଏବଂ ପୁଞ୍ଜିନିବେଶର ଲାଭ ସିଧାସଳଖ ଚାଷୀ, ଶ୍ରମିକ ଏବଂ ଜନସାଧାରଣଙ୍କୁ ମିଳିଥାଏ।

# ଏମ୍‌ଏକ୍ସ ଇନ୍‌ଫ୍ରା ଏମ୍‌ଡି ଗିରଫ, ଜେଲ ଗଲେ

## ଘର ଦେବାକୁ କହି ୪ କୋଟି ଠକେଇ ମାମଲା

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ଜଟଣୀ ଥାନା ଅନ୍ତର୍ଗତ ଉତ୍ତରମୁଣ୍ଡମୁହାଣରେ ୫୫ଲକ୍ଷ ଟଙ୍କାରେ ଡୁପ୍ଲେକ୍ସ ଯୋଗାଇଦେବା ଆଳରେ ଜମାକାରୀଙ୍କଠାରୁ ୪ କୋଟି ଟଙ୍କା ଠକେଇ କରିଥିବା ଅଭିଯୁକ୍ତ ବିଲ୍ଡରଙ୍କୁ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ସେ ହେଲେ ଭୁବନେଶ୍ୱର ଏମ୍‌ଏକ୍ସ ଇନ୍‌ଫ୍ରା ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ମହେଶ୍ୱର ସାହୁ। ତାଙ୍କୁ ପଚରାଉଚରା ପରେ କଟକ ଡେଜିଗ୍‌ନେଟେଡ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ମହେଶ୍ୱରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

୨୦୧୬ରେ ମହେଶ୍ୱର ଜଟଣୀ ଉତ୍ତରମୁଣ୍ଡମୁହାଣରେ 'ଏମ୍ ଏକ୍ସ ଇନ୍‌ଫ୍ରା ନ୍ୟୁଉ ସିଟିଜେନ ହାଉସିଂ ଡୁପ୍ଲେକ୍ସ ପ୍ରୋଜେକ୍ଟ' ଆରମ୍ଭ କରିଥିଲେ। ପ୍ରତି ଡୁପ୍ଲେକ୍ସର ମୂଲ୍ୟ ୫୫ ଲକ୍ଷ ରହିଥିଲା। ୨୦୧୭ରେ କାର୍ଯ୍ୟ ଶେଷ କରି ହସ୍ତାନ୍ତର କରିବାର ଏଗ୍ରିମେଣ୍ଟ କରି ୧୩ଜଣଙ୍କଠାରୁ ୪ କୋଟି ଟଙ୍କା ଇନ୍‌ଷ୍ଟାଲ୍‌ମେଣ୍ଟରେ ଅଗ୍ରିମ ନେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସେ ଆଉ ଘର ହସ୍ତାନ୍ତର ନ କରି ଦିନ ଗଡ଼ାଇ ଚାଲିଥିଲେ। ପରେ ଜମାକାରୀମାନେ ଜାଣିବାକୁ ପାଇଲେ ଯେ, ପ୍ରୋଜେକ୍ଟ ତିଆରି ହେବାକୁ ଥିବା ଜମି ଏକ ବ୍ୟାଙ୍କରେ ବନ୍ଧକ ରଖାଯାଇଛି। ଅଭିଯୁକ୍ତ ମହେଶ୍ୱର ସବୁଜାଣି ମଧ୍ୟ ଉକ୍ତ ଜମିକୁ ବେଆଇନ ଭାବରେ ନିଜ ନାମରେ କରି ଲୋକଙ୍କଠାରୁ ଟଙ୍କା ଠକି ନେଉଥିଲେ। ତେବେ ଅଭିଯୁକ୍ତ ମହେଶ୍ୱର କମ୍ପାନୀର କାର୍ଯ୍ୟାଳୟକୁ ବନ୍ଦ କରି ଫେରାର ଥିବାରୁ ଶେଷରେ ଜମାକାରୀମାନେ ଇଓଡବ୍ଲ୍ୟୁର ଦ୍ୱାରସ୍ଥ ହୋଇଥିଲେ। ଜମାକାରୀ ଅମିୟ କୁମାର ପଟ୍ଟନାୟକଙ୍କ ଅଭିଯୋଗକ୍ରମେ ଇଓଡବ୍ଲ୍ୟୁ ୨/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ସନ୍ଧ୍ୟାରେ ତାଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇଥିଲା।



**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER**
**ZILLA SWASTHYA SAMITI, MALKANGIRI, ODISHA, 764045**
E-mail: cdmomkg@gmail.com Phone:06861-231543
Letter No.: 1667 Dated: 08.02.2021

**RECRUITMENT OF DOCTORS UNDER CORPUS FUND**

**No. E-569:-** The following posts of Specialists on contract basis with consolidated remuneration shall be filled up by the District Administration out of Corpus Fund, CDM&PHO Office, Malkangiri. The details of Qualification/ Age/ Vacancy/ required documents and Application Form may be downloaded from the website **www.malkangiri.nic.in**. The eligible candidates may appear before the undersigned with all required Original Documents and a set of self attested Xerox copies on Dt. 22.02.2021 at 10.30 AM in the office chamber of CDM&PHO, Malkangiri.

| Sl. No. | Name of the Position | No. Required | Qualification | Consolidated Remuneration | Age | Date of Walk in Interview |
|---|---|---|---|---|---|---|
| 1 | Specialist in O&G | 01 | MD (O&G) with Registration in any Medical Council in India | Negotiable | Upto 65 years as on date of interview | 22.02.2021 |
| | Specialist in Paediatrics | 03 (SDH, Mathili, SDH, Kalimela and Chitrakonda) | MD (Paed) with Registration in any Medical Council in India | Negotiable | Upto 65 years as on date of interview | 22.02.2021 |

The number of vacancy may vary from time to time. Vacancies will be filled up as per the requirement at the time of appointment and from panel list if required later. The undersigned reserves the right to cancel any or all the applications without assigning any reason thereof. These engagements are purely contractual in nature and not against regular vacancy. So, the applicant should be sure that it will never be regularized under any condition. The continuation of the post depends on requirement and availability of fund which may lead to termination of the agreement.
OIPR-10082/11/0020/2021 Sd./- CDM&PHO, Malkangiri

E-mail: pwdoffngd34@gmail.com No. B-738

**1st Corrigendum to Bid Identification No. Executive Engineer, (R&B) Division, Nayagarh - 4/2020-21**

Tender Reference - Executive Engineer, (R&B) Division, Nayagarh - 4/2020-21
The Bid availability period, Date of opeing of the tenders have been modified as follows:

| Sl. No. | Existing Bid availability Period | Revised Bid Availability Period | Existing Date of Bid Opening | Revised Date of Bid Opening |
|---|---|---|---|---|
| 1 | 10.00 A.M. of 05.02.2021 to 5.00 P.M. of 11.02.2021 | 10.00 A.M. of 11.02.2021 to 5.00 P.M. of 18.02.2021 | 12.02.2021 at 11.00 A.M. | 19.02.2021 at 11.00 A.M. |

Other terms & conditions remain unchanged.
Sd./- Executive Engineer
Nayagarh (R&B) Division, Nayagarh
OIPR-34138/11/0008/2021

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWER, BHUBANESWAR**
Tender Call Notice No. H.O./P&C/EST-E-733/04/2018-2512 No. CAD-1226 Dated: 08.02.2021

**NOTICE INVITING TENDER THROUGH e-Procurement**

Name of the Work : Construction of Approach Road, R.C.C. Drain & Single Cell Box Culvert for Indian Oil at Textile Park, Dhamnagar, Bhadrak.
Estimated Cost : Rs.294.43 lakh (Approx.)
Period of Completion : 04 (Four) Calendar Months

| Procurement Officer | Bid Identification No. | Availability of Tender Online for Bidding From | Availability of Tender Online for Bidding To |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID No. PC-EST-E73/2020-21 | 17.00 hours of 17.02.2021 to | 17.00 hours of 03.03.2021 |

Further details can be seen from the e-Procurement Portal: **www.tendersorissa.gov.in** and Corrigendum if any will not be published in Newspapers and can only be seen in the e-Procurement portal **www.tenderorissa.gov.in** and IDCO Website **www.idco.in**.
Sd./- Chief General Manager (P&C),
IDCO, Bhubaneswar
OIPR-14003/11/0127/2021

ATMA
**AGRICULTURE TECHNOLOGY MANAGEMENT AGENCY**
**RAYAGADA, DIST.- RAYAGADA-765001**
e-mail:- ddaraya.dag@nic.in/pdatmarayagada@gmail.com, Ph. No.-06856-222148
No. 90 **Quotation Call Notice** Date: 08.02.2021

No.L-67:- Sealed quotation in plain paper is hereby invited from reputed and registered intending agencies for supply of **HDPE Tarpaulin-250 GSM** for community Managed Seed Centers under Odisha Millets Mission during 2020-21 in Rayagada, Bisamcuttack, Kalansingpur, Chandrapur, Kashipur, Muniguda, Gudari & Gunpur blocks of Rayagada district. The quotation should reach the office latest by Dt:-18.02.2021 before 5 P.M. by post which will be opened on Dt:-19.02.2021 at 11.00 A.M in the presence of purchase committee and vendor/representative.

| Sl. No. | Name of the item | Specification | Quotation required for | Remark |
|---|---|---|---|---|
| 01 | HDPE Tarpaulin | Product-HDPE POLYSHEET ISI MARK GSM- 250 gsm Material:- HDPE Woven Fabric Laminate with LDPE (U.V. stabilized) Certification- BIS (IS:7903:2017) | Per Sq. Mtr. | GeM Registered having 3 years of Experience of supply in Odisha |

**TERMS AND CONDITIONS:-** • Cost of the goods, Transportation cost and Tax (if any) should be included while quoting rate. • Delivery of goods should be made at the destination point. • After finalization of quotation and issue of order, the concerned agency should deliver the specified product within 15 days from issuance of the order. • If the quoted price is more then one agency found to be equal, the comittee reserves the right to make the final decision on it. • Goods should be supplied on credit basis. • Payments shall be made after inspection and satisfactory installation of the item. • The undersigned reserves the rights to accept or reject, any or all the quotations/Supply order at any time without assigning any reason. • For any further details, the office of the Project Director, ATMA, Rayagada may be contacted during working hours.
OIPR-01378/11/0001/2021 Sd./- CDAO-cum-Project Director, ATMA, Rayagada

OHPC
**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST.: KALAHANDI - 766026, Ph. No. 06673-252201, Fax: 252253, E-mail: sgmel_uihep@ohpcltd.com

**ODISHA HYDRO POWER CORPORATION LTD.**
(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

No. CAD-1224 **'e' Procurement Notice**
**e-Tender Call Notice No. 46/2020-21 Dated: 05.02.2021**

1. Name of the Work : Job Contract for Cleaning of Power House Colony of UIHEP, Mukhiguda
2. Estimate Cost : Rs.10,49,684/- (Including GST)
3. Period of Contract : One (01) year from the date of signing of Agreement
4. Date and time of availability of tender document in the portal : From 10.00 hrs. of dated 12.02.2021 to 12.00 hrs. of dated 24.02.2021
5. Last date/time for receipt of tenders in the portal : Same as above
6. Date of Opening of Technical Bid : 24.02.2021 at 17.00 hrs.
7. EMD (in Rs.) : Rs.10,500/- (Online)
8. Cost of Bid document (in Rs.) : Rs.7,080/- Including GST (Online)
9. Class of Contractor : "D" & "C" Class Contractor
10. Officer Inviting Tender : Unit Head, UIHEP, Mukhiguda

Further details can be seen and tender document can be downloaded from the e-Procurement portal **"https://tendersodisa.gov.in"**.
OIPR-32136/11/0038/2021 Sd./- Unit Head, UIHEP, Mukhiguda

GOVT. OF ODIHSA No. A-558
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**DRAINAGE CIRCLE, GANDARPUR, CUTTACK - 753003**
**E-PROCUREMENT NOTICE No. SEDC-CTC-05/2020-21**
e-mail ID: sedrainagecirclectc@gmail.com

| | | | |
|---|---|---|---|
| 1. | Name of Work | : | 5 Nos. of Packages - Ranging from Rs.115.61 lakhs to Rs.267.83 lakhs |
| 2. | Bid Identification No. | : | 1) SEDC-CTC/DD-JSPR-17/2020-21 2) SEDC-CTC/DD-CTC-18/2020-21 3) SEDC-CTC/DD-CTC-19/2020-21 4) SEDC-CTC/DD-KPD-20/2020-21 5) SEDC-CTC/DD-KPD-21/2020-21 |
| 3. | Period of Completion | : | 11 (Eleven) Calendar Months |
| 4. | Availability of Tender Online | : | 17.02.2021 from 16.00 hours to 03.03.2021 upto 17.30 hours |
| 5. | Date of Opening of Technical Bid | : | 04.03.2021 at 10.00 hours in the O/o. The Superintending Engineer Drainage Circle, Gandarpur, Cuttack. |
| 6. | Date of Opening of Financial Bid | : | 18.03.2021 at 10.00 hours in the O/o. The Superintending Engineer, Drainage Circle, Gandarpur, Cuttack |
| 7. | Date of Lottery (if required) | : | 25.03.2021 at 11.30 hours in the O/o. The Superintending Engineer, Drainage Circle, Gandarpur, Cuttack |
| 8. | Procurement Officer | : | Superintending Engineer, Drainage Circle, Gandarpur, Cuttack - 753003 |

Further details can be seen from the Govt. website **www.tendersorissa.gov.in**.
Sd./- Superintending Engineer
Drainage Circle, Cuttack
OIPR-32076/11/0002/2021

GOVT. OF ODISHA No. A-560
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**DRAINAGE DIVISION, JAGATSINGHPUR - 754103**
**e-Procurement Notice No. EEDD-JSPUR-03/2020-21**
e-mail Id: eeddjspur@gmail.com

| | | | |
|---|---|---|---|
| 1. | Name of Works | : | Improvement to 19 Nos. Link Drains of Hansua Drainage System (Balance 9 Nos. Link Drains) |
| 2. | Total No. of Works | : | 01 (One) No. of Package |
| 3. | Tender Cost of the Work | : | Rs.40.34 lakhs |
| 4. | Bid Identification No. | : | EEDD-JSPUR/JSP-12/2020-21 |
| 5. | Period of Completion | : | 9 (Nine) Calendar Months |
| 6. | Availability of Tender Online | : | 12.02.2021 from 11.30 hours to 21.02.2021 upto 17.30 hours |
| 7. | Receipt of Bids in the Portal | : | 12.02.2021 from 11.30 hours to 21.02.2021 upto 17.30 hours |
| 8. | Date of Opening of Bid | : | 22.02.2021 at 10.00 hours in the O/o. the Executive Engineer, Drainage Division, Jagatsinghpur |
| 9. | Date of Lottery (if required) | : | 26.02.2021 at 11.30 hours in the O/o. the Executive Engineer, Drainage Division, Jagatsinghpur. |
| 10. | Procurement Officer | : | Executive Engineer, Drainage Division, Jagatsinghpur. |
| 11. | Class of Contractor | : | 'B' & 'A' - Tenders will be accepted **if registered under CDMS Portal only** as per codal provision. Registration in any other manner will be cancelled. |

The bidders have to participate in Online bidding only.
Further details can be seen from the Govt. website: **www.tendersorissa.gov.in**.
Any Addendum/Corrigendum/Cancellation of tender can also be seen in the same website.
Sd./- Executive Engineer, Drainage Division, Jagatsinghpur
OIPR-32378/11/0005/2021



# କୋଟିଆରେ ଭାଜପା ଟିମ୍

ପଟ୍ଟାଙ୍ଗୀ,୧୦।୨(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତକୁ ନେଇ ରାଜନୈତିକ ବିତର୍କ ଆରମ୍ଭ ହୋଇଛି। ବୁଧବାର ଉକ୍ତ ପଞ୍ଚାୟତକୁ ଭାଜପାର ଏକ ୧୦ଜଣିଆ ଟିମ୍ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଓ ରାଜ୍ୟ ସଭାପତି ସମୀର ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଗସ୍ତ କରି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେମାନେ ସ୍ଥାନୀୟ ଲୋକଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି।

ଖବରରୁ ଜଣାପଡିଛି କୋଟିଆ ପଞ୍ଚାୟତର ତିନି ଗ୍ରାମ ଗଞ୍ଜେଇପଦର, ଫଗୁଣ ସିନେରି ଓ ଫାଟୁସିନେରକୁ ନେଇ ଗଠିତ ପଞ୍ଚାୟତରେ ଓଡିଶା ସରକାରଙ୍କ ପକ୍ଷରୁ କି ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ ହୋଇଛି ଟିମ୍ ତାହାର ତଦାରଖ କରିଥିଲେ। ଆନ୍ଧ୍ର ସରକାରଙ୍କ ପକ୍ଷରୁ ଫାଟୁସିନେରି ଗ୍ରାମରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ନିଆଯାଇଥିବା ପଦକ୍ଷେପ ଏବଂ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦୁଇ ସରପଞ୍ଚ ପ୍ରାର୍ଥୀଙ୍କ ସହ ଏହି ଟିମ୍ ଆଲୋଚନା କରିଥିଲେ। ଏହି ସମୟରେ ଫାଟୁସିନେରି ଗ୍ରାମର ମାଳତି ହେରେକା, ସୁକା ହିମିରିକା ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ହେଉଥିବା ଏମ୍‌ଏନ୍‌ଆରଇଜିଏସ୍‌ରେ କାମର ମଜୁରି ମିଳୁନାହିଁ ବୋଲି ଅଭିଯୋଗ କରିଥିଲେ। ଆବାସ ଯୋଜନାରେ ଘର ମିଳିଥିଲେ ମଧ୍ୟ ଏବାବଦ ଟଙ୍କା ମିଳିବାରେ ଅନେକ ବିଳମ୍ବ ହେଉଥିବା ସେମାନେ ଟିମ୍ ନିକଟରେ ପ୍ରକାଶ କରିଥିଲେ। ଆନ୍ଧ୍ର ସରକାର ଆମକୁ ସମସ୍ତ ସୁବିଧା ଦେଉଛନ୍ତି। ଆଗାମୀ ୧୩ରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ଆମେ ମତଦାନ କରିବୁ ବୋଲି ଏହି ଦୁଇ ମହିଳା କହିଥିଲେ। ଫାଟୁସିନେର ଗ୍ରାମରୁ ବିରୋଧୀ ଦଳ ନେତା ନାୟକ ଏବଂ ଯାଇଥିବା ଟିମ୍ ଫେରି କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ରାଜ୍ୟ ସରକାର କୋଟିଆ ପଞ୍ଚାୟତକୁ ଉନ୍ନୟନ ପ୍ରକଳ୍ପରେ କାର୍ଯ୍ୟ ଯୋଗାଇ ଦେଇଛନ୍ତି ମାତ୍ର ପଞ୍ଚାୟତବାସିନ୍ଦାଙ୍କ ସମସ୍ୟା ବୁଝିବାକୁ ଚେଷ୍ଟା କରୁନାହାନ୍ତି ବୋଲି କହିଥିଲେ। ରାଜ୍ୟ ସଭାପତି ମହାନ୍ତିଙ୍କୁ ଆନ୍ଧ୍ର ସରକାରଙ୍କ ପକ୍ଷରୁ ହେଉଥିବା ନିର୍ବାଚନ ଉପରେ ଭାଜପା କି ପଦକ୍ଷେପ ଗ୍ରହଣ କରିବ ବୋଲି ପଚାରିବାରୁ ସେ ଏହା ଉପରେ କୌଣସି ଟିପ୍ପଣୀ ଦେବା ଠିକ ହେବନାହିଁ ବୋଲି କହି ଏଡେଇ ଯାଇଥିଲେ। ଏହି ସମୟରେ ଭାଜପାର ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ପର୍ଶୁରାମ ମାଝି, ବ୍ଲକ ଅଧ୍ୟକ୍ଷ ଜଗତ ଜ୍ୟୋତି ପାଙ୍ଗୀ, ଗୌତମ ସାମନ୍ତରାୟ, କୋରାପୁଟ ଜିଲା ସଭାପତି ସୁମନ୍ତ ପ୍ରଧାନ, ରାଜ୍ୟ ସମ୍ପାଦକ କାଳନ୍ଦୀ ଚରଣ ସାମଲ, ରାଜ୍ୟ କୃଷକ ସେଲ ସମ୍ପାଦକ ସୁରତ ବିଶ୍ୱାଳ, ରାଜ୍ୟ ମୁଖପାତ୍ର ବିରଞ୍ଚି ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପଟ୍ଟାଙ୍ଗୀ ବ୍ଲକ ସଭାପତି ବଳରାମ ଚପାଡି ଓ ବଳରାମ ବାରିକ ପରିଚାଳନା କରିଥିଲେ ।

# ଛାତରୁ ଖସି ଯୁବକ ମୃତ

**ବଲାଙ୍ଗୀର ଅଫିସ, ୧୦।୨ :** ବଲାଙ୍ଗୀର ଗାନ୍ଧୀନଗର ପଡାର ଏକ ନିର୍ମାଣାଧୀନ ଦୁଇ ମହଲା ବିଶିଷ୍ଟ କୋଠାର ଛାତରୁ ଖସିପଡ଼ି ବୁଧବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ପଡାର ଯଶୋବନ୍ତ ଚିରଗୁନ (୨୨)। ଏ ନେଇ ମୃତକଙ୍କ ପିତା ଅଶୋକ ଚିରଗୁନ ଟାଉନ ଥାନାରେ ତାଙ୍କ ପୁଅକୁ କେହି ଠେଲି ମାରି ଦେଇଥିବା ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପଠାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ କରାଯାଉଥିବା ଥାନାଧିକାରୀ ସଂଗ୍ରାମ ପଟ୍ଟନାୟକ କହିଛନ୍ତି। ତେବେ କେଉଁ ପରିସ୍ଥିତିରେ ଯୁବକ ଜଣକ ନିର୍ମାଣାଧୀନ କୋଠା ଛାତକୁ ଗଲେ ଓ ଖସି ପଡ଼ିଲେ ତାହା ସ୍ପଷ୍ଟ ହୋଇନାହିଁ ।

# ବ୍ରାଉନସୁଗାର ଜବତ: ୭ ଗିରଫ

ଭଦ୍ରକ ଅଫିସ, ୧୦।୨

ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ବୁଧବାର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ କରିଛି। ଏଥିସହ ୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଥିବା ଏସ୍‌ପି ଚରଣ ସିଂ ମୀନା ଗ୍ରାମାଞ୍ଚଳ ଥାନାରେ ଖବରଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି। ଜବତ ବ୍ରାଉନସୁଗାର ୫୧୬ ଗ୍ରାମ୍‌ର ବୋଲି ଜଣାପଡ଼ିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୭୯/୨୧) ରୁଜୁ ହୋଇଛି। ଗିରଫ ୭ ଜଣଙ୍କ ମଧ୍ୟରେ ୨ ମହିଳା ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସାମରାଇପୁରର ସରୋଜ ଦାସ, ବେନ୍ତାଳର ବିପିନ ଦାସ, ମଙ୍ଗଳପୁରର ଅରୁଣ ମଲ୍ଲିକ, ଘଣ୍ଟେଶ୍ୱରର ପ୍ରଶାନ୍ତ ଦାସ, କୋରକୋରାର ଦେବାଶିଷ ବେହେରା, ସାମରାଇପୁରର ସୌଦାମିନୀ ଦାସ ଓ ପୂର୍ଣ୍ଣିମା ଦାସ। ସେମାନଙ୍କଠାରୁ ୧୦ ମୋବାଇଲ ଫୋନ, ୩ ଖଣ୍ଡା, ୩ ଅଫୁଟା ଗୁଳି, ୩ ମାଗାଜିନ, ଗୋଟିଏ ବନ୍ଧୁକ ଓ ୨ ବାଇକ୍ ଜବତ କରାଯାଇଛି। ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣି ସରୋଜ ଭଦ୍ରକର ରାଣୀତାଲ ଅଞ୍ଚଳରେ ଚୋରାରେ ବ୍ୟବସାୟ କରୁଥିଲେ।


ଗିରଫ ୫ ଯୁବକ ଓ ୨ ମହିଳା।

# ତାରୁଣ୍ୟରେ ତିଆରିଥିଲି ପାଠକଗୋଷ୍ଠୀ ଗପ ଲେଖି...

**କୃଷ୍ଣ କୁମାର ମହାନ୍ତି**ଙ୍କ ଜନ୍ମ ୨୮ ଏପ୍ରିଲ ୧୯୬୬ରେ, ବାଲେଶ୍ୱର ଜିଲାର ଚାନ୍ଦିପୁରରେ। ପ୍ରକାଶିତ ପୁସ୍ତକ: 'ଶ୍ୟାମଳୀ ଦାସ' (ଗଳ୍ପ) ଓ 'କେହି ଜଣେ' (କବିତା)। ସମକାଳର ଏକ ବ୍ୟତିକ୍ରମୀ ପ୍ରତିଭା ଭାବେ ଏଇ ଲେଖକଙ୍କୁ ମିଳିଛି 'କଥା ନବ ପ୍ରତିଭା ପୁରସ୍କାର', 'ରବି ପଟ୍ଟନାୟକ ଯୁବ ପୁରସ୍କାର' ଓ 'ଅଖିଳ କଥା ପୁରସ୍କାର'। ବାଲେଶ୍ୱରରୁ ପ୍ରକାଶିତ 'ରେବତୀ' ପତ୍ରିକାର ସମ୍ପାଦନା ଭାର ଏବେ ଏଇ ଲେଖକଙ୍କ କାନ୍ଧରେ।

## ସୃଜନ-ସ୍ମୃତି



କୃଷ୍ଣ କୁମାର ମହାନ୍ତି

ବାଲେଶ୍ୱର ଜିଲା ସ୍କୁଲ୍‌ରେ ପଢୁଥାଏ। ଅଷ୍ଟମ, ନବମ ଓ ଦଶମ। ୧୯୮୧ ମସିହା କଥା। ସେତେବେଳେ ବିଦ୍ୟାଳୟର ମୁଖପତ୍ର 'ଊଷା' ପାଇଁ ଲେଖା ଦେବାକୁ ନୋଟିସ୍ ବୋର୍ଡରେ ବିଜ୍ଞପ୍ତି ପ୍ରକାଶ ପାଇଲା। ମୁଁ କହିରଖିବାକୁ ଚାହିଁବି ଯେ, ସେ ସମୟରୁ ନୋଟିସ୍ ବୋର୍ଡକୁ ଦିନରେ ପନ୍ଦର ଥର (ମାନେ ଏକାଧିକ ବାର) ଦେଖିବା ମୋର ଗୋଟେ ହାବିଟ୍ ଥିଲା, ଯାହା ପରବର୍ତ୍ତୀ ସମୟରେ ଫକୀରମୋହନ କଲେଜକୁ ଆସିବାବେଳେ ବି ବଳବତ୍ତର ଥିଲା ଏବଂ କାର୍ଯ୍ୟତଃ ଏବେ ମଧ୍ୟ ଏ ବଦଭ୍ୟାସଟି ଅଛି। କାହିଁକି ଦେଖେ କହିପାରିବିନି।

ଲେଖା ମଗାର ସେ ନୋଟିସ୍‌କୁ ପଢୁଥାଏ ଓ ପୁଣି ଫେରିଯାଇ ବସୁଥାଏ କ୍ଲାସ୍‌ରେ। ବୋଧେ ନିଜ ଭିତରର ଭୟ ଓ ଉତ୍କଣ୍ଠାକୁ ମୁଁ ଦମନ କରୁଥାଏ। ପ୍ରବଳ ଭୟାଳୁ ଥିଲି ମୁଁ। ଏଇ ପଢୁଥିବା ଭିତରେ ହିଁ ମୋତେ ଲାଗିଥିଲା (ଆଗ୍ରହର ପ୍ରଥମ ଉନ୍ମେଷ କହିପାରନ୍ତି) 'ଊଷା' ପାଇଁ ଗୋଟେ ଲେଖା ମୁଁ ଦେବା ଦରକାର। ଏତିକି ଭାବିଦେଇ ଭୟଭୀତ ହୋଇ ଯାଉଥିଲି, ମୁଁ କ'ଣ ପାରିବି! ଏ ଭୟକୁ ଗାଏବ୍ କରିବାକୁ ପୁଣି ସେ ନୋଟିସ୍ ବୋର୍ଡ ପାଖରୁ ମୁଁ ନିଷ୍କ୍ରାନ୍ତ ହୋଇଯାଉଥିଲି। ତେବେ ଅବଶେଷରେ ଲେଖିଲି ମୁଁ ଜୀବନର ପ୍ରଥମ କବିତା। ତାହା ଥିଲା ଗୋପବନ୍ଧୁଙ୍କୁ ନେଇ।

ଛାତ୍ର ଜୀବନରେ ସେତେବେଳେ ଗୋପବନ୍ଧୁଙ୍କ ଜୀବନୀ ବୋଧେ ପ୍ରଭାବ ପକେଇଥିଲା କି କ'ଣ ମୁଁ ଜାଣେନା। କିନ୍ତୁ ଆଜି ସେଇ ଗୋପବନ୍ଧୁଙ୍କୁ କୃତଜ୍ଞତା ଦେବି ନିଶ୍ଚୟ, ନ ହେଲେ ଆଜି ଯେଉଁଠି ମୁଁ, ସେଠି କ'ଣ ଥାଆନ୍ତି! 'ଗୋପବନ୍ଧୁ' ଶୀର୍ଷକରେ କବିତାଟେ ଲେଖିଲି ଓ ତାହା 'ଊଷା'ରେ ପ୍ରକାଶ ପାଇଲା। ମାଗାଜିନ୍ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ସମୟତକ ମୋର କେମିତି କଟିଛି ମୁଁ ବର୍ଣ୍ଣନା କରିପାରିବିନି। ଏବଂ ଯୋଉଦିନ 'ଊଷା' ପ୍ରକାଶ ପାଇଲା "ମୋ' ଲେଖା ନିଶ୍ଚୟ ଥିବ" ଭାବିକି ଖୋଲିଥିଲି। ଗୋଟେ କେମିତି ଭରସା ଥିଲା ସେ ଛାତ୍ରଜୀବନରେ ବି! ମାଗାଜିନ୍ ସୂଚୀରେ ମୋ' ନାମ ଦେଖିଦେଲି ତ ଖୁସିର ସୀମା ରହିଲାନି। ସେତେବେଳର ସେ ଖୁସି ଏବେ ବି ମୋ' ଭିତରେ କୋଉଠି ଗୋଟେ ସଜୀବ ଅଛି। ସେ 'ଖୁସି' ସତରେ ମୋ' ସମ୍ପତ୍ତି।

ଫକୀରମୋହନ କଲେଜରେ ଅଧ୍ୟୟନ କରୁଥିବାବେଳେ ପତ୍ରପତ୍ରିକା ପଢ଼ିବାର ଏକ ନିଶା ଥାଏ। ସାହିତ୍ୟ ପତ୍ରିକା କେବଳ ନୁହେଁ, ବିଭିନ୍ନ ସମ୍ବାଦପତ୍ରର କ୍ରୋଡ଼ପତ୍ରମାନ ପଢ଼ିବା ମୋର ଏକପ୍ରକାର ହବି ହୋଇଯାଇଥିଲା। ବିଧିବଦ୍ଧ ଭାବେ କବିତା ଲେଖିବା ଆରମ୍ଭ କଲି ବିଖ୍ୟାତ କବି ରମାକାନ୍ତ ରଥଙ୍କର ଏକ ପୋଷ୍ଟକାର୍ଡ଼ ଚିଠିର ଧାଡ଼ିଟିଏ ପଢ଼ିବା ପରେ। ସେ ମୋର ଏକ କବିତା ପଢ଼ି ଲେଖିଥିଲେ: "କୃଷ୍ଣ, ତମ ଦେଇ କବିତା ହେବ। ତମେ କବିତା ଲେଖ।"

୧୯୯୦ ବେଳକୁ 'କଥା' ପକ୍ଷରୁ ଆରମ୍ଭ ହେଲା ନୂଆ ଲେଖକଙ୍କୁ ପ୍ରୋତ୍ସାହିତ କରିବା ପାଇଁ 'ନବପ୍ରତିଭା ପ୍ରତିଯୋଗିତା'। ଏଥିରେ ବି ଭାଗ ନେବାକୁ ମୁଁ ପଛେଇ ନଥିଲି। ଭାଗ ନେଲି ଓ ପୁରସ୍କୃତ ବି ହେଲା ମୋ' ଗପ 'ରକ୍ତାକ୍ତ ଚିଠି'। ପାଇଥିଲି ପ୍ରଚୁର ପ୍ରଶସ୍ତି ଓ ପାଠକୀୟ ପ୍ରଶଂସା। ବିଧିବଦ୍ଧ ଭାବେ ଏହାହିଁ ଥିଲା ମୋର ଆନୁଷ୍ଠାନିକ ସ୍ୱୀକୃତି। ତା'ପରେ ଗପ ଲେଖାରେ ନିମଗ୍ନ ହେଲି ଓ ପ୍ରେମଗପ ଲେଖି ତରୁଣ ଅବସ୍ଥାରେ ପାଠକ ଗୋଷ୍ଠୀଟିଏ ତିଆରି କରିପାରିଥିଲି।

ଗପଲେଖାର ବ୍ରେକ୍ ହେଲା ବୃତ୍ତିଗତ କାରଣରୁ। ବାପା ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ଥିଲେ ଆମର ବଡ଼ ସଂଯୁକ୍ତ ପରିବାରରେ। ଏଣୁ ଆର୍ଥିକ ସ୍ୱଚ୍ଛଳତା ଭିତରେ ଆମେ ବଡ଼ ହୋଇନାହୁଁ। ତଥାପି ବାପା ଆମକୁ ଆମ ଭଳି ଗଢ଼ିବାରେ ନିଜକୁ ଯେତିକି ନିଃଶେଷ କରିବା କଥା କରିଥିଲେ। କବିତା କିନ୍ତୁ ଗପଲେଖା ଭିତରେ ମୋ' ସାଥ୍ କେବେ ଛାଡ଼ିନି। କିଛି ପାଠକ ଓ ବିଶିଷ୍ଟ କବିଙ୍କୁ ଭଲ ଲାଗୁଛି ତ, ଚାଲୁ।

ମୋ: ୭୦୦୮୮୪୫୯୨୦

## କବିତା

### ଯାତ୍ରୀ

ସବିତା ମହାନ୍ତି

ମୁଁ ଜଳୁଛି ଜଳୁଥିବି
ସଞ୍ଜ ଦୀପ ଭଳି
ପବିତ୍ରତା ନେଇ
ଏଇ ଧରିତ୍ରୀରେ।
ସବୁ ଦୁଃଖ, ଦୁର୍ଦ୍ଦିନ ଓ
ଯନ୍ତ୍ରଣାର ଜଉଘର
ଡେଇଁ ମୁଁ ଚାହୁଁଛି
ଜୀବନର ଜୟଗାନ କରିଯିବି
କବିତାର ମଧୁ ପିଇପିଇ।।

ରାସ୍ତା ମୋର ଅସରନ୍ତି
ମୁଁ ଯାତ୍ରୀ ଏକାକୀ
ପାନ୍ଥଶାଳାର ବାଟୋଇ
ଭଳି ଏକାଏକା

ଗୌତମୀର ଜୀବନରେ
ତମେ କେବେ ଦେଖାଦିଅ
ଆଶ୍ୱାଦିଅ ଅବା ଦିଅନାହିଁ।
ସାଥିରେ ଆତ୍ମବିଶ୍ୱାସ
ଲକ୍ଷ୍ୟପଥରେ ସୁଦୃଢ଼
ତମେ ଥିବ ନେପଥ୍ୟରେ
ପ୍ରାପ୍ତିସ୍ଥଳ ପାଇବି କି ନାହିଁ।।

ଜାଣେନାହିଁ
ଜୀବନର ମରୁ-ପଥେ
ଏକାଏକା ଗଲାବେଳେ
ଭାବୁଛି ମୁଁ ତମେ କେବେ
ଛାୟା ଦେବ ଅବା ଦେବ ନାହିଁ।

ମୋ: ୮୦୧୮୦୧୮୦୦୯

### ଗରିବ

ଅଖିଳେଶ ମହାପାତ୍ର

ନିଜକୁ ଗରିବ ବୋଲି କହିବାକୁ
ଆମେ ଭଲପାଉ
ବାରମ୍ବାର ଚେଷ୍ଟାକରୁ
ଗରିବର ତାଲିକାରେ
ଆମ ନାଁ ରହୁ
କାରଣ, ସର୍ବଦା ମୋହ ରହେ
କିଏ କିଛି ଦେଉ
ତେଣିକି, ଯିଏ ଯାହା କହୁ।

– ଗୋବିନ୍ଦପୁର, ବଡ଼ବେରଣା, ଖୋର୍ଦ୍ଧା

### ଗୀତି-କବିତା: କଷିବଉଳର ଗାଆଁ

ଧନଞ୍ଜୟ ସ୍ୱାଇଁ

କୁହୁଡ଼ି ପାଣିରେ କେଶ ଓଦା କରି
ହସୁଛି ପଉଷଖରା
ଖରା ନୁହେଁ ସିଏ ପୀୟୂଷରୁ ପୋଷେ
ଢାଳୁଛି ଧରାରେ ପରା ।।୦।।

କଷିବଉଳର ଗାଆଁରେ ପଉଷ
ସତେ କି ପୁଆଣିବୋହୂ
କୁହୁଡ଼ି-ଓଢ଼ଣା ତଳୁ ସେ ଝରାଏ
ମହଣେ ହସର ମହୁ
ଆମ୍ବଡାଳିଆରେ ହସ ବାଣ୍ଟିଲାଣି
ହଳଦୀବସନ୍ତ ପରା
ହସୁଛି ପଉଷଖରା... ।।୧।।

କୁହୁଡ଼ି ପହଁରି ଆସେ ମାଡ଼ିମାଡ଼ି
ପଉଷର ଶୀତଖରା
ସେଇ ଖରା ଲାଗି ଖୁସି ଭରିଦିଏ
ଏ ଶୀତ ଫୁଲରେ ପରା
ପଉଷ ପରଶେ ବଉଳସୁବାସେ(ଗାଁ)
କବରୀ ଫିଟାଏ ପରା
ହସୁଛି ପଉଷଖରା...।।୨।।

ମୋ: ୯୪୩୭୦୦୦୬୩୬

## ପୁସ୍ତକ ପରିଚୟ

### ନଥିବା ଜଣକ

**କବି:** ରମାକାନ୍ତ ରଥ
**ପ୍ରକାଶକ:** ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ. ୨୦୦/-




ମୋଟ ୩୩ଟି କବିତାକୁ ନେଇ ପରିକଳ୍ପିତ ପ୍ରଥିତଯଶା କବି ରମାକାନ୍ତ ରଥଙ୍କ କବିତାଗ୍ରନ୍ଥ 'ନଥିବା ଜଣକ'। କବିତାଗୁଡ଼ିକ କବିଙ୍କ ସୃଜନ-ଅଭିଯାତ୍ରାରେ ଏପରି ଏକ ଅବଧାରିତ ପରିଣତି, ଯହିଁରେ କବିଙ୍କୁ ତାଙ୍କ ସ୍ୱକୀୟ କାବ୍ୟଚେତନାର ଶୀର୍ଷରେ ପାଠକ ଠାବକରେ। ମୃତ୍ୟୁ ଓ ଜୀବନର ଗଭୀର ମନନ ତାଙ୍କ କାବ୍ୟ ଭାଷାର କଳାତ୍ମକ ଅଭିବ୍ୟକ୍ତିରେ ଯେଉଁ ବିଶେଷ ରୂପ ଘେନେ, ତା'ର କ୍ୱଚିତ୍ ବିକଳ୍ପ ଭାରତୀୟ କବିତାରେ ଦେଖିବାକୁ ମିଳେ। ରମାକାନ୍ତଙ୍କ କାବ୍ୟଶୈଳୀର ଜଟିଳ ଅଥଚ ଅତଳସ୍ପର୍ଶୀ ଆବେଦନର କେତୋଟି ନମୁନା ଗ୍ରନ୍ଥରୁ ଉଦ୍ଧାର କରାଯାଇପାରେ: ୧. "ବେଳେବେଳେ ଉଡ଼ିଯାଉଥିବା/ ପକ୍ଷୀଟିଏର ପର ଝଡ଼ିଥାଏ,/ ସେ ପରଟି ତମପରି ଦିଶିଲେ ବି ତାହା/ ତୁଚ୍ଛା ପରଟିଏ କହି ମୁଁ ଆଡ଼େଇ ଦିଏ।" (ଦେଶାନ୍ତରୀ, ପୃ: ୧୯), ୨. "ସେ ଆସୁଛନ୍ତି କି, ଆସିଲେ ନିଶ୍ଚୟ/ ମୋ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତରେ ବ୍ୟାପିଯିବେ, କହିବେ-ବହୁତ/ ଶୀତ ହେଉଛି ନା, ରହ, ମୁଁ ତମକୁ/ ଉଷ୍ମ କରିଦେଉଛି ମୋ ଅଭିଶାପରେ।" (ଖରାଦିନ, ବର୍ଷାଦିନ, ଶୀତଦିନ, ପୃ: ୫୭)। ରମାକାନ୍ତଙ୍କ 'ତୁମେ'ଟି ଶୀତ ସକାଳର ଦୂର-କୁହୁଡ଼ିପରି ବରାବର ଯେପରି ଅସ୍ପଷ୍ଟ ଥାଏ ତାଙ୍କର ପ୍ରାୟ କବିତାରେ, ଏଥିରେ ଥିବା ଅନେକ କବିତାରେ ଠିକ୍ ସେହିପରି। ବକ୍ତବ୍ୟରେ ରହିଛି ବୟାନର ଏପରି ବୈପରୀତ୍ୟ, ଯାହା ଭିତରୁ ଚିହ୍ନରା ପାଠକେ କବିତାରେ ନିହିତ ତାତ୍ପର୍ଯ୍ୟକୁ ଆବିଷ୍କାର କରନ୍ତି। ବହି ଶେଷରେ ଥିବା କତିପୟ ସମୀକ୍ଷା ବହିଟିକୁ ଗୋଦର କରିବା ଛଡ଼ା ଅଧିକ କିଛି କଳାପରି ମନେହୁଏ ନାହିଁ।

### ଅସୁମାରି ସ୍ୱପ୍ନ

**କବି:** ଘାସିରାମ ପଣ୍ଡା
**ପ୍ରକାଶକ:** ଆ'କାର, ସୁବର୍ଣ୍ଣପୁର-୧୭
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ. ୨୧୧/-




'ଧରିତ୍ରୀ' ଓ ଅନ୍ୟ କେତେକ ଦୈନିକରେ ପ୍ରକାଶ ପାଇଥିବା ମୋଟ ୩୬ଟି ଲେଖା ଆଲୋଚ୍ୟ ବହିଟିରେ ଏକତ୍ର। ପ୍ରାଥମିକ ଶିକ୍ଷା ଶିକ୍ଷାନୁଷ୍ଠାନ ଶିକ୍ଷାଧିକାର, ବାଲ୍ୟ ବିବାହ, ସାଇବର ଅପରାଧ ଆଦି ପ୍ରସଙ୍ଗ ଆଧାରରେ ତଥ୍ୟଯୁକ୍ତ ଲେଖା ଲେଖି ପଣ୍ଡା ଏ କ୍ଷେତ୍ରରେ ଏକ ଅଗ୍ରଣୀ ସଂସ୍କାରକର ଭୂମିକା ତୁଲାଇଛନ୍ତି। ତାଙ୍କ ଲେଖା ପ୍ରତ୍ୟକ୍ଷାନୁଭୂତି ଆଧାରିତ ହୋଇଥିବାରୁ ଓ ଏହାର ଭାଷା ସରଳ ତଥା ବୋଧଗମ୍ୟ ହୋଇଥିବାରୁ ସମାଜର ଦୃଷ୍ଟିକୋଣ ପରିବର୍ତ୍ତନରେ ଉଲ୍ଲେଖନୀୟ ଭୂମିକା ତୁଲାଇବାର ସାମର୍ଥ୍ୟ ରଖେ। ପୁସ୍ତକରେ ସ୍ଥାନିତ 'ଭେଦଭାବ ମୁକ୍ତ ବିଦ୍ୟାଳୟ', 'ବାଲ୍ୟବିବାହକୁ ନା', 'ନିରୁଦ୍ଦିଷ୍ଟ ଶିଶୁ, ଅନିଶ୍ଚିତ ଭବିଷ୍ୟତ', 'ବାଲ୍ୟବିବାହ ଆଇନ ଓ କମିଶନ ରିପୋର୍ଟ', 'ବିଦ୍ୟାଳୟ ବାହାରେ କେତେ ପିଲା ?', 'ଏମାନେ ବି ପରୀ', 'ବାଲ୍ୟବିବାହ ବଢ଼େଇବ କରୋନା', 'ଶିଶୁ ଓ ସାଇବର ଅପରାଧ' ଓ 'ଶିଶୁ କେତେ ସୁରକ୍ଷିତ' ଆଦି ପାଠିକାପାଠକମାନଙ୍କୁ ଅବଶ୍ୟ ଭାବିତ କରିବ। ବହିଟି ଜନାଦୃତି ଲାଭ କରିବ ବୋଲି ଆଶା।

## ଦୁଇଟି ମିନିକଥା

ଶିବ ମିଶ୍ର

### ୧।। ମୃତ ସକାଳ

ସୂର୍ଯ୍ୟୋଦୟର ଦୃଶ୍ୟ ଦେଖିବା ପାଇଁ ଦୁଇ ବନ୍ଧୁ ରାତି ଥାଉଥାଉ ସମୁଦ୍ରକୂଳକୁ ଗଲେ। ସିନ୍ଦୂରାଫାଟି ଆଲୁଅ ପଡ଼ିଲା ବେଳକୁ ଜଣେ ବନ୍ଧୁ ପୂର୍ବକୁ ମୁହଁ କରିଥିବାବେଳେ, ଅନ୍ୟ ଜଣେ ବନ୍ଧୁ ପଶ୍ଚିମକୁ ଚାହୁଁଥିଲେ। ସମୁଦ୍ର ଆଡ଼କୁ ଚାହୁଁଥିବା ବନ୍ଧୁ କହିଲେ- ଏ ପାଖରେ ସକାଳ ଜନ୍ମନେବାର ମନୋରମ ଦୃଶ୍ୟ, ତମେ ସେ ପାଖରେ କ'ଣ ଦେଖୁଛ ?

ସାମ୍ନା ରାସ୍ତାକଡ଼ର ଅଳିଆଗଦାକୁ ରାମ୍ପିବିଦାରି, ଦାନା ସାଉଁଟୁଥିବା କୁଆ କୁକୁରମାନଙ୍କ ସହିତ କାନ୍ଧରେ ମୁଣି ଓହଳାଇ ଥିବା କେତୋଟି ଅଧାଲଙ୍ଗଳା ପିଲାଙ୍କୁ ଦେଖୁଛି। ଦେଖୁଛି ମୃତ ସକାଳର ବୀଭତ୍ସ ଚିତ୍ର।

### ୨।। ବିସ୍ଥାପିତ

"ବିସ୍ଥାପିତଙ୍କ ଦାବି ପୂରଣ ହେଉ" ଲେଖାଥିବା ପ୍ଲାକାର୍ଡ ଧରି ସ୍ଲୋଗାନ୍ ଦେଇ ଗୋଟିଏ ଅଞ୍ଚଳର ବିସ୍ଥାପିତ ଲୋକେ ଶୋଭାଯାତ୍ରାରେ ରାଜଧାନୀର କୌଣସି ଏକ ଛକ ପାରି ହେଲାବେଳେ ପ୍ରାଥମିକ ସ୍କୁଲ୍‌ରେ ପଢୁଥିବା ପୁଅଟିଏ ତା' ବାପା ସହିତ ରାସ୍ତା କଡ଼ରେ ଅଟକିଯାଇଥିଲା। ଟିକିଏ ପରେ ସେ ତା' ବାପାଙ୍କୁ ପଚାରିଲା- "ବିସ୍ଥାପିତ ବୋଇଲେ କ'ଣ ?" ବାପା କହିଲେ- "ନିଜ ଗାଁ ଘର ଛାଡ଼ି ଅନ୍ୟ ଜାଗାକୁ ଉଠି ଆସିଥିବା ଲୋକ।"

"ତା' ହେଲେ ତ ଘରୁ ତଡ଼ାଖାଇ ବାହାରେ କୋଉଠି ରହୁଥିବା ଆମ ଜେଜେବାପା ମଧ୍ୟ ଜଣେ ବିସ୍ଥାପିତ। ସିଏ ନିଶ୍ଚୟ ଏମାନଙ୍କ ଭିତରେ ଥିବେ" କହି ପୁଅ ଧାଇଁଯାଇ ସେ ଶୋଭାଯାତ୍ରା ଭିତରକୁ ପଶିଗଲା।

**ବାଣପୁର, ଖୋରଧା**

## କାଳକାଳକୁ



"ସବୁଠୁଁ ନିକୃଷ୍ଟ ହେଉଛି ଗୋଲାମି, ଯେଡ଼େ ସୁନ୍ଦର ନାଁଟିଏ ତା'ର ଥାଉ ପଛେ।"

– ଆବୁଲ କାଲାମ୍ ଆଜାଦ୍

**ଆବୁଲ କାଲାମ୍ ଆଜାଦ୍‌ଙ୍କ** ଜନ୍ମ ୧୧ ନଭେମ୍ବର ୧୮୮୮ରେ, ସାଉଦିଆରବର ମକ୍କାଠାରେ ଓ ପରଲୋକ ୨୨ ଫେବୃୟାରୀ ୧୯୫୮ରେ ଦିଲ୍ଲୀରେ। କାଲାମ୍ ଥିଲେ ଏକାଧାରରେ ଲେଖକ, ରାଜନୀତିଜ୍ଞ, ପତ୍ରକାର ଓ ଇସ୍‌ଲାମ ଧର୍ମର ଅନ୍ୟତମ ବିଶିଷ୍ଟ ପ୍ରବକ୍ତା। ଜବାହରଲାଲ୍ ନେହରୁଙ୍କ ମନ୍ତ୍ରିମଣ୍ଡଳରେ ସେ ଥିଲେ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ। ଜନମାନସରେ 'ମୌଲାନା ଆଜାଦ୍' ଭାବେ ପରିଚିତ କାଲାମ୍ ୧୯୪୨ରୁ ୧୯୪୬ଯାଏଁ ଅହମ୍ମଦାବାଦ ଦୁର୍ଗରେ ବନ୍ଦୀ ଥିବାବେଳେ ତାଙ୍କର ପ୍ରସିଦ୍ଧ ପୁସ୍ତକ "Ghubar-e-Khatir" ରଚନା କରିଥିଲେ।

## ଅପରିମିତ

ଜିତେନ୍ଦ୍ର କୁମାର ନାୟକ

ଗଳ୍ପ

ବୁଢ଼ୀମା' ମରିବାକୁ ପ୍ରାୟ ଛ' ମାସ ଥାଏ। ବାପା ବଡ଼ାପା ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟ ନେଇ ଚିନ୍ତିତ ଥାଆନ୍ତି। ଡାକ୍ତରଙ୍କ ପରାମର୍ଶ ନିଆଯାଉଥାଏ। ଆମ ଘରକୁ ବନ୍ଧୁବାନ୍ଧବ ଧାଉଁଥାଆନ୍ତି। ସେତେବେଳେ ମୋତେ ୧୦ ବର୍ଷ ହେବ। ବଡ଼ାପାଙ୍କ ଝିଅକୁ ମୁଁ ଝାମ୍ପ ବୋଲି ଡାକେ। ସେ ମୋତେ ଛୁଆଭାଇ ବୋଲି ସମ୍ବୋଧନ କରେ। ସାଙ୍ଗ ହୋଇ ଗାଁ ସ୍କୁଲକୁ ଯାଉ। ଚାରିଟାବେଳେ ସ୍କୁଲ୍‌ରୁ ଫେରିବା ପରେ କିଛି ଦିନ ଅନ୍ତରରେ ଦେଖୁ ଘରକୁ କେହି କୁଣିଆ ଆସିଥାଆନ୍ତି। ଆମର ତିନି ବାପା, ସେହି ଅନୁଯାୟୀ ମାମୁଘର ପୁଣି ସୂର୍ଯ୍ୟମୈତ୍ର ଅନେକେ ଥାଆନ୍ତି। ସମସ୍ତେ ବୁଢ଼ୀମା'କୁ ଦେଖିବାକୁ ଆସିବା ବେଳେ ଫଳ, ମିଠା ନେଇକରି ଆସିଥାଆନ୍ତି। ବୁଢ଼ୀମା' ସବୁ ଖାଇପାରେ ନାହିଁ। ତେଣୁ ଆମେ ପିଲାମାନେ ସେସବୁ ଦେଖି ଖୁସି।

ମୋ' ଝିଅ ଓ ପୁଅ ମୋ' ବାପାଙ୍କୁ ଜେଜେ ଓ ବୋଉକୁ ମା' ଡାକୁଛନ୍ତି। ଆମେ କିନ୍ତୁ ବାପାଙ୍କ ବାବାଙ୍କୁ ସାଆନ୍ତ ଓ ତାଙ୍କ ବୋଉକୁ ମା' ଡାକୁଥିଲୁ। ଆମ ସାଆନ୍ତ ଭାରି ନିରିମାୟା ଲୋକ ଥିଲେ। ଖୁବ୍ ଉଚ୍ଚା, ପତଳା ଶରୀର। ମା' ହାଇଟ୍ ଠିକ୍ ଥିଲା ଓ ଦେଖିବାକୁ ହଳଦୀ ଭଳି ଗୋରୀ। ବାପା କହନ୍ତି, ତାଙ୍କ ବୋଉ କେବେ କୌଣସି ବଡ଼ ରୋଗରେ ପଡ଼ି ନ ଥିଲେ। ସବୁବେଳେ କାମ କରୁଥିବାରୁ ଫିଟ୍ ଥିଲେ। ଆଜି ଭଳି ସେତେବେଳେ ଚାଉଳଠାରୁ ହଳଦୀଗୁଣ୍ଡ ଯାଏ ପ୍ୟାକେଟ୍‌ରେ ମିଳୁ ନ ଥିଲା। ଦୁଇ କୋଶ ଦୂରକୁ ଗଲେ ଚାଉଳ ପେଷା କଳ। ସେହି ସୁବିଧା ନ ମିଳିଲେ ଢିଙ୍କିରେ ଧାନ କୁଟାଯାଉଥିଲା। ମୁଁ ସେତେବେଳେ ଆମ ଘର ଚାଳିଆ ପାଖରେ ଢିଙ୍କିଶାଳ ଦେଖିଛି। ହେଲେ ମୋ' ପିଲା କ'ଣ, ଗଲା କୋଡ଼ିଏ ବର୍ଷ ତଳେ ଜନ୍ମ ହୋଇଥିବା ପିଲାଙ୍କୁ ଏହି ପାରମ୍ପରିକ ଢିଙ୍କିଶାଳ ବିଷୟରେ ଅନ୍ତତଃ ଦଶ ମିନିଟ୍ ବୁଝାଇବାକୁ ପଡ଼ିବ।

ହଁ, ମା' ଫିଟ୍ ରହିବା ପଛରେ ଚୁଡ଼ା ମୁଢ଼ି, ପଖାଳ, ଶାଗଭଜା, ଗାଁ ପୋଖରୀ ମାଛ, ବାଡ଼ିରେ ଜୈବିକ ଖତରୁ ସେତେବେଳେ ମିଳୁଥିବା ପନିପରିବା ଯଥେଷ୍ଟ ଥିଲା। ବାପା ବଜାର ଗଲେ ଫଳ ଓ ମିଠା ଆଣନ୍ତି। ଆମେ ସମସ୍ତେ ଖାଉ। କିନ୍ତୁ ବାପାଙ୍କ ନିର୍ଦ୍ଦେଶମତେ ତାଙ୍କ ମା' ଓ ବାବାଙ୍କୁ ପ୍ରଥମେ ଖାଦ୍ୟ ପରଷାଯାଏ। ପରିଣତ ବୟସ ହୋଇଗଲେ ସବୁ ଜିନିଷ ଖାଇବାକୁ ସେମାନଙ୍କ ଇଚ୍ଛା ଥାଏ। ମାତ୍ର ବୁଢ଼ୀମା' ଛୁଆଙ୍କୁ ଆଗ ଦେ' ବୋଲି ବଡ଼ବୋଉ ଓ ବୋଉକୁ କହେ। ଏକାନ୍ନବର୍ତ୍ତୀ ପରିବାର ହୋଇଥିବାରୁ ପ୍ରତ୍ୟେକ ପ୍ରତ୍ୟେକଙ୍କ କଥା ବୁଝିପାରିଥାଆନ୍ତି। କୌଣସି ସୁଆଦିଆ ଜିନିଷ ହୋଇଥିଲେ ହୁଏତ ସମସ୍ତଙ୍କୁ ମନମୁତାବକ ପରିମାଣ ମିଳି ପାରି ନ ଥାଏ ; ସେଇଟା ଗୋଟେ ଅଭାବର କଥା। ହେଲେ ଆଜିର ଅଣୁ ପରିବାରରେ ମା', ବାପା, ଗୋଟିଏ କିମ୍ବା ଅତିବେଶିରେ ଦୁଇଟି ଛୁଆ। ସବୁ ଜିନିଷ ମିଳୁଛି ଖାଇବା ପାଇଁ ଓ ହାତପାହାନ୍ତାରେ ପର୍ଯ୍ୟାପ୍ତ ସୁଯୋଗ, ହେଲେ ବୁଢ଼ୀମା', ଜେଜେମାନଙ୍କ ଅଭାବ। କୃତ୍ରିମ ସୁଖରେ ସହରଟା ଧାଉଁଛି। ଖାଲି ଅର୍ଥ, ଜମି, ସୁନା, ଦାମିକା ଗାଡ଼ି ଗୋଟାଇବା ପାଇଁ ଅହରହ ଗୋଟେ ଆକାଂକ୍ଷା।

ଲିଓ ଟଲ୍‌ଷ୍ଟୟଙ୍କ କ୍ଷୁଦ୍ରଗଳ୍ପ ମନେପଡ଼େ- 'ହାଓ ମଚ୍ ଲାଣ୍ଡ୍ ଡଜ୍ ଏ ମ୍ୟାନ୍ ନିଡ୍'। ଏଠାରେ ମୁଖ୍ୟ ଚରିତ୍ର 'ପାହେମ୍' ଅତ୍ୟଧିକ ଜମି ଲୋଭରେ ଗୋଟେ ସର୍ତ୍ତରେ ରାଜି ହେଉଛନ୍ତି। ରୁଷୀୟ ମୁଦ୍ରା ଏକ ହଜାର ରୁବଲ୍ ଦେଉଛନ୍ତି। ତାଙ୍କୁ କୁହାଯାଉଛି ସୂର୍ଯ୍ୟୋଦୟ ହେବା ମାତ୍ରେ ସେ ଯେଉଁ ସ୍ଥାନରୁ ଦୌଡ଼ିଥିବେ ସୂର୍ଯ୍ୟାସ୍ତ ବେଳକୁ ସେହିଠାରେ ପହଞ୍ଚି ଗଲେ ଯେତିକି ଜମି ଦେଇ ସେ ଯାଇଥିବେ ତାହା ତାଙ୍କର ହେବ। ପାହେମ୍ ବହୁତ ବାଟ ଦୌଡ଼ିଲା ପରେ ଫେରିଲା ବେଳକୁ ସଞ୍ଜ ରତରତ। ମୂଳ ବିନ୍ଦୁରେ ପହଞ୍ଚିଯାଇଥିଲେ ମଧ୍ୟ ଅତ୍ୟଧିକ ପରିଶ୍ରମ ଯୋଗୁ ପ୍ରାଣବାୟୁ ଉଡ଼ିଗଲା। ଚାକର ତାଙ୍କୁ କେବଳ ଛ'ଫୁଟ ଲମ୍ବ ଜମିରେ ପୋତିଦେଲେ। ସେହି ଗଳ୍ପ ନୈତିକ ଶିକ୍ଷା ଦେଇଥିଲା- ଅତ୍ୟଧିକ ଲୋଭ ଆଣେ ମୃତ୍ୟୁ। ଏହାକୁ ସମସ୍ତେ ଜାଣୁଥିଲେ ମଧ୍ୟ ତାହାକୁ ଅନେକେ ଗ୍ରହଣ କରି ନ ଥାଆନ୍ତି। ବର୍ତ୍ତମାନ ସମୟଟାକୁ ଅର୍ଥରେ ମୂଲ୍ୟାୟନ କରାଯାଉଥିବାରୁ ସମ୍ପର୍କଗୁଡ଼ା ଚାଇନା ଦ୍ରବ୍ୟ ପାଲଟିଯାଇଛି।

୨୦୨୦ ବର୍ଷଟା କରୋନା ଭିତରେ ଚାଲିଗଲା। ବନ୍ଧୁବାନ୍ଧବ କେହି କାହାରି ଘରକୁ ଯାଇପାରିଲେ ନାହିଁ। ଭର୍ଚୁଆଲ ମାଧ୍ୟମରେ ସମ୍ପର୍କକୁ କେବଳ ସାଇତି ରଖାଯାଇପାରିଛି। ପ୍ରତିବର୍ଷ ରଜ ଆସିଲେ ପିଲାମାନଙ୍କ ସ୍କୁଲ୍ ଛୁଟି ହେଉଥିବାରୁ ଘରକୁ ଭଉଣୀ, ଭିଣୋଇ, ଭାଣିଜୀ, ଭଣଜା ସମସ୍ତେ ଆସିଥା'ନ୍ତି। ଏ ବର୍ଷ କୋଭିଡ୍-୧୯ ସେତକ କରାଇଦେଲାନି। ତଥାପି ଭିଣୋଇଙ୍କ ସହ କଥା ହେଲି। ସେ ଦିଲ୍ଲୀରେ ରୁହନ୍ତି। ଘର ଆଖଣ୍ଡଳମଣି ପାଖରେ। ତାଙ୍କ ବୋଉକୁ ପାଖକୁ ନେଇଯାଇଛନ୍ତି। ଭଉଣୀର ଶାଶୁକୁ ବି ଆମ ଭଦ୍ରକ ଆଡ଼େ ବୋଉ ଡାକିଥାଉ। ସାଙ୍ଗମାନେ କେବଳ ନିଜ ଶାଶୁ ଶ୍ୱଶୁରଙ୍କୁ ଛାଡ଼ିଦେଲେ ଅନ୍ୟମାନଙ୍କୁ ମାଉସୀ ମଉସା ଡାକୁଥିବା କହିଥାଆନ୍ତି। ଯେଉଁ ଦେଶ ଯାଇ ସେ ଫଳ ଖାଇ।

ଭିଣୋଇଙ୍କୁ ପଚାରିଲି- ବୋଉ କେମିତି ଅଛନ୍ତି। ସେ କହିଲେ- ତା'ର ଡାଇବେଟିସ୍ ବଢ଼ିଯାଇଛି। ତଥାପି ମିଠା ଖାଇବାକୁ ଭାରି ମନ। ଯେତେ କହିଲେ ବି ଚା'ରେ ଚିନି ପକାଇବାକୁ ବାଧ୍ୟ କରୁଛି। କ'ଣ କରିବା!

ମୁଁ ପଚାରିଲି- କେତେ ହେଲା ବୟସ ?

ସେ କହିଲେ- ଅଣାନବେ। ତଥାପି ଷ୍ଟ୍ରଙ୍ଗ୍ ଅଛି।

ମୁଁ କହିଲି- ସେ ବଡ଼ ଥାଟର ମଣିଷ। ସେମିତି ସାରଦିଆ ଖାଦ୍ୟ ଖାଇ ନ ଥିବାରୁ ଏତେ ବାଟ ଆସିଗଲେଣି।

ଆମେ ସେତେଦିନ ଯିବାକି ନାହିଁ, ଭିଣୋଇ କହିଲେ। ଏହାପରେ ଯୋଡ଼ିଲେ- ଆଜିକାଲି ସମସ୍ତେ ଟିକେ ଦୌଡ଼ିବା କଥା। ଘର ତିଆରି ଖାଦ୍ୟ ଖାଇବା ଦରକାର। କିନ୍ତୁ ଲାଇଫ୍‌ଷ୍ଟାଇଲ୍ ବଦଳିଯାଇଥିବାରୁ ମେଦବହୁଳତା, ରକ୍ତଚାପ, ମଧୁମେହ ବଢ଼ିଯାଉଛି।



ତାଙ୍କ କଥାରୁ ଖିଅ ଧରି ମୁଁ କହିଲି- ଅଫିସ୍‌ରେ ଅର୍ଦ୍ଧାଧିକ ଲୋକ ଡାଇବେଟିସ୍ ରୋଗୀ। ଆମ ବୁଢ଼ୀମା' ବେମାର ପଡ଼ିବା ସମୟର ଉଦାହରଣ ଦେଇ କହିଲି, ସେତେବେଳେ ମିଠା ଦେଖିଲେ ଆମେ କେତେ ଖୁସି ହେଉଥିଲୁ। ହେଲେ ଅଫିସ୍‌ରେ ଖୁସିରେ କିଏ ମିଠା ବାଣ୍ଟିଲା ବେଳେ ବାଧ୍ୟ ହୋଇ ଅନେକେ ଗୋରୁ ମୁହଁରେ ତୁଣ୍ଡି ବାନ୍ଧିଲା ଭଳି ହାତ ଦେଇଦେଉଛନ୍ତି। ଭିଣୋଇ ମୋ' କଥାକୁ ସମ୍ମାନ ଜଣାଇ ହଁ ମାରିଲେ। କହିଲେ- ଲୋଭ ସବୁବେଳେ ମିଠା ଲାଗେ। ଯିଏ ନିୟନ୍ତ୍ରଣ କରିପାରିଲା, ସେ ବର୍ତ୍ତିଗଲା। ଯିଏ ପାରିଲା ନାହିଁ ସେ ରୋଗ ଭୋଗିଲା ; ମୃତ୍ୟୁମୁଖରେ ପଡ଼ିଲା।

ମୁଁ ଭାବିଲି- ଅନେକେ ଯୌନ ଲାଳସା ଚରିତାର୍ଥ କରିବାକୁ ଯାଇ ମିଠା ଶିରାରେ ବୁଡ଼ିଯାଆନ୍ତି ଓ ଦୁରାରୋଗରେ ପଡ଼ି ଘୁଷୁରୁଥାଆନ୍ତି। ଚାକିରି କ୍ଷେତ୍ରରେ ଲାଞ୍ଚ ଭିନ୍ନ ଏକ ମିଠା ଭଳି କାମ କରେ ଲାଞ୍ଚୁଆଙ୍କ ପାଇଁ। ଧରାପଡ଼ିଲେ ଚାକିରି ଯାଏ, ଅପମାନିତ ବି ହୁଅନ୍ତି।

ଏମିତି କଥା ହେଉ ହେଉ କେଉଁଆଡ଼େ ଯେ ଖିଅ ଲମ୍ବିଚାଲେ କୂଳକିନାରା ମିଳେନି। ତଥାପି ଆନନ୍ଦ ଥାଏ। ଭିଣୋଇ ବୁଲିବାଲି ସେଇ ଡାଇବେଟିସ୍ ପାଖକୁ ଫେରିଆସିଲେ। କହିଲେ- ବୋଉର ଆଫ୍ଟର ଫୁଡ୍ ୩୦୦ ଉପରେ। ତାକୁ ଯେତେ ବାରଣ କଲେ ବି ସେ ପିଲାଙ୍କୁ ମାଧ୍ୟମ କରି ବଅଲେଇ ଚିନି ଖାଇଦେଉଛି। ସେଥିପାଇଁ ମୋର ଚିନ୍ତା ବଢ଼ିଯାଉଛି।

ମୁଁ କହିଲି- ବୃଦ୍ଧ ବାଳୁତ ସମାନ। ଯାହା ସେମାନଙ୍କୁ ମନା କରିବ, ସେମାନେ କରିବାକୁ ଚାହିଁବେ। ପିଲାଙ୍କୁ କହିଲେ ନିଆଁରେ ହାତ ମାରନି, ସେମାନେ ସୁଯୋଗ ଉଣ୍ଡୁଥିବେ ହାତ ମାରିବାକୁ। ଅବଶ୍ୟ ଥରେ ଚେଙ୍କ ଲାଗିଯିବା ପରେ ଡରିଯାଆନ୍ତି। ହେଲେ ମୁଁ କ'ଣ କହିପାରିବି ଯେ, ତୁମ ବୋଉ ଅଧିକ ମିଠା ଖାଇଲେ ମୁଣ୍ଡ ବୁଲାଇବ ଓ ସେ ପିଲାଙ୍କ ହାତରେ ନିଆଁ ଚେଙ୍କ ଲାଗିଲା ପରେ ଯେମିତି ଠିକି ଯାଆନ୍ତି, ସେମିତି କିଛି କଷ୍ଟ ପାଇବେ। ଭଉଣୀର ଶାଶୁ ମାନେ, ଭାରି ଡର।

ଭିଣୋଇ ହସିଲେ। କହିଲେ- ସବୁ ବୁଢ଼ୀବୁଢ଼ା ଏମିତି। ଏବେ ସିନା ଡାଇବେଟିସ୍ ଉପରେ ସଚେତନତା ବଢ଼ିଯାଇଛି। ଫାଷ୍ଟିଂ ଓ ଖାଦ୍ୟ ନେବା ପରେ ଟେଷ୍ଟିଂ କରାଯାଉଛି। ରିପୋର୍ଟ କହେ- ଫାଷ୍ଟିଂ ୧୧୦ ତଳକୁ ଥିଲେ ଭଲ ଓ ଆଫ୍ଟର ଫୁଡ୍ ୧୨୬ ଭିତରେ ରହିଲେ ସୁସ୍ଥ ବ୍ୟକ୍ତି ଭାବେ ବ୍ଲଡ୍‌ରେ ସୁଗାର ଠିକ୍ ଅଛି ବୋଲି କୁହାଯାଉଛି।

କଥା ମଝିରେ ମୁଁ କହିଲି। ପୂର୍ବରୁ ଫାଷ୍ଟିଂ ୧୦୦ ତଳେ ଭଲ ଓ ଆଫ୍ଟର ଫୁଡ୍ ୧୨୦ ଥିଲା।

ସେ କହିଲେ- ଲାଇଫ୍‌ଷ୍ଟାଇଲ୍ ପାଇଁ ଏହାର ମାତ୍ରା ବଢ଼ାଇ ଦିଆଯାଇଛି।

ମୁଁ କହିଲି- ଦେଖ, ଦିନକୁ ଦିନ ଏହାର ସ୍ତର ଆମେ ବଢ଼ାଇ ଚାଲିଲେ କିଏ କ'ଣ ଫାଶୀ ଦେବ ନା କ'ଣ ? ସାଧାରଣତଃ ଚାଳିଶ ବର୍ଷ ପରେ ଆମ ସମସ୍ତଙ୍କୁ ସତର୍କ ହେବାକୁ ପଡ଼ିବ। ଏହାର ମାନେ ନୁହେଁ ଯେ, ଛୁଆଙ୍କୁ ଏହି ରୋଗ ହେଉନି। ମନେମନେ ସ୍ତର ବଢ଼ାଇ ଦେଇ ଖୁସି ହେବାର କିଛି ମାନେ ନାହିଁ।

ସେ ମୋତେ ସମର୍ଥନ କରି ମତ ରଖିଲେ- ଆରେ ସତେ ତ, ଏଭଳି ମିଛ ଖୁସି ଓ ସତ ଦୁଃଖରେ ମଣିଷଗୁଡ଼ା କାହିଁକି ଧାଉଁଥାଆନ୍ତି। ଏଥିସହିତ ସେ ଗୋଟେ ବାସ୍ତବ ଉଦାହରଣ ଦେଲେ। ପିଲାବେଳେ ସେ ତାଙ୍କ ଗାଁରେ ବୁଢ଼ୀବୁଢ଼ା ମରିବା ପୂର୍ବରୁ ବନ୍ଧୁବାନ୍ଧବ ଆଣିଥିବା ମିଠା ଖାଇବା ଦ୍ୱାରା ବିପଦକୁ ଡାକିଆଣିବା କଥା ମନେପକାଇଲେ। ବୟସ ହୋଇଯାଇଥିବ। ଝିଅ, ଜ୍ୱାଇଁ ବା କେହି ବନ୍ଧୁବାନ୍ଧବ କହନ୍ତି- ଏମାନେ ପାକୁଆପାଟିରେ ପହଞ୍ଚିଗଲେଣି, କ'ଣ ଯେ ଖାଇଲେ। ଆମ ପାଇଁ ଅନେକ କରିଛନ୍ତି। ତେଣୁ ଶେଷକୁ ପାଟିରେ ମିଠା ଟିକେ ଦେବାନି! ଡାଇବେଟିସ୍ ବିଷୟରେ ସେତେବେଳେ ବିଶେଷ ଜଣା ନ ଥିଲା।

ଭିଣୋଇଙ୍କ ଦୂରଦୃଷ୍ଟିକୁ ମନେମନେ ପ୍ରଶଂସା କରୁଥିଲି। ସେ ତ ଗୋଟେ ଭଲ ରହସ୍ୟ ଖୋଲିଦେଲେ! ଆମ ଗାଁ ପାଖରେ ଯେତେ ବୁଢ଼ୀବୁଢ଼ା ମରିଥିଲେ ସେମାନଙ୍କ ବନ୍ଧୁବାନ୍ଧବ ସ୍ନେହରେ ଏଭଳି ମିଠା ବଳେଇ ବଳେଇ ଖୁଆଇ ଦେଉଥିବା ଦୃଶ୍ୟ ମନକୁ ଚାଲିଆସିଲା। ଏ ମିଠା ଖାଇ ନ ଥିଲେ ହୁଏତ ଆମ ବୁଢ଼ୀମା' ଆଉ କିଛି ଦିନ ଅଧିକ ବଞ୍ଚିଥାଆନ୍ତା।

ଧର୍ମପତ୍ନୀ କହିଲେ- ତୁମ ଚୁଡ଼ାରେ କେତେ ଚିନି ପକାଇବି କୁହ, ନ ହେଲେ ମୋ' ଉପରେ ଚିଡ଼ିବ।

ଗୁଡ଼ ପା ଆଣିଥିଲି, ଦଉନ! ଚାଳିଶ କ୍ରସ୍ କଲାଣିଟି!

ମୋ: ୯୪୩୭୨୨୯୨୫୯

# ବନ ବିଭାଗ ମୁରବି ଶୂନ୍ୟ

## ଖାଲିପଡ଼ିଛି ପିସିସିଏଫ୍ ଜେନେରାଲ ଓ ବନ୍ୟପ୍ରାଣୀ ପଦବୀ

ଭୁବନେଶ୍ୱର, ୧୦।୨(ବ୍ୟୁରୋ)

ରାଜ୍ୟ ବନ ବିଭାଗ ଏବେ ଏକପ୍ରକାର ମୁରବୀ ଶୂନ୍ୟ ହେଇପଡ଼ିଛି। ପିସିସିଏଫ୍ (ଜେନେରାଲ) ଏବଂ ପିସିସିଏଫ୍ (ବନ୍ୟପ୍ରାଣୀ) ଭଳି ଦୁଇଟି ମୁଖ୍ୟ ପଦବୀ ଖାଲିପଡ଼ିଛି। ଗତ ଜାନୁଆରୀ ୩୧ରେ ପିସିସିଏଫ୍ ଜେନେରାଲ ତଥା ହେଡ୍ ଅଫ୍ ଫରେଷ୍ଟ ଫୋର୍ସ ସନ୍ଦୀପ ତ୍ରିପାଠୀ ଅବସର ଗ୍ରହଣ କରିଛନ୍ତି। ସେହିଦିନ ପିସିସିଏଫ୍ ବନ୍ୟପ୍ରାଣୀ ହରିଶଙ୍କର ଉପାଧ୍ୟାୟ ମଧ୍ୟ ଅବସର ଗ୍ରହଣ କରିଛନ୍ତି। କିନ୍ତୁ କାମ ଚଳେଇବା ପାଇଁ ଆଡିଶନାଲ ପିସିସିଏଫ୍ (ବନ୍ୟପ୍ରାଣୀ) ଶଶୀ ପଲଙ୍କୁ ପିସିସିଏଫ୍ (ବନ୍ୟପ୍ରାଣୀ) ଓ ପିସିସିଏଫ୍ ଜିତେନ୍ଦ୍ର କୁମାରଙ୍କୁ ପିସିସିଏଫ୍ ଜେନେରାଲ ଇନ୍‌ଚାର୍ଜ ଭାବେ ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ ବିଭାଗରେ କାର୍ଯ୍ୟରତ ସବୁଠାରୁ ବରିଷ୍ଠ ପିସିସିଏଫ୍ ହେଲେ ପ୍ରଭାକର ବେହେରା, ସୁଦର୍ଶନ ପଣ୍ଡା ଓ ମାଲୋତ ମୋହନ। ଏମାନେ ଆଉ ଅଳ୍ପକିଛି ମାସ ଭିତରେ ଅବସର ନେଉଥିବାରୁ ଉପରୋକ୍ତ ଦୁଇ ପଦବୀରେ ବସିବା ଆଶା କ୍ଷୀଣ। ତେଣୁ ବରିଷ୍ଠତା ଭିତ୍ତିରେ ଏମାନଙ୍କ ତଳକୁ ଥିବା ରାଜୀବ କୁମାର ଏବେ ଓଏଫ୍‌ଡିସିର ଏମ୍‌ଡି ଅଛନ୍ତି। ରାଜୀବଙ୍କ ସହ କେନ୍ଦ୍ରରୁ ଆଉଜଣେ ଅଧିକାରୀ ଶିଶିର ରଥୋଙ୍କ ନାମ ମଧ୍ୟ ଚର୍ଚ୍ଚା ହେଉଛି।

ରାଜ୍ୟରେ ୩ କ୍ୟାଡର ପିସିସିଏଫ୍ ଥିବାବେଳେ ୩ ଏକ୍ସ-କ୍ୟାଡର ପିସିସିଏଫ୍ ପଦବୀ ରହିଛି। ତନ୍ମଧ୍ୟରୁ ରାଜ୍ୟ ମାତ୍ର ଗୋଟିଏ କ୍ୟାଡରରେ ନିଜ ମନମୁତାବକ ଅଧିକାରୀ ନିଯୁକ୍ତ କରିପାରିବେ। ଏବେ ପିସିସିଏଫ୍ କେନ୍ଦୁପତ୍ର ପଦବୀରେ ଜଣେ ହିଁ ଅଧିକାରୀ ଅଛନ୍ତି। ଆଉ ୨ଟି ସବୁଠୁ ଗୁରୁତ୍ୱପୂର୍ଣ୍ଣ ପିସିସିଏଫ୍ ପଦବୀ ହେଲା ପିସିସିଏଫ୍ ଜେନେରାଲ ଏବଂ ପିସିସିଏଫ୍ ବନ୍ୟପ୍ରାଣୀ। ଏହି ପଦବୀ ଖାଲି ପଡ଼ିବା ପୂର୍ବରୁ ନୂଆ ନିଯୁକ୍ତିର ତୁରନ୍ତ ଆବଶ୍ୟକତା ଥିଲା। ସବୁଠାରୁ ବଡ଼ କଥା ହେଲା ଉକ୍ତ ୨ ପଦବୀ ପୂରଣ ପାଇଁ ଏକ କମିଟି ବସି ପ୍ରାର୍ଥୀ ଚୟନ କରିବ। କମିଟିରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଣେ ବାହାର ରାଜ୍ୟର ପିସିସିଏଫ୍ ଏବଂ ଫରେଷ୍ଟ ଡିଜିଙ୍କ ପ୍ରତିନିଧି ସଦସ୍ୟ ରହିବେ। ଏଯାବତ୍ ସେହି କମିଟି ବସି ନ ଥିବାରୁ ନୂଆ ନିଯୁକ୍ତି ଶୀଘ୍ର ହେବାର ସମ୍ଭାବନା ନାହିଁ। ଏବେ ମଣିଷ ଓ ବନ୍ୟପ୍ରାଣୀ ଦ୍ୱନ୍ଦ୍ୱ ଦିନକୁ ଦିନ ବଢୁଛି। ହଠାତ୍ କିଛି ବଡ଼ ଘଟଣା ଘଟିଲେ ପିସିସିଏଫ୍ ବନ୍ୟପ୍ରାଣୀ ଏ ଦିଗରେ ନିର୍ଣ୍ଣାୟକ ଭୂମିକା ନେଇଥାନ୍ତି। ସେହିପରି ପିସିସିଏଫ୍ ଜେନେରାଲ ତଥା ହେଡ୍ ଅଫ୍ ଫରେଷ୍ଟ ଫୋର୍ସ ପୂରା ବନ ବିଭାଗର ଦାୟିତ୍ୱ ନେଇଥାନ୍ତି। ଆଉକିଛି ଦିନ ୨ ପ୍ରମୁଖ ପଦବୀ ଖାଲି ପଡ଼ିଲେ ବିଭିନ୍ନ ସମସ୍ୟା ଉପୁଜିବ। କର୍ମଚାରୀଙ୍କ ମନୋବଳ ଭାଙ୍ଗିବା ସହ ବିଭାଗୀୟ ପ୍ରଶାସନିକ ସ୍ଥାଣୁତା ଦେଖାଦେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେବେ ଏ ନେଇ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ମୋନା ଶର୍ମାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ୧୬ରେ ବର୍ଷା ସମ୍ଭାବନା

## ଉପର ମୁହାଁ ପାରଦ

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ଶୀତ କମିବା ଆରମ୍ଭ ହୋଇଛି। ଗରମ ବଢ଼ିଚାଲିବ। ଦିନର ପାରଦ ଧୀରେ ଧୀରେ ଉପର ମୁହାଁ ହେବ। ଆସନ୍ତା ୧୫ ତାରିଖ ଯାଏ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ ଟପିଯିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ରାତ୍ରିର ତାପମାତ୍ରାରେ ମଧ୍ୟ ବୃଦ୍ଧି ଘଟିବ। ତେବେ ଶୀତର ପ୍ରଭାବ ନ ଥିଲେ ମଧ୍ୟ ରାତ୍ରିରେ ଥଣ୍ଡା ପରିବେଶ ରହିବ। ଓଡ଼ିଶା ଉପରେ ଏକ ଟ୍ରଫଲାଇନ ରହିଛି। ଆସନ୍ତା ୧୬ ତାରିଖରେ ରାଜ୍ୟରେ ପାଗରେ ପରିବର୍ତ୍ତନ ହେବ। ଉପକୂଳ ସମେତ ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାର କେତେକ ଜାଗାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ବୁଧବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଭବାନୀପାଟଣା ୧୦.୫, କୋରାପୁଟରେ ୧୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ରାଜ୍ୟର ଅନ୍ୟାନ୍ୟ ଭାଗରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ସେଲସିୟସ ଉପରେ ରହିଛି। ସେହିପରି ଦିନର ତାପମାତ୍ରାରେ ମଧ୍ୟ ବୃଦ୍ଧି ଘଟିଛି। ଭୁବନେଶ୍ୱର ସର୍ବୋଚ୍ଚ ତାପମାତ୍ରା ୩୩.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୩୩.୧, କଟକ ୩୨.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ହାତୀ ଆକ୍ରମଣରେ ଜଣେ ମୃତ, ଉତ୍ତେଜନା

ବନ୍ତଲା,୧୦।୨(ଡି.ଏନ.ଏ.)

ଅନୁଗୋଳ ବନଖଣ୍ଡ ବନ୍ତଲା ଥାନା କରତପଟା ବିଟ୍ ନିକଟରୁ ବୁଧବାର ସକାଳେ ବନ୍ତଲା ପଞ୍ଚାୟତ ସାହାରାଗୋଡ଼ା ସୁନାଭୂଇଁର ରମେଶ ଚନ୍ଦ୍ର ସାହୁ(୫୧)ଙ୍କ ମୃତଦେହ ମିଳିଥିଲା। ରାସ୍ତା ପାର୍ଶ୍ୱରେ ତାଙ୍କ ମୋଟରସାଇକେଲ ପଡ଼ିଥିବାବେଳେ ସେଠାରେ ହାତୀ ପାଦ ଚିହ୍ନ ରହିଥିଲା। ତେଣୁ ହାତୀ ଆକ୍ରମଣରେ ରମେଶଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ସ୍ଥାନୀୟ ଲୋକମାନେ ରାସ୍ତା ଅବରୋଧ କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ବନ୍ତଲା ଥାନା ଆଇଆଇସି ଗୀତାଞ୍ଜଳି ସାହୁ ଫୋର୍ସ ସହ ପହଞ୍ଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲେ। ତେବେ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ମୃତଦେହ ଛଡ଼ାଯିବ ନାହିଁ ବୋଲି ଲୋକେ ଜିଦ୍ ଧରିଥିଲେ। ପରେ ଅନୁଗୋଳ ରେଞ୍ଜ ଅଧିକାରୀ ସତ୍ୟବ୍ରତ ପ୍ରଧାନ ପହଞ୍ଚି ସରକାରଙ୍କ ନିୟମ ଅନୁଯାୟୀ ୪ ଲକ୍ଷ ଟଙ୍କା ସହିତ ମୃତଦେହ ସତ୍କାର ପାଇଁ ଆର୍ଥିକ ସହାୟତା ଦେବାକୁ ପ୍ରତିଶ୍ରୁତି ଦେବାରୁ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ରମେଶଙ୍କ ଭିଣୋଇ ନରେଶ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।


ଲୋକେ ରାସ୍ତା ଅବରୋଧ କରିଛନ୍ତି।

# କଂଗ୍ରେସରେ ପୁଣି ପିସିସି ପରିବର୍ତ୍ତନ ମେଳି

ଭୁବନେଶ୍ୱର, ୧୦।୨(ବ୍ୟୁରୋ)

ରାଜ୍ୟ କଂଗ୍ରେସରେ ପିସିସି ପରିବର୍ତ୍ତନ ପାଇଁ ପୁଣିଥରେ ମେଳି ବାନ୍ଧିଛନ୍ତି ଅସନ୍ତୁଷ୍ଟ ନେତା। ପିସିସିର ଆମୂଳଚୂଳ ପରିବର୍ତ୍ତନ ପାଇଁ ଗୋଟିଏ ଗୋଷ୍ଠୀ ପୁଣିଥରେ ଅଣ୍ଟାଭିଡ଼ିଛି। ଗତ କିଛିଦିନ ତଳେ ଯେଉଁ ଗୋଷ୍ଠୀ ଦିଲ୍ଲୀ ଯାଇଥିଲା, ସେମାନଙ୍କ ନେତୃତ୍ୱରେ ବୁଧବାର ସ୍ଥାନୀୟ ଏକ ହୋଟେଲ୍‌ରେ ଛାତ୍ର, ଯୁବ ଓ ବରିଷ୍ଠ ନେତାମାନେ ପୁଣିଥରେ ଏକାଠି ହୋଇଛନ୍ତି। ରାଜ୍ୟରେ କଂଗ୍ରେସ ପ୍ରମୁଖ ବିରୋଧୀ ଦଳ ମାନ୍ୟତା ହରାଇ ତୃତୀୟ ସ୍ଥାନକୁ ଖସି ଆସିଛି। ବିଭିନ୍ନ ଉପନିର୍ବାଚନରେ ଦଳର ପ୍ରାର୍ଥୀ ପରାଜୟର ସମ୍ମୁଖୀନ ହୋଇଛନ୍ତି। ଏଭଳି ସ୍ଥିତିରେ ଦଳ କିପରି ଏକ୍ ହୋଇ ଆଗକୁ ବଢ଼ିବ, ସେ ଚିନ୍ତା ନ କରି ନେତୃତ୍ୱ ପ୍ରତି ଗୋଟିଏ ଗୋଷ୍ଠୀ ଅଙ୍ଗୁଳି ଉଠାଇଛନ୍ତି। ଦେବେନ୍ଦ୍ର ଶର୍ମାଙ୍କ ନେତୃତ୍ୱରେ ମେଳି ବାନ୍ଧିଥିବା ଦଳର ପୂର୍ବତନ ବିଧାୟକ, ଜିଲା ସଭାପତି ଓ ସମ୍ପାଦକଙ୍କ କହିବା କଥା ହେଲା, ରାଜ୍ୟରେ କଂଗ୍ରେସର ଆମୂଳଚୂଳ ପରିବର୍ତ୍ତନର ଆବଶ୍ୟକତା ରହିଛି। ପିସିସି ସଭାପତିଙ୍କ ଠାରୁ ଆରମ୍ଭ କରି ତଳସ୍ତର ପର୍ଯ୍ୟନ୍ତ ପରିବର୍ତ୍ତନ ଜରୁରୀ। ନେତୃତ୍ୱ ବଦଳିଲେ କଂଗ୍ରେସ ଆଗକୁ ବଢ଼ିବ ବୋଲି ସେମାନେ ଆଶା ବାନ୍ଧିଛନ୍ତି। ଆଗକୁ ପିପିଲି ଉପନିର୍ବାଚନ, ପରେ ପରେ ପୌର ଓ ପଞ୍ଚାୟତ ଭୋଟ୍ ରହିଛି। ଏହାରି ଭିତରେ ତୈଳଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ଆସନ୍ତା ୧୫ରେ ଓଡ଼ିଶା ବନ୍ଦ ଡାକରା ଦେଇଛି। ହେଲେ ମଙ୍ଗୁଆଲଙ୍କୁ ବିରୋଧ କରି ଗୋଟିଏ ଗୋଷ୍ଠୀ ଆଗକୁ ବାହାରିଥିବାରୁ ଦଳ ଆଗକୁ ଏଦିଗରେ କେତେ ସଫଳ ହେବ; ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। କିଛିଦିନ ତଳେ ବ୍ରହ୍ମପୁରରେ କଂଗ୍ରେସ ରାଜ୍ୟ ପ୍ରଭାରୀ ଏ ଚେଲ୍ଲାକୁମାରଙ୍କ ନେତୃତ୍ୱରେ ଏକ ବଡ ଧରଣର କାର୍ଯ୍ୟକ୍ରମ କରିଥିଲା। ହେଲେ ସେହିଦିନ ଉକ୍ତ ଅସନ୍ତୁଷ୍ଟ ଗୋଷ୍ଠୀ ଦିଲ୍ଲୀ ଯାଇ ସାଙ୍ଗଠନିକ ସମ୍ପାଦକ କେ ସି ଭେଣୁଗୋପାଳଙ୍କୁ ଭେଟି ପିସିସି ପରିବର୍ତ୍ତନ ନାରା ଦେଇଥିଲେ। ଅପରପକ୍ଷରେ ବୁଧବାର ଦଳୀୟ ନେତାମାନେ ମେଳି ବାନ୍ଧିଥିବା ନେଇ ଅବଗତ ନ ଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

# ଅପହଞ୍ଚ ଅଞ୍ଚଳର ଅପପୁଷ୍ଟି ବିରୋଧରେ ଆରମ୍ଭ 'ସୋପାନ' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୦।୨(ବ୍ୟୁରୋ): ୫-'ଟି' ଆଧାରରେ ରାଜ୍ୟର କିଶୋରୀ ବାଳିକା, ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ପୁଷ୍ଟିହୀନତା ଏବଂ ରକ୍ତହୀନତା ଦୂର କରିବା ସହ ଦୁର୍ବଳ ଶ୍ରେଣୀର ପିଲାଙ୍କ ପୁଷ୍ଟିଗତ ସ୍ଥିତିରେ ଉନ୍ନତି ଆଣିବା ଲାଗି 'ସୋପାନ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା ଏହି ଯୋଜନା ରାଜ୍ୟର ୨୨ ଜିଲାର ୧୨୫ଟି ଦୁର୍ଗମ ଅପହଞ୍ଚ ବ୍ଲକ୍‌ର ପୁଷ୍ଟିଗତ ସ୍ଥିତିରେ ଉନ୍ନତି ଆଣିବା ଦିଗରେ ଫଳପ୍ରଦ ହେବ। ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଆସନ୍ତା ୫ ବର୍ଷରେ ହଜାରେ କୋଟି ଟଙ୍କା ବିନିଯୋଗ କରିବାର ପ୍ରସ୍ତାବ ରହିଛି। ସୋପାନ କାର୍ଯ୍ୟକ୍ରମର ପ୍ରମୁଖ ନିଷ୍ପତ୍ତି ପୁଷ୍ଟିଗତ ସ୍ତରରେ ଅତ୍ୟନ୍ତ ନିମ୍ନସ୍ତରରେ ଥିବା ୧୨୫ଟି ବ୍ଲକ୍‌କୁ ପ୍ରାଧାନ୍ୟ ଦିଆଯିବା ସହ ହିତାଧିକାରୀଙ୍କ ପୁଷ୍ଟିହୀନତା ଦୂରୀକରଣ ପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରାଯିବ। ଏହି ଅଞ୍ଚଳରେ ୧୪ରୁ ୧୯ ବର୍ଷର କିଶୋରୀ ବାଳିକା ଯେଉଁମାନେ ଏ ପର୍ଯ୍ୟନ୍ତ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇନାହାନ୍ତି। ପରିପୂରକ ପୁଷ୍ଟିକର ଖାଦ୍ୟ ଯୋଜନା ଓ ରକ୍ତହୀନତା ନିମନ୍ତେ ପରୀକ୍ଷା ଓ ଚିକିତ୍ସା ପାଇନାହାନ୍ତି ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯିବ। ଗର୍ଭବତୀ ମହିଳାଙ୍କୁ ଟେକ୍‌ହୋମ୍ ରାଶନ ବ୍ୟତୀତ ଅଙ୍ଗନୱାଡି କେନ୍ଦ୍ରରେ ଆଉ ଥରେ ରନ୍ଧାଖାଦ୍ୟ ପରିବେଷଣ, ୩ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ପାଇଁ ଗୋଷ୍ଠୀ ଦ୍ୱାରା ପରିଚାଳିତ କ୍ରେଚ୍‌ରେ ଖାଦ୍ୟ, ସ୍ୱାସ୍ଥ୍ୟ ପରୀକ୍ଷା ଆଦି ଅଗ୍ରାଧିକାର ଭିତ୍ତିରେ କରାଯିବ ତଥା ଅତିଶୟ ପୁଷ୍ଟିହୀନ 'ସାମ୍' ଶିଶୁମାନଙ୍କ ନିମନ୍ତେ ପରିମାର୍ଜିତ ଶୃଙ୍ଖଳା ଖାଦ୍ୟ ପ୍ରଦାନ କରାଯିବ। ଶିଶୁମାନଙ୍କ ଶାରୀରିକ ଅଭିବୃଦ୍ଧିକୁ ନିୟମିତ ଅନୁଧ୍ୟାନ କରିବା ଉଦ୍ଦେଶ୍ୟରେ ବର୍ଷକୁ ଦୁଇଥର ୦-୬ ବର୍ଷର ପିଲାଙ୍କ ଓଜନ ପରୀକ୍ଷା କରାଯିବ। ୫-'ଟି' କାର୍ଯ୍ୟକ୍ରମ ଅଧୀନରେ ପୁଷ୍ଟିହୀନତା ଦୂର ପାଇଁ ବିଭିନ୍ନ ବିଶେଷଜ୍ଞଙ୍କ ସହ ପରାମର୍ଶ ପରେ ଏହି ରଣନୀତି ପ୍ରସ୍ତୁତ କରାଯାଇଛି।


## STATE POLLUTION CONTROL BOARD, ODISHA

ODISHA
PARIBESH BAWAN, A/118, NILAKANTHANAGAR,
UNIT-VIII, NAYAPALLI, BHUBANESWAR - 751012
Website : www.ospcboard.org
EPABX : 0674-2562847; email: paribesh1@ospcboard.org

No.1873/IND-II-Misc-1834 Dt. 09.02.2021

### NOTICE INVITING RE-TENDER

**No. CAD-1232:-** Notice Inviting Re-Tender for Supply, Installation, Commissioning and Operation & Maintenance Services of Seven (07) Continuous Ambient Air Quality Monitoring Station (CAAQMS) in Odisha.

Online Bids through e-Tender portal (https://tendersodisha.gov.in) are invited from eligible bidders for Supply Installation & Commissioning of Equipment as per the particulars mentioned below:

| Sl. No. | Bid Reference No. | Item Name | Bid Document Cost |
|---|---|---|---|
| 01. | TCN No.: 13005 Dt. 22.12.2020 | Supply, Installation, Commissioning and Operation & Maintenance Services of Seven (07) Continuous Ambient Air Quality Monitoring Station (CAAQMS) in Odisha | NIL |

| Sl. No. | Particulars | Date and Time |
|---|---|---|
| 01. | Date of Publishing of Re-Tender | 10.02.2021 |
| 02. | Bid document download start date | 10.02.2021 |
| 03. | Last date and time of receipt of bid | 02.03.2021 (12 hours) |
| 04. | Technical bid opening and original technical document verification | 02.03.2021 at 4.00 PM |
| 05. | All other information | All other information will be updated in **https://tendersodisha.gov.in** and **www.ospcboard.org** |

The revised bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the website: **https://tendersodisha.gov.in** and **www.ospcboard.org.** The Authority reserves the right to accept/reject any part thereof or all the bids without assigning any reason thereof.

OIPR-08012/11/0006/2021 **Sd./- Member Secretary**



## ପୌରପରିଷଦ କାର୍ଯ୍ୟାଳୟ, ଦେବଗଡ଼

ସଂଖ୍ୟା: ୨୬୩ ତା୦୮।୦୨।୨୦୨୧

### ନୋଟିସ

No. C-428:- ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ଦେବଗଡ଼ ପୌରପରିଷଦ ଅନ୍ତର୍ଗତ ନିମ୍ନ ସଇରାତଗୁଡ଼ିକ ସନ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ତା୦୧.୦୪.୨୦୨୧ରିଖଠାରୁ ୩୧.୦୩.୨୦୨୨ ପର୍ଯ୍ୟନ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଟେଣ୍ଡରରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ତା୦୯.୦୨.୨୦୨୧ରିଖଠାରୁ ୧୯.୦୨.୨୦୨୧ରିଖ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ (ସରକାରୀ ଛୁଟିଦିନ ବ୍ୟତୀତ) ଟେଣ୍ଡର ଫର୍ମ ଟ.୧୦୦୦/-ଙ୍କା (ଏକ ହଜାର ଟଙ୍କା) ଦାଖଲ କରି ପୌରକାର୍ଯ୍ୟାଳୟରୁ କ୍ରୟ କରିପାରିବେ । ଟେଣ୍ଡର ତା୧୯.୦୨.୨୦୨୧ରିଖ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ ଗ୍ରହଣ କରାଯିବ ଓ ତା୨୨.୦୨.୨୦୨୧ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ । ଟେଣ୍ଡର ପକାଇବା ସମୟରେ ନିମ୍ନବର୍ଣ୍ଣିତ ସର୍ତ୍ତାବଳୀ ପାଳନ କରିବେ ଏବଂ ପରିଷଦର ନିୟମାନୁଯାୟୀ ସମ୍ପତ୍ତି ପରିଚାଳନା କରିବେ ଏବଂ ପାଉଣା ଇତ୍ୟାଦି ଆଦାୟ କରିବେ।

**ସର୍ତ୍ତାବଳୀ**

୧. ଜଉମୁଦ ଟେଣ୍ଡରରେ ଭାଗ ନେବା ବ୍ୟକ୍ତି ଯେଉଁ ସଇରାତ ସମ୍ପତ୍ତିକୁ ଟେଣ୍ଡର ନେବାକୁ ଚାହାନ୍ତି, ସେହି ସମ୍ପତ୍ତିର ନିର୍ଦ୍ଧାରିତ ଅମାନତ ଟଙ୍କା ନିର୍ବାହୀ ଅଧିକାରୀ, ଦେବଗଡ଼ ପୌରପରିଷଦଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଟେଣ୍ଡର ପେପର ସହିତ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ଜଉମୁଦ ଲଫାପାରେ ପକାଇବେ, ଯାହାଙ୍କର ଟେଣ୍ଡର ସିଦ୍ଧାନ୍ତ ହେବ ନାହିଁ ତାଙ୍କ ଟଙ୍କା ଫେରସ୍ତ ଦିଆଯିବ ।
୨. ଯେଉଁ ବ୍ୟକ୍ତି ଉପରେ ପରିଷଦର ବକେୟା ପାଉଣା ଥିବ, ସେମାନେ ଟେଣ୍ଡରରେ ଭାଗ ନେଇପାରିବେ ନାହିଁ, ଯଦି କରିଥାନ୍ତି ଗ୍ରହଣୀୟ ହେବନାହିଁ।
୩. ଟେଣ୍ଡର ଫର୍ଦ୍ଦ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମୋଦନ ହେବା ପରେ ଟେଣ୍ଡରଧାରୀ ଉକ୍ତ ଦିନ ସଙ୍ଗେ ସଙ୍ଗେ ସମସ୍ତ ଟଙ୍କା ଏକକାଳୀନ ଦାଖଲ କରିବେ ଓ ୩ (ତିନି) ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ପରିଷଦ ସହିତ ଚୁକ୍ତିନାମା ସମ୍ପାଦନ କରିବେ । ଏହାପରେ ତାଙ୍କୁ ସମ୍ପତ୍ତି ପରିଚାଳନା ନିମନ୍ତେ ହସ୍ତାନ୍ତର କରାଯିବ ।
୪. ଯେଉଁ ବ୍ୟକ୍ତିଙ୍କ ନାମରେ ଟେଣ୍ଡର ଧାର୍ଯ୍ୟ ହେବ, ଯଦି ସେହି ବ୍ୟକ୍ତି ସମସ୍ତ ଟଙ୍କା ପଇଠ ନ କରନ୍ତି, ତାଙ୍କ ଟେଣ୍ଡରଟି ରଦ୍ଦ କରାଯିବ। ସଙ୍ଗେ ସଙ୍ଗେ ଦେଇଥିବା ଅମାନତ ଟଙ୍କା ବ୍ୟାଜାପ୍ତି କରାଯିବ ।
୫. ଟେଣ୍ଡରଧାରୀ ନିମ୍ନ ସମ୍ପତ୍ତି ପାଇଁ ପରିଷଦର ନିର୍ଦ୍ଧାରିତ ଧାର୍ଯ୍ୟ ସ୍ଥାନରୁ ମାହାସୁଲ ଆଦାୟ କରିବେ ।
୬. ଦୈବଦୁର୍ବିପାକ କିମ୍ବା କୌଣସି କାରଣରୁ ଟେଣ୍ଡରଧାରୀ ଯଦି କ୍ଷତି ସହନ୍ତି, ତେବେ ପରିଷଦ ଦାୟୀ ରହିବେ ନାହିଁ କିମ୍ବା ଟେଣ୍ଡରଧାରୀ କିଛି ଦାବି କରିପାରିବେ ନାହିଁ । ଏଥିପାଇଁ କୌଣସି ରିହାତି ଦରଖାସ୍ତ ଗ୍ରହଣୀୟ ହେବନାହିଁ ।
୭. ଟେଣ୍ଡରଧାରୀ ପରିଷଦର ନିର୍ଦ୍ଦେଶ ପ୍ରକାରେ ଚୁକ୍ତିପତ୍ରର ସର୍ତ୍ତାବଳୀ ମୁତାବକ ସମ୍ପତ୍ତି ପରିଚାଳନା କରିବେ, କୌଣସି ସର୍ତ୍ତ ଖିଲାପ କଲେ କିମ୍ବା ନିମ୍ନାନୁଯାୟୀ ସେହି ସମ୍ପତ୍ତି ପରିଚାଳନା ନ କରିଲେ, ଟେଣ୍ଡର ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଅମାନତ ଟଙ୍କାକୁ ବ୍ୟାଜାପ୍ତି କରାଯିବ ।
୮. ଟେଣ୍ଡରଧାରୀ (ନିର୍ବାହୀ ଅଧିକାରୀ) ଯେକୌଣସି ଟେଣ୍ଡରର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ ନିମନ୍ତେ ବାଧ ନୁହନ୍ତି । ସେ ଇଚ୍ଛା କଲେ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ କରିପାରିବେ ।
୯. ଟେଣ୍ଡର ଖୋଲାଯିବା ସମୟରେ ଟେଣ୍ଡରଧାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିମାନେ ଯଦି ଉପସ୍ଥିତ ନ ରୁହନ୍ତି, ତେବେବି ନିୟମାନୁଯାୟୀ ଟେଣ୍ଡର ଠିକ୍ ସମୟରେ ଖୋଲାଯିବ । ଏ ବାବଦରେ କୌଣସି ପ୍ରକାର ଅଭିଯୋଗ ଟେଣ୍ଡର ଖୋଲାଯିବା ପରେ ଗ୍ରହଣୀୟ ହେବନାହିଁ ।
୧୦. ତା୦୯.୦୨.୨୦୨୧ ତାରିଖଠାରୁ ୧୯.୦୨.୨୦୨୧ରିଖ ମଧ୍ୟରେ ଯେକୌଣସି କାର୍ଯ୍ୟଦିବସରେ ପରିଷଦ କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଟେଣ୍ଡର ଫର୍ମ ଟ.୧୦୦୦/-ଙ୍କା (ଏକ ହଜାର ଟଙ୍କା) ମାତ୍ର ଦାଖଲ କରି ପାଇପାରିବେ ଓ ଟେଣ୍ଡର ସମ୍ବନ୍ଧୀୟ ତଥ୍ୟ ବୁଝିପାରିବେ ।

| କ୍ରମିକ ସଂଖ୍ୟା | ସଇରାତ ସମ୍ପତ୍ତିଗୁଡ଼ିକର ନାମ | ଅମାନତ ଟଙ୍କା | ସର୍ବନିମ୍ନ ଦର |
|---|---|---|---|
| ୦୧ | ପୌରପାଳିକା ଦୈନିକ ପରିବା ବଜାର | ୧,୦୦,୦୦୦/- | ୫,୫୧,୧୦୦/- |
| ୦୨ | ପ୍ରଧାନପାଟ ଶୌଚାଳୟ ଓ ପ୍ରଧାନପାଟ ପାର୍କିଂ | ୧୦,୦୦୦/- | ୮୪,୭୦୦/- |
| ୦୩ | ପୁରୁଣା ବଜାର (ଗଣେଶ ମଣ୍ଡପ) ସହ ସମସ୍ତ ଠେଲା ଓ ଉଠା ଦୋକାନୀ | ୫୦,୦୦୦/- | ୨,୭୪,୩୪୦/- |

ସ୍ୱା./- ନିର୍ବାହୀ ଅଧିକାରୀ
OIPR-13088/11/0002/2021 ପୌରପରିଷଦ, ଦେବଗଡ଼



## DIRECTORATE OF HEALTH SERVICES ODISHA, BHUBANESWAR

E-mail: dhsodisha@gmail.com /
Telephone: 0674-2390536, Fax: 0674-2390825

No. 01 Bhubaneswar, the 09.02.2021

### NOTICE

Dr. Anupama Patra, Ex-O&G Spl. CHC, Mangalpur, Dist.- Jajpur

**Sub.: Departmental Proceedings drawn up against you: Regarding.**

No. E-570: Whereas, Govt. NOTICE vide issue No. 275/H Dt.04.01.2014 has been sent in your addresses through Special Messenger, but you are not available in those addresses. You have also not intimated your present whereabouts.

Hence, you are hereby requested to appear before the undersigned during office hours to receive a copy of the aforesaid Govt. NOTICE, to peruse records & submit your written statement/representation within 15 (Fifteen) days from publication of this Notice positively, failing which it will be presumed that you have no statement/representation to submit there on & action as deemed proper will be taken ex-parte, on merits of available records.

Sd./- Dr. B.K. Mohapatra
Director of Health Services, Odisha
OIPR-10002/11/0004/2021



## GOVERNMENT OF ODISHA HIGHER EDUCATION DEPARTMENT PROJECT MANAGEMENT UNIT, OHEPEE

2nd Floor, Pustak Bhawan, A-11,
Suka Vihar, Bhubaneswar-751022

RFP No: OHEPEE/RFP/02/2020-21 Dated: 11th February 2021

### TENDER NOTICE

No. N-72: Project Management Unit (PMU), Odisha Higher Education Program for Excellence & Equity (OHEPEE), Higher Education Department, Government of Odisha, hereby invites sealed proposals for engagement of eight numbers of Project Assistants on outsourcing basis through a "manpower service provider" for PMU, OHEPEE, Higher Education Department.

Interested firms may download the RFP document from Government of Odisha and Higher Education Department's website i.e. **https://odisha.gov.in/alltenders-quotation and https://dhe.odisha.gov.in/tenders**.

Sd./- Finance Officer, OHEPEE
OIPR-11001/11/0038/2021



## CONTROLLER OF ACCOUNTS ODISHA BHUBANESWAR

Letter No. 167 Date: 09.02.2021

### TENDER CALL NOTICE

**No. S-31:-** Sealed tenders are invited from the Manufacturer/ Authorized Agent/Authorized Dealers, registered under the GSA ACT for supply of 20 KVA online UPS and other items as per Section-III for the official use in the office of the Controller of Accounts, Odisha , Bhubaneswar. The tender paper along with details specification will be available in the official website and hard copy in the office of the Controller of Accounts, Treasury and Account Bhawan, Bhubaneswar, Odisha-751001.

The tender paper can be downloaded from our website **http://caodisha.nic.in**. The downloaded tender documents duly filled in with tender document cost of tender paper for Rs.1000/- in shape of Banker's Cheque / Demand Draft in favour of "CONTROLLER OF ACCOUNTS ODISHA, BHUBANESWAR" drawn in any scheduled commercial bank payable at Bhubaneswar will be accepted during office hour 11.00 AM. To 5.30 PM from 11 .02.2021 to 03.03.2021. The last date for submission of bids is dt.03.03.2021 (5.30 PM) and the same will be opened on dt.04.03.2021 at 11.30 A.M. Controller of Accounts Odisha, Bhubaneswar reserves the right to cancel the tender wholly or partially without assigning any reason thereof.

Sd./- CONTROLLER OF ACCOUNTS ODISHA, BHUBANESWAR
OIPR-05002/11/0002/2021



## INTEGRATED TRIBAL DEVELOPMENT AGENCY, BONAI

AT/P.O .-BONAI, DISTRIST-SUNDARGARH-770038, ODISHA

Letter No. 151/ Dt. 09.02.2021

### TENDER NOTICE

**No. CAD-1231:-** Sealed Tenders are invited from registered and reputed manpower agencies/service providers to provide the services of 5 nos. Data entry operator for a period of one year with effect from 01.03.2021 to 28 .02.2022 on contract basis with remuneration @ Rs.8880/- (inclusive of EPF & ESI of employee) for implementation of day to day MGNREGS work. The detailed information for outsourcing the service of aforesaid posts has been given in the Tender Document which may be downloaded from the website **www.sundargarh.nic.in** and office of the PA ITDA Bonai. The last date and time for submission of Tender document is 25.02.2021 by 4.00PM by Speed Post or Registered Post only (No hand delivery) at the address mentioned bellow.

Project Administrator, ITDA, Bonai,
AT/Po-Bonai, District-Bargarh, Odisha, PIN Code-770038.

The Technical bid of all the participating agencies will be opened on 25.02.2021 at 5.00PM in the chamber of PA ITDA Bonai. Financial bid of all the eligible bidders shall be opened on dated 25.02.2021 in the same hall. The undersigned reserves the right to accept or cancel any application without assigning any reason(s) thereof.

Sd./- Project Administrator
OIPR-19072/11/0002/2021 ITDA, Bonai



## OFFICE OF THE MUNICIPAL COUNCIL, BARBIL

NO. 371 DATE. 10.02.2021

### QUOTATION CALL NOTICE

**No. C-427:-** Sealed quotations are invited from the authorized dealers / suppliers / agencies for supply of safety materials and equipments as given below for Micro Composting Centers (MCCs) of Barbil Municipality. The interested agencies may be submitted the rates with their terms and conditions from dt.12 .02.2021 to 20.02.2021 up to 3.30 P.M. The quotations will be opened on dt.20.02.2021 at 4.00 P.M. The quotationer or their authorized representative may be present at the time of opening of the quotation. No quotation will be entertained after the stipulated date and time. The authority reserves the right to reject any or all quotations without assigning any reason thereof.

| Sl. No. | List of materials | Unit | Rate |
|---|---|---|---|
| 1 | Apron (Crown- Blue) | Each / No. | |
| 2 | Mask (Venus India) | Each / No. | |
| 3 | Globe washable (Frontier) | Each / No. | |
| 4 | Gumboot (Duck back) | Each / No. | |
| 5 | Helmet (HMPL) | Each / No. | |
| 6 | Barrels (Shakti) | Each / No. | |
| 7 | Panjha (TATA- Medium) | Each / No. | |
| 8 | Hardle Rampa (TATA- Medium) | Each / No. | |
| 9 | Spread (Coogar) | Each / No. | |
| 10 | Belcha (Venus) | Each / No. | |
| 11 | Gamla (Handmade) | Each / No. | |
| 12 | Tripal (30'-0" x 40'-0") | Each / No. | |
| 13 | Bucket (Anchur) | Each / No. | |
| 14 | Mug (Supreme) | Each / No. | |
| 15 | Chair (Supreme) | Each / No. | |
| 16 | Table (Supreme) (2'-0" x 4'-0") | Each / No. | |
| 17 | Moving chair (Standard quality) | Each / No. | |
| 18 | Office table with one side draw (Standard Quality) | Each / No. | |
| 19 | Steel Almirah 6 feet height (Godrej make) | Each / No. | |
| 20 | Chaluni (Anchur) | Each / No. | |
| 21 | Steel rack (Standard Quality) | Each / No. | |
| 22 | Sanitizer (500 ml per bottle) | Each / Bottle | |

Sd./- Executive Officer,
Barbil Municipality
OIPR-13108/11/0002/2021



## OFFICE OF THE DIVISIONAL FOREST OFFICER, KHARIAR DIVISION, KHARIAR

At/P.O.- Khariar, Dist.- Nuapada, Odisha - 766107
E-mail ID: dfokhariar@gmail.com, Phone No.: 06671-224237

### TENDER CALL NOTICE

Office Order No. 55 / Date: 10.02.2021

No. MM-149: Sealed tenders are invited from intending manufacturers/ authorized distributors/suppliers, Government agencies for supply of the following materials.

i. Desktop Computer, ii. Printer-cum-Xerox, iii. Wide Format Colour Printer, iv. Trap Camera, v. Portable Projector, vi. Large Display Screen, vii. Steel Almirah, viii. Iron Rack, ix. Plastic Chair, x. Office Table, xi. Revolving Mid Back Chair, xii. Search Light, xiii. Air Cooler.

Material should be supplied as per prescribed specification of the above items for utilization in the Office of the Divisional Forest Officer, Khariar Division under MGNREGS 2020-21 and others scheme. The quantity of above materials may vary as per requirement. The EMD amount of as mentioned in Annexure - III for each item should be submitted in shape of Bank Draft in favour of the Divisional Forest Officer, Khariar Forest Division, Khariar along with tender. The sealed tender is to be submitted for the above products with all required documents. Last date of receipt of tender is 23.02.2021 at 05.00 P.M. and date of opening of tender is on Dt.24.02.2021 at 11.00 A.M. Address of submission of tender is Office of the Divisional Forest Officer, Khariar Forest Division, Khariar, Dist.- Nuapada, Odisha, PIN - 766107, through Speed Post/Regd. Post or in the Tender Box kept in the Office. The purchase Committee (consist of ACF, Range Officer and Dealing Assistant of MGNREGS Section) reserve the right to accept or reject ther tender without assigning any reason thereof.

i) The tender papers will be opened in presence of the tenderer or the authorized representatives on Dt.24.02.2021 at 11.00 A.M. in the Office of the Divisional Forest Officer, Khariar Forest Division.

"Name of the items should be superscribed on the top of the envelope".

**List of Documents to be Submitted along with Tender:**

1. Copy of valid GSTIN, 2. Copy of PAN Registration, 3. Marketing Licence for the Business, 4. Tax Clearance for last three years.

The product finalized at approved rate by the Purchase Committee of Divisional Forest Officer, Khariar Division shall place the order for supply of above materials by following the prescribed terms and conditons.

Sd./- Divisional Forest Officer, Khariar Division
OIPR-08029/11/0008/2021



୮୦-୯୦ ଦଶକରେ ଅନେକ ଫିଲ୍ମରେ ଅଭିନୟ କରିଥିବା ଅମ୍ରିତା ସିଂ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଚର୍ଚ୍ଚାରେ ରହିଛନ୍ତି। ୧୯୯୧ରେ ସେ ସୈଫ ଅଲ୍ଲୀ ଖାନଙ୍କୁ ବିବାହ କରିଥିଲେ। ଏହା ପରେ ସାରା ଅଲ୍ଲୀଖାନ ଏବଂ ଇବ୍ରାହିମ ଅଲ୍ଲୀଖାନ ଜନ୍ମ ହୋଇଥିଲେ। ୨୦୦୪ରେ ଅମ୍ରିତା ଓ ସୈଫ୍ ଅଲଗା ହୋଇଗଲେ। ଛାଡପତ୍ରର ୧୬ ବର୍ଷ ପରେ, ୨୦୨୦ରେ ସୈଫ ପ୍ରଥମେ ଏକ ସାକ୍ଷାତକାରରେ ଛାଡ଼ପତ୍ର ବିଷୟରେ ଖୋଲାଖୋଲି କହିଥିଲେ। ଯେଉଁଥିରେ ସେ ଛାଡପତ୍ରର ଯନ୍ତ୍ରଣା ବର୍ଣ୍ଣନା କରିଥିଲେ। ସେ ଏହି ସାକ୍ଷାତକାରରେ କହିଥିଲେ ଯେ, ତାଙ୍କ ପିଲାମାନଙ୍କୁ ଏହା କହିବା ବହୁତ କଷ୍ଟ ଦାୟକ ଥିଲା। ସେ କହିଛନ୍ତି ଯେ, ଏହା ଦୁନିଆର ସବୁଠାରୁ ଖରାପ କଥା। ଏହା ଏମିତି କିଛି ଯାହା ମୁଁ ଆଜି ବି ଅନୁଭବ କରୁଛି।



# କଶ୍ମୀର ସେଓରେ ରାଜନୀତି ପୋକ

**ସେଓ (ଆପଲ) ପାଇଁ ସୁନାମ ଅର୍ଜିଛି ଜମ୍ମୁ ଓ କଶ୍ମୀର। ହେଲେ କିଛିବର୍ଷ ହେଲା ଆପଲ ଉତ୍ପାଦନ ସ୍ଥାନୀୟ ଚାଷୀଙ୍କ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ଉତ୍ପାଦନ ଋତୁରେ ବରଫପାତ, ତୋଫାନ ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଆସୁଥିବା ସେଓ ଉଦ୍ୟୋଗ ଉପରେ ୨୦୨୦ରେ ଘୋଟି ଆସିଥିଲା କରୋନା କଳା ବାଦଲ। ଏବେ ଏହାକୁ ଲାଗିଛି ରାଜନୀତିର ଗ୍ରହଣ। ଦେଶୀ ମଣ୍ଡିକୁ ବିଦେଶୀ ସେଓ ମାଡ଼ି ବସିଥିବାବେଳେ ଏବେ ରୋଜଗାର ଚିନ୍ତାରେ ପଡ଼ିଛନ୍ତି ଉଭୟ ଚାଷୀ ଏବଂ ବ୍ୟବସାୟୀ।**



**ଦେଶୀ ବଜାରରେ ବିଦେଶୀ ଆପଲ**

**ଶ୍ରୀନଗର:** 'ପ୍ରତିବର୍ଷ ୮୦,୦୦୦ ବକ୍ସ ସେଓକିଣି ବ୍ୟବସାୟ କରେ। ହେଲେ ଏଥିଲାଗି କରଜରେ ବୁଡ଼ିଗଲିଣି। ଏମିତି ଚାଲିଲେ କିଛି ବର୍ଷରେ ବରବାଦ ହୋଇଯିବି'। କଶ୍ମୀରର ଜଣେ ସୁନାମଧନ୍ୟ ବ୍ୟବସାୟୀଙ୍କ ମୁହଁରୁ ବାହାରିଥିବା ଏପରି କେଇଧାଡ଼ି କଥା ସେଓ ବ୍ୟବସାୟର ବାସ୍ତବ ଚିତ୍ରକୁ ପଦାକୁ ଆଣିଛି। ଭାରତର ମୋଟ ସେଓ ଉତ୍ପାଦନର ତିନି ଚତୁର୍ଥାଂଶ ଜମ୍ମୁ ଓ କଶ୍ମୀରରୁ ହୋଇଥାଏ। ପାଖାପାଖି ୩୩ ଲକ୍ଷ ଲୋକ ଏହି ଉଦ୍ୟୋଗ ଉପରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ନିର୍ଭରଶୀଳ। ହେଲେ ଦେଶର ବଡ଼ ସେଓ ଉଦ୍ୟୋଗ ଗତ ଦଶନ୍ଧି ମଧ୍ୟରେ ବିଭିନ୍ନ କାରଣରୁ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି।

ଅତ୍ୟଧିକ ତୁଷାରପାତ ସେଓ ଚାଷକୁ ବ୍ୟାପକ କ୍ଷତି ପହଞ୍ଚାଇ ଆସୁଥିଲା। ୩୭୦ ଧାରା ହଟାଇ ଦିଆଯିବା ପରେ ସୃଷ୍ଟି ହୋଇଥିବା ଅଚଳାବସ୍ଥାର ପ୍ରଭାବ ବି ଭୋଗିଲା ଏହି ଉଦ୍ୟୋଗ। ଗତ ୨୦୨୦ରେ କରୋନା ମହାମାରୀ ପ୍ରଭାବରେ ହୋଇଥିବା ଲକ୍‌ଡାଉନ୍, ଶଟ୍‌ଡାଉନରେ ସମ୍ପୂର୍ଣ୍ଣ ଦୋହଲି ଯାଇଛି ସେଓ ଚାଷ ଏବଂ ଏହା ଉପରେ ନିର୍ଭର କରୁଥିବା ହଜାର ହଜାର ଚାଷୀ। ଏବେ ନୂଆ ସମସ୍ୟା ସୃଷ୍ଟି ହୋଇଛି। ଇରାନରୁ ଭାରତୀୟ ବଜାରକୁ ଲୁଚାଛପାରେ ବ୍ୟାପକ ମାତ୍ରାରେ ସେଓ ଆସୁଛି। ପ୍ରଶାସନିକ, ରାଜନୈତିକ ଏବଂ କୂଟନୈତିକ ଚକ୍ରାନ୍ତର ଶିକାର ହୋଇ ପ୍ରସିଦ୍ଧ କଶ୍ମୀର ସେଓ ବଜାରରେ ସ୍ଥିତି ବଞ୍ଚାଇବାକୁ ସଂଘର୍ଷ କରୁଛି।

ଜମ୍ମୁ ଓ କଶ୍ମୀରର ଅର୍ଥବ୍ୟବସ୍ଥାର ମେରୁଦଣ୍ଡ ହେଉଛି ଏଠାକାର ସେଓ ଚାଷ। ଆତଙ୍କବାଦୀ-ସୁରକ୍ଷା ବଳ ମଧ୍ୟରେ ଚାଲିଥିବା ଜୋରଦାର ସଂଘର୍ଷ, ଭୟ ଓ ଆତଙ୍କର ବାତାବରଣ ମଧ୍ୟରେ ଗତ ଏକ ଦଶନ୍ଧି ମଧ୍ୟରେ ସେଓ ଉତ୍ପାଦନ ୩୬% ବୃଦ୍ଧି ଘଟିଛି। ୨୦୧୯ରେ ଏଠାରୁ ୧୯ ଲକ୍ଷ ମେଟ୍ରିକ୍ ଟନ୍ ସେଓ ଉତ୍ପାଦନ କରାଯାଇଥିଲା। ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ, ଅରୁଣାଚଳପ୍ରଦେଶ ମଧ୍ୟ ଏହି ଅର୍ଥକରୀ ଫଳ ଉତ୍ପାଦନରେ ଅଗ୍ରଣୀ ରାଜ୍ୟ। ତେବେ କେବଳ କଶ୍ମୀରରୁ ୭୦% ଆପଲ ଉତ୍ପାଦନ ହୋଇଥାଏ। ଏହାସତ୍ତ୍ୱେ ଉତ୍ପାଦନକାରୀଙ୍କୁ ବ୍ୟାଙ୍କ ଏବଂ ଅନ୍ୟ କମ୍ପାନୀରୁ ଆବଶ୍ୟକ ବୀମା ସହାୟତା ନ ମିଳିବା ବଡ଼ ସମସ୍ୟା ଭାବେ ଉଭାହୋଇଛି। ଅନ୍ୟପଟେ ପ୍ରତିକୂଳ ପାଗ, ବରଫପାତରେ ଦୀର୍ଘଦିନ ଧରି ରାସ୍ତା ଜାମ ହୋଇ ରହିବା ମଧ୍ୟ ଉତ୍ପାଦନକାରୀଙ୍କୁ ହତୋତ୍ସାହିତ କରୁଛି। ୨୦୧୪ରେ କଶ୍ମୀରରେ ଦେଖାଦେଇଥିବା ପ୍ରଳୟଙ୍କରୀ ବନ୍ୟା ପରଠାରୁ କାରବାର ସଙ୍କଟରେ ପଡ଼ିଛି। ବୁରହାନ ୱାନିଙ୍କ ଅଭ୍ୟୁଦୟ ପରେ ଆତଙ୍କବାଦୀଙ୍କ ହିଂସା ଦେଖିଥିଲେ ଏଠାକାର ସେଓ ଚାଷୀ। ୩୭୦ ଧାରା ହଟାଯିବା ପରେ ମଧ୍ୟ ଏହାର ସିଧାସଳଖ ପ୍ରଭାବ ପଡ଼ିଥିଲା ସେମାନଙ୍କ ଉପରେ। ହିଂସା ଆଶଙ୍କାରେ ବାରମ୍ବାର ଇଣ୍ଟରନେଟ ବିଚ୍ଛିନ୍ନ କରାଯିବା ଏବଂ ଠିକ୍ ସମୟରେ ଯୋଗାଯୋଗ ହୋଇ ନ ପାରିବା କାରଣରୁ ବ୍ୟବସାୟ ଭାରିମାତ୍ରାରେ ପ୍ରଭାବିତ ହୋଇଛି। କରୋନା ପରବର୍ତ୍ତୀ ସମୟରେ କଶ୍ମୀର ଭ୍ୟାଲିରେ ସୃଷ୍ଟି ହୋଇଥିଲା ଅସ୍ୱାଭାବିକ ପରିସ୍ଥିତି। ୨୦୨୦ ଶେଷ ଭାଗରେ ଯଦିଓ କରୋନା ସଂକ୍ରମଣ କମିଛି ଏବଂ ଜୀବନ ଯାତ୍ରା ଟ୍ରାକ୍‌କୁ ଫେରୁଛି, ତଥାପି ଫିମ୍ପି ସମସ୍ୟା ସେଓ ଚାଷୀଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସାଜିଛି।

## ବ୍ରାଣ୍ଡ ଆଫଗାନିସ୍ତାନ, ପଠାଉଛି ଇରାନ

ଭାରତୀୟ ବଜାର ମାଡ଼ିବସିଲାଣି ଇରାନ ସେଓ। ଆଫଗାନିସ୍ତାନ ରାସ୍ତା ଦେଇ ଆଫଗାନିସ୍ତାନ ବ୍ରାଣ୍ଡରେ ଏହା ଇରାନରୁ ଆସୁଛି। ବରଫପାତ ଏବଂ ରାସ୍ତାଜାମ୍ କାରଣରୁ କଶ୍ମୀର ସେଓ ଦେଶର ବିଭିନ୍ନ ପ୍ରାନ୍ତରେ ପହଞ୍ଚିବାରେ ସମସ୍ୟା ହେଉଛି। ଉତ୍ପାଦିତ ସେଓ ଦୀର୍ଘଦିନ ଧରି ଶୀତଳଭଣ୍ଡାରରେ ଗଚ୍ଛିତ ହୋଇ ରହୁଛି। ଫେବୃୟାରୀ ବେଳକୁ ଏହା ଦିଲ୍ଲୀ ସମେତ ଅନ୍ୟ ବଜାରରେ ପହଞ୍ଚିବା ଆରମ୍ଭ କରିଥାଏ। ଏହାର ସୁଯୋଗରେ ଇରାନ ସେଓ ବଜାର ମାଡ଼ିବସୁଛି, ଯାହା ଦେଶର ସେଓ ଚାଷୀଙ୍କ ପାଇଁ ନୂଆ ସଙ୍କଟ ସୃଷ୍ଟି କରିଛି। ଅପରପକ୍ଷେ ଦିଲ୍ଲୀ ବଜାରରେ ଇରାନ ସେଓ ୧୦ କେଜି ପିଛା ୭୫୦ ଟଙ୍କାରେ ବିକ୍ରି ହେଉଥିବାବେଳେ ସମାନ ପରିମାଣର କଶ୍ମୀର ସେଓର ଦାମ୍ ୧୦୦୦ ଟଙ୍କା। ଉଚ୍ଚ ଗୁଣବତ୍ତା ଯୁକ୍ତ ହୋଇଥିଲେ ମଧ୍ୟ ଦର ତାରତମ୍ୟ ଯୋଗୁ ଦେଶୀୟ ବ୍ୟବସାୟୀ କ୍ଷତି ସହୁଛନ୍ତି। ଅପରପକ୍ଷେ ରଙ୍ଗ ଏବଂ ଆକାର ସମାନ ହୋଇଥିବାରୁ ଦେଶୀ ଓ ବିଦେଶୀ ସେଓ ମଧ୍ୟରେ ଅନ୍ତର ବାରି ପାରୁନାହାନ୍ତି ଗ୍ରାହକ। ଦେଶରେ ଇରାନ ସେଓ ବଜାର ବଢ଼ିବା କଶ୍ମୀର ସେଓ ବ୍ୟବସାୟରେ ବାଧକ ପାଲଟିଛି।

## ଅଡୁଆ ବଢ଼ାଇଛି ବାଣିଜ୍ୟ ନୀତି

କେନ୍ଦ୍ରୀୟ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ୫ ଫେବୃୟାରୀରେ ବାଣିଜ୍ୟିକ ନୀତିରେ ପରିବର୍ତ୍ତନ କରାଯାଇଛି। କଷ୍ଟମ ଡ୍ୟୁଟି ବ୍ୟତିରେକ ୫ ଦେଶରୁ ଯେଉଁ କେତେକ ସାମଗ୍ରୀ ଆମଦାନୀ କରିବାକୁ ନିଷ୍ପତ୍ତି ହୋଇଛି, ସେଥିରେ ରହିଛି ସେଓ। ଆଗାମୀ ଦିନରେ ସ୍ୱଦେଶୀ ମଣ୍ଡିରେ ବିଦେଶୀ ସେଓର ଉପସ୍ଥିତି କଶ୍ମୀର ସେଓ ବ୍ୟବସାୟ ପାଇଁ ବିପଦ ସୃଷ୍ଟି କରିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ଚାଷୀ। ଅନ୍ୟପଟେ କେନ୍ଦ୍ରଶାସିତ ଅଞ୍ଚଳ ମାନ୍ୟତା ପାଇବା ପରେ ବାହାରର ପ୍ରଶାସକ ଶାସନ କଳ ସମ୍ଭାଳୁଛନ୍ତି। ସେମାନେ ସ୍ଥାନୀୟ ସେଓ ଉଦ୍ୟୋଗ, ଉଦ୍ୟୋଗୀ, ଉତ୍ପାଦନ, ସଂରକ୍ଷଣ ଏବଂ ବିପଣନ କଥାକୁ ସେତେଟା ହୃଦୟଙ୍ଗମ କରିପାରୁନାହାନ୍ତି। ଏହାର ପ୍ରତିକୂଳ ପ୍ରଭାବ କଶ୍ମୀର ସେଓ ବ୍ୟବସାୟ ଉପରେ ପଡୁଛି।

# ପ୍ରେମରେ ବାଧା ସାଜିନି ବୟସ

ପ୍ରେମୀଯୁଗଳଙ୍କୁ ପ୍ରେମର ପରିଭାଷା ସମ୍ପର୍କରେ ଅବଗତ କରାଇଥାଏ ଭାଲେଣ୍ଟାଇନ ସପ୍ତାହ। ପ୍ରେମ ଆଗରେ ଜାତି-ଧର୍ମ-ବର୍ଣ୍ଣ କିମ୍ବା ବୟସ ବାଧା ସୃଷ୍ଟି କରି ନ ଥାଏ। ବଲିଉଡ୍‌ରେ ବହୁ ସେଲିବ୍ରିଟିଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳିଥାଏ। ଅଭିନେତ୍ରୀମାନେ ନିଜଠାରୁ କମ ବୟସର ପୁଅଙ୍କୁ ଜୀବନସାଥୀ ଭାବେ ବସନ୍ଦ କରୁଥିବାର ବହୁ ନଜିର ରହିଛି।

**ଐଶ୍ୱର୍ଯ୍ୟା-ଅଭିଷେକ:** ବିଶ୍ୱ ସୁନ୍ଦରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଓ ଅଭିଷେକ ବଚ୍ଚନ। ଅଭିଷେକ ଐଶଙ୍କ ଠାରୁ ୩ ବର୍ଷ ସାନ । ୨୦ ଏପ୍ରିଲ ୨୦୦୭ରେ ଏମାନଙ୍କ ବିବାହ ହୋଇଥିଲା।



ଅଭିଷେକ-ଐଶ୍ୱର୍ଯ୍ୟା

**ପ୍ରିୟଙ୍କା-ନିକ୍ ଜୋନ୍ସ:** ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରାଙ୍କୁ ୩୮ ବର୍ଷ ହୋଇଥିବା ବେଳେ ନିକ ଜୋନସ୍‌ଙ୍କୁ ୨୮ ବର୍ଷ। ଦୀର୍ଘ ଦିନର ଡେଟିଂ ପରେ ଉଭୟେ ବିବାହ କରିଥିଲେ।

**ସୋହା-କୁନାଲ:** ସୋହା ଅଲ୍ଲୀ ଖାଁ ଓ କୁନାଲ ଖେମୁ ୨୦୧୫ ରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ସୋହାଙ୍କୁ ସେତେବେଳେ ୩୯ ବର୍ଷ ହୋଇଥିବା ବେଳେ କୁନାଲଙ୍କୁ ୩୫ ବର୍ଷ ହୋଇଥିଲା । କୁନାଲ ଓ ସୋହା ଦୀର୍ଘ ସମୟ ଧରି ଲିଭ-ଇନ-ରିଲେସନ୍‌ରେ ରହିଥିଲେ ।

**ବିପାଶା-କରଣ:** ବଲିଉଡ୍‌ରେ ଅନ୍ୟତମ ସୁନ୍ଦରୀ ଅଭିନେତ୍ରୀ ହେଉଛନ୍ତି ବିପାଶା ବସୁ । ୨୦୧୬ରେ ସେ କରଣ ସିଂ ଗ୍ରୋଭରଙ୍କୁ ବିବାହ କରିଥିଲେ। ବିପାଶା କରଣଙ୍କ ଠାରୁ ୩ ବର୍ଷ ବଡ଼।

**ମଲାଇକା-ଅର୍ଜୁନ:** ମଲାଇକା ଓ ଅର୍ଜୁନଙ୍କ ମଧ୍ୟରେ ଦୋସ୍ତି ବହୁତ ପୁରୁଣା । ମଲାଇକା ଓ ଅର୍ଜୁନଙ୍କୁ ପ୍ରାୟତଃ ଏକତ୍ର ଦେଖିବାକୁ ମିଳିଥାଏ। ତେବେ ଏ ଦୁଇଜଣଙ୍କ ସମ୍ପର୍କକୁ ନେଇ ଅଧିକ ଚର୍ଚ୍ଚା ହେବାର କାରଣ ସେମାନଙ୍କ ମଧ୍ୟରେ ଥିବା ବୟସର ତାରତମ୍ୟ। ମଲାଇକାଙ୍କ ବୟସ ୪୫ ଟପି ସାରିଥିବା ବେଳେ ଅର୍ଜୁନଙ୍କ ବୟସ ୩୩ ।

**ଫାରହା-ଶିରିଶ:** କୋରିଓଗ୍ରାଫର ଫାରହା ଖାଁ ଶିରିଶ କୁନ୍ଦରଙ୍କୁ ବିବାହ କରିଛନ୍ତି। ଶିରିଶ ଫାରହାଙ୍କ ଠାରୁ ୮ବର୍ଷ ସାନ ।



ଫାରହା-ଶିରିଶ

# ଠିକ୍ ଠାକ୍ ଆପ୍

**ନୂଆଦିଲ୍ଲୀ:** ଟିକ୍‌ଟାକ ଆପ୍ ଭାରତରେ ବ୍ୟାନ ହେବା ପରେ ସେହିଭଳି ଏକ ଆପ୍ ନିର୍ମାଣ କରିଛନ୍ତି ୧୭ ବର୍ଷୀୟା ସାଇନା ସୋଢ଼ି। ଏହି ଆପ୍ଲିକେଶନର ନାଁ ରହିଛି ଠିକ୍ ଠାକ୍ ଆପ୍। ଭାରତରେ ବେଶ୍ ଲୋକପ୍ରିୟ ହୋଇଥିବା ଟିକ୍ ଟକ୍ ଆପ୍‌କୁ ଗତବର୍ଷରୁ ସରକାର ପ୍ରତିବନ୍ଧକ ଲଗାଇଛନ୍ତି। କିନ୍ତୁ ଏହି ଆପ୍ ବନ୍ଦ ହୋଇଯିବା ଫଳରେ ବହୁତ ଲୋକ ମନ ଦୁଃଖ କରିଥିଲେ। ଏଥିରେ ଭିଡିଓ, ଫଟୋ, ନାଚଗୀତ ଆଦି ବିଭିନ୍ନ ପ୍ରକାର ଅପଲୋଡ୍ କରି ଲୋକେ ରାତାରାତି ନାଁ କମାଇ ପାରୁଥିଲେ। ଏହି ଆପ୍ ବନ୍ଦ ହେବା ପରେ ଲୋକଙ୍କ ପାଇଁ ସେହିଭଳି ଏକ ଆପ୍ ତିଆରି କରିବା ପାଇଁ ଇଚ୍ଛା କରିଥିଲେ ସାଇନା। ଠିକ୍ ଠାକ୍ ଆପ୍‌ରେ ମଧ୍ୟ ଭିଡିଓ ଅପଲୋଡ୍ କରିବା ଫଟୋ ଶେୟାର କରିବାର ସୁବିଧା ରହିଛି। ଏହାସହିତ ଏଥିରେ ଭିଡିଓ ଏଡିଟିଂ ଟୁଲ୍, ସୋସିଆଲ ଶେୟାରିଂ ଏବଂ ସାଉଣ୍ଡ ଆଦି ମଧ୍ୟ ଉପଲବ୍ଧ। ଠିକ୍ ଠାକ୍ ଆପ୍‌ରେ ସ୍କାନର ଏବଂ ଜିଓ ଲୋକେଶନ ରିଆକଶନ୍ ସେବା ରହିଛି। ଏହି ଆପ୍‌ର ଲାଟେଷ୍ଟ ଭର୍ସନ ମାର୍ଚ୍ଚରେ ଲଞ୍ଚ୍ ହେବ। ଏବେ ସୁଦ୍ଧା ଏହି ଆପ୍ ୮ଟି ଭାଷାରେ ରହିଛି। ସାଇନା ଏହି ଆପ୍ ତିଆରି କରିବା ପାଇଁ ପ୍ରଥମେ ବବଲ୍ସ ଭଳି ୱେବ୍‌ସାଇଟ୍ ବ୍ୟବହାର କରିଥିଲେ। କିନ୍ତୁ ଏହା ମାଧ୍ୟମରେ ସେ ଟିକ୍ ଟକ୍ ଭଳି ଫିଚର୍ସ ତିଆରି କରିପାରି ନ ଥିଲେ। ତେଣୁ ଏହାପରେ ସେ ନିଜ କମ୍ପାନୀ 'ଦି ସାଇନା କର୍ପୋରେଶନ୍' ଆରମ୍ଭ କରି ସ୍ୱତନ୍ତ୍ର ପ୍ରୋଜେକ୍ଟରେ କାମ କରିଥିଲେ। ଶେଷରେ ସେ ଏଭଳି ଏକ ଆପ୍‌ର ବେସିକ୍ ମଡେଲ କରି ଆପ୍ ବିକଶିତ କରିବାକୁ ସକ୍ଷମ ହୋଇଛନ୍ତି।

# ଶୁଟିଂ ସେଟ୍‌ରେ ପ୍ରବଳ କାନ୍ଦିଥିଲି



**ମୁମ୍ବାଇ:** ବଲିଉଡ ଫିଲ୍ମ 'ଦି ଗାର୍ଲ ଅନ ଟ୍ରେନ'ଟ୍ରେଲର ନିକଟରେ ରିଲିଜ ହୋଇଛି। ଟ୍ରେଲରକୁ ଦର୍ଶକ ବେଶ ପସନ୍ଦ କରିଛନ୍ତି। ଫିଲ୍ମରେ ଅଭିନେତ୍ରୀ ପରିଣୀତି ଚୋପ୍ରାଙ୍କ ଅଭିନୟ ଉଚ୍ଚକୋଟୀର ହୋଇଛି। ଏବେ ପରିଣୀତି ଫିଲ୍ମ ସହ ଜଡିତ କିଛି ରହସ୍ୟ ଉପରୁ ପରଦା ଉଠାଇଛନ୍ତି। ଏହି ଭୂମିକାରେ ଅଭିନୟ କରିବା ପାଇଁ ତାଙ୍କୁ କିପରି ଯନ୍ତ୍ରଣାଦାୟକ ଅନୁଭୂତି ଦେଇ ଗତି କରିବାକୁ ପଡିଥିଲା ତାହା ସେ ବଖାଣିଛନ୍ତି। ଏହି ଭୂମିକାରେ ନିଜକୁ ଫିଟ କରିବା ପାଇଁ ମୁଁ ପ୍ରକୃତରେ ମୋର ରକ୍ତ, ଝାଳ ଏବଂ ଲୁହ ବୁହାଇଛି। ଅନେକଥର ସେଟ୍‌ରେ କାନ୍ଦିଛି। ଚରିତ୍ରରେ ନିଜକୁ ଖାପ ଖୁଆଇଦେଇଥିଲି ବୋଲି ସେ କହିଛନ୍ତି। ଏକ ଆଇକନିକ ପୁସ୍ତକ ଉପରେ ଆଧାରିତ ଏହି ଚଳଚ୍ଚିତ୍ର ୨୦୧୬ରେ ହଲିଉଡରେ ମଧ୍ୟ ନିର୍ମିତ ହୋଇଥିଲା। ଏଥିରେ ଏମିଲି ବ୍ଲଣ୍ଟ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଏହାର ବଲିଉଡ ସଂସ୍କରଣରେ ପରିଣୀତି ଚୋପ୍ରା ଅଭିନୟ କରିଛନ୍ତି। ଫେବୃଆରୀ ୨୬ରେ ନେଟଫ୍ଲିକ୍ସରେ 'ଦି ଗର୍ଲ ଅନ ଟ୍ରେନ'ର ପ୍ରିମିୟର୍ ପ୍ରସାରିତ ହେବ। ଏହ ଫିଲ୍ମର ନିର୍ଦ୍ଦେଶନା ରିଭୁ ଦାସଗୁପ୍ତା ଦେଇଛନ୍ତି ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**GLOBAL FINANCE**
(କରୋନା ମହାମାରୀ ରେ online ସୁବିଧା)
ଭାରତର ଏକମାତ୍ର ବିଶ୍ୱସୀନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
PERSONAL LOAN
HOUSING LOAN
2% ସୁଧ ଏବଂ 40% ଛାଡ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9473500149

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
**HTL TOWER CO.**
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଭଡ଼ା: 40 ହଜାର
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
96253-73491
79826-37439

**GALAXY TOWER**
ପ୍ରଥମଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ
Bansal Tower B Wing, Bangalore, Karnataka-400021.
9485687401
8901064681

**DHANLAXMI FINANCE**
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9499135756

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

**M (GROUP) Finance Company**
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

**PADMAJA FINANCE**
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


### ଇନ୍‌କମ ଟ୍ୟାକ୍ସ ଦିଅନ୍ତିନି ସାଉଦିଆରବ ଲୋକ

ସାଉଦିଆରବର ନାଗରିକଙ୍କୁ ଇନ୍‌କମ ଟ୍ୟାକ୍ସ ଦେବାକୁ ପଡ଼ି ନ ଥାଏ। ସାଉଦିଆରବ ତେଲ କାରବାରରେ ବେଶ ଜଣାଶୁଣା। ଯେଉଁଥିରୁ ଏହି ଦେଶର ପ୍ରଚୁର ଆମଦାନୀ ହୋଇଥାଏ। ଖାସ୍ ଏହି କାରଣରୁ ସାଉଦିଆରବର ନାଗରିକମାନଙ୍କଠାରୁ ଟ୍ୟାକ୍ସ ନିଆଯାଏ ନାହିଁ। ସେହିପରି କତର, ଓମାନ, କୁବେତର ନାଗରିକଙ୍କଠାରୁ ମଧ୍ୟ ଇନ୍‌କମ ଟ୍ୟାକ୍ସ ନିଆଯାଏ ନାହିଁ। କାରଣ ଏହି ଦେଶଗୁଡ଼ିକ ଧନୀ ଦେଶ ଭାବରେ ଜଣାଶୁଣା।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଵଯଶଶ୍ରୀ ପାଢ଼ୀ (ଶିରି)**
ବି-୮, ହାଉସିଂବୋର୍ଡ କଲୋନୀ, ବରମୁଣ୍ଡା
ଆବିର୍ଭାବ: ୨୩।୦୩।୧୯୫୦
ତିରୋଧାନ: ୧୧।୦୨।୨୦୨୦
ହତଭାଗ୍ୟ:
ସ୍ୱାମୀ: ବଳରାମ ସାହୁ, ପୁତ୍ର: କୁନାଳ, ପୁତ୍ରବଧୂ: ସୋନି, ନାତି: ଆରଭ
ଧ-୧୯୯୧୧

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ମାଗୁଣି ସାହୁ**
ଧଉଳି, ସରଦେଇପୁର, ଭୁବନେଶ୍ୱର
ତିରୋଧାନ: ୦୧।୦୨।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
**ଶୋକସନ୍ତପ୍ତ:**
ଧର୍ମପତ୍ନୀ: ଉର୍ମିଳା ସାହୁ
ଜ୍ୟେଷ୍ଠ ପୁତ୍ର: ଭଗବାନ ସାହୁ, ନିରଞ୍ଜନ ସାହୁ, ଲକ୍ଷ୍ମଣ ସାହୁ, ତ୍ରିଲୋଚନ ସାହୁ, ପୁତ୍ରବଧୂ, ନାତି-ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୭୦୪୨୬

**ଦ୍ୱାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଵପୁରୁଷୋତ୍ତମ ପଟ୍ଟନାୟକ**
ସ୍ଥାନ: ଅଳାରିଗଡ଼, ଗଞ୍ଜାମ
ଆବିର୍ଭାବ: ୧୨।୦୨।୧୯୪୫
ତିରୋଧାନ: ୩୧।୦୧।୨୦୨୧
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ଦକ୍ଷତା, ଆଦର୍ଶ, ଆଶୀର୍ବାଦ ଏବଂ ଭଲପାଇବା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
**ଶୋକସନ୍ତପ୍ତ:**
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

# ଦୁଷ୍ଟ ବରୁଣ

ବରୁଣ ଧାୱନ ନିକଟରେ ହାତକୁ ଦି'ହାତ ହୋଇଛନ୍ତି। ପ୍ରେମିକା ନତାଶା ଦଲାଲଙ୍କୁ ଧର୍ମପତ୍ନୀ ଭାବରେ ଗ୍ରହଣ କରିଛନ୍ତି। ସେପଟେ ଗତବର୍ଷ ଶେଷଆଡ଼କୁ ରିଲିଜ୍ ହୋଇଥିବା 'କୁଲି ନଂ-୧' ମଧ୍ୟ ଓଟିଟି ଫର୍ମାଟ୍‌ରେ ରିଲିଜ୍ ହୋଇ ଭଲ ବିଜ୍‌ନେସ କରିଛି। ପିଲାଦିନେ ବରୁଣ ଭାରି ଦୁଷ୍ଟ ଥିଲେ। ତାଙ୍କୁ ବାଟକୁ ଆଣିବାକୁ ବାପା ଡେଭିଡ୍ ଏବଂ ମା' ଲାଲିଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ବରୁଣଙ୍କ ବଡ଼ଭାଇ ରୋହିତ ଜଣେ ନିର୍ଦ୍ଦେଶକ ହେବାକୁ ଚାହୁଁଥିଲେ, ହେଲେ ବରୁଣଙ୍କୁ ପିଲାଟି ଦିନରୁ ଅଭିନେତା ହେବାର ନିଶା ଘାରିଥିଲା ଏବଂ ଏହି ସ୍ୱପ୍ନକୁ ସେ ସାକାର କରିବାରେ ସକ୍ଷମ ହୋଇଛନ୍ତି। କରନ୍ ଜୋହରଙ୍କ ଫିଲ୍ମ 'ଷ୍ଟୁଡେଣ୍ଟ ଅଫ ଦ ଇୟର'ରେ ବରୁଣଙ୍କୁ ବ୍ରେକ୍ ମିଳିଥିଲା। ହେଲେ ତାଙ୍କ ପିତା ତଥା ନିର୍ଦ୍ଦେଶକ ଡେଭିଡ୍ ଶୁଟିଂ ସମୟରେ ଥରେ ହେଲେ ସେଟ୍‌କୁ ଯାଇ ନ ଥିଲେ କିମ୍ବା ଫିଲ୍ମଟି ରିଲିଜ ହେବା ପୂର୍ବରୁ ତାହାର ଗୋଟିଏ ହେଲେ ଫ୍ରେମ୍ ଦେଖି ନ ଥିଲେ। ଏପରି କି ନିଜ ହୋମ୍ ବ୍ୟାନରରେ ବରୁଣଙ୍କୁ ବ୍ରେକ୍ ଦେବାକୁ ଡେଭିଡ୍ ସିଧାସଳଖ ମନା କରିଦେଇଥିଲେ। ଗୋବିନ୍ଦାଙ୍କର ବରୁଣ ହେଉଛନ୍ତି ଜଣେ ବଡ଼ ଫ୍ୟାନ୍। ଏପରି କି ତାଙ୍କ ଅଭିନୀତ ସମସ୍ତ ସିନେମା ବରୁଣ ଦେଖିସାରିଛନ୍ତି। ଖାସ୍ କଥା ହେଲା, ବରୁଣଙ୍କ ପ୍ରତିଟି ଫିଲ୍ମ ରିଲିଜ୍ ହେଲେ ସେ ଗୋବିନ୍ଦାଙ୍କ ପାଇଁ ଏକ ସ୍ପେଶାଲ ଶୋ'ର ଆୟୋଜନ କରିବାକୁ ଭୁଲି ନ ଥାନ୍ତି।


ବରୁଣ


ତାପସୀ

## ବଲିଉଡ୍ ହାଲ୍‌ଚାଲ୍

➤ମନୋଜ ବାଜପେୟୀ ଏବେ ନିଜ ନୂଆ ସିନେମା 'ଡେସପାଚ୍'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। କ୍ରାଇମ ସାମ୍ବାଦିକତା କ୍ଷେତ୍ରରେ ଘଟୁଥିବା ଘଟଣାକୁ ନେଇ ଏହାର ଶୁଟିଂ ଚାଲିଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି 'ତିତିଲି' ଫେମ୍ କାନୁ ବହଲ୍।

➤'ଗାର୍ଲ ଅନ୍ ଦ ଟ୍ରେନ୍'ର ହିନ୍ଦୀ ରିମେକ୍ ଫିଲ୍ମରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ପରିଣିତି ଚୋପ୍ରା। ପଉଲା ହଉକିନ୍ସଙ୍କ ଉପନ୍ୟାସ 'ଗାର୍ଲ ଅନ ଦ ଟ୍ରେନ୍'କୁ ନେଇ ନିର୍ମିତ ଏହି ହଲିଉଡ୍ ଫିଲ୍ମ ସେତେବେଳେ ହିଟ୍ ସାବ୍ୟସ୍ତ ହୋଇଥିଲା।

➤ନୂଆ ହିନ୍ଦୀ ସିନେମା 'ମିଶନ ମଜ୍ଞୁ'ର ଶୁଟିଂ ଲକ୍ଷ୍ନୌରେ ଚାଲୁ ରହିଛି। ସିଦ୍ଧାର୍ଥ ମାଲହୋତ୍ରା ଏହାର ନାୟକ ସାଜିଥିବା ବେଳେ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ରଶ୍ମିକା ମାନ୍ଦାନା।

➤ଅନୁଭବ ସିହ୍ନାଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ନୂଆ ସିନେମା 'ଅନେକ'ର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଆୟୁଷ୍ମାନ ଖୁରାନା।

➤ତାପସୀ ପାନ୍ନୁ ଏବେ ନିଜର ନୂଆ ଫିଲ୍ମ 'ରଶ୍ମୀ ରକେଟ୍'ର ଶୁଟିଂରେ ବ୍ୟସ୍ତ ଅଛନ୍ତି।

➤ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପରଲୋକଗତା ଜେ. ଜୟଲଳିତାଙ୍କ ବାୟୋପିକ୍ 'ଥାଲଭି'ର ଟାଇଟଲ ଭୂମିକାରେ ଅଭିନୟ କରୁଥିବା କଙ୍ଗନା ରାଣାୱତଙ୍କ ହାତରେ ଏବେ ଆଉ ଏକ ବାୟୋପିକ ରହିଛି। ଇନ୍ଦିରା ଗାନ୍ଧୀଙ୍କ ଜୀବନୀକୁ ନେଇ ନିର୍ମିତ ହେବାକୁ ଯାଉଥିବା ଏକ ହିନ୍ଦୀ ସିନେମାରେ ସେ ଅଭିନୟ କରିବାର ଯୋଜନା ରହିଛି।

# ହୋମ୍‌ସିକ୍ ଜାହ୍ନବୀ

ଜାହ୍ନବୀ ଏବେ କ'ଣ କରୁଛନ୍ତି ? ସେ ଅଭିନୟ କରିବାକୁ ଯାଉଥିବା ସିନେମାର ଶୁଟିଂ ଯେହେତୁ ଦୁଇ ସପ୍ତାହ ଘୁଞ୍ଚି ଯାଇଛି ତେଣୁ ସେ ଏହି ସମୟକୁ ପରିବାର ସହ କଟାଇବାକୁ ସ୍ଥିର କରିଛନ୍ତି। ଘରେ ରହି ସେ କ'ଣ କରୁଛନ୍ତି ଜାଣନ୍ତି ? ମନ ପସନ୍ଦର ଖାଦ୍ୟ ରାନ୍ଧି ପରିବାର ସଦସ୍ୟଙ୍କୁ ଖୁଆଉଛନ୍ତି। ତା'ସହ ସେଲଫି ନେବାକୁ ଭୁଲୁ ନାହାନ୍ତି। ସାନ ଭଉଣୀ ଖୁସିଙ୍କ ସହ ସେଲଫି ନେଇ ସେଗୁଡିକୁ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି, ଯାହା ଏବେ ଭାଇରାଲ ହୋଇଛି। ଏ ସମ୍ପର୍କରେ ଜାହ୍ନବୀ କହନ୍ତି, 'ଏବେ ତ କିଛି ଦିନ ମୁଁ ଫୁଲ୍ ଫ୍ରି। ତେଣୁ ପରିବାର ସହ ରହି ସେମାନଙ୍କ ସହ ସମୟ କଟାଉଛି। ଖୁସି ସହ ସେଲଫି ନେବାକୁ ଭୁଲୁ ନାହିଁ। ମୋର ଏହି ସେଲଫିଗୁଡିକୁ ମୋ ପ୍ରଶଂସକମାନେ ଲାଇକ୍ କରିଛନ୍ତି ଏବେ କମେଣ୍ଟ ଦେଉଛନ୍ତି। ସତ କଥା କହିବାକୁ ଗଲେ ସେମାନେ ହେଉଛନ୍ତି ମୋ ପାଇଁ ସବୁକିଛି। ସେମାନଙ୍କ ପାଇଁ ହିଁ ମୁଁ ବଲିଉଡ୍‌ରେ ତିଷ୍ଠି ରହିଛି।'


ଜାହ୍ନବୀ

# ବିକିନି ପାଇଁ ଟେନସନ

ଆଲିୟାଙ୍କ ଟେନସନ ଏବେ ବଢ଼ିଯାଇଛି। ସେ କେଉଁଠି କ'ଣ କରୁଛନ୍ତି, କୁଆଡେ ଯାଉଛନ୍ତି ତାହା ବଲିଉଡ୍‌ରେ ଆଲୋଚନାର ଶିରୋନାମା ପାଲଟିଛି। ନିକଟରେ ସେ କୁଆଡେ ମାଲଦୀପ ସି' ବିଚ୍‌ରେ ବିକିନୀ ପିନ୍ଧି ବୁଲୁଥିଲେ ବୋଲି ଆଲୋଚନା ହେଉଛି। ହେଲେ ଏପରି ଆଲୋଚନା ପଛରେ କିଛି ସତ୍ୟତା ନାହିଁ ବୋଲି ସଫେଇ ଦେଇଛନ୍ତି ମହେଶ ତନୟା। ଏ ନେଇ ଆଲିୟା କହନ୍ତି, 'ମୁଁ ମାଲଦୀପ ଯିବା କଥା ସତ। ସେଠାକାର ସି' ବିଚ୍‌ରେ ମୁଁ ବିକିନି ପିନ୍ଧି ବୁଲୁଥିଲି ବୋଲି ଗୁଜବ ଉଠିଛି। ଏକଥା ସମ୍ପୂର୍ଣ୍ଣ ମିଛ। ମୁଁ କ'ଣ କରୁଛି, କୁଆଡେ ଯାଉଛି ତାକୁ ନେଇ ଏତେ ଆଲୋଚନା କାହିଁକି ହେଉଛି ତାହା ମୁଁ ଜାଣିପାରୁନି। ଯେହେତୁ ମୋ ନୂଆ ସିନେମାର ଶୁଟିଂ ମାର୍ଚ୍ଚ ମାସରେ ଆରମ୍ଭ ହେବ ତେଣୁ ଏବେ ମାଇଣ୍ଡ ଫ୍ରି ପାଇଁ ମୁଁ ମାଲଦୀପ ଆସିଛି।'


ଆଲିୟା

## ଖବର ଟବର

▸ଓଡ଼ିଆ ସିନେମା 'କିଏ ହେବ ମୋ ହିରୋଇନ୍'ର ଶୁଟିଂ ଆରମ୍ଭ ହୋଇଯାଇଛି। ଏକ୍ସସେଲ ମୁଭିଜ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ରବୀନ୍ଦ୍ର ପଣ୍ଡା ଏବଂ ନିର୍ଦ୍ଦେଶନା ଦେଉଛନ୍ତି ନବାଗତ ପ୍ରଶାନ୍ତ ଲେଙ୍କା। ଏଥିରେ ଏକ ଭିନ୍ନ ଧରଣର ଭୂମିକା (ଆମ୍ମାଜୀ)ରେ ଅଭିନୟ କରୁଛନ୍ତି ଶ୍ରୀତମ ଦାସ। ଶ୍ରୀତମଙ୍କ ବ୍ୟତୀତ ଅସୀତ, ମହିମା, କେକେ, ପୁନମ, ମନୀଷା ଏବଂ ରଫି ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

▸ରାଇଜିଙ୍ଗ ଷ୍ଟାର ବ୍ୟାନରରେ ନିର୍ମିତ ହେବାକୁ ଯାଉଛି ଏକ ଦ୍ୱିଭାଷୀ (ଓଡ଼ିଆ-ତେଲୁଗୁ) ସିନେମା, ଯାହାର ଟାଇଟଲ ଫାଇନାଲ ହୋଇନାହିଁ। ଏଥିରେ ସମ୍ବିତ ନାୟକ ଭୂମିକାରେ ଅବତୀର୍ଣ୍ଣ ହେବେ ଏବଂ ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିବେ ଜଣେ ଦକ୍ଷିଣ ଭାରତୀୟ ଅଭିନେତ୍ରୀ। ଫିଲ୍ମଟିର ସଂଳାପ ରଚନା କରୁଛନ୍ତି ଡ. ରଜନୀ ରଞ୍ଜନ।

▸ଏସ. ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶନାରେ ନୂଆ ଓଡ଼ିଆ ସିନେମା 'ଲାଗେ ପ୍ରେମ ନଜର'ର ଶୁଟିଂ ଆରମ୍ଭ ହୋଇଯାଇଛି। ଅମ୍ଲାନ କୁମାର, ରିୟା, ପ୍ରିୟା, ରାଗିଣୀ ଏବଂ ଅମରଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।

▸ନିର୍ମାଣାଧୀନ ଓଡ଼ିଆ ସିନେମା 'ଏଇ ବୋଧେ ଭଲ ପାଇବା'ର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାର ଲିଡ୍ ରୋଲ୍‌ରେ ଅଭିନୟ କରୁଛନ୍ତି ଦୀପକ ଏବଂ ଅନୁଭା। ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ସୁଧାକର ବସନ୍ତ।

▸ରମେଶ ବାରିକଙ୍କ ପ୍ରଯୋଜିତ ଏବଂ ରମେଶ ରାଉତଙ୍କ ନିର୍ଦ୍ଦେଶିତ ଆକ୍ସନଭିତ୍ତିକ ଫିଲ୍ମ 'ଅରୁନ୍ଧତୀ'ର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ରାଜବୀର ଏବଂ ଏଲିନା ସାମନ୍ତରାୟ। ଏହାବ୍ୟତୀତ ରାଜବୀରଙ୍କ ଅଭିନୀତ 'ଲଭ ଫିଭର' ମଧ୍ୟ ରିଲିଜ ଅପେକ୍ଷାରେ ରହିଛି।


ନେହା

# ଆଉ ଜଣେ ନବାଗତା

ଓଲିଉଡ୍‌ରେ ଆଉ ଜଣେ ନବାଗତା ନିଜ ନାମକୁ ସାମିଲ କରିବାକୁ ଯାଉଛନ୍ତି। ସେ ହେଲେ ନେହା ବିଶ୍ୱାଳ। ନିଜର ପାଠ ପଢ଼ା ଜାରି ରଖିବା ସହ ଏହି ନବାଗତା ବଡ ପରଦାରେ ମୁହଁ ଦେଖାଇବାକୁ ସ୍ଥିର କରିଛନ୍ତି। ନିର୍ମିତ ହେବାକୁ ଯାଉଥିବା ନୂଆ ଓଡ଼ିଆ ସିନେମା 'ଡାର୍ଟି ଆଞ୍ଜେଲ୍'ରେ ସେ ନାୟିକା ଭୂମିକାରେ ଅଭିନୟ କରିବେ। ନେହା ବର୍ତ୍ତମାନ ଏମବିଏରେ ପ୍ରଥମ ବର୍ଷ ଛାତ୍ରୀ। କୋରାପୁଟରେ ଜନ୍ମିତା ନେହା ନିଜ କ୍ୟାରିୟର ବିଷୟରେ କହନ୍ତି, 'ଏହି ଅଫରଟି ପାଇବା ପରେ ମୋର ଖୁସିର ସୀମା ରହି ନ ଥିଲା। ଆକ୍ଟିଂକୁ କ୍ୟାରିୟର କରିବାକୁ ମୋର ଆଗ୍ରହ ବିଷୟରେ ଜାଣିବା ପରେ ମୋତେ ଏ ନେଇ ଆହୁରି ଉତ୍ସାହିତ କରିଥିଲେ ମୋ ବାପା ଠଣ ସୁନ୍ଦର ବିଶ୍ୱାଳ। ଏଣିକି ମୋତେ ଯେଉଁ ଅଫର ମିଳିବ ସେଗୁଡିକୁ ଭଲ ଭାବରେ ତର୍ଜମା କରିବା ପରେ ହିଁ ସେହି ଫିଲ୍ମରେ ଆକ୍ଟିଂ କରିବାକୁ ରାଜି ହେବି।' ବଡ ପରଦାରେ ବ୍ରେକ୍ ପାଇବା ପୂର୍ବରୁ ଅବିନାଶଙ୍କ ନିର୍ଦ୍ଦେଶିତ ଏକ ୱେବ୍ ସିରିଜ୍‌ରେ ଅଭିନୟ କରିସାରିଛନ୍ତି। ତେବେ ଓଡିଆ ସିନେମାରେ ସେ କି କମାଲ କରୁଛନ୍ତି ତାହା ସମୟ ହିଁ କହିବ।


ଅନୁଭା-ଦୀପକ

# ତୁମେ ଥରୁଟେ ଛୁଇଁଦେଲେ ଖାଲି..

'ତୁମେ ଥରୁଟେ ଛୁଇଁଦେଲେ ଖାଲି ଲାଜରେ ମୁହଁ ପଡିଯାଏ ନାଲି, କାଗଜ ପରି ମୋର ବତୁରି ଯାଏ ମନ ଆଖି ଆଖିରେ ତମେ କଲି କି ସମ୍ମୋହନ।' ଏପରି ଧାଡିକୁ ନେଇ ଆରମ୍ଭ ହୋଇଥିବା ଏକ ରୋମାଣ୍ଟିକ ଗୀତ ଏବେ ୟୁଟ୍ୟୁବରେ ବେଶ୍ ଭାଇରାଲ ହୋଇଛି। ଭ୍ୟାଲେଣ୍ଟାଇନ୍ ଡେ' ଉପଲକ୍ଷେ ପ୍ରସ୍ତୁତ ଏହି ଗୀତଟି ପାଇଁ କଣ୍ଠଦାନ କରିଛନ୍ତି ବିଶିଷ୍ଟ ଗାୟିକା ସସ୍ମିତା ଦାସ। ଅରମୀରା ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏହି ଭିଡିଓ ଆଲବମ୍‌କୁ ରଚନା କରିଛନ୍ତି ସତ୍ୟରଞ୍ଜନ ବଳ ଏବଂ ସ୍ୱର ଦେଇଛନ୍ତି ସୁଦୀପ ପ୍ରଭୁ। ଗୀତଟିର ଭିଜୁଆଲ ନିର୍ଦ୍ଦେଶକ ଅଛନ୍ତି ଦେବ୍ ମେହେର। ଏହାବ୍ୟତୀତ ଓଡ଼ିଆ, ହିନ୍ଦୀ ଗୀତ ବ୍ୟତୀତ ଭଜନ, ଗଜଲ, ଓଡିଶୀ ଓ ସେମି କ୍ଲାସିକାଲ ଗୀତ ଗାଇ ଶ୍ରୋତାଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ସସ୍ମିତା। ''ଯେ କୌଣସି ଗୀତ ହେଉ ତା' ପାଇଁ କଣ୍ଠଦାନ କରିବା ସମୟରେ ଗୀତଟି କିପରି ଶ୍ରୋତାଙ୍କ ମନକୁ ଛୁଇଁପାରିବ ସେ ନେଇ ମୁଁ ବେଶ୍ ଦୃଷ୍ଟି ଦିଏ। ଭ୍ୟାଲେଣ୍ଟାଇନ୍ ଡେ' ପାଇଁ ମୋର ଗୀତ 'ତୁମେ ଥରୁଟେ ଛୁଇଁଦେଲେ ଖାଲି..'କୁ ଯେତିକି ପ୍ରଶଂସା ମିଳିଛି ତାହା ମୋ ପାଇଁ ବେଶ୍ ପ୍ରେରଣାଦାୟକ ହେବ ବୋଲି କହନ୍ତି ଏହି ଗାୟିକା।''


ସସ୍ମିତା ଦାସ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ଗୁରୁବାର, ଫେବୃୟାରୀ ୧୧/୨୦୨୧ Berhampur, Thursday, February 11/ 2021

# ବିଜୟ ହଜାରେ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୧୦।୨(କ୍ରୀଡ଼ା ପ୍ରତିନିଧି)**

- ଶାନ୍ତନୁ ମିଶ୍ର ଅଧିନାୟକ
- ଓସିଏ ଭିଜନ୍-୨୦୨୪ର ପ୍ରଭାବ
- ୮ ନୂଆ ମୁହଁ

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଚଳିତ ବର୍ଷର ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ବେଙ୍ଗାଲୁରୁଠାରେ ଚଳିତ ମାସ ୨୦ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସିନିୟର ଚୟନ କମିଟି ୨୨ ଜଣିଆ ଦଳ ମନୋନୟନ କରିଛି। ଓସିଏ ଭିଜନ-୨୦୨୪ର ପ୍ରଭାବ ଏଥିରେ ଦେଖିବାକୁ ମିଳିଛି। ଫଳରେ ଦଳରେ ୮ ଜଣ ନୂଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ରାମଚନ୍ଦ୍ର ବେହେରା, କାର୍ତ୍ତିକ ବିଶ୍ୱାଳ, ବି. ଶିବା, ସୌରଭ କାନୋଜିଆ, ରାକେଶ ପଟ୍ଟନାୟକ, ହର୍ଷିତ ରାଠୋଡ, ବିକାଶ ରାଉତ ଓ ଅମୃତ ଖଟୁଆ।


ଶାନ୍ତନୁ ମିଶ୍ର

ଶାନ୍ତନୁ ମିଶ୍ରଙ୍କୁ ଦଳର ଅଧିନାୟକ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଓସିଏ ପକ୍ଷରୁ ୯ ଜଣିଆ କୋଚିଂ ଓ ସପୋର୍ଟ ଷ୍ଟାଫ୍‌ଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି। ଓଡ଼ିଶା ଦଳ: ଶାନ୍ତନୁ ମିଶ୍ର (ଅଧିନାୟକ), ସନ୍ଦୀପ ପଟ୍ଟନାୟକ, ଦେବାଶିଷ ସାମନ୍ତରାୟ, ଶୁଭ୍ରାଂଶୁ ସେନାପତି, ଅଭିଷେକ ଯାଦବ, ଗୌରବ ଚୌଧୁରୀ, ରାମଚନ୍ଦ୍ର ବେହେରା, ଅମୃତ ଖଟୁଆ, ରାକେଶ ପଟ୍ଟନାୟକ, କାର୍ତ୍ତିକ ବିଶ୍ୱାଳ, ରାଜେଶ ଧୂପର (ଉଇକେଟ କିପର), ପ୍ରଭଲିନ ଲୋହା (ଉଇକେଟ କିପର), ଅଙ୍କିତ ଯାଦବ, ସୂର୍ଯ୍ୟକାନ୍ତ ପ୍ରଧାନ, ଦେବବ୍ରତ ପ୍ରଧାନ, ରାଜେଶ ମହାନ୍ତି, ତାରିଣୀ ସ', ବି. ଶିବା, ହର୍ଷିତ ରାଠୋଡ, ସୌରଭ କାନୋଜିଆ, ବିକାଶ ରାଉତ ଓ ପ୍ରୟାସ ସି ଠାକୁର। ମୁଖ୍ୟ କୋଚ୍: ରଶ୍ମିରଞ୍ଜନ ପରିଡ଼ା, ବୋଲିଂ କୋଚ୍: ଦୀପକ ମଙ୍ଗରାଜ, ଫିଲ୍ଡିଂ କୋଚ୍: ଗୌତମ ଗୋପାଳ, ଫିଜିଓ: ଅଶ୍ୱିନ କୁମାର ରବି, ଏସ୍ ଆଣ୍ଡ ସି କୋଚ୍: ଅମିୟ ମହାନ୍ତି, ଟେକ୍ନିକାଲ ଆନାଲିଷ୍ଟ: ଶ୍ରଦ୍ଧା ପି. ବିଶ୍ୱାଳ, ମ୍ୟାନେଜର: ଗୌତମ ଗଜପତି, ପର୍ଯ୍ୟବେକ୍ଷକ: ପ୍ରଭଞ୍ଜନ ମଲିକ, ଡାକ୍ତର: ସିଦ୍ଧାର୍ଥ ଶଙ୍କର।

# ଭାରତୀୟ ଦଳରେ ଶିରିଶା, ପ୍ରତ୍ୟୁଷ, ପ୍ରଜ୍ଞା

**ଭୁବନେଶ୍ୱର, ୧୦।୨ (ସ୍ପୋର୍ଟ୍ସ ବ୍ୟୁରୋ)**


ଶିରିଶା କରମି


ପ୍ରଜ୍ଞା ସାରଥି ଜେନା


ପ୍ରତ୍ୟୁଷ କୁମାର ନନ୍ଦ

ଆସନ୍ତା ଅଗଷ୍ଟ ମାସ ୧୮ରୁ ୨୯ ତାରିଖ ମଧ୍ୟରେ ଚାଇନାର ଚେଙ୍ଗଡୁରେ ୩୧ତମ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଆୟୋଜନ ହେବ। ଏଥିରେ ଅଂଶଗ୍ରହଣ କରିବାକୁଥିବା ଭାରତୀୟ ବିଶ୍ୱବିଦ୍ୟାଳୟ ଭଲିବଲ୍ (ପୁରୁଷ ଓ ମହିଳା) ଟିମ୍‌ର ଚୟନ ପ୍ରକ୍ରିୟା ବୁଧବାର କିଟ୍‌ରେ ସମାପ୍ତ ହୋଇଛି।

**ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ**

ମୋଟ ୮୭ ଜଣ ଖେଳାଳି (୪୪ ବାଳକ, ୪୩ ବାଳିକା) ଚୟନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। କିଟ୍‌ରେ ହେବାକୁ ଥିବା ଭାରତୀୟ ୟୁନିଭର୍ସିଟି କ୍ୟାମ୍ପ ପାଇଁ ୨୦ ଲେଖାଏ ବାଳକ ଓ ବାଳିକା ଖେଳାଳିଙ୍କୁ ଚୟନ କରାଯାଇଛି। ଏହି ଖେଳାଳିମାନେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାରତୀୟ ଦଳ ପାଇଁ ପ୍ରତିନିଧିତ୍ୱ କରିବେ।

ମହିଳା ବର୍ଗରେ କିଟ୍‌ର ଜଣେ ଓ ପୁରୁଷ ବର୍ଗରେ ଉତ୍କଳ ବିଶ୍ୱବିଦ୍ୟାଳୟର ୨ ଜଣ ଖେଳାଳି ଏହି କ୍ୟାମ୍ପରେ ଯୋଗ ଦେବାକୁ ମନୋନୀତ ହୋଇଛନ୍ତି।

କିଟ୍‌ର ଶିରିଶା କରମି (ମହିଳା), ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତ୍ୟୁଶ କୁମାର ନନ୍ଦ ଓ ପ୍ରଜ୍ଞା ସାରଥି ଜେନା (ପୁରୁଷ) ଏହି କ୍ୟାମ୍ପରେ ଯୋଗ ଦେବେ। କିଟ୍ ଓ କିସ୍ ପ୍ରତିଷ୍ଠାତା କନ୍ଧମାଳ ଏମ୍‌ପି ତଥା ଭଲିବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ ଅଧ୍ୟକ୍ଷ ଅଚ୍ୟୁତ ସାମନ୍ତ ଏହି ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ କିଟ୍‌ରେ ଏକ ମାସିଆ କୋଚିଂ କ୍ୟାମ୍ପ ଆୟୋଜନ କରାଯିବ ।

# ତୃତୀୟ ରାଉଣ୍ଡରେ ଜୋକୋଭିଚ୍, ଥିମ୍

**ମେଲବୋର୍ନ,୧୦।୨**


ଦ୍ୱିତୀୟ ରାଉଣ୍ଡର ମ୍ୟାଚ୍ ଅବସରରେ ନୋଭାକ ଜୋକଭିଚ୍।

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍ ବୁଧବାର ତୃତୀୟ ଦିବସରେ ପହଞ୍ଚିଛି। ପୁରୁଷ ଓ ମହିଳା ସିଙ୍ଗଲ୍ସରେ ସିଡେଡ ଖେଳାଳିମାନେ ଅଗ୍ରଗତି କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଟପ୍ ସିଡ୍ ନୋଭାକ ଜୋକୋଭିଚ୍ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ସେ ଆମେରିକାର ୨୩ ବର୍ଷୀୟ ଖେଳାଳି ଫ୍ରାନ୍‌ସେସ୍ ଟିଆଫୋଏଙ୍କୁ ମାରିଥନ ୬-୩, ୬-୭, ୭-୬, ୬-୩ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଜୋକୋଭିଚ୍ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ଓ ବିଜୟୀ ହେବା ପାଇଁ ସାଢେ ୩ ଘଣ୍ଟା ସମୟ ନେଇଥିଲେ। ପୂର୍ବରୁ ୨୦୧୭ରେ ଜୋକୋଭିଚ୍ ଏହି ଟୁର୍ନାମେଣ୍ଟରେ ଡେନିସ ଇଷ୍ଟୋମିନଙ୍କଠାରୁ ପରାସ୍ତ ହୋଇଥିଲେ। ତୃତୀୟ ରାଉଣ୍ଡରେ ଜୋକୋଭିଚ୍ ୨୭ତମ ସିଡ୍ ଆମେରିକାର ୨୭ତମ ସିଡ୍ ଖେଳାଳି ଟେଲର ଫ୍ରିଜ୍‌ଙ୍କୁ ଭେଟିବେ। ସେହିପରି ସୁଇଜରଲାଣ୍ଡର ୧୭ତମ ସିଡ୍ ଖେଳାଳି ଷ୍ଟାନିସ୍‌ଲାସ ୱାୱରିଙ୍କା ଦ୍ୱିତୀୟ ରାଉଣ୍ଡରେ ହଙ୍ଗେରୀର ମାର୍ଟୋନ ଫୁକୋସୋଭିକ୍ସଙ୍କଠାରୁ ୫-୭, ୧-୬, ୬-୪, ୬-୨, ୬-୭ ମାରାଥନ ସେଟ୍‌ରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ୧୪ତମ ସିଡ୍ କାନାଡ଼ାର ମିଲୋସ ରାଓନିକ ୬-୭, ୬-୧, ୬-୧, ୬-୪ ସେଟ୍‌ରେ ଫ୍ରାନ୍ସର କୋରେଣ୍ଟିନ ମୋଟେଟ୍‌ଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ତୃତୀୟ ରାଉଣ୍ଡରେ ଅଷ୍ଟ୍ରିଆର ଡୋମିନିକ ଥିମ ଓ ଅଷ୍ଟ୍ରେଲିଆର ନିକ କିର୍ଗିଅସ୍ ପରସ୍ପରକୁ ଭେଟିବେ। ଦ୍ୱିତୀୟ ରାଉଣ୍ଡରେ ଥିମ୍ ୬-୪,୬-୦, ୬-୨ ସେଟ୍‌ରେ ଜର୍ମାନୀ ଡୋମିନିକ କୋଏପ୍‌ଫେରଙ୍କୁ ଓ କିର୍ଗିଅସ ୫-୭, ୬-୪, ୩-୬, ୭-୬, ୬-୪ ସେଟ୍‌ରେ ଫ୍ରାନ୍ସର ଉଗୋ ହମ୍‌ବର୍ଟଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

## ଡବଲ୍ସରେ ବୋପାନ୍ନା ହାରିଲେ

ଅଷ୍ଟ୍ରେଲିଆନ ଓପନ ପୁରୁଷ ଡବଲ୍ସ ଇଭେଣ୍ଟରେ ଭାରତୀୟ ତାରକା ରୋହନ ବୋପାନ୍ନା ଓ ତାଙ୍କ ଜାପନ ପାର୍ଟନର ବେନ୍ ମ୍ୟାକ୍‌ଲାଚନ ପ୍ରାରମ୍ଭିକ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ବୁଧବାର ଏହି ଯୋଡି କୋରିଆର ୱାଇଲ୍ଡକାର୍ଡ ଯୋଡି ଜି ସଙ୍ଗ ନାମ ଓ ମିନ- କ୍ୟୁ ସଙ୍ଗଙ୍କଠାରୁ ମାତ୍ର ୧ ଘଣ୍ଟା ୧୭ ମିନିଟ୍‌ରେ ୪-୬, ୬-୭ ସେଟ୍‌ରେ ପରାସ୍ତ ହୋଇଛନ୍ତି। ଭଲ ଖେଳିଥିଲେ ମଧ୍ୟ ପ୍ରସ୍ତୁତି ପାଇଁ ପର୍ଯ୍ୟାପ୍ତ ସମୟ ପାଇ ନ ଥିବାରୁ ବୋପାନ୍ନା ଏହି ମ୍ୟାଚ୍‌ରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଏବେ ପୁରୁଷ ଡବଲ୍ସ ଇଭେଣ୍ଟରେ ଦିଭିଜ ଶରଣ ଓ ମହିଳା ଡବଲ୍ସରେ ଅଙ୍କିତା ରାଇନା ଭାରତର ଆଶା ଉଜ୍ଜିବୀତ ରଖିଛନ୍ତି। ଏହି ଦୁଇ ଖେଳାଳି ଅଭିଯାନ ଆରମ୍ଭ କରିବେ।

## ହାଲେପ, ସେରେନା ବିଜୟୀ

ମହିଳା ସିଙ୍ଗଲ୍ସ ରେ ୧୦ ସିଡ୍ ଆମେରିକୀୟ ଅଭିଜ୍ଞ ଖେଳାଳି ସେରେନା ୱିଲିୟମ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେରେନା ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ସର୍ବିୟାର ନିନା ଷ୍ଟୋଜାନୋଭିକଙ୍କୁ ୬-୩, ୬-୦ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ତୃତୀୟ ରାଉଣ୍ଡରେ ସେ ରୁଷିଆର ଆନାଷ୍ଟାସିଆ ପୋଟାପୋଭାଙ୍କୁ ଭେଟିବେ। ପୋଟାଭୋଭା ୬-୨, ୬-୪ ସେଟ୍‌ରେ ହଙ୍ଗେରୀର ଟିମିଆ ବାବୋସଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ରୋମାନିଆର ଦ୍ୱିତୀୟ ସିଡ୍ ଖେଳାଳି ସିମୋନା ହାଲେପ ୪-୬, ୬-୪, ୭-୫ ସେଟ୍‌ରେ ଅଷ୍ଟ୍ରେଲିଆର ଟୋମଲଜାନୋଭିକଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ଓଡ଼ିଶା ଦଳ ଚୟନ ପାଇଁ ଓପନ ଟ୍ରାଏଲ ଶେଷ

**ଭୁବନେଶ୍ୱର, ୧୦।୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ (ଓଏସ୍‌ଟିସିଏ) ଆନୁକୂଲ୍ୟରେ ମାର୍ଚ୍ଚ ୧୦ରୁ ୧୪ ପର୍ଯ୍ୟନ୍ତ ଏଠାରେ ଜାତୀୟ ସିନିୟର ଟେନିସ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜାତୀୟ ଟେନିସ କ୍ରିକେଟର ଏହି ପଞ୍ଚମ ସଂସ୍କରଣ ଲାଗି ଓଡ଼ିଶା ଦଳର ୨ ଦିନିଆ ଓପନ ଚୟନ ଟ୍ରାଏଲ ନିକଟରେ ନହରକଣ୍ଟାସ୍ଥିତ ଜୟଦେବ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୨୨ ଜିଲାରୁ ୬୬ ମହିଳା ଓ ୧୮୬ ପୁରୁଷଙ୍କ ସମେତ ମୋଟ ୨୫୨ ଖେଳାଳି ଅଂଶଗ୍ରହଣ କରିଥିଲେ। ଜାତୀୟ ପ୍ରତିଯୋଗିତା ପାଇଁ ହୋଇଥିବା ଆୟୋଜନ କମିଟି ସମ୍ପାଦକ ବାସୁଦେବ ଓଝା (ପୁରୁଷ) ଓ ରାଗିଣୀ ମିତ୍ର (ମହିଳା), ଓଏସ୍‌ଟିସିଏ ପର୍ଯ୍ୟବେକ୍ଷକ ଚଣ୍ଡିପ୍ରସନ୍ନ ମହାପାତ୍ର, ଚୟନକର୍ତ୍ତା ସୁଶୀଲ ବାରିକ, ବଦ୍ରି ପାତ୍ର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। । ଆଗାମୀ ଜାତୀୟ ପ୍ରତିଯୋଗିତାରେ ୨୪ ରାଜ୍ୟରୁ ୩୨ ମହିଳା ଓ ସମାନ ସଂଖ୍ୟକ ପୁରୁଷ ଦଳ ଅଂଶଗ୍ରହଣ କରିବ। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି କୋରାପୁଟ ଓ ନବରଙ୍ଗପୁର ଜିଲାରୁ ମଧ୍ୟ ଖେଳାଳି ଆସିଥିଲେ। ରାଜ୍ୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ସେମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ପରିଲକ୍ଷିତ ହୋଇଥିଲା। ଚୟନ ଟ୍ରାଏଲରେ ଏତେ ସଂଖ୍ୟକ ଖେଳାଳି ଅଂଶଗ୍ରହଣ କରିବାରେ ଆମେ ଉତ୍ସାହିତ ବୋଲି ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ସମ୍ପାଦକ ରିଣ୍ଟୁ ମିତ୍ର ପ୍ରକାଶ କରିଛନ୍ତି।

**ଜାତୀୟ ଟେନିସ କ୍ରିକେଟ**




# ସମ୍ମାନ ପାଇଁ ଖେଳିବ ଓଡ଼ିଶା ଏଫ୍‌ସି

**ଗୋଆ,୧୦।୨(ପି.ଟି.)**

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଓଡ଼ିଶା ଏଫ୍‌ସିର ପ୍ଲେ- ଅଫ୍ ଆଶା ଏକ ପ୍ରକାର ଶେଷ ହୋଇଛି। ଗୁରୁବାର ସ୍ଥାନୀୟ ଫାଟୋର୍ଡା ଷ୍ଟାଡିୟମରେ ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚ୍‌ରେ କେରଳ ବ୍ଲାଷ୍ଟର୍ସକୁ ଭେଟିବ। ପ୍ଲେ- ଅଫ୍ ଦୌଡ଼ରୁ ବାଦ୍ ପଡିସାରିଥିବା ଓଡ଼ିଶା ସମ୍ମାନ ପାଇଁ ଖେଳିବ। ଲିଗ୍‌ରେ ଓଡ଼ିଶା ଏପର୍ଯ୍ୟନ୍ତ ୧୫ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୫ ଡ୍ର ଓ ୯ ପରାଜୟ ସହ ୮ ପଏଣ୍ଟ ପାଇଁ ତାଲିକାର ନିମ୍ନତମ ତଥା ୧୧ତମ ସ୍ଥାନରେ ରହିଛି। ସେହିପରି କେରଳ ୧୬ଟି ମ୍ୟାଚ୍ ଖେଳି ୩ ବିଜୟ, ୬ ଡ୍ର ଓ ୭ ପରାଜୟ ସହ ୧୫ ପଏଣ୍ଟ ପାଇ ୧୦ମ ସ୍ଥାନରେ ରହିଛି। ଲିଗ୍‌ରେ ଓଡ଼ିଶା କେବଳ କେରଳକୁ ହରାଇଛି। ଏପର୍ଯ୍ୟନ୍ତ ଦୁଇ ଦଳ ୩ଥର ପରସ୍ପରକୁ ଭେଟିଛନ୍ତି। ତେବେ କେରଳ କେବେବି ଓଡ଼ିଶାକୁ ହରାଇ ପାରି ନାହିଁ। ଏହି ମ୍ୟାଚ୍‌ରେ କେରଳ ଓଡ଼ିଶାଠାରୁ ପରାସ୍ତ ହେଲେ ତା'ର ପ୍ଲେ- ଅଫ୍ ଆଶା ଶେଷ ହେବ। ଓଡ଼ିଶା ଭଲ ପ୍ରଦର୍ଶନ କରିବ ବୋଲି କୋଚ୍ ଗେରାଲ୍ଡ ପେଟୋନ କହିଛନ୍ତି।

ଓଡ଼ିଶା ଭଳି କେରଳ ମଧ୍ୟ ଏଥର ଲିଗ୍‌ରେ ସଂଘର୍ଷ କରୁଛି। ଗତ ୪ଟି ମ୍ୟାଚ୍‌ରେ କେରଳ ବିଜୟୀ ହୋଇପାରିନାହିଁ। ସିଜନରେ କେରଳ ସର୍ବାଧିକ ୨୭ଟି ଗୋଲ ବରଣ କରିଛି। ଓଡ଼ିଶା ମଧ୍ୟ ଏପର୍ଯ୍ୟନ୍ତ ୨୭ଟି ଗୋଲ ବରଣ କରିଛି। ଦୁଇ ଦଳର ଡିଫେନ୍ସ ଦୁର୍ବଳ ଥିବା ସ୍ପଷ୍ଟ ଜଣାପଡୁଛି। ଅବଶ୍ୟ ଗତ କେତୋଟି ମ୍ୟାଚ୍‌ରେ କେରଳ ଉତ୍ସାହଜନକ ପ୍ରଦର୍ଶନ କରିଛି। କିନ୍ତୁ ଏହାର ଫାଇଦା ଉଠାଇପାରି ନାହିଁ। ଗତ ଏଟିକେ ମୋହନ ବାଗାନ ଓ ମୁମ୍ବାଇ ସିଟି ଏଫ୍‌ସି ମ୍ୟାଚ୍‌ରେ କେରଳ ପ୍ରାରମ୍ଭିକ ଗୋଲ ସ୍କୋର କରିଥିଲେ ମଧ୍ୟ ପରାସ୍ତ ହୋଇଥିଲା।


ଓଡ଼ିଶା ଏଫ୍‌ସି ଦଳର ଅଭ୍ୟାସ।

## ଚେନ୍ନାଇନ୍‌କୁ ହରାଇଲା ଜାମଶେଦପୁର

**ବାମ୍ବୋଲିମ, ୧୦।୨:** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଜାମଶେଦପୁର ଏଫ୍‌ସି ୧-୦ ଗୋଲରେ ଚେନ୍ନାଇନ୍ ଏଫ୍‌ସିକୁ ପରାସ୍ତ କରିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ୯୦ ତମ ମିନିଟ୍‌ରେ ଡେଭିଡ୍ ଗ୍ରାଣ୍ଡେ ଏକ ଚମତ୍କାର ଫିଲ୍ଡ ଗୋଲ ଦେଇ ଜାମଶେଦପୁରକୁ ଜିତାଇଥିଲେ।




# ଭୁବନେଶ୍ୱର 'ବି', କଟକ 'ଏ' ବିଜୟୀ


ସାଇଦୀପ ମହାପାତ୍ର


ଓମ୍ କୁମାର


ଗୌତମ ସୁନା


ସୁଶୀଲ ବାରିକ

**୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ସୁପରଲିଗ୍**

**ଭୁବନେଶ୍ୱର, ୧୦।୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ସୁପରଲିଗ୍ କଟକ ଓ ଭୁବନେଶ୍ୱରର ବିଭିନ୍ନ ପଡ଼ିଆରେ ବୁଧବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ରାଉରକେଲା, ଭୁବନେଶ୍ୱର'ବି', ଝାରସୁଗୁଡ଼ା, କଟକ'ଏ' ଦଳ ବିଜୟ ହାସଲ କରିଛନ୍ତି।

ବିଓଏସ୍‌ଇ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ କଟକ 'ଏ' ୯ ଉଇକେଟରେ ସମ୍ବଲପୁରକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ସମ୍ବଲପୁର ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୭.୫ ଓଭରରେ ୯୫ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ନିଶିଥ ସିଂ ସର୍ବାଧିକ ୩୧ ରନ କରିଥିଲେ। ବିପକ୍ଷ ଦଳର ସାଇଦୀପ ମହାପାତ୍ର ୪ଟି ଓ ଶୁଭମ୍ ବେହେରା ୨ଟି ଉଇକେଟ ନେଇଥିଲେ। ୯୬ ରନ ବିଜୟ ଲକ୍ଷ୍ୟକୁ କଟକ 'ଏ' ୨୨.୫ ଓଭରରେ ମାତ୍ର ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ଅଧିନାୟକ ଶଶାଙ୍କ ରୁଙ୍ଗଟା ୩୯ ଓ ପ୍ରିନ୍ସ ବେହେରା ୩୨ ରନ କରିଥିଲେ। ବିଡ଼ାନାସୀ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର 'ବି' ୯୯ ରନରେ ବାଲେଶ୍ୱରକୁ ହରାଇ ଦେଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭୁବନେଶ୍ୱର 'ବି' ୫୦ ଓଭରରେ ୪ ଉଇକେଟ ହରାଇ ୨୩୩ ରନ କରିଥିଲା। ବିଷ୍ଣୁ ରାୟ ୭୬, ଏମ.ଜି. କୁମାର ୫୦ ଓ ପଙ୍କଜ ସାହୁ ୪୦ ରନ କରିଥିଲେ। ବିପକ୍ଷ ଦଳର ଶୁଭ ବାରିକ ୨ଟି ଉଇକେଟ ନେଇଥିଲେ। ଜବାବରେ ବାଲେଶ୍ୱର ୩୯.୧ ଓଭରରେ ୧୩୪ ରନ କରି ଅଲ୍‌ଆଉଟ ହୋଇ ଯାଇଥିଲା। ସୁମନ ଓଝା ସର୍ବାଧିକ ୪୧ ରନ କରିଥିବାବେଳେ ବିଜୟୀ ଦଳର ସୁଶୀଲ ବାରିକ ୪ଟି ଓ ସାଗର ମୁଳିଆ ୩ଟି ଉଇକେଟ ନେଇଥିଲେ।

ଭୁବନେଶ୍ୱର ଟାଉନ୍ କ୍ଲବ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ରାଉରକେଲା ୨୨ ରନରେ ଭଦ୍ରକକୁ ହରାଇଛି। ରାଉରକେଲା ୫୦ ଓଭରରେ ୯ ଉଇକେଟ ହରାଇ ୨୧୧ ରନ କରିଥିଲା। ହେମନ୍ତ ନାୟକ ସର୍ବାଧିକ ୪୩ ରନ କରିଥିଲେ। ପ୍ରତିପକ୍ଷ ଦଳର ମିର କଫିରୁଦ୍ଦିନ ୪ଟି ଉଇକେଟ ନେଇଥିଲେ। ୨୧୨ ରନ ବିଜୟ ଲକ୍ଷ୍ୟରେ ଭଦ୍ରକ ୪୮.୨ ଓଭରରେ ୧୮୯ ରନ କରି ଅଲ୍‌ଆଉଟ ହୋଇଥିଲା। କଫିରୁଦ୍ଦିନ ସର୍ବାଧିକ ୪୫ ରନ କରିଥିବାବେଳେ ବିଜୟୀ ଦଳର ଗୌତମ ସୁନା ୩ଟି ଓ ସ୍ୱପ ଭୂୟାଁ ୨ଟି ଉଇକେଟ ନେଇଥିଲେ। ରେଲୱେ ଗ୍ରାଉଣ୍ଡରେ ଆୟୋଜିତ ମ୍ୟାଚରେ ଝାରସୁଗୁଡ଼ା ୪ ଉଇକେଟରେ କିଟ୍‌କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ୪୯ ଓଭରରେ ୨୦୫ ରନ କରି ଅଲଆଉଟ ହୋଇଥିଲା। ରମଣୀ ଜେନା ୫୩ ଓ ଗୌରିଶ ପାତ୍ର ୪୫ ରନ କରିଥିଲେ। ଝାରସୁଗୁଡ଼ାର ଓମ୍ କୁମାର ୪ଟି, ସଚିନ ଯାଦବ ୩ଟି ଓ ଶୁଭମ୍ ସିଂ ୨ଟି ଉଇକେଟ ନେଇଥିଲେ। ଜବାବରେ ଝାରସୁଗୁଡ଼ା ୪୮.୪ ଓଭରରେ ୬ ଉଇକେଟ ହରାଇ ୨୦୬ ରନ ସଂଗ୍ରହ କରି ନେଇଥିଲା। ଧନଞ୍ଜୟ ଯାଦବ ୬୫, ଅନୁଭବ ପ୍ରଧାନ ୪୮ ଓ ଓମ୍ କୁମାର ୩୨ ରନ କରିଥିଲେ। ପରାଜିତ ଦଳର ମଣିତେଜ ମହାନ୍ତି ସର୍ବାଧିକ ୨ଟି ଉଇକେଟ ନେଇଥିଲେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ